# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଅଗଷ୍ଟ ୧୯/୨୦୨୨ (୧୪ ପୃଷ୍ଠା) | Sambalpur, Friday, August 19/2022 | Page 14 | ₹ 7.00 | ★★

୧୮ଶ ଭାଗ ୨୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଜୟନ୍ତୀଙ୍କୁ ସ୍ୱର୍ଣ୍ଣ**
ବେଙ୍ଗାଲୁରୁର ଶ୍ରୀ କାନ୍ତିରାଭା ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଡିଆନ ଓପନ ଜାତୀୟ ପାରା ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଜୟନ୍ତୀ ବେହେରା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୪

୧୦

**ସୁରଜଙ୍କ ଅଡୁଆ ବଢ଼ିଲା**
ବଲିଉଡ୍‌ର ଦିବଂଗତ ଅଭିନେତ୍ରୀ ଜିଆ ଖାନ୍‌ଙ୍କ ମା’ ରାବିଆ ଖାନ୍ ଅଭିନେତା ସୁରଜ ପାଞ୍ଚୋଲିଙ୍କ ବିରୋଧରେ କୋର୍ଟରେ ବୟାନ ରେକର୍ଡ କରାଇଛନ୍ତି।



## ବନ୍ୟା ପାଇଁ ଏଏସ୍‌ଓ ପରୀକ୍ଷା ସ୍ଥଗିତ

**କଟକ ଅଫିସ, ୧୮।୮:** ରାଜ୍ୟରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତା ୨୧ ତାରିଖରେ ହେବାକୁ ଥିବା ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ଲିଖିତ ପରୀକ୍ଷା ସ୍ଥଗିତ ରଖାଯାଇଛି। ଏନେଇ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଖୁବ୍‌ଶୀଘ୍ର ଉକ୍ତ ପରୀକ୍ଷା ପାଇଁ ପରବର୍ତ୍ତୀ ତାରିଖ ଘୋଷଣା କରାଯିବ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ୭୯୬ଟି ଏଏସ୍‌ଓ ପଦବୀ ପୂରଣ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଏହାପରେ ଓପିଏସ୍‌ସି କର୍ତ୍ତୃପକ୍ଷ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରି ଲିଖିତ ପରୀକ୍ଷା ପାଇଁ ୨୧ ତାରିଖକୁ ଧାର୍ଯ୍ୟ କରିଥିଲେ। ପ୍ରାୟ ୨ଲକ୍ଷ ପରୀକ୍ଷାର୍ଥୀ ଏହି ପରୀକ୍ଷା ପାଇଁ ଆବେଦନ କରିଥିଲେ।






ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ହେଲିକପ୍ଟର ଯୋଗେ ଆକାଶମାର୍ଗରୁ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖୁଛନ୍ତି।

# ଆକାଶମାର୍ଗରୁ ବନ୍ୟାଞ୍ଚଳ ଦେଖିଲେ ମୁଖ୍ୟମନ୍ତ୍ରୀ

**୫ ଜିଲାକୁ ୧୫ ଦିନ, ଆଉ ୫ ଜିଲାକୁ ୭ ଦିନ ରିଲିଫ୍ ଦେବାକୁ ନିର୍ଦ୍ଦେଶ**

ଭୁବନେଶ୍ୱର,୧୮।୮(ବ୍ୟୁରୋ)

ଖୋର୍ଦ୍ଧା, ପୁରୀ, କଟକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ଯେଉଁ ଗାଁଗୁଡ଼ିକରେ ପାଣି ପଶିଛି ସେଠାରେ ବିପନ୍ନ ଲୋକମାନଙ୍କୁ ୧୫ ଦିନ ରିଲିଫ୍ ସହାୟତା ଦିଆଯିବ। ସେହିପରି ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧ ଓ ଅନୁଗୋଳ ଜିଲାର ପାଣି ପଶିଥିବା ଗାଁ ଲୋକଙ୍କୁ ୭ ଦିନ ପାଇଁ ରିଲିଫ୍ ଦିଆଯିବ। ଗୁରୁବାର ଆକାଶ ମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ପାଣି ଛାଡ଼ିବାର ୭ ଦିନ ମଧ୍ୟରେ କ୍ଷୟକ୍ଷତି ଆକଳନ କରିବା ଏବଂ ଏହାର ୧୫ଦିନ ଭିତରେ ଘରଭଙ୍ଗା ଓ ଫସଲ କ୍ଷତି ସହାୟତା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରୁ କେନ୍ଦ୍ରାପଡ଼ା ଜିଲାର ଲୁଣା, ଚିତ୍ରୋତ୍ପଳା ନଦୀର ଦ୍ୱୀପାଞ୍ଚଳ, ମହାନଦୀର ଶାଖା ପାଇକା ନଦୀର ଦ୍ୱୀପାଞ୍ଚଳ, ଜଗତ୍‌ସିଂହପୁର ଜିଲାର କୁଜଙ୍ଗ, ନାଉଗାଁ ଓ ପୁରୀ ଜିଲାର ଗୋପ, ନିମାପଡ଼ା, ☞ପୃଷ୍ଠା–୪

## ଲଘୁଚାପ: ୨ ଦିନ ପ୍ରବଳ ବର୍ଷା

**କେନ୍ଦୁଝର, ମୟୂରଭଞ୍ଜକୁ ରେଡ୍‌ୱାର୍ନିଂ**

ଭୁବନେଶ୍ୱର,୧୮।୮(ବ୍ୟୁରୋ)

ଉତ୍ତର ପୂର୍ବ ବଙ୍ଗୋପସାଗର, ପୂର୍ବ ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଶୁକ୍ରବାର ଏହା ଉତ୍ତର–ପଶ୍ଚିମ ଦିଗ ଦେଇ ଗତି କରି ଅଧିକ ଘନୀଭୂତ ହେବ। ଏହାର ପ୍ରଭାବରେ ୧୯ ଓ ୨୦ ତାରିଖରେ ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସତର୍କତା ସ୍ୱରୂପ କେନ୍ଦୁଝର ଓ ମୟୂରଭଞ୍ଜ ଜିଲା ପାଇଁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ରେଡ୍‌ୱାର୍ନିଂ ଜାରି କରାଯାଇଛି। ଶୁକ୍ରବାର କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସୁନ୍ଦରଗଡ଼,ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର, ଯାଜପୁର, ବାଲେଶ୍ୱର ଏବଂ ଭଦ୍ରକ ଜିଲାରେ ପ୍ରବଳ ବର୍ଷା ହୋଇପାରେ। ସମ୍ପୃକ୍ତ ଜିଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଝାରସୁଗୁଡ଼ା, ବରଗଡ଼, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା ଓ ପୁରୀ ଜିଲାରେ ମଧ୍ୟ ପ୍ରବଳ ବର୍ଷା ହେବା ନେଇ ଅନୁମାନ କରାଯାଇଛି। ସେହିପରି ଶନିବାର ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼, ସମ୍ବଲପୁର, ବରଗଡ଼, ସୋନପୁର ଏବଂ ବଲାଙ୍ଗୀର ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଏହି ସବୁ ଜିଲା ପାଇଁ ମଧ୍ୟ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ☞ପୃଷ୍ଠା–୪

## ବଢ଼ି ଅଞ୍ଚଳରେ ବଢୁଛି ଦୁର୍ଦ୍ଦଶା

**ହୀରାକୁଦର ୧୨ ଗେଟ୍ ବନ୍ଦ**

ଭୁବନେଶ୍ୱର/ସମ୍ବଲପୁର, ୧୮।୮(ବ୍ୟୁରୋ)

ଛତିଶଗଡ଼ରେ ବର୍ଷା ନାହିଁ। ହୀରାକୁଦକୁ ଜଳ ପ୍ରବାହ ହ୍ରାସ ପାଇଛି। ଫଳରେ ମହାନଦୀ ଏବଂ ଏହାର ଶାଖାନଦୀରେ ବନ୍ୟାପାଣି ଖସିବା ଆରମ୍ଭ କରିଛି, ଯାହା ବଢ଼ି ଅଞ୍ଚଳବାସୀଙ୍କୁ ସାମାନ୍ୟ ଆଶ୍ୱସ୍ତ କରିଛି। ତେବେ ପାଣିଘେରରେ ଥିବା ୧୨ ଜିଲାର ୨ ଲକ୍ଷ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ଅନ୍ୟପଟେ ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଦୁଇଦିନ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ବନ୍ୟା ବିପନ୍ନଙ୍କ କଷ୍ଟ ବଢ଼ିବା ଆଶଙ୍କା ଦେଖାଦେଇଛି।

ଗଣମାଧ୍ୟମକୁ ସୂଚନା ଦେଇ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି) ପ୍ରଦୀପ କୁମାର ଜେନା କହିଛନ୍ତି, ଉପର ମୁଣ୍ଡରେ ବର୍ଷା ନ ଥିବାରୁ ମହାନଦୀରେ ଅଧିକ ପାଣି ପ୍ରବେଶ କରୁନାହିଁ। ହୀରାକୁଦର ୧୨ ଗେଟ୍ ବନ୍ଦ କରାଯାଇଛି। ଜଳଭଣ୍ଡାରକୁ ୩ ଲକ୍ଷ ୮୫ ହଜାର ୮୪୦ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୨୮ ଗେଟ୍ ଦେଇ ୪ ଲକ୍ଷ ୮୧ ହଜାର ୪୯୭ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ୨ ଦିନ ପୂର୍ବେ ହୀରାକୁଦର ଜଳସ୍ତର ୬୨୭ ଫୁଟ୍ ଥିବାବେଳେ ଗୁରୁବାର ୬୨୪.୪୩ ଫୁଟ୍‌କୁ ହ୍ରାସ ପାଇଛି। ଲଘୁଚାପ ଆସୁଥିବାରୁ ଏହାକୁ ୬୨୨ ଫୁଟ୍‌କୁ କମାଇବାକୁ ଉଦ୍ୟମ ଚାଲିଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ହୀରାକୁଦ ଜଳସ୍ତର ୬୨୨ ଫୁଟ ତଳକୁ ଆଣିବାକୁ ଚେଷ୍ଟା କରାଯାଉଛି। ଲଘୁଚାପ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ☞ପୃଷ୍ଠା–୪

## ପାଣିକୁଣ୍ଡରେ ପଡ଼ି ୫ବର୍ଷର ଶିଶୁ ମୃତ

**ଠିକାସଂସ୍ଥାର ଦାୟିତ୍ୱହୀନତା**

**ନୀଳଗିରି, ୧୮।୮(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବେଗୁନିଆ ଗ୍ରାମରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଛି। ଏକ ଠିକାସଂସ୍ଥାର ଦାୟିତ୍ୱହୀନତା ଯୋଗୁ ଏକ କୋମଳମତି ଶିଶୁର ଜୀବନ ଯାଇଛି। ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ଚାଲୁରହିଥିବା ବେଳେ କମ୍ପାନୀ ପକ୍ଷରୁ ହୋଇଥିବା ୧୦ଫୁଟ୍ ଗଭୀର ଅସ୍ଥାୟୀ ପାଣିକୁଣ୍ଡରେ ପଡି ଜଣେ ୫ବର୍ଷର ଶିଶୁର ମୃତ୍ୟୁ ହୋଇଛି। ଏହି ଖବର ପ୍ରଚାରିତ ହେବା ପରେ ଶିଶୁଙ୍କ ପରିବାର ଲୋକେ ଓ ଗ୍ରାମବାସୀ କ୍ଷତିପୂରଣ ଦାବିରେ ଅଡ଼ି ବସିଥିଲେ। ନୀଳଗିରି ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ କମ୍ପାନୀ ପକ୍ଷରୁ ସହାୟତା ପ୍ରତିଶ୍ରୁତି ମିଳିବା ପରେ ଉତ୍ତେଜନା ଥମିଥିଲା। ଏନେଇ ନୀଳଗିରି ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୫/୨୨) ରୁଜୁ ହୋଇ ତଦନ୍ତ ଜାରି ରହିଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ୧୭୨କୋଟି ଟଙ୍କା ବିନିଯୋଗରେ ମେଗା ଜଳଯୋଗାଣ ପ୍ରକଳ୍ପ ଜୁବେରୀ ଇଞ୍ଜିନିୟରିଂ କନ୍‌ଷ୍ଟ୍ରକ୍‌ସନ୍ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ପକ୍ଷରୁ ପ୍ରକଳ୍ପ ଚାଲୁ ରହିଛି। ଏହାକୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ତଦାରଖ କରୁଛି। ଏହି ପ୍ରକଳ୍ପ କାର୍ଯ୍ୟ ନୀଳଗିରି ବ୍ଲକର ୨୦ ପଞ୍ଚାୟତ ସହ ୯୦ ଗାଁରେ ଜାରି ରହିଛି। ସମ୍ପୃକ୍ତ ଠିକାସଂସ୍ଥା ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**
ଶେଷ କେଉଁଠି

## ନରସିଂହପୁର ଜଙ୍ଗଲରେ ଆଉ ଏକ ଆହତ ଦନ୍ତା ଠାବ

ନରସିଂହପୁର,୧୮।୮(ସ୍ୱ.ପ୍ର.)



- ଟ୍ରାଙ୍କୁଲାଇଜ୍ କରି ଚିକିତ୍ସା ଆରମ୍ଭ
- ହାତୀ ଶରୀରରେ ଏକାଧିକ କ୍ଷତ
- ହାତୀ-ହାତୀ ମଧ୍ୟରେ ଲଢ଼େଇରୁ କ୍ଷତ ହୋଇଛି: ଡିଏଫ୍‌ଓ

କିଛି ଦିନର ଅନ୍ତର ପରେ ପୁଣି ଥରେ ଚର୍ଚ୍ଚାକୁ ଆସିଛି କଟକ ଜିଲା ଆଠଗଡ଼ ବନଖଣ୍ଡ। ଏହି ବନଖଣ୍ଡ ଅଧୀନ ନରସିଂହପୁର ପୂର୍ବାଞ୍ଚଳ ଦେବଭୂମି ଜଙ୍ଗଲ ନୂଆପଡ଼ା ସେକ୍ସନ ଚନ୍ଦ୍ରପଡ଼ା ଗ୍ରାମ ନିକଟରେ ଗୁରୁବାର ଏକ ଆହତ ଦନ୍ତା ହାତୀ ଠାବ ହୋଇଛି। ସୂଚନା ପାଇବା ପରେ ବନ ବିଭାଗ ତରଫରୁ ସାତକୋଶିଆ ବନ୍ୟପ୍ରାଣୀ ଚିକିତ୍ସକ ଓ ନରସିଂହପୁର ପ୍ରାଣୀଧନ ଚିକିତ୍ସକଙ୍କ ସହାୟତାରେ ହାତୀକୁ ଟ୍ରାଙ୍କୁଲାଇଜ କରି ତା’ର ଚିକିତ୍ସା ଆରମ୍ଭ କରାଯାଇଛି। ହାତୀଟିର ବୟସ ୩୫ରୁ ୪୦ ବର୍ଷ ହୋଇଥିବା ଅନୁମାନ କରାଯାଉଛି। ତାର ପଛପାଖ ପିଚା ଓ ଲାଞ୍ଜର ଏକାଧିକ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ବାମ ପାର୍ଶ୍ୱରେ ୩ଟି ଏବଂ ଦକ୍ଷିଣ ପାର୍ଶ୍ୱରେ ଗୋଟିଏ କ୍ଷତ ଚିହ୍ନଟ କରାଯାଇଛି। କ୍ଷତଗୁଡ଼ିକ ଗଭୀର ନ ଥିବାବେଳେ ମେଟାଲ ଡିଟେକ୍ଟରରେ ପରୀକ୍ଷା ପରେ ଗୁଳିବିଦ୍ଧ ସମ୍ପର୍କରେ କୌଣସି ତଥ୍ୟ ନ ଥିବା ବନ ବିଭାଗ ☞ପୃଷ୍ଠା–୪

## ପାହାଡ଼ରୁ ମାଟି ଅତଡ଼ା ଧସି ୨ ମୃତ, ୨ ନିଖୋଜ

ବୈପାରିଗୁଡା,୧୮।୮ (ଡି.ଏନ୍.ଏ.)

କୋରାପୁଟ ଜିଲା ବୈପାରିଗୁଡା ବ୍ଲକ ଗୁପ୍ତେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଗୁପ୍ତେଶ୍ୱର ନିକଟବର୍ତ୍ତୀ କୋଲାବ ନଦୀକୂଳରେ ଥିବା ପାହାଡ଼ରୁ ମାଟି ଅତଡ଼ା ଧସି ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଦୋରାଗୁଡ଼ା ଗ୍ରାମର ତ୍ରିଲୋଚନ ଦୁରୁଆ ଏବଂ ହଳଦୀକୁଣ୍ଡ ଗ୍ରାମର ସେଲେମୁ ଦୁରୁଆ।

ପ୍ରକାଶ ଯେ, ମଙ୍ଗଳବାର ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ନଦୀକୁ ମାଛ ଧରିବାକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ କେତେ ଜଣ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ଗୁରୁବାର ତ୍ରିଲୋଚନ ଓ ସେଲେମୁଙ୍କ ମୃତଦେହ ମାଟି ତଳୁ ମିଳିଥିଲା। ଏ ସମ୍ପର୍କରେ ତ୍ରିଲୋଚନଙ୍କ ପୁଅ ଦୁଲାରାମ ପୋଲିସକୁ ଖବର ☞ପୃଷ୍ଠା–୪

# ଚାରି ମହଲାରୁ ଡେଇଁ ରୋଗୀ ମୃତ

**ଢେଙ୍କାନାଳ ଜିଲା ଚିକିତ୍ସାଳୟରେ ପୁଣି ଅଘଟଣ**

ଢେଙ୍କାନାଳ ଅଫିସ, ୧୮।୮



ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ

- ସୁରକ୍ଷା ବ୍ୟବସ୍ଥା ଉପରେ ଅଙ୍ଗୁଳି ଉଠାଇଲେ ପରିବାର
- ଶଯ୍ୟା ମିଳିଲାନି, ତଳେ ଶୁଆଇ ଦିଆଯାଇଥିଲା ସାଲାଇନ୍
- ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ, ସୁରକ୍ଷା ସଂସ୍ଥାକୁ ନୋଟିସ

ମାନସିକ ଚାପରେ ବ୍ଲେଡ୍‌ରେ ଗୋଡ଼ହାତ କାଟି ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣେ ଯୁବକ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟର ୫ ମହଲା କୋଠାରୁ ଡେଇଁ ପଡ଼ିଥିଲେ। ଗତ ୧୩ ତାରିଖରେ ଘଟିଥିବା ଏହି ଘଟଣା ରାଜ୍ୟରେ ସୃଷ୍ଟି କରିଥିଲା ଆଲୋଡ଼ନ। ଏହାର ଠିକ୍ ୪ ଦିନ ପରେ ଗୁରୁବାର ଅନୁରୂପ ଘଟଣା ଘଟିଛି। ଦୁର୍ଯ୍ୟୋଧନ ନାୟକ (୫୦) ନାମକ ଜଣେ ରୋଗୀ ମେଡିକାଲର ୪ ମହଲାରୁ ଡେଇଁପଡ଼ି ଆତ୍ମହତ୍ୟା କରିଛନ୍ତି। ସୁରକ୍ଷାରେ ଅବହେଳା କାରଣରୁ ସେ ଏଭଳି ଚରମ ପଦକ୍ଷେପ ନେଲେ ବୋଲି ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗତ ୪ ବର୍ଷ ମଧ୍ୟରେ ଏଭଳି ୪ ଜଣ ରୋଗୀ ଆତ୍ମହତ୍ୟା କଲେଣି। ବାରମ୍ବାର ଏଭଳି ଅଭାବନୀୟ ଘଟଣା ଘଟୁଥିଲେ ମଧ୍ୟ ମେଡିକାଲ କର୍ତ୍ତୃପକ୍ଷ ଏହାକୁ ଅତ୍ୟନ୍ତ ହାଲୁକା ଭାବେ ନେଉଛନ୍ତି। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଉନାହିଁ। ତେଣୁ ମାନସିକ ଚାପର ଶିକାର ହୋଇ ଡାକ୍ତରଖାନାରେ ଭର୍ତ୍ତି ହେଉଥିବା ରୋଗୀ ଜୀବନ ହାରୁଛନ୍ତି ବୋଲି ବୁଦ୍ଧିଜୀବୀ କହିଛନ୍ତି। ଅନ୍ୟପଟେ ଜିଲାପାଳ ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମୃତକଙ୍କ ପରିବାର ସଦସ୍ୟଙ୍କ କହିବା କଥା, ପରଜଙ୍ଗ ଥାନା ଲୋଧଣି ଗ୍ରାମର ଦୁର୍ଯ୍ୟୋଧନ ଯାଜପୁର ଜିଲା ଚଣ୍ଡିଖୋଲର ଏକ ହୋଟେଲରେ କାମ କରୁଥିଲେ। ବୁଧବାର ସେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କ ଭଣଜା ଅଶୋକ ନାୟକଙ୍କ ସହ ବସ୍ ଯୋଗେ ଗ୍ରାମକୁ ଯାଉଥିଲେ। ରାତି ପ୍ରାୟ ୧୦ଟାବେଳେ ଢେଙ୍କାନାଳରେ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଦୁର୍ଯ୍ୟୋଧନ ଚିକିତ୍ସାଳୟର ୪ ମହଲାରେ ଥିବା ପୁରୁଷ ଭେଷଜ ବିଭାଗ ୱାର୍ଡରେ ଚିକିତ୍ସିତ ହେଉଥିଲେ। ହାଇପର ଟେନ୍‌ସନ ଯୋଗୁଁ ତାଙ୍କର ରକ୍ତଚାପ ବଢ଼ିଯାଇଥିଲା। ତଥାପି ତାଙ୍କୁ ଶଯ୍ୟା ଦିଆ ଯାଇ ନ ଥିଲା। ଚଟାଣରେ ଶୁଆଇ ସାଲାଇନ୍ ଦିଆଯାଇଥିଲା। ଭଣଜାଙ୍କ ଆଖି ଲାଗିଯାଇଥିବାବେଳେ ଭୋର୍ ପ୍ରାୟ ୪ଟାରେ ଦୁର୍ଯ୍ୟୋଧନ ଝରକା ପଟେ ୪ ମହଲାରୁ ଡେଇଁ ପଡିଥିଲେ। ତଳେ ଥିବା ଲୁହା ଗ୍ରୀଲ୍ ଉପରେ ପଡ଼ିଯିବାରୁ ତାଙ୍କ ଶରୀରରେ ଗ୍ରୀଲ୍ ଉପରେ ଥିବା ତୀକ୍ଷ୍ଣ ତୀର ଗଳିଯାଇଥିଲା। ପାଟିତୁଣ୍ଡ ଶୁଣି ଅଶୋକ ତଳକୁ ଯାଇ ଦେଖିବା ବେଳକୁ ଦୁର୍ଯ୍ୟୋଧନଙ୍କ ମୃତ୍ୟୁ ହୋଇସାରିଥିଲା। ସୂଚନା ପାଇ ପରିବାର ଲୋକେ ପହଞ୍ଚିଥିଲେ। ଚିକିତ୍ସାରେ ଅବହେଳା ଓ ସୁରକ୍ଷା ଅଭାବରୁ ଏଭଳି ଘଟଣା ଘଟିଥିବା ମୃତ ଦୁର୍ଯ୍ୟୋଧନଙ୍କ ଝିଅ ପିଙ୍କି ଅଭିଯୋଗ କରିଛନ୍ତି।

ଜିଲାପାଳ ସରୋଜ କୁମାର ସେଠୀ, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ସିଡିଏମ୍‌ଓ ଡା. ଅଶୋକ କୁମାର ଦାଶ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ☞ପୃଷ୍ଠା–୪


INSTITUTE OF ENTREPRENEURSHIP DEVELOPMENT, ODISHA
An Institute of
MSME Department, Govt. of Odisha

ADMISSION NOTICE 2022-23

IMBA
INTEGRATED MASTER OF BUSINESS ADMINISTRATION
(Affiliated to Utkal University)
QUALITY EDUCATION IN GOVT. INSTITUTE

| COURSE | DURATION | COURSE FEE |
|---|---|---|
| BBA (IMBA FIRST 3 YEARS) | 3 YEARS | ₹ 25,000/- per year |
| | Eligibility : The candidate should have passed +2 or its equivalent in any discipline with minimum 45% marks in aggregate. | |
| MBA LATERAL ENTRY (IMBA LAST 2 YEARS) | 2 YEARS | ₹ 60,000/- per year |
| | Eligibility : The candidate should have passed 3 year BBA (six semesters) from any recognized university with minimum 50% marks in aggregate. | |

Applications are invited for admission into IMBA 5 years programme for the session 2022-23. Interested candidates can collect the Application Form personally from IED Odisha on payment of ₹ 500/- (₹ 200/- for SC/ST/PH Candidates) in shape of cash or DD in favour of IED ODISHA IMBA, payable at Bhubaneswar. Details of Forms and prospectus can be downloaded from our website.
*Hostel Facility is available in Institute's Campus.

| | |
|---|---|
| Last date for submission of IMBA Application Form with all relevant documents and fees: | 02.09.2022 |
| Commencement of Admission into IMBA 1st Semester and 7th Semester at IED Odisha | 07.09.2022 |

Plot No. 123, Sector-A, Zone-A, Mancheswar Indl. Estate, Near Postal Printing Press, PO:Rasulgarh, Bhubaneswar-751010, Ph. 0674-2585609/2587176, Mob. 7978120939, 9437163828, 9437491548
Website : www.iedodisha.org.in, Email : iedodisha87@gmail.com

**ମହାକାଶରେ ଭାରୋତ୍ତୋଳନ**

ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେଶନରେ ଜଣେ ମହାକାଶଚାରୀ ଭାରୋତ୍ତୋଳନ କରିବା ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବାରେ ଲାଗିଛି। ଇଟାଲୀୟ ୟୁରୋପୀୟ ସ୍ପେସ୍ ଏଜେନ୍ସି(ଇଏସ୍ଏ) ମହାକାଶଚାରୀ ସାମନ୍ଥା କ୍ରିଷ୍ଟୋଫୋରେଟି ବୁଧବାର ଭାରୋତ୍ତୋଳନ ବେଳର ଭିଡିଓ ଟୁଇଟ୍ କରିଛନ୍ତି। ୭୩ ସେକେଣ୍ଡରେ ଏହି ଭିଡିଓରେ ୱେଟ୍‌ଲିଫ୍ଟିଂ ଭଳି ବ୍ୟାୟାମ କାହିଁକି ଗୁରୁତ୍ୱପୂର୍ଣ୍ଣ ତାହା କହିଛନ୍ତି।

## ସଂକ୍ଷେପରେ

### ଭୂସ୍ଖଳନରେ ୧୬ ମୃତ

ବେଜିଂ,୧୮।୮: ଚାଇନାର କିଙ୍ଘାଇ ପ୍ରଦେଶରେ ପ୍ରବଳ ଝଡ଼ବର୍ଷା ଯୋଗୁ ଭୂସ୍ଖଳନ ହୋଇଛି। ଏକ ନଦୀର ଗତିପଥ ବଦଳିଯିବାରୁ ହଠାତ ପାଣି ମାଡ଼ିଆସି ୧୬ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୮ ଜଣ ନିଖୋଜ ହୋଇଯାଇଛନ୍ତି। ୬ ଗ୍ରାମର ୬,୦୦୦ରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଚଳିତ ଗ୍ରୀଷ୍ମ ଋତୁରେ ଚାଇନାର କେତେକ ଅଞ୍ଚଳରେ ପ୍ରବଳ ବର୍ଷା ଓ ବନ୍ୟା ଦେଖାଦେଇଥିବାବେଳେ ଅନ୍ୟ କେତେକ ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ମରୁଡ଼ି ଦେଖାଦେଇଛି। ୬୦ ବର୍ଷ ମଧ୍ୟରେ ଏଭଳି ଗ୍ରୀଷ୍ମ ପ୍ରବାହ ଓ ଅନାବୃଷ୍ଟି ଦେଖାଦେଇ ନ ଥିଲା।

### ଛାତ୍ରୀଙ୍କୁ ଯୌନ ଶୋଷଣ: ପ୍ରିନ୍ସିପାଲ, ଅଧ୍ୟାପକ ଗିରଫ

ଧରୱାଡ,୧୮।୮: କର୍ଣ୍ଣାଟକର ଧରୱାଡସ୍ଥିତ ଏକ ଘରୋଇ କଲେଜରେ ଛାତ୍ରୀଙ୍କୁ ଯୌନ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ କଲେଜର ସଭାପତି, ପ୍ରିନ୍ସିପାଲ ଓ ଅଧ୍ୟାପକମାନଙ୍କ ବିରୋଧରେ ପୋକ୍ସୋ ଆଇନରେ ମାମଲା ରୁଜୁ ହୋଇଛି। କଲେଜ ସଭାପତି ଫେରାର ଥିବାବେଳେ ପ୍ରିନ୍ସିପାଲ ଓ ଅଧ୍ୟାପକମାନଙ୍କୁ ପୋଲିସ ଗିରଫ କରିଛି। ୨ ପୀଡ଼ିତାଙ୍କୁ ହସ୍ପିଟାଲ, ମନ୍ଦିର ଆଦି ନେବା ବାହାନାରେ ଅଭିଯୁକ୍ତମାନେ ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଛି। ତଦନ୍ତ ପରେ ୧୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଯୌନ ଶୋଷଣର ଶିକାର ହୋଇଥିବା ଜଣାପଡ଼ିଥିଲା।

### ମନ୍ଦିର ଅର୍ଥ ଭାଗବଣ୍ଟାକୁ ନେଇ ସାଧୁଙ୍କ ମଧ୍ୟରେ ସଂଘର୍ଷ

ଅଯୋଧ୍ୟା,୧୮।୮(ଆଇଏଏନ୍ଏସ୍): ଉତ୍ତରପ୍ରଦେଶର ଅଯୋଧ୍ୟାରେ ମନ୍ଦିରକୁ ମିଳିଥିବା ଦାନ ଅର୍ଥ ଭାଗବଣ୍ଟାକୁ ନେଇ ଗୁରୁବାର ଦୁଇଗୋଷ୍ଠୀ ସାଧୁଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଅଯୋଧ୍ୟା କୋଟ୍ୱାଲି ଥାନା ଅନ୍ତର୍ଗତ ନରସିଂହ ମନ୍ଦିରରେ ଏହି ଗଣ୍ଡଗୋଳ ବେଳେ ବୋମାମାଡ଼ ଭଳି ଶବ୍ଦ ହୋଇଥିଲା। ତେବେ ବୋମା ନୁହେଁ, ଏହା ବାଣ ଥିଲା ବୋଲି ପୋଲିସ କହିଛି। ମନ୍ଦିର ମାଲିକାନା ଓ ଆୟକୁ ନେଇ ମହନ୍ତ ଓ ପୂଜକମାନଙ୍କ ମଧ୍ୟରେ ୨ ମାସ ହେଲା ବିବାଦ ଲାଗିରହିଥିଲା। ସଂଘର୍ଷରେ ସମ୍ପୃକ୍ତ ଦୁଇ ଗୋଷ୍ଠୀର ଲୋକଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି।

### ମହାରାଷ୍ଟ୍ର ଉପକୂଳରେ ଅସ୍ତ୍ର ଭର୍ତ୍ତି ବୋଟ୍

କୋଲକାତା,୧୮।୮: ମହାରାଷ୍ଟ୍ର ଉପକୂଳରୁ ଗୁରୁବାର ଜବତ ହୋଇଥିବା ଏକ ଅସ୍ତ୍ରଭର୍ତ୍ତି ବୋଟ୍‌କୁ ନେଇ ଆତଙ୍କ ସୃଷ୍ଟି ହୋଇଥିଲା। ରାଇଗଡ଼ ଉପକୂଳରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଥିଲା। ବୋଟ୍‌ଟି ଅଷ୍ଟ୍ରେଲୀୟ ଦମ୍ପତିଙ୍କର ବୋଲି ଜଣାପଡ଼ିବା ପରେ ଆତଙ୍କବାଦ ସହ ସମ୍ପୃକ୍ତ ନ ଥିବା ସ୍ପଷ୍ଟ ହୋଇଛି। ଇଞ୍ଜିନ ଖରାପ ହେବାରୁ ଉକ୍ତ ଦମ୍ପତି ସମୁଦ୍ରରେ ଏହାକୁ ଛାଡ଼ି ଚାଲିଯାଇଥିଲେ ବୋଲି ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ କହିଛନ୍ତି। ବୋଟ୍‌ରେ କ'ଣ ପାଇଁ ଅସ୍ତ୍ରଶସ୍ତ୍ର ଥିଲା ତାହା ଜଣାପଡ଼ି ନାହିଁ। ପୋଲିସ ଓ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ ତଦନ୍ତ ଚଳାଇଛି। ମୁମ୍ବାଇଠାରୁ ୧୯୦ କି.ମି. ଦୂର ରାଇଗଡ଼ର ହରିହରେଶ୍ୱର ଉପକୂଳରୁ ମତ୍ସ୍ୟଜୀବୀମାନେ ଉକ୍ତ ବୋଟ୍‌କୁ ପାଇଥିଲେ। ସେଥିରେ ୩ ଏକେ-୪୭ ରାଇଫଲ, କିଛି ଗୁଳି ଏବଂ ଦସ୍ତାବିଜ ମିଳିଥିଲା। ଲେଡି ହାନ୍ ନାମକ ୧୬ ମିଟର ଲମ୍ବର ଏହି ବୋଟ୍‌ର ମାଲିକ ଅଷ୍ଟ୍ରେଲୀୟ ମହିଳା ହାନା ଲୌଣ୍ଡରଗନ୍। ତାଙ୍କ ସ୍ୱାମୀ ଜେମ୍ସ ହର୍ବର୍ଟ ବୋଟ୍‌ର କ୍ୟାପ୍‌ଟେନ। ବୋଟ୍‌ଟି ମସ୍କାଟ ଦେଇ ୟୁରୋପ ଯାଉଥିବାବେଳେ ଜୁନ୍ ୨୬ରେ ଇଞ୍ଜିନ୍‌ରେ ତ୍ରୁଟି ଦେଖାଦେବାରୁ ଏହାକୁ ଛାଡ଼ିଦିଆଯାଇଥିଲା।

# ଜିନ୍‌ପିଙ୍ଗଙ୍କ ସାମୁଦ୍ରିକ ଅଭିସନ୍ଧି



**ବିସ୍ତାରବାଦୀ ଚାଇନାର ରାଷ୍ଟ୍ରପତି ଆସନ ଛାଡ଼ିବାକୁ ଚାହୁଁ ନ ଥିବା କମ୍ୟୁନିଷ୍ଟ ପାର୍ଟି ନେତା ଶି ଜିନ୍‌ପିଙ୍ଗ୍ ନିଜ ମହତ୍ତ୍ୱାକାଂକ୍ଷା ଚରିତାର୍ଥ କରିବା ଲାଗି ସମୁଦ୍ରକୁ ଏକ ରଣନୈତିକ ଅସ୍ତ୍ର ରୂପେ ବ୍ୟବହାର କରୁଛନ୍ତି। ୱେଷ୍ଟର୍ନ ପାସିଫିକ୍ ଓସେନ୍ ହେଉ କି ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ସବୁଠି ଚାଇନାର ସାମରିକ ଉପସ୍ଥିତି ଷ୍ଟ୍ରଙ୍ଗ୍‌ମ୍ୟାନ୍ ଜିନ୍‌ପିଙ୍ଗଙ୍କ ଗୁପ୍ତ ଅଭିସନ୍ଧି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।**

## ଭାରତ ମହାସାଗରରେ ୩ ନୌସେନା ଘାଟି

ନୂଆଦିଲ୍ଲୀ,୧୮।୮

ଆଫ୍ରିକୀୟ ରାଷ୍ଟ୍ର ଜିବୁଟିରେ ଚାଇନାର ନୌସେନା ଘାଟି ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇଛି। ଭାରତ ମହାସାଗରରେ ଡ୍ରାଗନ୍ ନିଜ ଯୁଦ୍ଧବିମାନଗୁଡ଼ିକୁ ମୁତୟନ କରିଥିବା ଉପଗ୍ରହ ଚିତ୍ରରୁ ସ୍ପଷ୍ଟ ଦୃଶ୍ୟମାନ ହେଉଛି। ଜିବୁଟ ନୌସେନା ଘାଟି ହେଉଛି ବେଜିଂର ପ୍ରଥମ ଦରିଆପାରି ମିଲିଟାରି ବେସ୍, ଯାହାକୁ ୫୯୦ ନିୟୁତ ଡଲାର ବ୍ୟୟରେ ନିର୍ମାଣ କରାଯାଇଛି। ୨୦୧୬ରୁ ଏହାର ନିର୍ମାଣ କାର୍ଯ୍ୟ ଚାଲିଛି। ଆଡେନ୍ ଉପସାଗର ଓ ଲୋହିତ ସାଗରକୁ ପୃଥକ୍ କରୁଥିବା ବାବ୍-ଏଲ୍-ମନ୍‌ଦେବ ପ୍ରଣାଳୀରେ ଏହି ନୌସେନା ଘାଟିର ଅବସ୍ଥିତି ରଣନୈତିକ ଦୃଷ୍ଟିରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ। ଜିବୁଟି ବେସ୍‌କୁ ଏକ ଆଧୁନିକ ଦୁର୍ଗ ରୂପେ ସଜାଯାଇଛି, ଯହିଁରୁ ପ୍ରତ୍ୟକ୍ଷ ଭାବେ ଆକ୍ରମଣ କରାଯାଇପାରିବ ବୋଲି ଜଣେ ନୌସେନା ବିଶ୍ଳେଷକ କହିଛନ୍ତି।

ମାକ୍ସରରୁ ସଂଗୃହୀତ ଏହି ଉପଗ୍ରହ ଚିତ୍ରରେ ଚାଇନାର ୟୁଝାଓ ବର୍ଗର ତଥା ୩୨୦ ମିଟର ଲମ୍ବ ବିଶିଷ୍ଟ ଏକ ଯୁଦ୍ଧଜାହାଜ(ଟାଇପ୍-୦୭୧) ଉକ୍ତ ନୌସେନା ଘାଟିରେ ରହିଥିବାବେଳେ ସେଠାରୁ ହେଲିକପ୍ଟର ଚଳାଚଳ କରୁଥିବା ଦେଖିବାକୁ ମିଳିଛି। ନିର୍ମାଣ କାର୍ଯ୍ୟ ଜାରି ରହିଥିବାବେଳେ ଏହି ଘାଟି ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ବୋଲି ଅବସରପ୍ରାପ୍ତ ଭାଇସ୍ ଆଡ୍‌ମିରାଲ ଶେଖର ସିହ୍ନା କହିଛନ୍ତି। ଏହି ଉପଗ୍ରହ ଚିତ୍ର ଏଭଳି ସମୟରେ ସାମ୍ନାକୁ ଆସିଛି, ଯେତେବେଳେ କି ଚାଇନା ଏହାର ୨୫,୦୦୦ ଟନ୍ ସାଟେଲାଇଟ୍ ଓ ବାଲାଷ୍ଟିକ୍ ମିଶାଇଲ୍ ଟ୍ରାକିଂ ଜାହାଜ ୟୁଆନ୍ ୱାଙ୍ଗ୍ ୫କୁ ଶ୍ରୀଲଙ୍କାର ହମ୍ବନଟୋଟାରେ ମୁତୟନ କରିଛି। ନୂଆଦିଲ୍ଲୀର ବାରଣ ସତ୍ତ୍ୱେ ଅଗଷ୍ଟ ୧୬ରେ କଲମ୍ବୋ ଏହାକୁ ଉକ୍ତ ବନ୍ଦରରେ ପ୍ରବେଶ ଅନୁମତି ଦେଇଛି। ଚାଇନା ଏହାକୁ ଏକ ଗବେଷଣାମୂଳକ ଜାହାଜ ବୋଲି କହୁଥିବାବେଳେ ଭାରତ ମତରେ ୟୁଆନ୍ ୱାଙ୍ଗ୍ ୫ ଗୁପ୍ତଚରଗିରି ପାଇଁ ଉଦ୍ଦିଷ୍ଟ। ବିଦେଶୀ ଉପଗ୍ରହ, ଏରିଆଲ ଆସେଟ୍ସ ଓ କ୍ଷେପଣାସ୍ତ୍ର ବ୍ୟବସ୍ଥାକୁ ଏହା ସହଜରେ ଠାବ କରିପାରିବ। ହମ୍ବନଟୋଟା ବନ୍ଦରରୁ ଭାରତର ଦୂରତା ୯୯୦ କି.ମି.। ଏହା କୋଚି ବନ୍ଦରରୁ ୧୧୨୮ କି.ମି. ଏବଂ ବିଶାଖାପାଟଣା ବନ୍ଦରରୁ ୧୪୮୫ କି.ମି. ଦୂରରେ ଅବସ୍ଥିତ। ସେହିପରି ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଙ୍ଗଠନ (ଡିଆର୍‌ଡିଓ)ର ମହାକାଶ କାର୍ଯ୍ୟକ୍ରମ ପାଇଁ ଉତ୍କ୍ଷେପଣ ଭିତ୍ତିଭୂମି ପ୍ରଦାନ କରୁଥିବା ଶ୍ରୀହରିକୋଟାର ସତୀଶ ଧୱନ ମହାକାଶ କେନ୍ଦ୍ରରୁ ହମ୍ବନଟୋଟାର ଦୂରତା ହେଉଛି ୧୧୦୦ କି.ମି.।

ଶ୍ରୀଲଙ୍କା ଓ ଜିବୁଟିରେ ଚାଇନାର ଉପସ୍ଥିତି ଉଭୟ ଦେଶରେ ବେଜିଂର ଦୀର୍ଘକାଳୀନ ମହତ୍ତ୍ୱାକାଂକ୍ଷୀ ଯୋଜନା 'ବେଲ୍ଟ ଆଣ୍ଡ୍ ରୋଡ୍ ଇନିସିଏଟିଭ୍' ଅଧୀନ ଆର୍ଥିକ ନିବେଶ ସହ ଜଡ଼ିତ। ଏହାବାଦ୍ ପାକିସ୍ତାନର ଗ୍ୱାଦର ବନ୍ଦରରେ ଚାଇନା ଜାହାଜଗୁଡ଼ିକର ଚଳାଚଳ ମଧ୍ୟ ଭାରତ ପାଇଁ ଚିନ୍ତା ବୃଦ୍ଧିର କାରଣ ସାଜିଛି। ଭାରତ-ଚାଇନା ମଧ୍ୟରେ ସୀମା ବିବାଦ ଲାଗିରହିଥିବାବେଳେ କିଛି ବର୍ଷ ହେଲା ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି)ରେ ଉଭୟ ଦେଶର ସୈନ୍ୟ ମୁହାଁମୁହିଁ ହେଉଛନ୍ତି। ତେଣୁ ନୂଆଦିଲ୍ଲୀ ଚାଇନାର ସାମୁଦ୍ରିକ ଅଭିସନ୍ଧି ଓ ସାମର୍ଥ୍ୟକୁ ନେଇ କୌଣସି ପ୍ରକାର ଦ୍ୱନ୍ଦ୍ୱରେ ରହିବା ଅନୁଚିତ ବୋଲି ଭାରତୀୟ ନୌସେନାର ପୂର୍ବତନ ମୁଖ୍ୟ ଚିଫ୍ ଆଡ୍‌ମିରାଲ ଅର୍ଜୁନ ପ୍ରକାଶ କହିଛନ୍ତି।




## ଏସ୍‌ସିଏସ୍‌ରେ ଶକ୍ତି ବୃଦ୍ଧି ପୂର୍ବ ଏସିଆକୁ ବିପଦ

ଚାଇନାର ଶକ୍ତିଶାଳୀ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ୧୯୮୦ ଦଶକରୁ ଦକ୍ଷିଣ ଚାଇନା ସାଗର (ଏସ୍‌ସିଏସ୍) ଉପରେ ଲଗାତର ଆଧିପତ୍ୟ ବିସ୍ତାର କରିଆସିଛି। ଏସ୍‌ସିଏସ୍‌ର ବିସ୍ତୀର୍ଣ୍ଣ ଜଳରାଶିରେ ବେଜିଂ କୃତ୍ରିମ ଦ୍ୱୀପ ପ୍ରତିଷ୍ଠା କରି ସାମରିକ ଶକ୍ତି ବୃଦ୍ଧି ଘଟାଇ ଚାଲିଛି। ଏହା କେବଳ ପଡ଼ୋଶୀ ଦେଶଗୁଡ଼ିକ ପାଇଁ ବିପଦ ସାଜିନାହିଁ, ବରଂ ସମ୍ପୃକ୍ତ କ୍ଷେତ୍ରରେ ସ୍ଥିତାବସ୍ଥା ବଜାୟ ଦାବି କରୁଥିବା ଆମେରିକା ଆଗରେ ମଧ୍ୟ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ୨୦୧୮ରେ ଭାରତ-ପ୍ରଶାନ୍ତ ମହାସାଗରୀୟ କମାଣ୍ଡରେ ଆମେରିକାର କମାଣ୍ଡର ଥିବା ଆଡ୍‌ମିରାଲ ଫିଲ୍ ଡାଭିଡ୍‌ସନ୍ ସିନେଟ୍‌ରେ ସାକ୍ଷ୍ୟ ପ୍ରଦାନ କରି କହିଥିଲେ, ଚାଇନା କେବଳ ଏସ୍‌ସିଏସ୍‌କୁ ନିୟନ୍ତ୍ରଣ ପାଇଁ ସକ୍ଷମ ତାହା ନୁହେଁ, ଆମେରିକା ସହ ଯୁଦ୍ଧ କରିବା ଲାଗି ଏହି ସମୁଦ୍ରକୁ ବ୍ୟବହାର କରିପାରେ। ତେବେ ଏହି ୩ ବର୍ଷ ମଧ୍ୟରେ ଏସ୍‌ସିଏସ୍ ଏବଂ ଭାରତ ମହାସାଗରରେ ଚାଇନା ନିଜ ସାମରିକ ଉପସ୍ଥିତି ବିସ୍ତାର କରିବା ଭିଏତ୍‌ନାମ, ତାଇୱାନ୍, ବ୍ରୁନେଇ, ମାଲେସିଆ ଓ ଫିଲିପାଇନ୍ସ ସମେତ ପୂର୍ବ ଏସୀୟ ରାଷ୍ଟ୍ରଗୁଡ଼ିକ ପାଇଁ ବିପଦ ସାଜିଛି।




## ତାଇୱାନ୍‌କୁ ନାଲିଆଖି, ଆମେରିକାକୁ ଚ୍ୟାଲେଞ୍ଜ

ଅଗଷ୍ଟ ୩ରେ ଆମେରିକା ପ୍ରତିନିଧି ସଭା ସ୍ପିକର ନାନ୍ସି ପେଲୋସିଙ୍କ ତାଇପେଇ ଗସ୍ତ ପରେ ଚାଇନାର ପିଏଲ୍ଏ ପ୍ରତିକ୍ରିୟାଶୀଳ ହୋଇ ତାଇୱାନ ପ୍ରଣାଳୀରେ ସମରାଭ୍ୟାସ କରିଥିଲା। ଚାଇନା ସେନାର ନୂଆ ଶାଖା ରକେଟ ଫୋର୍ସ ପକ୍ଷରୁ ଦ୍ୱୀପରାଷ୍ଟ୍ରର ଉତ୍ତର-ପୂର୍ବ ଓ ଦକ୍ଷିଣ-ପଶ୍ଚିମ ଉପକୂଳରେ ଅନେକ ଦୂରଗାମୀ କ୍ଷେପଣାସ୍ତ୍ର ଉତ୍କ୍ଷେପଣ କରାଯାଇଥିଲା। ଫଳରେ ବ୍ୟସ୍ତବହୁଳ ଜଳପଥରେ ତାଇୱାନର ଜାହାଜ ଚଳାଚଳ ଓ ଆକାଶ ମାର୍ଗରେ ବିମାନ ଉଡ଼ାଣ ବାଧାପ୍ରାପ୍ତ ହୋଇଥିଲା। ପେଲୋସିଙ୍କ ଗସ୍ତର ୨ ସପ୍ତାହ ପରେ ମଧ୍ୟ ଚାଇନା ଅନୁରୂପ ସାମରିକ କାର୍ଯ୍ୟକଳାପ ଜାରି ରଖିଛି। ଗୁରୁବାର ଚାଇନାର ୫୧ ଯୁଦ୍ଧବିମାନ ଓ ୬ ଜାହାଜ ତାଇୱାନ ଚାରିପଟେ ଘୂରୁଛି। ସେଥିରୁ ୨୫ ଏୟାରକ୍ରାଫ୍ଟ ତାଇୱାନ୍ ଷ୍ଟ୍ରେଟ୍‌ର ମେଡିଆନ୍ ଲାଇନ୍ (ମଧ୍ୟବର୍ତ୍ତୀ ରେଖା) ଅତିକ୍ରମ କରିଥିବା ଦ୍ୱୀପରାଷ୍ଟ୍ରର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଅଭିଯୋଗ ଅଣାଯାଇଛି। ତାଇୱାନ୍ ସହ ଗୁରୁବାର ଆମେରିକା ବାଣିଜ୍ୟିକ ସମ୍ପର୍କକୁ ମଜଭୁତ କରିବା ନେଇ ଘୋଷଣା କରିଛି। ତାଇୱାନ୍‌କୁ ନିଜ ଭୂଖଣ୍ଡର ଅଂଶ ଦାବି କରୁଥିବା ଚାଇନା ଆଗକୁ ଅଧିକ ଉଗ୍ର ହୋଇପାରେ ବୋଲି ୱାଶିଂଟନ ପକ୍ଷରୁ କୁହାଯାଇଛି।

### ଟ୍ରମ୍ପଙ୍କ ଗସ୍ତ ଲାଗି ୩୮ ଲକ୍ଷ ଖର୍ଚ୍ଚ କରିଥିଲା କେନ୍ଦ୍ର

ନୂଆଦିଲ୍ଲୀ,୧୮।୮

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୦୨୦ ଫେବୃୟାରୀ ୨୪ ଓ ୨୫ରେ ଭାରତ ଗସ୍ତରେ ଆସିଥିଲେ। ତାଙ୍କ ସହ ସ୍ତ୍ରୀ ମେଲାନିଆ, ଝିଅ ଇଭାଙ୍କା ଏବଂ ଜ୍ୱାଇଁ ଜାରେଡ୍ କୁଶ୍ନର ଅହମଦାବାଦ, ଆଗ୍ରା ଓ ନୂଆଦିଲ୍ଲୀ ଭ୍ରମଣ କରିଥିଲେ। ସେମାନଙ୍କର ଏହି ୩୬ ଘଣ୍ଟାର ଗସ୍ତ ପାଇଁ କେନ୍ଦ୍ର ସରକାର ୩୮ ଲକ୍ଷ ଟଙ୍କା ବ୍ୟୟ କରିଥିବା ଆର୍‌ଟିଆଇ ଆବେଦନ ବଳରେ ଜଣାପଡ଼ିଛି। ଟ୍ରମ୍ପ ଫେବୃୟାରୀ ୨୪ରେ ଅହମଦାବାଦରେ ୩ ଘଣ୍ଟା ରହଣି ମଧ୍ୟରେ ଏକ ରୋଡ୍ ଶୋ'ରେ ଭାଗନେବା ସହ ସାବରମତି ଆଶ୍ରମ ଯାଇ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମୋଟେରା କ୍ରିକେଟ ଷ୍ଟାଡ଼ିୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ 'ନମସ୍ତେ ଟ୍ରମ୍ପ' କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି। ସେହିଦିନ ସେ ଆଗ୍ରା ଯାଇ ତାଜମହଲ ପରିଦର୍ଶନ କରିଥିଲେ ଓ ତା' ପରଦିନ ନୂଆଦିଲ୍ଲୀ ଆସି ମୋଦିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନାରେ ଭାଗ ନେଇଥିଲେ। ଟ୍ରମ୍ପ ଦମ୍ପତି ଓ ସେମାନଙ୍କ ସହ ଆସିଥିବା ପ୍ରତିନିଧିମାନଙ୍କ ଖାଦ୍ୟ, ସୁରକ୍ଷା, ହୋଟେଲ ରହଣି, ବିମାନ ଭଡ଼ା ଇତ୍ୟାଦିରେ ୩୮ ଲକ୍ଷ ଟଙ୍କା ବ୍ୟୟ ହୋଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ କେନ୍ଦ୍ରୀୟ ସୂଚନା କମିଶନଙ୍କୁ ଜଣାଇଛି।

### ବିଗୁଡ଼ୁଛି ରାଜୁ ଶ୍ରୀବାସ୍ତବଙ୍କ ସ୍ୱାସ୍ଥ୍ୟ



ନୂଆଦିଲ୍ଲୀ,୧୮।୮: ହାସ୍ୟାଭିନେତା ରାଜୁ ଶ୍ରୀବାସ୍ତବଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଜଟିଳ ହୋଇଛି। ଗତ ୧୦ ତାରିଖରେ ତାଙ୍କୁ ହୃଦ୍‌ଘାତ ହେବାରୁ ଦିଲ୍ଲୀର ଏମ୍ସରେ ଭର୍ତ୍ତି ହୋଇଥିଲେ। ସେବେଠାରୁ ସେ ଭେଣ୍ଟିଲେଟରରେ ଅଛନ୍ତି। ବୁଧବାର ତାଙ୍କ ଅବସ୍ଥା ଆହୁରି ଖରାପ ହୋଇଯାଇଥିଲା। ରାଜୁ ଏକପ୍ରକାର ବ୍ରେନ୍ ଡେଡ୍ ଅବସ୍ଥାକୁ ଆସିଗଲେଣି ବୋଲି ଗୁରୁବାର ତାଙ୍କ ମୁଖ୍ୟ ଉପଦେଷ୍ଟା ଅଜିତ ସାକ୍ସେନା କହିଛନ୍ତି। ତାଙ୍କ ହୃତ୍‌ପିଣ୍ଡରେ ସମସ୍ୟା ଥିବାବେଳେ ମସ୍ତିଷ୍କ ଆଉ କାମ କରୁନାହିଁ। ତାଙ୍କ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରୀ ଟିମ୍ କୌଣସି ଚମତ୍କାରୀ ପାଇଁ ପ୍ରାର୍ଥନା କରୁଥିବା ସାକ୍ସେନା କହିଛନ୍ତି।

## ଭାଇରାଲ ଭିଡିଓରେ ଫିନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀ

### ଡ୍ରଗ୍ସ ପରୀକ୍ଷା ଦାବି କଲେ ବିରୋଧୀ

ହେଲସିଙ୍କି,୧୮।୮

ଫିନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀ ସାନ୍ନା ମାରିନ ଏକ ପାର୍ଟିରେ ତାଙ୍କ ବନ୍ଧୁମାନଙ୍କ ସହ ନିଶାଗ୍ରସ୍ତ ଅବସ୍ଥାରେ ନାଚୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିରୋଧୀ ଦଳ ଏହାର କଡ଼ା ସମାଲୋଚନା କରିଛି। ପ୍ରଧାନମନ୍ତ୍ରୀଙ୍କ ଡ୍ରଗ୍ସ ପରୀକ୍ଷା ଲାଗି ବିରୋଧୀମାନେ ଦାବି କରିଛନ୍ତି। ପାର୍ଟିରେ ମଦ ପିଇଥିବା ମାରିନ ସ୍ୱୀକାର କରିଛନ୍ତି। ସେହି ସମୟରେ ଭିଡିଓ କରାଯାଉଥିବା ସମ୍ପର୍କରେ ସେ ଅବଗତ ଥିଲେ। କିନ୍ତୁ ଏହା ସର୍ବସାଧାରଣରେ ପ୍ରକାଶ ପାଇଥିବାରୁ ସେ ଦୁଃଖ ପ୍ରକାଶ କରିଛନ୍ତି। ନାଚିବା ଓ ଗାଇବା ବେଆଇନ କାର୍ଯ୍ୟ ନୁହେଁ। ନିଜ ବ୍ୟବହାରରେ ପରିବର୍ତ୍ତନର ଆବଶ୍ୟକତା ଥିବା ସେ ଅନୁଭବ କରୁନାହାନ୍ତି ବୋଲି କହିଛନ୍ତି।



ଫିନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀ ସାନ୍ନା ମାରିନ



ପାର୍ଟିରେ ନାଚିବା ବେଳର ଦୃଶ୍ୟ

## ଶାହନୱାଜଙ୍କ ନାଁରେ ବଳାତ୍କାର ଅଭିଯୋଗ

### ଏତଲା ନିର୍ଦ୍ଦେଶ ଦେଲେ ହାଇକୋର୍ଟ

ନୂଆଦିଲ୍ଲୀ,୧୮।୮(ପି.ଟି.)

୨୦୧୮ରେ ଏକ ବଳାତ୍କାର ଅଭିଯୋଗକୁ ନେଇ ଭାଜପା ନେତା ଶାହନୱାଜ ହୁସେନ୍‌ଙ୍କ ବିରୋଧରେ ଏତଲା ଦାଏର ଲାଗି ଦିଲ୍ଲୀ ହାଇକୋର୍ଟ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ପୀଡ଼ିତାଙ୍କ ଅଭିଯୋଗ ସତ୍ତ୍ୱେ ପୋଲିସ ଭାଜପା ନେତାଙ୍କ ବିରୋଧରେ ଏତଲା ଦାଏର କରିବାକୁ ମନା କରିଦେଇଥିଲା ବୋଲି ବିଚାରପତି ଆଶା ମେନନ୍ କହିଛନ୍ତି। ହାଇକୋର୍ଟଙ୍କ ଉକ୍ତ ନିର୍ଦ୍ଦେଶ ବିରୋଧରେ ଶାହନୱାଜ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ପିଟିଶନ ଶୁଣାଣି ଯୋଗ୍ୟ ନୁହେଁ କହି ହାଇକୋର୍ଟ ଏହାକୁ ଖାରଜ କରିଦେଇନ୍ତି। ଏଥିସହିତ ଅନ୍ତରୀଣ ନିର୍ଦ୍ଦେଶନାମାଗୁଡ଼ିକୁ ରଦ୍ଦ କରାଗଲା ବୋଲି ଖଣ୍ଡପୀଠ କହିଛନ୍ତି। ପ୍ରଥମେ ଏତଲା ଦାଏର କର, ତଦନ୍ତ ସମ୍ପୂର୍ଣ୍ଣ କରିସିଆର୍‌ପିସିର ଧାରା ୧୭୩ରେ ସବିଶେଷ ରିପୋର୍ଟ ୩ ମାସ ମଧ୍ୟରେ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଶାହନୱାଜ୍‌ଙ୍କ ବିରୋଧରେ ଏତଲା ଲାଗି ଦିଲ୍ଲୀର ଜଣେ ମହିଳା ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ଆବେଦନ କରିଥିଲେ। ୨୦୧୮ ଜୁଲାଇ ୭ରେ କୋର୍ଟ ଏତଲା ଦାଏର ଲାଗି ନିର୍ଦ୍ଦେଶ ଦେଇଥିବାବେଳେ ଏହାକୁ ଭାଜପା ନେତା ସେସନ୍ସ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସେହିବର୍ଷ ଜୁଲାଇ ୧୩ରେ ହାଇକୋର୍ଟ ତଳକୋର୍ଟ ରାୟ ଉପରେ ସ୍ଥଗିତାଦେଶ ଜାରି ସହ ଏତଲା ଦାଏର ଲାଗି ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ।



ଶାହନୱାଜ ହୁସେନ୍

### ଛୁଟିରେ ଥିବା ଯବାନଙ୍କୁ ଗୁଳିକରି ହତ୍ୟା

ପାଟନା,୧୮।୮: ଛୁଟିରେ ଘରକୁ ଆସିଥିବା ଜଣେ ସେନା ଯବାନଙ୍କୁ ପାଟନାର ଏକ ଜନଗହଳି ବଜାରରେ ଗୁଳିକରି ହତ୍ୟା କରାଯାଇଛି। ଯବାନ ବାବୁଲ କୁମାର ନାମକ ବୁଧବାର ରାତିରେ ରେଳଷ୍ଟେଶନ ଯାଉଥିବାବେଳେ ବାଇକରେ ଦୁଇଜଣ ଯୁବକ ଆସି କଙ୍କରବାଗ ଅଞ୍ଚଳରେ ତାଙ୍କଠାରୁ ଲୁଟିବାକୁ ଉଦ୍ୟମ କରିଥିଲେ। ଯବାନ ପ୍ରତିରୋଧ କରିବାରୁ ସେମାନେ ଗୁଳି ଚଳାଇଥିଲେ। ଘଟଣାସ୍ଥଳରେ ଯବାନଙ୍କ ମୃତ୍ୟୁ ହୋଇଛି। ବାବ୍‌ଲୁଙ୍କ ଘର ରାଘୋପୁର ଅଞ୍ଚଳର ଚନ୍ଦ୍ରପୁରା ଗ୍ରାମରେ। ସେ ଅରୁଣାଚଳପ୍ରଦେଶରେ ପୋଷ୍ଟିଂ ହୋଇଥିଲେ। ଛୁଟିରେ ଘରକୁ ଆସିଥିବା ବାବ୍‌ଲୁ ଏକ ବାଇକ ଯୋଗେ ପାଟଳିପୁତ୍ର ରେଳଷ୍ଟେଶନକୁ ଯାଉଥିବାବେଳେ ଦୁର୍ବୃତ୍ତମାନେ ତାଙ୍କୁ ଠିକଣା ପଚାରିବା ବାହାନାରେ ଅଟକାଇ ଲୁଟ୍ ଉଦ୍ୟମ କରିଥିଲେ।

## ୧୦ ଛୁଆ ଜନ୍ମ କର, ୧୩ ଲକ୍ଷ ନିଅ: ପୁଟିନ୍

ମସ୍କୋ, ୧୮।୮



କୋଭିଡ୍-୧୯ ମହାମାରୀ, ୟୁକ୍ରେନ୍ ଯୁଦ୍ଧ, ଶିଶୁ ଜନ୍ମହାର ହ୍ରାସ ଆଦି କାରଣରୁ ରୁଷିଆ ଜନସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଏହି ସଙ୍କଟ ଦୂର କରିବା ପାଇଁ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଦେଶର ମହିଳାମାନଙ୍କୁ ଏକ ଅଫର୍ ଦେଇଛନ୍ତି। ଯେଉଁ ମହିଳା ଅନ୍ୟୂନ ୧୦ ସନ୍ତାନ ଜନ୍ମ କରିବେ ଏବଂ ସମସ୍ତ ଶିଶୁଙ୍କୁ ଜୀବିତ ରଖିପାରିବେ ସେମାନଙ୍କୁ ୧୩,୫୦୦ ପାଉଣ୍ଡ ବା ପ୍ରାୟ ୧୩ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ପୁଟିନ୍ ଘୋଷଣା କରିଛନ୍ତି।

ଦ୍ୱିତୀୟ ବିଶ୍ୱଯୁଦ୍ଧବେଳେ ରୁଷିଆର ବହୁସଂଖ୍ୟାରେ ଲୋକ ପ୍ରାଣ ହରାଇବା ପରେ ୧୯୪୪ରେ ସୋଭିଏଟ୍ ସଂଘର ତତ୍କାଳୀନ ରାଷ୍ଟ୍ରପତି ଜୋସେଫ୍ ଷ୍ଟାଲିନ୍ ସନ୍ତାନ ପ୍ରସବ ପାଇଁ ମହିଳାଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ 'ମଦର ହିରୋଇନ୍' ସମ୍ମାନ ପ୍ରଦାନ ଘୋଷଣା କରିଥିଲେ। ସେତେବେଳେ ୪ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଏହି ପୁରସ୍କାର ଦିଆଯାଇଥିଲା। ୧୯୯୧ରେ ସୋଭିଏଟ୍ ୟୁନିୟନ ଭାଙ୍ଗିବା ପରେ ତାହାକୁ ଉଚ୍ଛେଦ କରାଯାଇଥିଲା। ଏବେ ପୁଟିନ୍ ସେହି ଯୋଜନାକୁ ପୁନଃପ୍ରଣୟନ କରିଛନ୍ତି। ଯୋଜନା ଅନୁସାରେ ୧୦ ସନ୍ତାନଙ୍କ ମଧ୍ୟରୁ ଶେଷ ଶିଶୁ ଜନ୍ମ ହେବାର ବର୍ଷକ ପରେ ସମ୍ପୃକ୍ତା ମହିଳାଙ୍କୁ ଏକାଥରକେ ୧୩ ଲକ୍ଷ ଟଙ୍କା ଦିଆଯିବ। ଯଦି ୧୦ ସନ୍ତାନ ମଧ୍ୟରୁ ଜଣଙ୍କର ବି ମୃତ୍ୟୁ ଘଟିବ ତେବେ ସେମାନଙ୍କ ମା' ଏହି ଯୋଜନାର ଲାଭରୁ ବଞ୍ଚିତ ହେବେ। ତେବେ ଯୁଦ୍ଧରେ ପ୍ରାଣ ହରାଇଲେ ଅଥବା ଆତଙ୍କବାଦୀ ଆକ୍ରମଣର ଶିକାର ହେଲେ ସେହି ପିଲାଙ୍କ ମା' 'ମଦର ହିରୋଇନ୍' ସମ୍ମାନ ପାଇବେ। ପୁରସ୍କାରରେ ରୁଷିଆ ପତାକା ଥିବା ଏକ ସୁନା ମେଡାଲ ମଧ୍ୟ ମିଳିବ। ଏହା 'ହିରୋ ଅଫ୍ ଲେବର', 'ହିରୋ ଅଫ୍ ରୁଷିଆ' ସମ୍ମାନ ଭଳି। ପ୍ରକାଶଥାଉ କି, କିଛି ବର୍ଷ ହେଲା ରୁଷିଆ ଜନସଂଖ୍ୟାରେ ଆଶାନୁରୂପ ବୃଦ୍ଧି ହେଉନାହିଁ। ଗତ ବର୍ଷ ତୁଳନାରେ ୨୦୨୨ରେ ଜନସଂଖ୍ୟା ହ୍ରାସ ହାର ଦ୍ୱିଗୁଣିତ ହୋଇଛି। ଚଳିତ ବର୍ଷ ରୁଷିଆ ଲୋକସଂଖ୍ୟା ୪ ଲକ୍ଷ ହ୍ରାସ ପାଇ ପ୍ରାୟ ୧୪ କୋଟି ୫୦ ଲକ୍ଷ ରହିଛି। କରୋନା ଯୋଗୁ ପ୍ରାୟ ୪ ଲକ୍ଷ ଲୋକ ପ୍ରାଣ ହରାଇଥିବାବେଳେ ଅଦ୍ୟାବଧି ୟୁକ୍ରେନ୍ ଯୁଦ୍ଧରେ ୫୦ ହଜାରରୁ ଊର୍ଦ୍ଧ୍ୱ ରୁଷୀୟଙ୍କ ଜୀବନ ଗଲାଣି।

## ୟୁକ୍ରେନ୍‌ରେ ଗୁଟେରସ୍, ଏର୍ଡୋଗାନ୍

ଲଭିଭ୍, ୧୮।୮

- ରୁଷିଆ ଆକ୍ରମଣ ପରଠାରୁ ତୁର୍କୀ ରାଷ୍ଟ୍ରପତିଙ୍କ ପ୍ରଥମ ଗସ୍ତ
- ନ୍ୟୁକ୍ଲିଅର ପାୱାର ପ୍ଲାଣ୍ଟ୍‌ର ସୁରକ୍ଷା ମାଗିଲେ ଜେଲେନ୍‌ସ୍କି

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଏବଂ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ମଧ୍ୟସ୍ଥତା କରିଆସିଥିବା ତୁର୍କୀ ରାଷ୍ଟ୍ରପତି ରେସେପ୍ ତୟିପ୍ ଏର୍ଡୋଗାନ୍ ଗୁରୁବାର ଏହି ପୂର୍ବ ୟୁରୋପୀୟ ଦେଶୀ ଲଭିଭ୍ ସହରରେ ପହଞ୍ଚିଛନ୍ତି। ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରଠାରୁ ଏର୍ଡୋଗାନ୍‌ଙ୍କ ଏହା ପ୍ରଥମ ୟୁକ୍ରେନ୍ ଗସ୍ତ। ଉଭୟେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ଭେଟିଛନ୍ତି। ଜାପୋରିଜିଝିଆ ସ୍ଥିତ ୟୁରୋପର ସବୁଠୁ ବଡ଼ ନ୍ୟୁକ୍ଲିଅର ପାୱାର ପ୍ଲାଣ୍ଟର ସୁରକ୍ଷା, କୂଟନୈତିକ ଉପାୟରେ ଯୁଦ୍ଧ ଶେଷ କରାଯିବା, ଖାଦ୍ୟଶସ୍ୟ ପରିବହନ ସ୍ୱାଭାବିକ କରିବା ଆଦି ପ୍ରମୁଖ ପ୍ରସଙ୍ଗରେ ଆଲୋଚନା ହୋଇଛି। ଗତ ମାର୍ଚ୍ଚରୁ ରୁଷିଆ କବ୍‌ଜାରେ ଥିବା ଜାପୋରିଜିଝିଆ ପାୱାର ପ୍ଲାଣ୍ଟକୁ ମୁକ୍ତ ସହ ଏହାକୁ ସୁରକ୍ଷା ଦେବା ପାଇଁ ଜାତିସଂଘ ତ୍ୱରିତ ପଦକ୍ଷେପ ନେଉ ବୋଲି ଜେଲେନ୍‌ସ୍କି ଗୁଟେରସ୍‌ଙ୍କୁ ଅନୁରୋଧ କରିଛନ୍ତି।

ମସ୍କୋ ଉକ୍ତ ନ୍ୟୁକ୍ଲିଅର ପାୱାର ପ୍ଲାଣ୍ଟରୁ ୟୁକ୍ରେନ୍‌ବାସୀଙ୍କୁ ଟାର୍ଗେଟ କରୁଥିବା ଜେଲେନ୍‌ସ୍କି କହିଛନ୍ତି। ଏଥିସହ ରୁଷିଆ ଏହି ପ୍ଲାଣ୍ଟର ବ୍ୟାପକ କ୍ଷତି ଘଟାଇଥିବା ସେ ଅଭିଯୋଗ କରିଆସିଛନ୍ତି। ତେବେ ୟୁକ୍ରେନ୍ ଉକ୍ତ ପାୱାର ପ୍ଲାଣ୍ଟକୁ ଟାର୍ଗେଟ କରି ସେଲ୍ ମାଡ଼ କରୁଥିବା ରୁଷିଆ କହିଆସିଛି। ଏପରି ହେଲେ ୟୁରୋପର ବୃହତ୍ତମ ନ୍ୟୁକ୍ଲିଅର ପାୱାର ପ୍ଲାଣ୍ଟକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆଯିବ ବୋଲି ରୁଷିଆ ଗୁରୁବାର ଧମକ ଦେଇଛି।



ତୁର୍କୀ ରାଷ୍ଟ୍ରପତି ରେସେପ୍ ତୟିପ୍ ଏର୍ଡୋଗାନ୍ ଏବଂ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍‌ଙ୍କ ସହ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୯,୮୩,୯୨,୭୩୩ | ୬୪,୬୪,୮୨୯ | ୫୭,୨୪,୧୪,୧୬୮ |
| ଭାରତ | ୪,୪୨,୯୮,୮୬୪ | ୫,୨୭,୨୦୬ | ୪,୩୬,୭୦,୩୧୫ |
| ଓଡ଼ିଶା | ୧୩,୨୪,୦୬୯ | ୯୧୭୦(+୫୩) | ୧୩,୧୨,୪୪୯ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worllometers.info/coronavirus/ଏବଂ ଓଡ଼ିଶା ସରକାର

# ବନ୍ୟାପାଣିରେ ପହଁରି ଅତ୍ରି ଗଲେ ବିଧାୟକ

## ଉଷ୍ମ ପ୍ରସ୍ରବଣ ସ୍ଥିତି ପରଖିଲେ

ଖୋର୍ଦ୍ଧା ଅଫିସ,୧୮।୮

ମହାନଦୀର ଜଳସ୍ତର ବଢ଼ିବା ଯୋଗୁ ଏହାର ଶାଖା ନଦୀ ରଣନଦୀରେ ବନ୍ୟାଜଳ ପ୍ରଭାବିତ ହେଉଛି। ଫଳରେ ଖୋର୍ଦ୍ଧା ଜିଲା ଅତ୍ରି ସ୍ଥିତ ଉଷ୍ମ ପ୍ରସ୍ରବଣରେ ୫ରୁ ୬ ଫୁଟର ବନ୍ୟାପାଣି ଲହଡି ମାରୁଛି। ଉଷ୍ମ ପ୍ରସ୍ରବଣ ସମ୍ପୂର୍ଣ୍ଣ ଭାବେ ବୁଡି ରହିଛି। ଏହାକୁ ସଂଯୋଗ କରୁଥିବା ରାସ୍ତାରେ ମଧ୍ୟ ୪ଫୁଟ ପାଣି ରହିଛି। ଗୁରୁବାର ବେଗୁନିଆ ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ବିଧାୟକ ରାଜେନ୍ଦ୍ର କୁମାର ସାହୁ ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ବନ୍ୟାଜଳରେ ପହଁରି ଉଷ୍ମ ପ୍ରସ୍ରବଣରେ ପହଞ୍ଚି ଏହାର ସ୍ଥିତି ଅନୁଧ୍ୟାନ କରିଥିଲେ। ଉଷ୍ମ ପ୍ରସ୍ରବଣର କୁଆକୁଣ୍ଡ, ହଟ୍ଟକେଶ୍ୱର ଦେବଙ୍କ ବିଜେ ମଣ୍ଡପ ସମ୍ପୂର୍ଣ୍ଣ ବୁଡି ଯାଇଛି। ପୂର୍ବରୁ ଏହି କୁଆକୁଣ୍ଡ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ବେଳେ ବନ୍ୟାଜଳରେ ଏହା ଭୁଶୁଡି ଯାଇଥିବା ଆଶଙ୍କା କରାଯାଉଛି। ଏଠାକୁ ଏବେ ଆସିବାକୁ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି। ଏନେଇ ବିଧାୟକ ସାହୁ କୁହନ୍ତି, ବେଗୁନିଆ ଓ ବୋଲଗଡ ବ୍ଲକର ୧୦ ଗାଁ ପ୍ରଭାବିତ ହୋଇଥିବା ବେଳେ ଶତାଧିକ ଏକର ଚାଷଜମି ଜଳମଗ୍ନ ହୋଇଛି। ଉଷ୍ମ ପ୍ରସ୍ରବଣର ସ୍ଥିତି ପରଖିଛି। ଏହାର ପୁନରୁଦ୍ଧାର ଓ ଆନୁଷଙ୍ଗିକ ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଯେକୌଣସି ସମସ୍ୟା ଆସିଲେ ଯଥୋଚିତ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।



ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଗ୍ରାମବାସୀଙ୍କ ସହ ବନ୍ୟାପାଣିରେ ପହଁରି ଅତ୍ରିକୁ ଯାଉଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ର ଛାତରୁ ଖସିଲା ପ୍ଲାଷ୍ଟର



ଆରଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଛାତରୁ ଖସିପଡ଼ିଥିବା ପ୍ଲାଷ୍ଟର।

## ଅଳ୍ପକେ ବର୍ତ୍ତିଲେ ରୋଗୀ

ଆରଡ଼ି, ୧୮।୮(ଡି.ଏନ୍.ଏ.)

ଭଦ୍ରକ ଜିଲା ଆରଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଛାତରୁ ଗୁରୁବାର ପ୍ଲାଷ୍ଟର ଖସିପଡ଼ିଛି। ରୋଗୀମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ଦିନ ପ୍ରାୟ ସାଢ଼େ ୧୨ଟା ବେଳେ ମେଡିକାଲର ରୋଗୀଦେଖା ଗୃହ ଛାତରୁ ପ୍ଲାଷ୍ଟର ଖସି ବସିଥିବା ରୋଗୀମାନଙ୍କ ପାଖରେ ପଡ଼ିଥିଲା। ଏଥିରେ କୌଣସି ରୋଗୀ ଆହତ ହୋଇନାହାନ୍ତି। ଜିଲାର ପର୍ଯ୍ୟଟନ କ୍ଷେତ୍ର ତଥା ଆଖଣ୍ଡଳମଣିଙ୍କ ପୀଠ ଆରଡ଼ିରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ସରକାରୀ ଉଦାସୀନତା କହି ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ପାଇଁ ଉପଯୁକ୍ତ ଗୃହ ନିର୍ମାଣ ଲାଗି ବାରମ୍ବାର ଦାବି କରାଯାଉଥିଲେ ବି ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର ପାତ୍ର କହିଛନ୍ତି, ସେ ଏନେଇ ଅବଗତ ଅଛନ୍ତି। ନିମ୍ନମାନର କାର୍ଯ୍ୟ ଯୋଗୁ ମେଡିକାଲ ଗୃହ ଛାତ ଦୁର୍ବଳ ଥିବାରୁ ପ୍ଲାଷ୍ଟର ଖସିପଡ଼ିଛି। ତେବେ ଇଞ୍ଜିନିୟର ଡାକି ଛାତ ଗ୍ରେଡିଂ ବ୍ୟବସ୍ଥା ଖୁବ୍‌ଶୀଘ୍ର କରାଯିବ।

# ନୂଆପଡ଼ା ରୋଡ୍ ଷ୍ଟେଶନରେ ରହିବ ୩ ଏକ୍ସପ୍ରେସ ଟ୍ରେନ୍

ନୂଆଦିଲ୍ଲୀ, ୧୮।୮

ନୂଆପଡ଼ା ରୋଡ୍ ରେଳ ଷ୍ଟେଶନରେ ଆସନ୍ତା ୬ମାସ ପାଇଁ ପରୀକ୍ଷାମୂଳକ ଭାବେ ୩ଟି ଏକ୍ସପ୍ରେସ୍ ଟ୍ରେନ୍ ରହଣି କରିବ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି। ଏହି ଟ୍ରେନ ମଧ୍ୟରେ ରହିଛି ପୁରୀ-ଅହମ୍ମଦାବାଦ ଏକ୍ସପ୍ରେସ, କୋର୍ବା-ବିଶାଖାପାଟନାମ୍ ଏକ୍ସପ୍ରେସ ଏବଂ ବିଳାସପୁର-ତିରୁପତି ଏକ୍ସପ୍ରେସ। କୋର୍ବା- ବିଶାଖାପାଟଣାମ୍ ଏବଂ ବିଳାସପୁର-ତିରୁପତି ଏକ୍ସପ୍ରେସ ଆସନ୍ତା ୨୩ରୁ ଏବଂ ପୁରୀ- ଅହମ୍ମଦାବାଦ୍ ଏକ୍ସପ୍ରେସ ଆସନ୍ତା ୨୪ରୁ ନୂଆପଡ଼ା ରୋଡ ଷ୍ଟେଶନରେ ରହଣି କରିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି। ଏହି ଷ୍ଟେଶନରେ କିପରି ଭାବେ ଟିକେଟ ବିକ୍ରି କରାଯାଇପାରିବ ସେନେଇ ତୀକ୍ଷ୍ଣ ନଜର ରଖାଯିବା ସହ ଏହାର ରିପୋର୍ଟ ସମୀକ୍ଷା ପାଇଁ ରେଳ ବୋର୍ଡକୁ ୫ମାସ ମଧ୍ୟରେ ପଠାଇବାକୁ କୁହାଯାଇଛି। ସବୁ ଠିକ୍ ଚାଲିଲେ ଏହି ଟ୍ରେନ୍‌ଗୁଡ଼ିକର ନିୟମିତ ରହଣି ହେବ ବୋଲି ଜଣାପଡ଼ିଛି। କୋଭିଡ୍-୧୯ ଯୋଗୁ ନୂଆପଡ଼ା ରୋଡ୍ ଷ୍ଟେଶନରେ ରହଣି ବନ୍ଦ ହୋଇଥିବା କୋର୍ବା- ବିଶାଖାପାଟଣାମ୍ ଏବଂ ବିଳାସପୁର- ତିରୁପତି ଏକ୍ସପ୍ରେସର ପୁନଃ ରହଣି ଦାବି ସହ ନୂଆ ଏକ୍ସପ୍ରେସ ଟ୍ରେନ୍ ରହଣି ନିମନ୍ତେ ପୂର୍ବରୁ କଳାହାଣ୍ଡି ଭାଜପା ଏମ୍‌ପି ବସନ୍ତ କୁମାର ପଣ୍ଡା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଜଣାଇଥିଲେ।

# ଭାଇ ମୁହଁରେ ମୁଖାଗ୍ନି ଦେଲେ ଭଉଣୀ

## ପୋଲିସ, ଡାକ୍ତରଙ୍କ ମଣିଷପଣିଆ

କଟକ ଅଫିସ,୧୮।୮

ପୋଲିସ ଓ ଡାକ୍ତରଙ୍କ ମଣିଷପଣିଆ ପାଇଁ କର୍କଟ ରୋଗରେ ମୃତ୍ୟୁ ଘଟିଥିବା ଭାଇ ମୁହଁରେ ମୁଖାଗ୍ନି ଦେଇଛନ୍ତି ଭଉଣୀ। ଗୁରୁବାର କଟକ ଖାନ୍‌ନଗର ସ୍ୱର୍ଗଧାମଠାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା ଝାରସୁଗୁଡା ଜିଲା ବେଲପାହାଡ ଅଞ୍ଚଳର ଫଗୁଲାଲ ମାଝି(୨୫) କର୍କଟ ରୋଗରେ ଆକ୍ରାନ୍ତ ହୋଇ କିଛିଦିନ ତଳେ କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନରେ ଭର୍ତ୍ତି ହୋଇଥିଲେ। ତାଙ୍କ ସହ ଭଉଣୀ ଭୀମସୀତା ମାଝି ମେଡିକାଲକୁ ଆସିଥିଲେ। ଫଗୁଲାଲଙ୍କ ଅବସ୍ଥା ଗୁରୁତର ଥିବାରୁ ଚିକିତ୍ସା କରାଯାଉଥିଲା। ହେଲେ ତାଙ୍କ ଆରୋଗ୍ୟ ହେବା ଉପରେ ଭୀମସୀତା ଭରସା କରିପାରି ନ ଥିଲେ। ସେ ଭାଇ ଦୁଃଖକୁ ଦେଖି ନିଜକୁ ସମ୍ଭାଳି ପାରି ନ ଥିଲେ। ତେଣୁ ସେ ଭାଇଙ୍କୁ ମେଡିକାଲରେ ଛାଡି ଘରକୁ ପଳାଇଥିଲେ। କିଛିଦିନ ଚିକିତ୍ସିତ ହେବା ପରେ ଗତ ୧୫ ତାରିଖରେ ଫଗୁଲାଲଙ୍କର ମୃତ୍ୟୁ ଘଟିଥିଲା। ମେଡିକାଲ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଏସ୍‌ସିବି ମେଡିକାଲ ଫାଣ୍ଡି ଇନ୍‌ଚାର୍ଜ ମାନେଶ୍ୱର ପ୍ରଧାନଙ୍କୁ ଜଣାଇଥିଲେ। ପ୍ରଧାନ ଏ ନେଇ ଭୀମସୀତାଙ୍କୁ ଅବଗତ କରାଇଥିଲେ। ଫଳରେ ଭୀମସୀତା ଗୁରୁବାର କଟକରେ ପହଞ୍ଚିବା ପରେ ତାଙ୍କୁ ଫଗୁଲାଲଙ୍କ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଭୀମସୀତା ଅତ୍ୟନ୍ତ ଗରିବ ହୋଇଥିବାରୁ ଭାଇଙ୍କ ମୃତଦେହକୁ ନିଜ ଗାଁକୁ ନେଇ ସତ୍କାର କରିବାରେ ଅସମର୍ଥ ଥିଲେ। ତାଙ୍କର ଏଭଳି ଅସହାୟ ଅବସ୍ଥାରେ ଡା. ଆଶୁତୋଷ ସାହୁ ଓ ଫାଣ୍ଡି ଇନ୍‌ଚାର୍ଜ ପ୍ରଧାନ ମାନବିକତା ଦେଖାଇବାକୁ ଆଗେଇ ଆସିଥିଲେ। ଅସହାୟଙ୍କ ନିମନ୍ତେ ଉତ୍ସର୍ଗୀକୃତ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ ଅଭିମନ୍ୟୁ ଦାସ, ଶିଶିର ସାହୁଙ୍କୁ ଏ ସମ୍ପର୍କରେ ପ୍ରଧାନ ଅବଗତ କରାଇଥିଲେ। ଏଥିସହ ଡା. ସାହୁ ମୃତଦେହ ସତ୍କାର ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ମୃତଦେହ ନେବା ପାଇଁ ମାଗଣା ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଥିଲା। ଫଳରେ ସମସ୍ତଙ୍କ ସହଯୋଗରେ ଫଗୁଲାଲଙ୍କ ମୃତଦେହକୁ ଖାନ୍‌ନଗର ସ୍ୱର୍ଗଧାମ ନିଆଯାଇ ସତ୍କାର କରାଯାଇଥିଲା। ସେଠାରେ ଭୀମସୀତା ତାଙ୍କ ମୁହଁରେ ମୁଖାଗ୍ନି ଦେଇଥିଲେ। ପରେ ତାଙ୍କୁ ବସ୍‌ରେ ଘରକୁ ପଠାଇ ଦିଆଯାଇଥିଲା।



**ଆଜିର ମନ୍ତବ୍ୟ**

“ଭାରତ-ଚାଇନା ସମ୍ପର୍କ ଏକ କଠିନ ସମୟ ଦେଇ ଗତି କରୁଛି। ପ୍ରତିରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭାରତ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ବେଜିଂ ନିଜ ସାମରିକ ଶକ୍ତି ବଢ଼ାଇ ଚାଲିଥିବାରୁ ପୂର୍ବ ଏସିଆ ସ୍ଥିତି ଖରାପ ହେବାରେ ଲାଗିଛି।

– ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ: ......................................

ଜନ୍ମ ତାରିଖ: ..............................



ବି. ସାଇ ଶିବାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗହମ ଖାଇଲା ପୋକ
କାହୁଁ ଆସିଥିଲା ହୁଣ୍ଡା ରସିକ
ଘର ଯାକ ପାନପିକା।**

ଅଲାଜୁକ ରସିକ। ରସିକପଣିଆ ଦେଖେଇ ହେଉଥିବା ବ୍ୟକ୍ତିର ଦୃଷ୍ଟିଭଙ୍ଗୀ ତଥା ଆଚରଣ ନିରସ ହୋଇଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଗାଈ ସହଦେବଙ୍କର
ଷଣ୍ଢ ମହାଦେବଙ୍କର
ବଳଦ ବାପୁଡ଼ା କାହାରି ନୁହେଁ।**

ଗାଈ ସହଦେବଙ୍କର ପ୍ରିୟ ଓ ଷଣ୍ଢ ମହାଦେବଙ୍କର ବାହନ। ସେହି ଦୃଷ୍ଟିରୁ ଏମାନଙ୍କୁ ପୂଜାର୍ଚ୍ଚନା କରାଯିବା ସହ ଆଦର କରାଯାଇଥାଏ। ପରନ୍ତୁ ବଳଦକୁ ଏଭଳି ମର୍ଯ୍ୟାଦା ମିଳି ନ ଥାଏ। ଯେତେ ଖଟିଲେ, ଉପକାର କଲେ ମଧ୍ୟ କାଣିଚାଏ ଆଦର ମିଳିବା ଦୁଷ୍ପ୍ରାପ୍ୟ ହୋଇଥାଏ। ସେହିପରି ସମାଜରେ କିଛି ଲୋକ ଥାଆନ୍ତି, ଯେଉଁମାନେ ସବୁବେଳେ ଅବହେଳିତ ହୋଇ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ


## classifieds Everyday

0674-2580101, 2549302




### SALE

Infocity-II, Madanpur ପାଖରେ 2000sqft.କୁ 24,00,000/- ଟଙ୍କାରେ ପାଚେରି ସହ plot ବିକ୍ରିହେବ। 7978617023. D-1270

ନଖରା East କଲେଜଠାରୁ 2.5k.m. ଦୂରତାରେ @870/- ପାଚେରି ଥାଇ Govt. Medical ନିକଟରେ ଘରବାରି ପ୍ଲଟ୍ ମିଳୁଛି। 9348152874. D-73291

ଜାଗା କିଣି ତୁରନ୍ତ ଘର କରନ୍ତୁ। ଭୁବନେଶ୍ୱର New Railway Stationରୁ 400mtr ଦୂରତାରେ yellowzone-sqft.-650/-, ବାରଙ୍ଗ-ତ୍ରିଶୁଳିଆ NH sideରେ sqft.-1500/- (SC plot available). 9078371787. D-73290

ସ୍ଥିତିବାନ ଘରବାରି ପ୍ଲଟ୍ ପାଚେରି ସହିତ ବିକ୍ରିହେବ। ଉତ୍ତରା ଟଙ୍କପାଣିରୋଡ୍ ପାଖରେ। 9861201010. D-73856

Residential gharabari plot at Brahmanjharilo, Cuttack with boundary wall, electripole, inside Temple on Bank Loan facilities near English Medium High School, 6K.M. from Phulnakhara, 11K.M. from Bhubaneswar. 7809525452. D-73950




Shoproom (10'x10') 2Nos. opposite Bijupatnaik College mainroad Jayadevvihar, Bhubaneswar. Contact: 9938511622. D-1287




Refresh your body with best therapist Ashirvad Panchakarma harbal SPA Kesarimall. 8926173473. D-73951

Full body massage in homely atmosphere all therapy. Mob: 8114881641. D-73409

Relax, Refresh your body, Mind at Saikrupa Spa with best therapies. 8984068077. D-1248

Newly open full body massage 1099 free massage one. Mo: 9583808247. D-1164

### LOST

ମୁଁ ପରମେଶ୍ୱର ପ୍ରଧାନ, ପିତା- ବିକାଶ ପ୍ରଧାନ, ମୌଜା- ନୂଆଗାଁରେ ଗୋଟିଏ ଜାଗା ବିଜୟ ପ୍ରଧାନଙ୍କଠାରୁ କିଣିଥିଲି। କବଲା ନଂ.-୬୭୧୨ ତା୦୯।୧୧।୨୦୦୫ମାଧ୍ୟମରେ ମୁଁ ଜେରକ୍ସ କରୁଥିବା ସମୟରେ ମୋର ବ୍ୟାଙ୍କ ପାସ୍‌ବୁକ୍ ଏବଂ ସବୁ ଜମିର ଓରିଜିନାଲ ଡକୁମେଣ୍ଟସ୍ ସେହି ଜାଗାରେ କିମ୍ବା ଘରକୁ ଫେରିବା ସମୟରେ ହଜିଗଲା। ବହୁତ ଖୋଜିଲା ପରେ ମଧ୍ୟ ମୋତେ ନିରାଶ ହେବାକୁ ପଡ଼ିଲା। ମୁଁ ଏହାକୁ କୌଣସି ବ୍ୟାଙ୍କରେ ବନ୍ଧକ ହିସାବରେ ଦେଇନାହିଁ। ମୁଁ ବର୍ତ୍ତମାନ ଏହି ଜାଗାକୁ ବିକ୍ରି କରିବା ପାଇଁ ଯୋଗାଯୋଗ କରୁଛି। Mob: 9600183877. ଧ-୧୨୮୮

### AFFIDAVIT

I, Reshma Tripathy, W/o Sri Bibhu Prasad Tripathy have changed my name from Reshma Madathil Menon to Reshma Tripathy for all purposes post marriage vide Affidavit No. 41 dated 24.11.2016 before Notary, Berhampur. D-1286

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ୧୩ ଜିଲ୍ଲାର ଅଢ଼େଇ ଲକ୍ଷ ଲୋକ ଜଳବନ୍ଦୀ

ଭୁବନେଶ୍ୱର,୧୮।୮(ବ୍ୟୁରୋ)

ବନ୍ୟା ଯୋଗୁ ୧୩ ଜିଲାର ୭୧ ବ୍ଲକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏଥିରେ ୨୦୬୬ ଗ୍ରାମ ପ୍ରଭାବିତ ହୋଇଛି। ୪୭୦ ଗ୍ରାମ ଜଳଘେରରେ ରହିଥିବାବେଳେ ୨ ଲକ୍ଷ ୫୫ ହଜାର ୩୨୫ ଲୋକ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ପ୍ରାୟ ୫ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି) ଗୁରୁବାର ସୂଚନା ଦେଇଛନ୍ତି।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ରାଜ୍ୟର ବନ୍ୟା ସ୍ଥିତି ସମ୍ପର୍କରେ ଗୁରୁବାର ସମୀକ୍ଷା କରିଛନ୍ତି। ରାଜ୍ୟର ନଦୀଗୁଡ଼ିକର ଜଳପ୍ରବାହର ସ୍ଥିତି ସମ୍ପର୍କରେ ଜଳସମ୍ପଦ ବିଭାଗର ବରିଷ୍ଠ ଯନ୍ତ୍ରୀମାନଙ୍କ ସହ ସେ ଆଲୋଚନା କରିଛନ୍ତି। ଆଗାମୀ ଲଘୁଚାପ ବର୍ଷାକୁ ଦୃଷ୍ଟିରେ ରଖି ହୀରାକୁଦର ଗେଟ୍ ପରିଚାଳନା କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ଏସ୍‌ଆରସି କହିଛନ୍ତି ଯେ ସବୁ ଅଞ୍ଚଳର ୧୯୦ ରିଲିଫ୍ କେନ୍ଦ୍ରରେ ୧ ଲକ୍ଷ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ୯୦ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ବନ୍ୟା ଓ ପ୍ରବଳ ବୃଷ୍ଟିପାତ ଦ୍ୱାରା ଅନେକ ବାସଗୃହ କ୍ଷତିଗ୍ରସ୍ତ ହେବା ସହିତ ବହୁତ ଚାଷଜମି ଜଳମଗ୍ନ ହୋଇଛି। ପ୍ରଭାବିତ ଲୋକମାନଙ୍କୁ ଆବଶ୍ୟକ ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି। ୧୧ ଏନ୍‌ଡିଆର୍‌ଏଫ୍, ୧୨ ଓଡ୍ରାଫ୍ ଏବଂ ୫୨ ଅତିରିକ୍ତ ଅଗ୍ନିଶମ ସେବା ବାହିନୀ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ପ୍ରଭାବିତ ଅଞ୍ଚଳରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ୧୦ଟି ଭ୍ରାମ୍ୟମାଣ ଆର୍‌ଓ ୱାଟର ପ୍ଲାଣ୍ଟ ଜରିଆରେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯାଉଛି। ସେହିପରି ପ୍ରଭାବିତ ଗୋରୁମାନଙ୍କୁ ଆବଶ୍ୟକ ଗୋଖାଦ୍ୟ ଯୋଗାଇ ଦିଆଯାଉଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଓ ପ୍ରାଣୀ ଚିକିତ୍ସାକୁ ତ୍ୱରାନ୍ୱିତ କରାଯାଇଛି। ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀମାନେ ପ୍ରଭାବିତ ଅଞ୍ଚଳରେ ଅବସ୍ଥାନ କରି ନଦୀବନ୍ଧର ସୁରକ୍ଷା ତଥା ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରୁଛନ୍ତି। ମୁଖ୍ୟମନ୍ତ୍ରୀ ନିୟମିତ ଭାବେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ସହ ଯୋଗାଯୋଗ କରି ବନ୍ୟା ପରିସ୍ଥିତି ସମୀକ୍ଷା କରୁଛନ୍ତି। ମୁଖ୍ୟମନ୍ତ୍ରୀ ଦୁଇ ଜଣ ବରିଷ୍ଠ ଅଧିକାରୀଙ୍କୁ ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାକୁ ବନ୍ୟା ପରିଚାଳନାରେ ଜିଲା ପ୍ରଶାସନକୁ ସହଯୋଗ କରିବା ପାଇଁ ପଠାଇଛନ୍ତି। ଏସ୍‌ଡିଆର୍‌ଏଫ୍ ଗାଇଡ୍‌ଲାଇନ ଅନୁସାରେ ଜିଲାପାଳମାନେ ଘରୋଇ ଡଙ୍ଗା ଭଡ଼ାରେ ନେଇ ଜଳ ଘେରରେ ଥିବା ଲୋକମାନଙ୍କୁ ଉଦ୍ଧାର କରିବା ସହ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଲଘୁଚାପ ପ୍ରଭାବରେ ବର୍ଷା ହେବାକୁ ଥିବାବେଳେ ଲୋକମାନଙ୍କୁ ପଲିଥିନ ଯୋଗାଇଦେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟାଞ୍ଚଳର ୧୩ ଜିଲାରେ ୬୪ଟି ଭ୍ରାମ୍ୟମାଣ ଡାକ୍ତରୀ ଦଳ ମୁତୟନ କରାଯାଇଥିବା ବେଳେ ୨୦୦୦୦ ଓଆର୍‌ଏସ୍ ପ୍ୟାକେଟ ଓ ୧ ଲକ୍ଷ ୪୨ ହଜାର ହାଲୋଜିନ୍ ବଟିକା ବଣ୍ଟନ କରାଯାଇଛି। ମହାନଦୀର ବନ୍ୟା ଜଳ ସ୍ତର ଗତକାଲିଠାରୁ କ୍ରମଶଃ ହ୍ରାସ ପାଉଛି। ହୀରାକୁଦରେ ଏବେ ୨୮ଟି ଗେଟ୍ ଖୋଲା ରହିଛି। ଗୁରୁବାର ଅପରାହ୍ନ ସୁଦ୍ଧା ହୀରାକୁଦର ଜଳସ୍ତର ବର୍ତ୍ତମାନ ୬୨୩.୯୧ ଫୁଟ୍ ଅଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୪ ଲକ୍ଷ ୨୪ ହଜାର ୭୮୬ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୫ ଲକ୍ଷ ୪୫ ହଜାର ୪୭୧ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଖଇରମାଳଠାରେ ୮ ଲକ୍ଷ ୬୦ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ବଡ଼ମୂଳଠାରେ ୮ ଲକ୍ଷ ୬୭ ହଜାର ୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ମୁଣ୍ଡଳିଠାରେ ୧୦ ଲକ୍ଷ ୧୦ ହଜାର ୫୨୫ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ମୁଣ୍ଡଳିଠାରେ ଜଳସ୍ତର କ୍ରମଶଃ ହ୍ରାସ ପାଉଛି।

ଆଗାମୀ ୧୯ ଓ ୨୦ ତାରିଖରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ବୋଲି ଭାରତୀୟ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହି ଲଘୁଚାପ ପ୍ରଭାବରେ ସମ୍ଭାବ୍ୟ ବୃଷ୍ଟିପାତକୁ ନଜରରେ ରଖି ହୀରାକୁଦ ଜଳଭଣ୍ଡାରରୁ ପର୍ଯ୍ୟାୟକ୍ରମେ ଆଉ ୪ଟି ଗେଟ୍ ବନ୍ଦ କରାଯିବ ବୋଲି ସେ କହିଥିଲେ।

### ବନ୍ୟା ସ୍ଥିତି ନେଇ ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା

- ୫ ଲକ୍ଷ ଲୋକ ପ୍ରଭାବିତ
- ୧୯୦ ରିଲିଫ୍ କେନ୍ଦ୍ରରେ ୧ ଲକ୍ଷ ଲୋକଙ୍କୁ ରନ୍ଧାଖାଦ୍ୟ

# ପୁଣି ବଢ଼ିଲା ସମ୍ପତ୍ତି ତାଲିକା ଦାଖଲ ଅବଧି

## ସେପ୍ଟେମ୍ବର ୩୦ ସୁଦ୍ଧା ଦାଖଲ କରିବେ ସରକାରୀ କର୍ମଚାରୀ

ଭୁବନେଶ୍ୱର, ୧୮।୮(ବ୍ୟୁରୋ)

ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ସରକାରୀ ଅଧିକାରୀମାନେ ସେମାନଙ୍କ ସମ୍ପତ୍ତି ତାଲିକା ଦାଖଲ କରିବାରେ ଆଗ୍ରହ ଦେଖାଉନାହାନ୍ତି। ନିୟମତଃ ଗ୍ରୁପ୍ ‘ଏ’ ଠାରୁ ଆରମ୍ଭ କରି ଗ୍ରୁପ ‘ଡି’ କର୍ମଚାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜର ସମ୍ପତ୍ତି ତାଲିକା ପ୍ରତ୍ୟେକ ବର୍ଷ ଜାନୁୟାରୀ ୧ ତାରିଖ ସୁଦ୍ଧା ଦାଖଲ କରିବା କଥା। ହେଲେ ୨୦୨୧ ଜାନୁୟାରୀ ୧ ସୁଦ୍ଧା ଦାଖଲ କରିବାକୁ ଥିବା ତାଲିକା ଏପର୍ଯ୍ୟନ୍ତ ବହୁ ଅଧିକାରୀ କରିନାହାନ୍ତି। ଏନେଇ ଏକାଧିକ ବାର ଅବଧି ବୃଦ୍ଧି କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନାହିଁ। ଏଭଳିସ୍ଥିତିରେ ବୁଧବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଆଉ ଥରେ ଅବଧିକୁ ବୃଦ୍ଧି କରାଯାଇ ସେପ୍ଟେମ୍ବର ୩୦ସୁଦ୍ଧା ସମସ୍ତ ସରକାରୀ ଅଧିକାରୀ ଏବଂ କର୍ମଚାରୀ ସମ୍ପତ୍ତି ତାଲିକା ଦାଖଲ କରିବାକୁ ଚିଠି କରାଯାଇଛି।

ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ, ଆର୍‌ଡିସି ଏବଂ ଜିଲାପାଳମାନଙ୍କୁ ଏହି ଚିଠି ପଠାଯାଇଛି। ଏଥିରେ ସମସ୍ତ ସରକାରୀ କର୍ମଚାରୀ ସେମାନଙ୍କ ୧ ଜାନୁୟାରୀ ୨୦୨୧ରୁ ୩୧ ଡିସେମ୍ବର ୨୦୨୧ ମଧ୍ୟର ସମସ୍ତ ସମ୍ପତ୍ତି ତାଲିକାକୁ ସେପ୍ଟେମ୍ବର ୩୦ ସୁଦ୍ଧା ଦାଖଲ କରିବାକୁ କୁହାଯାଇଛି। ସରକାରୀ ଅଧିକାରୀମାନେ ସରକାରୀ କର୍ମଚାରୀ କଣ୍ଡକ୍ଟ ରୁଲ୍, ୨୦୨୧ ଅନୁଯାୟୀ ସମସ୍ତ କର୍ମଚାରୀ ପ୍ରକୃତ ସମ୍ପତ୍ତି ତାଲିକା ଜାନୁୟାରୀ ୧ କିମ୍ବା ସେହି ବର୍ଷ ଜାନୁୟାରୀ ୩୧ ସୁଦ୍ଧା ଦାଖଲ କରିବା କଥା। ତେବେ ୨୦୨୧ ବର୍ଷର ତାଲିକା ଯାହା ୩୧ ଜାନୁୟାରୀ ୨୦୨୨ ସୁଦ୍ଧା କରିବା କଥା ତାହାର ସମୟ ସୀମା ରାଜ୍ୟ ସରକାର ୩୦ ଜୁନ୍ ୨୦୨୨ ପର୍ଯ୍ୟନ୍ତ ବଢାଇଥିଲେ। ହେଲେ ବହୁ ଅନୁରୋଧ ପରେ ଏହି ସମୟ ଅବଧିକୁ ଆଉ ଥରେ ବୃଦ୍ଧି କରାଯାଇଛି। ଆସନ୍ତା ସେପ୍ଟେମ୍ବର ୩୦ ସୁଦ୍ଧା ସମ୍ପତ୍ତି ତାଲିକା ରାଜ୍ୟ ସରକାରଙ୍କ ସମସ୍ତ କର୍ମଚାରୀ ଦାଖଲ କରିପାରିବେ। ତେବେ ସବୁ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଶେଷ ତାରିଖ ପର୍ଯ୍ୟନ୍ତ ଅପେକ୍ଷା ନ କରି ଏହା ପୂର୍ବରୁ ସମ୍ପତ୍ତି ତାଲିକା ଦାଖଲ କରିବା ଲାଗି କୁହାଯାଇଛି।

## ଆକାଶମାର୍ଗରୁ ବନ୍ୟାଞ୍ଚଳ...

ଅସ୍ତରଙ୍ଗ, ଡେଲାଙ୍ଗ, ପିପିଲି, କଣାସର ତଳିଆ ଅଞ୍ଚଳ ପରିଦର୍ଶନ କରି ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ବନ୍ୟାରେ ବ୍ୟାପକ ଅଞ୍ଚଳ ଜଳମଗ୍ନ ହେବା ସହିତ ଅନେକ ଚାଷ ଜମି ଓ ବାସଗୃହ କ୍ଷତିଗ୍ରସ୍ତ ହୋଇଥିବା ଘଟଣାରେ ମୁଖ୍ୟମନ୍ତ୍ରୀ ଚିନ୍ତାପ୍ରକଟ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ସହିତ ତାଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ମଧ୍ୟ ବନ୍ୟାଞ୍ଚଳ ପରିଦର୍ଶନରେ ଯାଇଥିଲେ। ପ୍ରଭାବିତ ଅଞ୍ଚଳରେ ଚାଲିଥିବା ସମସ୍ତ ପ୍ରକାର ସହାୟତା ରିଲିଫ୍ ଓ ରନ୍ଧା ଖାଦ୍ୟ ଯୋଗାଣ, ସ୍ୱାସ୍ଥ୍ୟସେବା, ପାନୀୟଜଳ ଯୋଗାଣକୁ ତ୍ୱରାନ୍ୱିତ କରିବା ସହିତ ପ୍ରଭାବିତ ଗୋରୁମାନଙ୍କୁ ଆବଶ୍ୟକ ଗୋଖାଦ୍ୟ ଓ ପ୍ରାଣୀ ଚିକିତ୍ସା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟାଞ୍ଚଳରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ କ୍ଷତିଗ୍ରସ୍ତ ଅଞ୍ଚଳ ପାଇଁ ରିଲିଫ୍ ସହାୟତା ଘୋଷଣା କରିଛନ୍ତି।

## ଲଘୁଚାପ: ୨ ଦିନ...

ଲଘୁଚାପ ପ୍ରଭାବରେ ଉପକୂଳରେ ୪୫ରୁ ୫୫ କି.ମି. ଏବଂ ବେଳେବେଳେ ୬୫ କି.ମି. ବେଗରେ ପବନ ପ୍ରବାହିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ୧୯ ଓ ୨୦ ତାରିଖରେ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀଙ୍କୁ ସତର୍କ କରାଯାଇଛି। ସେହିପରି ପରିସ୍ଥିତି ଉପରେ ନଜର ରଖିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ବଢ଼ି ଅଞ୍ଚଳରେ...

ମହାନଦୀ ସିଷ୍ଟମ୍‌ରେ ସମୁଦାୟ ୭ଟି ଘାଇ ହୋଇଛି। ବନ୍ୟା ବିପନ୍ନଙ୍କୁ ଯଥାସମ୍ଭବ ଅତ୍ୟାବଶ୍ୟକ ସୁବିଧା ଯୋଗାଇ ଦେବାକୁ ଉଦ୍ୟମ ଚାଲିଛି। କେତେକ ଜିଲାର ବନ୍ୟାଞ୍ଚଳରେ ଅତ୍ୟାବଶ୍ୟକ ରିଲିଫ୍ ସାମଗ୍ରୀ ପହଞ୍ଚାଇବାକୁ ଘରୋଇ ଡଙ୍ଗା ନିୟୋଜନ ନିମନ୍ତେ ଅନୁମତି ଦିଆଯାଇଛି। ରିଲିଫ୍ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହୋଇ ବନ୍ୟା ପାଣି ଜମିରହିଛି। ୪୮ ଘଣ୍ଟା ଧରି ଏହି ସ୍ଥିତି ବଳବତ୍ତର ରହିବ। ବନ୍ୟା ପାଣି ଛାଡ଼ିବା ପରେ କ୍ଷୟକ୍ଷତି ଆକଳନ କରାଯିବ ବୋଲି ଏସ୍‌ଆରସି କହିଛନ୍ତି।

ହୀରାକୁଦ ଜଳଭଣ୍ଡାର ମୁଖ୍ୟଯନ୍ତ୍ରୀ ଆନନ୍ଦ କୁମାର ସାହୁ କହିଛନ୍ତି, ରୁଲ୍ କର୍ଭ ନିୟମ ପାଳନ କରାଯାଇ ଜଳସ୍ତର ନିୟନ୍ତ୍ରଣ କରାଯାଉଛି। ସ୍ଥିତି ଏବେ ନିୟନ୍ତ୍ରଣାଧୀନ ରହିଛି। ଜଳଭଣ୍ଡାର ତଳମୁଣ୍ଡ ବେଲଗାଁରେ ୨୮,୦୦୦, ପର୍ଥଲାରେ ୮୧,୦୦୦, ଖଇରମାଳରେ ୮ ଲକ୍ଷ ୫୦ ହଜାର, ବରମୂଳରେ ୮ ଲକ୍ଷ ୬୨ ହଜାର, ମୁଣ୍ଡଳିରେ ୧୦ ଲକ୍ଷ ୨ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ସେ ସୂଚନା ଦେଇଛନ୍ତି।

ପ୍ରଥମ ପୃଷ୍ଠାରୁ...

## ପାଣିକୁଣ୍ଡରେ ପଡ଼ି...

ପକ୍ଷରୁ ବେଗୁନିଆ ଗ୍ରାମରେ ପାଣିଟାଙ୍କି କାର୍ଯ୍ୟ ଚାଲୁରହିଥିବା ବେଳେ ନିକଟରେ ଏକ ଖୋଲା ପାଣିକୁଣ୍ଡ ରହିଥିଲା। ସକାଳ ୬ଟା ବେଳେ ଗ୍ରାମର ଗୋବିନ୍ଦ ସିଂଙ୍କ ୫ ବର୍ଷର ପୁଅ କିରଣ ପରିବାର ଲୋକଙ୍କ ଅଜାଣତରେ ବାହାରକୁ ଆସି ପାଣିକୁଣ୍ଡରେ ପଡ଼ିଯାଇଥିଲେ। ପୁଅକୁ ନ ପାଇ ପରିବାର ଲୋକେ ଖୋଜାଖୋଜି କରିବା ପରେ ଉକ୍ତ ପାଣିକୁଣ୍ଡରୁ ଶିଶୁକୁ ଭାସୁଥିବା ଅବସ୍ଥାରେ ଉଦ୍ଧାର କରିଥିଲେ। ହେଲେ ସେହି ସମୟରେ ହିଁ ଶିଶୁର ମୃତ୍ୟୁ ହୋଇଯାଇଥିଲା।

## ପାହାଡ଼ରୁ ମାଟି ଅତଡ଼ା...

ଦେବା ପରେ ବୈପାରିଗୁଡା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଅନ୍ୟ ୨ ଜଣ ସ୍ୱାମୀ-ସ୍ତ୍ରୀ ଏପର୍ଯ୍ୟନ୍ତ ନିଖୋଜ ଥିବା ଜଣାପଡିଛି। ସେମାନେ ହେଲେ ହଳଦୀକୁଣ୍ଡ ଗ୍ରାମର ଗୁରା ଦୁରୁଆ ଏବଂ ତାଙ୍କ ସ୍ୱାମୀ ମାଧବ ଦୁରୁଆ।

## ନରସିଂହପୁର ଜଙ୍ଗଲରେ...

ପକ୍ଷରୁ କୁହାଯାଇଛି। ହାତୀର ବାମ ପାର୍ଶ୍ୱ ଗୋଟିଏ ଦାନ୍ତ ଭାଙ୍ଗିଯାଇଥିବାରୁ ହାତୀ-ହାତୀ ମଧ୍ୟରେ ସଂଘର୍ଷ କାରଣରୁ ଏଭଳି କ୍ଷତ ସୃଷ୍ଟି ହୋଇଥିବା ରେଞ୍ଜର ପ୍ରଫୁଲ୍ଲ କୁମାର ଦେହୁରୀ ସୂଚନା ଦେଇଛନ୍ତି। ହାତୀର ରକ୍ତ ନମୁନା ଏବଂ ମଳ ସଂଗ୍ରହ କରାଯାଇଛି। ଏହାକୁ ଓୟୁଏଟିକୁ ପରୀକ୍ଷଣ ନିମନ୍ତେ ପଠାଯିବ। ହାତୀର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନା ଅନୁସାରେ, ବୁଧବାର ମଧ୍ୟ ରାତ୍ରିରେ ହାତୀଟି ନୂଆଗଡ଼ ସେକ୍ସନ କମ୍ପାର୍ଟମେଣ୍ଟ-୨ ନରସିଂହପୁର ହିନ୍ଦୋଳ ସଂଯୋଗ ମୁଖ୍ୟ ରାସ୍ତାର ବୁଢାବୁଢ଼ୀ ଘାଟିର ରାସ୍ତାପାର୍ଶ୍ୱରେ ଠିଆହୋଇ ଥିବା ବନ କର୍ମଚାରୀମାନେ ଦେଖିବା ପରେ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଆଠଗଡ଼ ଉପଖଣ୍ଡ ବନ ଅଧିକାରୀ ଗୋପୀନାଥ ସୁଦର୍ଶନ ଯାଦବ ଗୁରୁବାର ସକାଳୁ ନରସିଂହପୁର ଆସି ଚିକିତ୍ସକ ଟିମ୍ ଓ ବନ କର୍ମଚାରୀଙ୍କ ସହିତ ସମ୍ପୃକ୍ତ ଜଙ୍ଗଲକୁ ଯାଇ ଅପରାହ୍ନ ୧ଟା ବେଳକୁ ହାତୀକୁ ଟ୍ରାଙ୍କୁଲାଇଜ୍ କରିଥିଲେ। ହାତୀର କ୍ଷତ ସ୍ଥାନଗୁଡ଼ିକୁ ଅନୁଧ୍ୟାନ କରିବା ପରେ ଏହା ଗୁଳିମାଡ଼ ନୁହେଁ, ହାତୀମାନଙ୍କ ସଂଘର୍ଷରୁ ଏଭଳି କ୍ଷତ ହୋଇଥିବା ଡିଏଫ୍‌ଓ ଯାଦବ କହିଛନ୍ତି। ତେବେ ନରସିଂହପୁର ଜଙ୍ଗଲରେ ଗତ କିଛିଦିନ ମଧ୍ୟରେ ଶିକାରୀଙ୍କ ଗୁଳିମାଡ଼ରେ ଦୁଇଟି ହାତୀ ପ୍ରାଣ ହରାଇଥିବାବେଳେ ଏବେ ଏଭଳି ଏକ ଦନ୍ତାହାତୀ କ୍ଷତବିକ୍ଷତ ଅବସ୍ଥାରେ ଉଦ୍ଧାର ହୋଇ ଚିକିତ୍ସିତ ହେବା ବନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପୁଣି ଥରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନରସିଂହପୁର ଜଙ୍ଗଲରେ ବାରମ୍ବାର ହାତୀ ଆହତ ହେବା ଘଟଣା ପରିବେଶବିତ୍‌ଙ୍କୁ ଚିନ୍ତାରେ ପକାଉଛି ବୋଲି ଶିକ୍ଷାବିତ୍ ଦେବରାଜ ସ୍ୱାଇଁ କହିଛନ୍ତି।

## ଚାରି ମହଲାରୁ ଡେଇଁ...

ମନୋରଞ୍ଜନ ବିଶ୍ୱାଳ, ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳ କୁହନ୍ତି, ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ହସ୍ତଗତ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମେଡିକାଲରେ ଖୋଲା ଝରକାଗୁଡ଼ିକରେ ଜାଲି ଲଗାଇବା ବ୍ୟବସ୍ଥା କରିବାକୁ କୁହାଯାଇଛି। ଯେପରି ଅଗ୍ନିକାଣ୍ଡ ଘଟିଲେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇପାରିବ ସେହି ବ୍ୟବସ୍ଥା କରିବାକୁ କୁହାଯାଇଛି। ଉପର ମହଲାଗୁଡ଼ିକରେ ସିସିଟିଭି କ୍ୟାମେରା ଲଗାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ସିଡିଏମ୍‌ଓ ଡା. ଅଶୋକ କୁମାର ଦାଶ କୁହନ୍ତି, ଘଟଣା ପରେ ସୁରକ୍ଷା ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ ହୋଇଛି।

ଅପରପକ୍ଷେ ଦୁର୍ଯ୍ୟୋଧନ କାହିଁକି ଆତ୍ମହତ୍ୟା କଲେ, ତାହାର କାରଣ ସ୍ପଷ୍ଟ ହୋଇପାରିନାହିଁ। ପାରିବାରିକ ସମସ୍ୟା କିମ୍ବା ଅନ୍ୟ କୌଣସି କାରଣରୁ ସେ ଏଭଳି ଚରମ ପଦକ୍ଷେପ ନେଇଥିବା ଅନୁମାନ କରାଯାଉଛି। ଏ ସଂକ୍ରାନ୍ତରେ ନଂ. ୩୧/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

### ୫୦ କୋଟିର ମେଡିକାଲରେ ଲାଗୁନି ସିସି କ୍ୟାମେରା

ଢେଙ୍କାନାଳ ସମେତ ସୀମାନ୍ତ ଯାଜପୁର, କେନ୍ଦୁଝର ଏବଂ ଅନୁଗୋଳ ଜିଲାବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଲକ୍ଷ୍ୟ ନେଇ ୨୦୧୮ ମେ ୨୭ରେ ଢେଙ୍କାନାଳ ପୌରାଞ୍ଚଳ ଅଧୀନ ଦକ୍ଷିଣକାଳୀ ରୋଡ୍‌ରେ ଲୋକାର୍ପିତ ହୋଇଥିଲା ଜିଲା ମୁଖ୍ୟ ଚିକିତ୍ସାଳୟ। ୭ମହଲା ବିଶିଷ୍ଟ ଏହି ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ଖର୍ଚ୍ଚ କରାଯାଇଛି ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା। ତେବେ ଉଦ୍‌ଘାଟନର ଦୀର୍ଘ ୪ବର୍ଷ ପରେ ବି ଉପର ମହଲାଗୁଡ଼ିକରେ ସିସିଟିଭି କ୍ୟାମେରା ଲାଗିନାହିଁ। କେବଳ ତଳ ମହଲାରେ ଏହି ବ୍ୟବସ୍ଥା କରାଯାଇଛି। ଉପର ମହଲାରେ ଶିଶୁ ବିଭାଗ, ସ୍ତ୍ରୀ ଓ ପ୍ରସୂତି ବିଭାଗ, ସର୍ଜରି ବିଭାଗ, ଭେଷଜ ବିଭାଗ ଏବଂ ଅସ୍ତ୍ରୋପଚାର ଗୃହ ଭଳି ଗୁରୁତ୍ୱପୂର୍ଣ୍ଣ ୱାର୍ଡ ରହିଛି। ହେଲେ ରୋଗୀ ସୁରକ୍ଷା ପ୍ରତି କର୍ତ୍ତୃପକ୍ଷ ଆଖି ବୁଜିଦେଇଛନ୍ତି ବୋଲି ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି।

### ୪ ବର୍ଷରେ ୪ ଘଟଣା

ଢେଙ୍କାନାଳ ଜିଲା ଚିକିତ୍ସାଳୟ ଲୋକାର୍ପଣ ହେବା ଦିନରୁ ଅର୍ଥାତ୍ ଗତ ୪ବର୍ଷ ଭିତରେ ମେଡିକାଲ କୋଠାରୁ ଡେଇଁ ୪ ରୋଗୀ ଜୀବନ ହାରିଲେଣି। ଗତ ୧୩ ତାରିଖରେ ସର୍ଜରି ୱାର୍ଡରେ ଭର୍ତ୍ତି ହୋଇଥିବା ପରଜଙ୍ଗ ଅଞ୍ଚଳର ଚନ୍ଦନ ନାୟକ (୩୭) ନାମକ ଜଣେ ଯୁବକ ୫ ମହଲା କୋଠାରୁ ଡେଇଁ ପଡ଼ିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଗୁରୁବାର ସକାଳେ ୪ର୍ଥ ମହଲାରେ ଥିବା ପୁରୁଷ ଭେଷଜ ବିଭାଗ ୱାର୍ଡରେ ଅନୁରୂପ ଘଟଣା ଘଟିଛି। ଡାକ୍ତରଖାନାରେ ରୋଗୀ ଆତ୍ମହତ୍ୟା ଭଳି ସମ୍ବେଦନଶୀଳ ମାମଲାରେ କେବଳ ତଦନ୍ତ ଚାଲିଛି ବୋଲି କହି ମେଡିକାଲ କର୍ତ୍ତୃପକ୍ଷ ପ୍ରସଙ୍ଗ ଏଡ଼ାଇ ଯାଉଛନ୍ତି। ଅବ୍ୟବସ୍ଥାକୁ ନେଇ ସବୁବେଳେ ଚର୍ଚ୍ଚାରେ ରହୁଥିବା ଢେଙ୍କାନାଳ ମେଡିକାଲ ଉପରୁ ରୋଗୀଙ୍କ ଭରସା ତୁଟୁଥିବାବେଳେ ସ୍ୱାସ୍ଥ୍ୟସେବା ଏବଂ ସୁରକ୍ଷା ବ୍ୟବସ୍ଥା ପ୍ରତି ଧ୍ୟାନ ଦେବାକୁ ଦାବି ହେଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ପ୍ରତ୍ୟେକ କ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ସହକର୍ମୀଙ୍କ ବିରୁଦ୍ଧାଚରଣ ହେତୁ କର୍ମକ୍ଷେତ୍ରରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ କିନ୍ତୁ କିଛି ବି କରିବେ ନାହିଁ। ନିଜ ଲୋକଙ୍କୁ ବୃଥା ସନ୍ଦେହ କଲେ ନିଜର କ୍ଷତି ଘଟିପାରେ।

**ବୃଷ**



ଶାରୀରିକ ଦୁର୍ବଳତା ଯୋଗୁ କାମକରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। ପାରିବାରିକ ସ୍ଥିତିରେ ଆର୍ଥିକ ଦିଗରେ ଆଂଶିକ ଉନ୍ନତି ଦେଖାଦେବ। ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ମିଥୁନ**



କର୍ମକ୍ଷେତ୍ରରେ ଥିବା ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ବନ୍ଧୁଙ୍କ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିପାରନ୍ତି। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିବାକୁ ପଡ଼ିପାରେ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କରି ଅନୁତପ୍ତ ହେବେ। ଭ୍ରମଣଜନିତ ପୀଡ଼ା ଅନୁଭବ କରିବେ।

**କର୍କଟ**



ଦୀର୍ଘଦିନରୁ ଭାଙ୍ଗିପଡ଼ିଥିବା କୌଣସି ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବେ। ଭାବପ୍ରବଣତାବଶତଃ ଓଲଟା କଥା କହି ବନ୍ଧୁ ଗହଣରେ ଅପଦସ୍ତ ହେବେ। ପରକଥାରେ ପଡ଼ି ଭୁଲ୍ ମାର୍ଗ ଅନୁସରଣ କରିପାରନ୍ତି। ପ୍ରିୟଜନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ।

**ସିଂହ**



ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଈର୍ଷାପରାୟଣ ବ୍ୟକ୍ତିଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ପ୍ରତିଯୋଗିତା କିମ୍ବା ବିବାଦୀୟ ଘଟଣାରେ ବିଜୟୀ ହେବେ। ବ୍ୟବସାୟରେ ମନାନ୍ତର ଦେଖା ଦେଇପାରେ। ମିତ୍ର କେହି ଛଳନା କରି ଦୂରେଇ ଯାଇପାରନ୍ତି।

**କନ୍ୟା**



ଯେଉଁ କାମ ହାତକୁ ନେଇଛନ୍ତି ସେଥିରେ କୃତକାର୍ଯ୍ୟ ହେବେ ଓ ଆଶାଜନକ ଫଳ ପାଇବେ। ସାହିତ୍ୟ, ସାମ୍ବାଦିକତା, ଗବେଷଣା, ଏଜେନ୍‌ସିପ୍ରୁ ଖୁସି ରହିବେ। ଅବହେଳାଜନିତ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇ ପାରେ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେବାର ଆଶଙ୍କା ରହିଛି।

**ତୁଳା**



ବନ୍ଧୁଙ୍କ ସହାୟତାରେ ସମସ୍ୟା ସମାଧାନ ହୋଇଯିବାର ମାର୍ଗ ଉନ୍ମୁକ୍ତ ହେବ। ପାରିବାରିକ ସ୍ତରରେ ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବେ। ସତର୍କତା ଅଭାବରୁ ସମସ୍ୟା ଭିତରୁ ଠେଲି ହୋଇପାରନ୍ତି।

**ବିଛା**



ଆକସ୍ମିକ ଭାବରେ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ପରିସ୍ଥିତିବଶତଃ ଦୁଇ ପଇସା ଜାଗାରେ ଛ’ପଇସା ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ଦୂର ଯାତ୍ରାରେ କାର୍ଯ୍ୟ ସିଦ୍ଧି ହେବ ଓ ଅଭିଳଷିତ ଜିନିଷ ପାଇବେ। ସାମାଜିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହେବ।

**ଧନୁ**



ଆଜି ଆପଣଙ୍କ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଠିକ୍ ଭୁଲ୍‌ର ବିଚାର ନ କରି କାମ କଲେ ନିଶ୍ଚିତ ଭାବରେ ପ୍ରତାରିତ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**ମକର**



କାମ କରିବାର ସ୍ପୃହା ଜାଗ୍ରତ ହେବ ଓ ମନୋବଳ କ୍ରମଶଃ ବୃଦ୍ଧି ପାଇବ। ପରିଶ୍ରମର ପାରିଶ୍ରମିକ ପାଇବେ, ଯାହା ଦ୍ୱାରା କି ମନ ଖୁସି ହୋଇଯିବ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମକରି ମଧ୍ୟ ନିନ୍ଦା ଶୁଣିପାରନ୍ତି।

**କୁମ୍ଭ**



ସ୍ୱାସ୍ଥ୍ୟ ପରୀକ୍ଷା କରିବାର ଆବଶ୍ୟକତାକୁ ନେଇ ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ। ଭ୍ରାତୃସମ୍ପର୍କରେ ଉନ୍ନତି ଘଟିବାରୁ ଖୁସି ରହିବେ। ସଭାସମିତିରେ ପ୍ରିୟକଥା କହି ସମସ୍ୟାକୁ ସୁଧାରି ନେବେ। ଆଗାମୀ ଆନୁଷ୍ଠାନିକ କାମ ସକାଶେ ଘର ସାଜସଜ୍ଜାରେ ମଜି ରହିପାରନ୍ତି।

**ମୀନ**



ଆଜିର କର୍ମକ୍ଷେତ୍ରରେ ଜଣେ ବିଜାତୀୟ ବ୍ୟକ୍ତି ଅସହଯୋଗ କରିପାରନ୍ତି। ଯେତେ ଭଲ କାମ କରନ୍ତୁନା କାହିଁକି ପରିବାରରେ ସମାଲୋଚିତ ହେବେ। ବାହାର ସ୍ଥାନରେ ମିତ୍ରତାର ବନ୍ଧନରେ ଆବଦ୍ଧ ହେବେ। ମାଲିମକଦ୍ଦମା ହେତୁ ଚିନ୍ତାଶୀଳ ହେବେ। ସନ୍ତାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିପାରନ୍ତି।

## ରାଜେଶ ବର୍ମା ରାଷ୍ଟ୍ରପତିଙ୍କ ସଚିବ ନିଯୁକ୍ତ

ଭୁବନେଶ୍ୱର,୧୮।୮(ବ୍ୟୁରୋ): କେନ୍ଦ୍ରୀୟ ଡେପୁଟେସନ୍‌ରେ ଥିବା ଓଡ଼ିଶା କ୍ୟାଡର ଆଇଏଏସ୍ ଅଫିସର ରାଜେଶ ବର୍ମାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଗୁରବାର ଏହି ନିଯୁକ୍ତିକୁ କେନ୍ଦ୍ର କ୍ୟାବିନେଟ୍ କମିଟି ଅନୁମୋଦନ କରିଛି। ବର୍ମା ଏବେ କେନ୍ଦ୍ର ସରକାରଙ୍କ କର୍ପୋରେଟ୍ ବ୍ୟାପାର ସଚିବ ଭାବେ ଦାୟିତ୍ୱ ତୁଲାଉଛନ୍ତି।

# ବିଜେଡି ପର୍ଯ୍ୟବେକ୍ଷକ ତାଲିକାରେ ପରିବର୍ତ୍ତନ

**■ ବାଦ୍ ପଡ଼ିଲେ ସୌମ୍ୟରଞ୍ଜନ**
**■ ସାମିଲ ହେଲେ ପ୍ରମିଳା, ପ୍ରତାପ**

ଭୁବନେଶ୍ୱର, ୧୮।୮(ବ୍ୟୁରୋ)

ଦୀର୍ଘଦିନ ଧରି ବିଜେଡି ସାଙ୍ଗଠନିକ ସ୍ତରରେ ଅଦଳବଦଳ ହେବ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ତେବେ ଏହି ଆଲୋଚନାର ଏକ ଝଲକ ଗୁରୁବାର ଦେଖିବାକୁ ମିଳିଛି। ବରିଷ୍ଠ ନେତାଙ୍କୁ ଏକାଧିକ ଜିଲାର ଦାୟିତ୍ୱ ପ୍ରଦାନ କରାଯାଇଥିବା ନେଇ ଏକ ତାଲିକା ପ୍ରକାଶ ପାଇଛି। ଏଥିରେ ବଡ ଧରଣର ପରିବର୍ତ୍ତନ କରାଯାଇଛି। ବିଜେଡି ୬ ଜଣ ବରିଷ୍ଠ ପର୍ଯ୍ୟବେକ୍ଷକଙ୍କୁ ୩୦ ଜିଲାର ଦାୟିତ୍ୱ ପ୍ରଦାନ କରିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ନୂଆ ନିଯୁକ୍ତି ଦେଇଥିବା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଗୁରୁବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ପାଇଁ ଜିଲାୱାରି ସଙ୍ଗଠନକୁ ଆହୁରି ମଜଭୁତ କରିବାକୁ ବିଜେଡି ପ୍ରସ୍ତୁତି ଆରମ୍ଭ କରିଛି। ଆଗକୁ ଆହୁରି ସାଙ୍ଗଠନିକ ସ୍ତରରେ ପରିବର୍ତ୍ତନ ହେବା ନେଇ ଦଳୀୟ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ପ୍ରକାଶ ପାଇଥିବା ତାଲିକାରୁ ୨ ଜଣଙ୍କୁ ବାଦ୍ ଦିଆଯାଇଛି। ସେମାନଙ୍କ ସ୍ଥାନରେ ନୂଆ କରି ୨ ଜଣଙ୍କୁ ଦାୟିତ୍ୱ ମିଳିଛି। ଦଳର ନବନିଯୁକ୍ତ ୬ ବରିଷ୍ଠ ପର୍ଯ୍ୟବେକ୍ଷକଙ୍କ ମଧ୍ୟରେ ନିରଞ୍ଜନ ପୂଜାରୀ, ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ, ଦେବୀପ୍ରସାଦ ମିଶ୍ର, ମହେଶ୍ୱର ମହାନ୍ତି ଏବଂ ପ୍ରତାପ ଜେନା ଅଛନ୍ତି। ତେବେ ବର୍ତ୍ତମାନ ବିଧାନସଭାର ବାଚସ୍ପତି ଥିବା ବିକ୍ରମ କେଶରୀ ଆରୁଖ ଏବଂ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଏହି ତାଲିକାରୁ ବାଦ୍ ପଡିଛନ୍ତି। ଆରୁଖ ବାଚସ୍ପତି ଥିବା ଯୋଗୁ ତାଙ୍କୁ ବାଦ୍ ଦିଆଯିବା ଠିକ୍ ଅଛି ବୋଲି ରାଜନୈତିକ ସମୀକ୍ଷକମାନେ କହୁଥିବା ବେଳେ ସୌମ୍ୟଙ୍କୁ କାହିଁକି ବାଦ୍ ଦିଆଗଲା ତାହା ବିଶେଷ ଆଲୋଚନାର ବିଷୟବସ୍ତୁ ପାଲଟିଛି। ତେବେ ନିରଞ୍ଜନ ପୂଜାରୀଙ୍କୁ ପୂର୍ବପରି ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର ଓ ବରଗଡ଼ ଦାୟିତ୍ୱ ମିଳିଥିବା ବେଳେ ପ୍ରସନ୍ନଙ୍କ ହାତରେ ପୂର୍ବରୁ ଥିବା କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଏବଂ ବାଲେଶ୍ୱର ଜିଲା ଦାୟିତ୍ୱ ରହିଛି। ଆରୁଖଙ୍କ ହାତରେ ଥିବା ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ ଗଜପତି ଜିଲା ଦାୟିତ୍ୱ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କୁ ଦିଆଯାଇଛି। ସେହିପରି ଦେବୀ ପ୍ରସାଦ ମିଶ୍ରଙ୍କୁ ପୂର୍ବପରି ଗଞ୍ଜାମ, ନୟାଗଡ଼, କନ୍ଧମାଳ, ଖୋର୍ଦ୍ଧା, ପୁରୀ ଏବଂ ବୌଦ୍ଧ ଜିଲା ଦାୟିତ୍ୱ ଦିଆଯାଇଥିବା ବେଳେ ମହେଶ୍ୱର ମହାନ୍ତିଙ୍କୁ ମୟୂରଭଞ୍ଜ ଓ କେନ୍ଦୁଝର ଜିଲା ପର୍ଯ୍ୟବେକ୍ଷକ ଭାବେ ପୁନଃ ନିଯୁକ୍ତି ମିଳିଛି। ପ୍ରତାପ ଜେନାଙ୍କୁ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ଦେବଗଡ଼, ଅନୁଗୋଳ ଏବଂ ଢେଙ୍କାନାଳ ଜିଲାର ବରିଷ୍ଠ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ମିଳିଛି। ପୂର୍ବରୁ ଏହି ଜିଲା ଦାୟିତ୍ୱରେ ବରିଷ୍ଠ ନେତା ସୌମ୍ୟରଞ୍ଜନ ଥିଲେ। ତେବେ ନିକଟରେ ପ୍ରତାପ ଜେନାଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦିଆଯାଇଥିବା ବେଳେ ତାଙ୍କୁ ବରିଷ୍ଠ ପର୍ଯ୍ୟବେକ୍ଷକ ତାଲିକାରେ ରଖି ଦଳ ଏକ ପ୍ରକାର ବୁଝାଇବାକୁ ଚେଷ୍ଟା କରିଥିବା ଆଲୋଚନା ଚାଲିଛି।

## ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମନୀତି ସମ୍ପନ୍ନ

ପୁରୀ ଅଫିସ, ୧୮।୮: ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଗୁରୁବାର ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟାଧୂପ ବେଶରେ ମହାପ୍ରଭୁ ୬ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲେ। ପରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ପୂଜାପଣ୍ଡା ପଞ୍ଚବର୍ଣ୍ଣ ମୁରୁଜରେ ଜନ୍ମ ଭଦ୍ରମଣ୍ଡଳ ଲେଖିଥିଲେ। ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଜନ୍ମ ଚକଡ଼ାରେ ବସି ସଂକଳ୍ପ କରିବା ପରେ ବରୁଣ ପୂଜା ହୋଇଥିଲା। ଚିତ୍ରକର ସେବକ ଦେଇଥିବା ଶ୍ରୀକୃଷ୍ଣ ଜନ୍ମପଟି ଓ ବଣିଆଙ୍କଠାରୁ ଆସିଥିବା ୯ ପାଖୁଡ଼ା ବିଶିଷ୍ଟ ରୁପାପଦ୍ମକୁ ପୂଜାପଣ୍ଡା ମଣ୍ଡଳ ଉପରେ ରଖିଥିଲେ। ପଦ୍ମ ପାଖୁଡ଼ାରେ ଦେବକୀ, ବସୁଦେବ, ନନ୍ଦ, ଯଶୋଦା, ଲକ୍ଷ୍ମୀ, ଉଗ୍ରସେନ୍, ବଳଭଦ୍ର, ଗାର୍ଗବ ଋଷି ଏବଂ କୃଷ୍ଣ ଲେଖା ଥିଲା। ଏକ ସୁନା କୃଷ୍ଣମୂର୍ତ୍ତି ମଣ୍ଡଳ ଉପରେ ରଖାଯାଇ ୯ଟି ପନ୍ତିଭୋଗ ବଢ଼ାଯାଇଥିଲା। ପଞ୍ଚ ଉପଚାର ପୂଜା ଓ ଭୋଗ ପରେ ଦକ୍ଷିଣୀ ଘରୁ ମଦନମୋହନଙ୍କୁ ଆଣି ସିଂହାସନ ଉପରେ ବିଜେ କରାଯାଇଥିଲା। ମୁଦିରସ୍ତ ମହାପ୍ରଭୁଙ୍କ ଧଣ୍ଡି ପ୍ରସାଦ ଆଜ୍ଞାମାଳ ଶ୍ରୀମଦନମୋହନଙ୍କୁ ଲାଗି କରାଇଥିଲେ। ମହାଜନ ସେବକମାନେ ଶ୍ରୀମଦନମୋହନଙ୍କୁ ଆଣି ଜନ୍ମଚକଡ଼ାରେ ବିଜେ କରାଇଥିଲେ। ପୂଜାପଣ୍ଡା ଗର୍ଭଉଦକ କର୍ମ କରି ଶୀତଳ ଭୋଗ ଷୋଡ଼ଶ ଉପଚାରରେ ମଣୋହୀ କରିଥିଲେ। ଦୁଇଜଣ ମହାଜନ ସେବକ ଦେବକୀ ଓ ବସୁଦେବ ବେଶ ହୋଇ ଜନ୍ମ ଚକଡ଼ାରେ ଶ୍ରୀକୃଷ୍ଣ ଜନ୍ମ ନୀତି ସମ୍ପାଦନ କରିଥିଲେ।

# ଫାଣ୍ଡି ଅଧିକାରୀ, ୪ କନଷ୍ଟେବଲ ନିଲମ୍ବିତ

**କାର୍ଯ୍ୟରେ ଅବହେଳା**

ମାଲକାନଗିରି/କୁଡୁମୁଲୁଗୁମ୍ମା, ୧୮।୮(ଡି.ଏନ.ଏ.)

କାର୍ଯ୍ୟରେ ଅବହେଳା ଯୋଗୁ ମାଲକାନଗିରି ଜିଲା ଓର୍କେଲ ଥାନା ଅଧୀନରେ ଥିବା କୁଡୁମୁଲୁଗୁମ୍ମା ଫାଣ୍ଡିର ଫାଣ୍ଡି ଅଧିକାରୀ କମଳ ଲୋଚନ ନାୟକ ଓ ୪ ଜଣ କନଷ୍ଟେବଲଙ୍କୁ ଗୁରୁବାର ନିଲମ୍ବିତ କରାଯାଇଛି। ଏ ସମ୍ପର୍କରେ ଓର୍କେଲ ଥାନା ଭାରପ୍ରାପ୍ତ ଅଧିକାରୀ ଜନ୍ ଖୁଜୁର୍ କହିଛନ୍ତି ଯେ, ସେ କୁଡୁମୁଲୁଗୁମ୍ମା ଆଉଟ୍ ପୋଷ୍ଟକୁ ଅନେକ ଥର ପରିଦର୍ଶନ ସମୟରେ ସେଠାରେ ଥିବା ଫାଣ୍ଡି ଅଧିକାରୀ ଓ କନଷ୍ଟେବଲମାନଙ୍କୁ କାର୍ଯ୍ୟରେ ଅବହେଳା କରୁଥିବା ଦେଖି ତାଗିଦ କରିଥିଲେ। ମାତ୍ର କର୍ମଚାରୀମାନେ ନ ସୁଧୁରିବାରୁ ଏନେଇ ମାଲକାନଗିରି ଏସ୍.ପି.ଙ୍କ ଦୃଷ୍ଟିକୁ ନେଇଥିଲେ। ଏହାକୁ ଭିତ୍ତି କରି ଏସ୍‌ପି ନିତିଶ୍ ୱାଧ୍ୱାନୀ କୁଡୁମୁଲୁଗୁମ୍ମା ଫାଣ୍ଡିର ସମସ୍ତ କର୍ମଚାରୀଙ୍କୁ ନିଲମ୍ବିତ କରିଥିବା ଜଣାପଡିଛି।

# ତ୍ରିରଙ୍ଗା ଉପରେ ଗେରୁଆ, ନୀଳ ଝଣ୍ଡା

ସମ୍ବଲପୁର,୧୮।୮(ବ୍ୟୁରୋ)

ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ସମଗ୍ର ଦେଶରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଉଛି। ଏପରି କି ତ୍ରିରଙ୍ଗା ଯାତ୍ରା, ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ କରାଯାଉଛି। ହେଲେ ତ୍ରିରଙ୍ଗାକୁ ଅସମ୍ମାନ କରାଯାଉଥିବା ଭଳି ଚିତ୍ର ସମାଜିକ ଗଣମାଧ୍ୟମରେ ପ୍ରଚାର ହେଉଥିବା ବେଳେ ସମ୍ବଲପୁରରେ ଏହାର ବାସ୍ତବତା ଦେଖିବାକୁ ମିଳିଛି। ଲକ୍ଷ୍ମୀଟକିଜ ଛକ ଟ୍ରାଫିକ ପୋଷ୍ଟରେ ଲାଗିଥିବା ତ୍ରିରଙ୍ଗା ଉପରେ ଗେରୁଆ ଓ ନୀଳ ଝଣ୍ଡା ଉଡୁଥିବା ଦେଖିବାକୁ ମିଳିଛି। ଟ୍ରାଫିକ ପୋଷ୍ଟରେ ଉପରେ ୫ରୁ ୬ ଗୋଟି ତ୍ରିରଙ୍ଗା ଲଗାଯାଇଛି। ହେଲେ ତ୍ରିରଙ୍ଗା ଉଚ୍ଚତାଠାରୁ ଆହୁରି ଉପରେ ଗେରୁଆ ଓ ଏକ ରାଜନୀତି ଦଳର ନୀଳ ରଙ୍ଗର ପତାକା ମଧ୍ୟ ରହିଛି। ଦେଖିବାକୁ ଗଲେ ତ୍ରିରଙ୍ଗା ଆମ ଦେଶର ଗୌରବ। ଏହାକୁ ସବୁଠାରୁ ଉଚ୍ଚରେ ଲଗାଯାଇ ସମ୍ମାନ ଦିଆଯାଇଥାଏ। କେବଳ ଉଚ୍ଚରେ ନୁହେଁ ତ୍ରିରଙ୍ଗାର ରଙ୍ଗ ଠିକ୍ ରହିବା, ଠିକ୍ ଭାବେ ଉତ୍ତୋଳନ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥାଏ। ହେଲେ ଲକ୍ଷ୍ମୀଟକିଜ ଛକରେ ଲଗାଯାଇଥିବା ତ୍ରିରଙ୍ଗାକୁ ସେଭଳି କରାଯାଇ ନାହିଁ। ଯଦି ପୂର୍ବରୁ ଗେରୁଆ ଓ ନୀଳ ରଙ୍ଗର ଝଣ୍ଡା ରହିଥିଲା ତ୍ରିରଙ୍ଗା ଲଗାଇବା ପୂର୍ବରୁ ତାହାକୁ ଖୋଲିଦେବା କଥା, ନ ହେଲେ ତ୍ରିରଙ୍ଗାକୁ ଉପରେ ଲଗାଯାଇଥିଲେ ଭଲ ହୋଇଥାନ୍ତା ବୋଲି ମତପ୍ରକାଶ ପାଉଛି।



ଲକ୍ଷ୍ମୀଟକିଜ୍ ଛକରେ ଲାଗିଥିବା ତ୍ରିରଙ୍ଗା ।

# ବର୍ଷାରେ ଭାଙ୍ଗିଲା ଘର, ୨ ପରିବାର ବେସାହାରା

କୋକସରା,୧୮।୮(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ କନ୍ଦାଗଡ଼ ଗ୍ରାମର କୁମୁଦ ମାଝି ଓ ଫୁଫଗାଁ ପଞ୍ଚାୟତ ଫୁଫଗାଁ ଗ୍ରାମର ବିଧବା ସୁଲୋଚନା ଜାଲଙ୍କ ମାଟିଘର ଲଘୁଚାପଜନିତ ଲଗାଣ ବର୍ଷାରେ ଭାଙ୍ଗି ଯାଇଛି। ଘର ଭାଙ୍ଗିବା ପରେ ଏହି ଦୁଇ ପରିବାର ବେସାହାରା ହୋଇ ପଡିଛନ୍ତି। କନ୍ଦାଗଡ଼ ଗ୍ରାମର କୁମୁଦଙ୍କ ମାଟି ଘର ସମ୍ପୂର୍ଣ୍ଣ ଭାବେ ଭୁଷୁଡି ପଡିଛି। ଏ ନେଇ ଆମପାଣି ନାଏବ ସରପଞ୍ଚ ଭବାନୀ ଶଙ୍କର ପୁରୋହିତ ଆମପାଣି ଆରଆଇଙ୍କୁ ଜଣାଇବା ପରେ ରିପୋର୍ଟ ସଂଗ୍ରହ କରିଛନ୍ତି। ସେହିପରି ଫୁଫଗାଁ ଗ୍ରାମର ବିଧବା ସୁଲୋଚନାଙ୍କ ଘର ଭାଙ୍ଗି ଯାଇଛି। ଘର ଭାଙ୍ଗିବା ପରେ ଏହି ଦୁଇ ପରିବାର ଅବସ୍ଥା ଅତି ଦୟନୀୟ ହୋଇପଡ଼ିଛି। ରାଜସ୍ୱ ବିଭାଗ ଅଧିକାରୀ ପହଞ୍ଚି ସହାୟତା ବାବଦରେ କେବଳ ପଲିଥିନ ଦେଇଥିବା ଜଣାପଡ଼ିଛି। ଘର ମରାମତି କରିବାକୁ ଆର୍ଥିକ ସମ୍ବଳ ନ ଥିବାରୁ ବ୍ଲକ ପ୍ରଶାସନ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ପୀଡିତ ପରିବାର ନିବେଦନ କରିଛନ୍ତି।

## ଗଛରେ ରଶି ଲଗାଇ ଯୁବତୀଙ୍କ ଆତ୍ମହତ୍ୟା

ଟେନ୍‌ସା, ୧୮।୮(ଡି.ଏନ୍.ଏ.) ସୁନ୍ଦରଗଡ଼ ଜିଲା କୋଇଡ଼ା ଥାନା ଅନ୍ତର୍ଗତ ସେଗାସାହି ଜଙ୍ଗଲରେ ଏକ ଗଛରୁ ଗୁରୁବାର ଜଣେ ଯୁବତୀ(୧୮)ଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ଯୁବତୀ ଜଣକ ଆତ୍ମହତ୍ୟା କରିଛନ୍ତି ବୋଲି ତାଙ୍କର ପରିବାର ଲୋକେ ଲିଖିତ ଭାବେ ଜଣାଇଛନ୍ତି। ପୋଲିସ ସୂଚନା ଅନୁଯାୟୀ ଶଗଡ଼ଭଙ୍ଗା ଗ୍ରାମର ଯୁବତୀ ଜଣକ ତାଙ୍କ ମାମୁ ପୁଅକୁ ଭଲ ପାଉଥିଲେ। ଦୁଇ ପରିବାର ସହମତିରେ ମାମୁ ପୁଅ ସହିତ ଯୁବତୀ ରବିବାର ନିକଟସ୍ଥ ସେଗାସାହି ଗ୍ରାମକୁ ଯାଇଥିଲେ। ସେଠାରେ କୌଣସି କାରଣ ନେଇ ଯୁବତୀ ରାଗି ପଳାଇ ଆସିଥିଲେ। ହେଲେ ଘରକୁ ନ ଆସି କେଉଁ ଆଡ଼େ ପଳାଇ ଯାଇଥିଲେ। ଉଭୟ ପରିବାର ଖୋଜାଖୋଜି କରିଥିଲେ ମଧ୍ୟ ସେ ଆଉ ମିଳି ନ ଥିଲେ। ଗୁରୁବାର ସେଗାସାହି ନିକଟସ୍ଥ ଜଙ୍ଗଲରେ ଯୁବତୀ ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଗ୍ରାମବାସୀ ଦେଖି କୋଇଡା ପୋଲିସକୁ ଖବର ଦେଇଥିଲେ। ଯୁବତୀଙ୍କ ବଡ଼ ଭଉଣୀଙ୍କ ଅଭିଯୋଗ କ୍ରମେ କୋଇଡା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୨) ରୁଜୁକରିଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କୋଇଡା ପଠାଯାଇଛି ବୋଲି କୋଇଡ଼ା ଥାନା ଅଧିକାରୀ ଲୋକେଶ୍ୱର ସାହୁ କହିଛନ୍ତି।

# ରୋଗଣା ମା'ଙ୍କୁ ନଦୀକୂଳରେ ଛାଡ଼ିଲେ ପୁଅ

ସୋନପୁର,୧୮।୮(ନି.ପ୍ର.)

ସମାଜରୁ କୁସଂସ୍କାର ଏବେ ବି ଦୂର ହୋଇନି। ରୋଗ ଭଲ ନ ହେଲେ ଗ୍ରାମାଞ୍ଚଳରେ ଜାତିଭାଇଙ୍କ ସାମାଜିକ ବାସନ୍ଦର ଭୟ ରହୁଛି। ଏଭଳି ବାସନ୍ଦ ଭୟରେ ଜଣେ ରୋଗଣା ବୃଦ୍ଧାଙ୍କୁ ମହାନଦୀ କୂଳ ଶ୍ମଶାନରେ ଏକୁଟିଆ ରହିବାକୁ ପଡ଼ିଥିଲା। ଘଟଣାଟି ପ୍ରଚାରିତ ହେବା ପରେ ସମ୍ପୃକ୍ତ ମହିଳାଙ୍କୁ ଏବେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମହଦା ଗ୍ରାମର ସ୍ୱର୍ଗତ ରାମ ସାହୁଙ୍କ ସ୍ତ୍ରୀ ଚଞ୍ଚଳା(୫୫)। ଚଞ୍ଚଳାଙ୍କର ଗୋଟିଏ ଝିଅ ଓ ପୁଅ। ମଧୁମେହ ରୋଗ କାରଣରୁ ଗତ ୪ବର୍ଷ ହେବ ଚଞ୍ଚଳାଙ୍କ ଦେହ ଭଲ ରହୁନି। ଅର୍ଥାଭାବ ଯୋଗୁ ଠିକ୍ ଭାବେ ଚିକିତ୍ସିତ ହୋଇ ପାରୁ ନ ଥିଲେ। ଏଭଳି ସମୟରେ ତାଙ୍କ ବାମଗୋଡ଼ରେ ୩ମାସ ତଳେ ଘା ହୋଇଥିଲା। ପରିବାର ଲୋକେ ଡାକ୍ତରଙ୍କୁ ଦେଖାଇ ଔଷଧ ଦେଇଥିଲେ। ତେବେ ମଧୁମେହ ନିୟନ୍ତ୍ରଣରେ ରହୁ ନ ଥିବାରୁ ଚଞ୍ଚଳାଙ୍କ ଘା ଶୁଖି ନ ଥିଲା। କିଛିଦିନ ହେବ ଗୋଡ଼ରେ ପୋକ ହୋଇଯାଇଥିଲା। ଜାତି ସମାଜର ଲୋକେ ନାକ ଟେକିଲେ। ବୈଠକ କରି ସମାଜରୁ ବାସନ୍ଦ କରିବାକୁ ଧମକ ଦେଲେ। ରୋଗ ଭଲ ହେଉ ନ ଥିବାରୁ ଚଞ୍ଚଳା ନିଷ୍ପତ୍ତି ନେଲେ ସେ ଗାଁଠୁ ଦୂରରେ ରହିବେ। ବୁଧବାର ପୂର୍ବାହ୍ନରେ ପୁଅ ବଶିଷ୍ଠ(୧୮)ଘରଠାରୁ ୨କିଲୋମିଟର ଦୂର ମହାନଦୀ କୂଳରେ ପଲିଥିନ ତାଙ୍କି ଏକ ଅସ୍ଥାୟୀ ଛାଉଣି ତିଆରି କଲେ। ଗ୍ରାମର କେତେକ ଲୋକଙ୍କ ସହାୟତାରେ ମା'ଙ୍କୁ ଖଟିଆରେ ନେଇ ସେଠାରେ ରଖିଲେ। ମହାନଦୀରେ ବନ୍ୟା ଆସିଥିବା ବେଳେ କୂଳରେ ନିଛାଟିଆ ସ୍ଥାନରେ ତାଙ୍କୁ ରଖାଯାଇଥିଲା। ଗାଁର କେତେକ ଲୋକ ଏହା ଜାଣିପାରି ବିନିକା ବିଡିଓ ହେମସାଗର ଭୋଇ ଓ ମହଦା ସରପଞ୍ଚ ଆନନ୍ଦିନୀ ଶତପଥୀଙ୍କୁ ଜଣାଇଥିଲେ। ବିଡିଓ ଓ ସରପଞ୍ଚଙ୍କ ହସ୍ତକ୍ଷେପ ପରେ ଚଞ୍ଚଳାଙ୍କୁ ରାତିରେ ନଦୀକୂଳରୁ ମହଦା ଅଣାଯାଇଥିଲା। ରାତି ୧୨ଟାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି। ଚଞ୍ଚଳାଙ୍କ କହିବାନୁସାରେ ରୋଗ ଭଲ ହେଉନି, ଡାକ୍ତର କହୁଛନ୍ତି ତୁମର କିଡ୍‌ନୀ ଖରାପ ହୋଇଯାଇଛି। ଅନ୍ୟ କିଛି ରୋଗ ମଧ୍ୟ ଅଛି। ଆମେ ଗରିବ ଲୋକ, ଟଙ୍କା କେଉଁଠୁ ପାଇବୁ ଚିକିତ୍ସାପାଇଁ। ତେଣୁ ପୁଅକୁ ସମାଜରୁ ବାସନ୍ଦ କରାଯିବା ଭୟରେ ଗାଁଠୁ ଦୂରରେ ରହିବାକୁ ନିଷ୍ପତ୍ତି ନେଇଥିଲି। ବିଡିଓ ଭୋଇ କୁହନ୍ତି, ଏହା ଦୁର୍ଭାଗ୍ୟଜନକ ଘଟଣା। ବର୍ତ୍ତମାନ ସମାଜରେ ଏପରି ହେବା କଥା ନୁହେଁ। ଜଣେ ବିଧବା ବୃଦ୍ଧାଙ୍କୁ ନଦୀକୂଳ ଶ୍ମଶାନ ଘାଟରେ ଏକୁଟିଆ ଛାଡିଦେବା ନିନ୍ଦନୀୟ। ସୂଚନା ପାଇବା ପରେ ସରପଞ୍ଚଙ୍କୁ କହି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବାର ବ୍ୟବସ୍ଥା କରିଛୁ। ସରକାରୀ ସହାୟତା ଯାହା ଯୋଗାଇ ହେବ ତାହା ନିଶ୍ଚିତ କରିବୁ। ସରପଞ୍ଚ ଆନନ୍ଦିନୀ ଶତପଥୀଙ୍କୁ ପଚାରିବାରୁ ଆମେ ଘଟଣା ସମ୍ପର୍କରେ ଜାଣି ନ ଥିଲୁ। ଜାଣିବା ପରେ ସହାୟତା ପୂର୍ବକ କିଛି ଅର୍ଥ ରାଶି ପ୍ରଦାନ କରି ତାଙ୍କୁ ଆମ୍ବୁଲାନ୍ସରେ ଡାକ୍ତରଖାନା ପଠାଇଛୁ। ଗାଁରେ ମହିଳାଙ୍କୁ ରହିବା ପାଇଁ କେହି ମନା କରିନାହାନ୍ତି। ଜାତି ଭାଇଙ୍କ ବାସନ୍ଦ ଭୟରେ ସେ ନଦୀକୂଳରେ ରହିବାକୁ ନିଷ୍ପତ୍ତି ନେଇଥିଲେ। ଆମେ ସମସ୍ତଙ୍କୁ ବୁଝାଇବା ସହ ସଚେତନ କରିବୁ ବୋଲି ସରପଞ୍ଚ କହିଛନ୍ତି।



ଚଞ୍ଚଳା ସାହୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

**■ ସାମାଜିକ ବାସନ୍ଦ ଭୟ**
**■ ବିଡିଓ, ସରପଞ୍ଚଙ୍କ ହସ୍ତକ୍ଷେପ ପରେ ଡାକ୍ତରଖାନାରେ ଭର୍ତ୍ତି ହେଲେ**

# ଝିଅକୁ ସାଙ୍ଗରେ ଆଣିବାକୁ ଯାଇ ମା' ହଟହଟା

**ଥାନାରେ ସମାଧାନ ପରେ ଖାଲି ହାତରେ ଫେରିଲେ**

ନୀଳଗିରି, ୧୮।୮(ସ୍ୱ.ପ୍ର)

ସ୍ୱାମୀଙ୍କ ପାଖରେ ରହୁଥିବା ବଡ଼ଝିଅକୁ ସାଙ୍ଗରେ ଆଣିବାକୁ ଉଦ୍ୟମ କରି ଜଣେ ମହିଳା, ତାଙ୍କ ବାପା, ଭଉଣୀ ଓ ଭାଇଙ୍କୁ ହଟହଟା ହେବାକୁ ପଡ଼ିଛି। ଝିଅକୁ ସାଙ୍ଗରେ ନେଇ ଯାଉଥିବା ସମ୍ପର୍କରେ ପରିବାର ଏବଂ ସମ୍ପର୍କୀୟ ଲୋକେ ଜାଣିପାରି ସେମାନଙ୍କୁ ଅଟକାଇବା ସହ ମାରପିଟ କରିଥିଲେ। ପରେ ନୀଳଗିରି ଥାନାରେ ଉଭୟପକ୍ଷ ଅଭିଯୋଗ କରିଥିଲେ। ଉଭୟଙ୍କ ମଧ୍ୟରେ ଆପୋଷ ସମାଧାନ ପରେ ମହିଳା ଜଣକ ଖାଲି ହାତରେ ଫେରିଥିଲେ। ୧୦ବର୍ଷ ପୂର୍ବେ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ମିତ୍ରପୁର ଅଞ୍ଚଳର ଭାଗବତ ରାଉତ ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳର ସୁସଙ୍ଗୀତା ମଙ୍ଗରାଜଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର ମାତ୍ର ୩ରୁ ୪ବର୍ଷ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ସୁସମ୍ପର୍କ ରହିଥିଲା। ସେମାନଙ୍କ ଦୁଇଟି କନ୍ୟା ଜନ୍ମ ହୋଇଥିଲେ। ପରେ ଉଭୟଙ୍କ ମଧ୍ୟରେ ମତାନ୍ତର ହେବା ପରେ ସୁସଙ୍ଗୀତା ସାନ ଝିଅ ସହ ବାପ ଘର ଖଣ୍ଡଗିରିରେ ରହୁଥିଲେ। ଭାଗବତଙ୍କ ପାଖରେ ବଡ଼ଝିଅ ରହୁଥିବାବେଳେ ସେ ଏବେ ୭ମ ଶ୍ରେଣୀରେ ପଢୁଛନ୍ତି। ହେଲେ ମା' ସୁସଙ୍ଗୀତା ବଡ଼ ଝିଅକୁ କିପରି ନିଜ ପାଖକୁ ଆଣିବେ ସେନେଇ ଶ୍ୱଶୁର ଘର ନିକଟ ଜଣେ ମଧ୍ୟସ୍ଥଙ୍କ ଯୋଗାଯୋଗରେ ରହୁଥିଲେ। ଗୁରୁବାର ଜନ୍ମାଷ୍ଟମୀ ଥିବାରୁ ସ୍କୁଲ ଛୁଟି ଥିଲା। ବଡ଼ ଝିଅ ସାଇକେଲ ଯୋଗେ ଟ୍ୟୁଶନ ଯାଉଥିବା ବେଳେ ଯୋଜନାବଦ୍ଧ ଭାବେ ସୁସଙ୍ଗୀତା ସମ୍ପର୍କୀୟଙ୍କ ସହ ଏକ କାର୍ ଯୋଗେ ମିତ୍ରପୁରରେ ପହଞ୍ଚିଥିଲେ। ମଧ୍ୟସ୍ଥ ଜଣକ ଝିଅକୁ ଆଣି ସୁସଙ୍ଗୀତାଙ୍କୁ ଦେଇଥିଲେ। ଝିଅକୁ ସାଙ୍ଗରେ ନେଇଯାଉଥିବା ସ୍ୱାମୀ ଭାଗବତ ଜାଣିବାକୁ ପାଇ ତୁରନ୍ତ ବନ୍ଧୁବାନ୍ଧବଙ୍କୁ ଧରି କଣ୍ଟାବଣିଆଠାରେ କାର୍ ଅଟକାଇ ଝିଅକୁ ଉଦ୍ଧାର କରିଥିଲେ। ଘଟଣା ପ୍ରଚାରିତ ହେବା ପରେ ଘଟଣାସ୍ଥଳ ଲୋକାରଣ୍ୟ ହୋଇପଡ଼ିଥିଲା। ଉପସ୍ଥିତ ଲୋକେ ସୁସଙ୍ଗୀତା, ତାଙ୍କ ବାପା ସୁବାସ ଚନ୍ଦ୍ର ଓ ଭଉଣୀ ଭାଇଙ୍କୁ ମାରପିଟ୍ କରିଥିବା ଦେଖିବାକୁ ମିଳିଥିଲା।

Baidyanath
100 years of caring
ଘରେ ଡାକ୍ତର
ସାଧାରଣ ଅସୁସ୍ଥତା ପାଇଁ ଆୟୁର୍ବେଦିକ ଚିକିତ୍ସା

| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍ |
| ଆନେମିଆ | ଧାତ୍ରୀ ଲୌହ, ହେମୋପ୍ଲସ୍ |
| ବୟସ ପ୍ରତିରୋଧୀ | କେସରୀ କଳ୍ପ, ରୟାଲ୍ ଚ୍ୟବନପ୍ରାସ |
| ଆର୍ଥରାଇଟିସ୍, ଗାଉଟ୍, ରୁମେଟିକ୍ ଯନ୍ତ୍ରଣା | ଆର୍ଥ ପ୍ଲସ୍, ଆର୍ଥ ଅଏଲ୍, ରୁମାର୍ଥୋ ଗୋଲ୍ଡ |
| ପେଟ ଯନ୍ତ୍ରଣା ଓ ପାଚନ ସମସ୍ୟା | ଚିତ୍ରକାଦି ବଟି |
| ବୃଦ୍ଧିପ୍ରାପ୍ତ ପୌରୁଷ ଗ୍ରନ୍ଥି | ପ୍ରୋସଗାର୍ଡ୍, ପ୍ରୋଷ୍ଟେଡ୍ |
| ଗ୍ୟାସ, ପେଟ ଫାମ୍ପିବା | ଗ୍ୟାସାନ୍ତକ ବଟି |
| ହୃତପିଣ୍ଡର ସମସ୍ୟା | ଗୁଡ୍ ହାର୍ଟ, କୋଲେଷ୍ଟ ଗାର୍ଡ୍ |
| ବଦହଜମି | ଏକ୍ସାକେଷ୍ଟ |
| କିଡନୀ ଷ୍ଟୋନ | ପଥରୀନା |
| ଲ୍ୟୁକେରିଆ | ଲ୍ୟୁକୋନିଲ୍ |
| ଯକୃତ ସମସ୍ୟା | ଲିଭ୍ ଗୁଡ୍, ଲିବରୋଲ୍ ଷ୍ଟ୍ରଙ୍ଗ |
| ଅନିୟମିତ ରକ୍ତସ୍ରାବ | ସୁନ୍ଦରୀ ସଖୀ, ବୈଦ୍ୟନାଥ ଅଶୋକାରିଷ୍ଟ |
| ମୂତ୍ରରୋଗ | ଚନ୍ଦ୍ରପ୍ରଭା ଟ୍ୟାବ୍, ଗୋକ୍ଷୁରାଦି ଗୁଗ୍‌ଲୁ ଟ୍ୟାବ୍ |

ଡାକ୍ତରଙ୍କ ପରାମର୍ଶ ପାଇଁ କଲ୍ କରନ୍ତୁ
JAIPUR: Ph: +91 9439088809 BERHAMPUR: Ph: +91 9861540324 CUTTACK: Ph: +91 9439486929
BHUBANESWAR: Ph: +91 8249945802 PURI: Ph: +91 9861068109 DHENKANAL: Ph: +91 8249703170
ANGUL: Ph: +91 9937734509 BALASORE: Ph: +91 9438725025 BARIPADA: Ph: +91 9437350156
KENDUJHAR: Ph: +91 6370698870 BHADRAK: Ph: +91 7978313169 ROURKELA: Ph: +91 7008870227
SAMBALPUR: Ph: +91 8763343900 / +91 9437681346 BOLANGIR: Ph: +91 7008384344

School of Pharmacy & Allied Health Sciences
Centurion University
Affiliated to Directorate of Medical Education & Training, Odisha
Recognised by Health & Family Welfare Department, Govt. of Odisha
SHANKARBHOJI, DURGAPALI CHOWK, BALANGIR
ADMISSION OPEN
D.M.L.T.
DIPLOMA IN MEDICAL LABORATORY TECHNOLOGY
2 Years Regular Course | Eligibility : +2 Science
Explore your Career in Medical Profession 9777374923 / 7008170970

SMILE JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
• White Phenyle
• Black Phenyle
• Green Phenyle
• Liquid detergent
• Detergent Powder
• Packaging Materials
• Hand Wash
• Dish Wash
• Toilet Cleaner
• Glass Cleaner
• Sanitizer
• Agarbati
Free Training on all products
Other Chemicals
• Bleaching Powder • Alum
• Castic Soda • Acetic Acid
• HCL Acid • Dolomite Powder
• Sulphuric Acid • French chalk powder
Plot No.843, Palasuni, Bhubaneswar-751010
Mob.No.-9938069796, 9861049796

ଓଡ଼ିଶା ଲୋକସେବା ଆୟୋଗ
କଟକ
ବିଜ୍ଞାପନ
No.7574/PSC, Dt.18.08.2022
No.D–ଏତଦ୍ୱାରା ସମସ୍ତଙ୍କୁ ସୂଚିତ କରାଯାଉଅଛି ଯେ ରାଜ୍ୟରେ ଉପୁଜିଥିବା ଜଟିଳ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଗାମୀ ତା ୨୧.୦୮.୨୦୨୨ (ରବିବାର) ରିଖରେ ନିର୍ଦ୍ଧାରିତ ଏ.ଏସ.ଓ. ଲିଖିତ ପରୀକ୍ଷାକୁ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଗଲା । ପରୀକ୍ଷାର ପରିବର୍ତ୍ତିତ କାର୍ଯ୍ୟସୂଚୀ ବିଜ୍ଞପ୍ତି ମାଧ୍ୟମରେ ଜଣାଇଦିଆଯିବ ।
କମିଶନଙ୍କ ଆଦେଶ ଅନୁଯାୟୀ
ସ୍ୱା./– ସଚିବ
OIPR-12002/11/0138/2223 ଓଡ଼ିଶା ଲୋକସେବା ଆୟୋଗ

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨
Email- paribesh1@ospcboard.org, Website- www.ospcboard.org
ନଂ. 14862/IND-I-CON (Misc)1263 ତା 17.08.2022
ବିଜ୍ଞପ୍ତି
No.CAD-1531:- ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ୩୯ତମ ପ୍ରତିଷ୍ଠା ଦିବସ (ତା।୧୪।୦୯।୨୦୨୨) ଅବସରରେ 'ପ୍ରଦୂଷଣ ନିୟନ୍ତ୍ରଣ (ପ୍ରଶଂସା ଏବଂ ଉତ୍କର୍ଷତା) ପୁରସ୍କାର, ୨୦୨୨' ବିତରଣ ପାଇଁ ଶିଳ୍ପାନୁଷ୍ଠାନ / ଖଣି / ସ୍ୱାସ୍ଥ୍ୟସେବା ଅନୁଷ୍ଠାନଗୁଡିକୁ ତା୧୫ ଅଗଷ୍ଟ ୨୦୨୨ ସୁଦ୍ଧା ଆବେଦନ କରିବା ପାଇଁ ଦୈନିକ ସମ୍ବାଦପତ୍ର ଧରିତ୍ରୀରେ ତା।୦୯।୦୭।୨୦୨୨ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା । ଏହି ଆବେଦନର ଶେଷ ତାରିଖକୁ ତା ୨୫।୦୮।୨୦୨୨ରିଖ ପର୍ଯ୍ୟନ୍ତ ପରିବର୍ତ୍ତନ କରାଯାଇଅଛି । ଆବେଦନ କରିବାର ଦରଖାସ୍ତ ଫର୍ମ (ନିଜସ୍ୱ ମୂଲ୍ୟାଙ୍କନ ଫର୍ମ) ଆମ୍ଭର ୱେବ୍‌ସାଇଟ୍ www.ospcboard.orgରେ ଉପଲବ୍ଧ ଅଛି । ଏହାଛଡା ଆମ୍ଭର ଆଞ୍ଚଳିକ କାର୍ଯ୍ୟାଳୟ ତଥା ମୁଖ୍ୟ କାର୍ଯ୍ୟାଳୟରୁ ଫର୍ମ ହସ୍ତଗତ ହୋଇପାରିବ । ନିର୍ଦ୍ଧାରିତ ଫର୍ମରେ ପୂରଣ ହୋଇଥିବା ଦରଖାସ୍ତଗୁଡିକ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କଠାରେ ୨୫ ଅଗଷ୍ଟ ୨୦୨୨ ସୁଦ୍ଧା ବୋର୍ଡର Email- cto17category@ospcboard.org ରେ ଦେବା ସହିତ ଏ ସମ୍ବନ୍ଧୀୟ ଦସ୍ତାବିଜ ମଧ୍ୟ ଦାଖଲ କରିବେ ।
OIPR-08012/11/0220/2223 ସ୍ୱା./- ସଦସ୍ୟ ସଚିବ

ଯଦି ତୁମେ ନିଜର ଦୋଷତ୍ରୁଟିକୁ ନିଜେ ଦେଖିପାରୁ ନାହଁ- ତା'ହେଲେ ଏହାକୁ ନିଜ ଭିତରେ କୌଣସି ନା କୌଣସି ନିଷ୍ଠାର ଅଭାବ ଥିବାର ସଂକେତ ବୋଲି ଜାଣିବ।...ଭୟ କର ନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷା କବଚ ଅଟେ। -ଶ୍ରୀମା



# ଶେଷ କେଉଁଠି



ବ୍ରହ୍ମ ଚେଲାନି

ଆମେରିକା ଲଜ୍ଜାଜନକ ଭାବେ ଆଫଗାନିସ୍ତାନ ଛାଡି ତାହାକୁ ତାଲିବାନ୍‌ଙ୍କ ହାତରେ ଟେକିଦେଲା। ଏହା ପରଠାରୁ ଆଫଗାନିସ୍ତାନ ନିମ୍ନଗାମୀ ହୋଇଛି । ସେଠାରେ ଏକ ମଧ୍ୟଯୁଗୀୟ ଶାସନ ଚାଲିଛି। ଜେହାଦୀ ଓ ସନ୍ତ୍ରାସବାଦୀଙ୍କ ଆଡ୍ଡାସ୍ଥଳୀ ପାଲଟିବ ବୋଲି ପର୍ଯ୍ୟବେକ୍ଷକମାନେ ଯାହା ଆକଳନ କରିଥିଲେ ତାହା ବି ସ୍ପଷ୍ଟ ହୋଇଛି। ଆମେରିକା ଏହାର ଆଫଗାନ ମେଣ୍ଟକୁ ଧୋକା ଦେଇଛି ଓ ଏଥିପାଇଁ ଆଗକୁ ଦୀର୍ଘସମୟ ଧରି ତା'ଭୁଲ୍‌ର ପରିଣାମ ଭୋଗିବାକୁ ପଡ଼ିବ। କିନ୍ତୁ ଆଫଗାନଙ୍କୁ ଯେଭଳି ବହୁମୂଲ୍ୟ ଦେବାକୁ ପଡ଼ିଲା ତାହା ଅନ୍ୟ କେହି ଦେଇପାରିବେ ନାହିଁ। ଜୋ ବାଇଡେନ୍ ରାଷ୍ଟ୍ରପତି ହେବା ପରେ ଆଫଗାନିସ୍ତାନରୁ ଆମେରିକା ଛାଡ଼ିବାର ନିଷ୍ପତ୍ତି ନେଇଥିଲେ । ଏଭଳି ଅପମାନଜନକ ପ୍ରତ୍ୟାବର୍ତ୍ତନ ଦ୍ୱାରା ତା'ର ଭୂରାଜନୈତିକ ଶକ୍ତି ପ୍ରଭାବିତ ହେବାରେ ଲାଗିଛି। ଏହା ବି ଆମେରିକାକୁ କମ୍ ଶକ୍ତିଶାଳୀ ଭାବେ ପ୍ରଦର୍ଶିତ କରିଛି। ଫଳରେ ସବୁଆଡେ ଇସ୍‌ଲାମ ସନ୍ତ୍ରାସବାଦକୁ ଅତ୍ୟଧିକ ପ୍ରୋତ୍ସାହନ ମିଳିବା ସହ ରୁଷିଆ ଓ ଚାଇନାର ସାହାସ ଏବଂ ଆତ୍ମବିଶ୍ୱାସ ବଢାଉଛି। ଏବେ କିନ୍ତୁ ଆଫଗାନିସ୍ତାନରେ ଅବସ୍ଥା ଶୋଚନୀୟ ହୋଇଛି। ମହିଳା ଏବଂ ଝିଅମାନେ ସେମାନଙ୍କ ନିଯୁକ୍ତି ଓ ଶିକ୍ଷା ସମ୍ପର୍କିତ ସବୁ ଅଧିକାର ହରାଇଛନ୍ତି। ଅନେକ ଝିଅ ବାଧ୍ୟବାଧକତାରେ ତାଲିବାନ୍ ଫାଇଟର୍‌ମାନଙ୍କୁ ବିବାହ କରି ଯୌନ ଦାସୀ ପାଲଟିଛନ୍ତି। ଆମେରିକା ସେନାକୁ ସହଯୋଗ କରିଥିବା ଲୋକମାନଙ୍କୁ ଚିହ୍ନଟ କରି ତାଲିବାନ୍ ସେନା ହତ୍ୟା କରୁଛନ୍ତି।

ଆଫଗାନିସ୍ତାନ ସରକାରଙ୍କ କ୍ୟାବିନେଟ୍‌ରେ ଅନ୍ତଃରାଷ୍ଟ୍ରୀୟ ସନ୍ତ୍ରାସବାଦୀ ଏବଂ ମୁଖ୍ୟ ନିଶାବେପାରୀମାନଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଛି। ହକ୍କାନି ନେଟୱର୍କର କଠୋର ନେତା ତଥା ଆଫ୍‌ଗାନିସ୍ତାନର ଆନ୍ତଃ ସୁରକ୍ଷା ଦାୟିତ୍ୱରେ ଥିବା ସିରାଜୁଦ୍ଦିନ ହକ୍କାନିଙ୍କୁ ଆମେରିକା ଅନ୍ତର୍ଜାତୀୟ ସନ୍ତ୍ରାସବାଦୀ ଭାବେ ନାମିତ କରିଛି ଓ ତାଙ୍କ ମୁଣ୍ଡ ପାଇଁ ୧୦ ମିଲିୟନ ଡଲାର ଘୋଷଣା କରିଛି। ନିଃସନ୍ଦେହ ଯେ, ତାଲିବାନ୍ ଜଣାଶୁଣା ସନ୍ତ୍ରାସବାଦୀଙ୍କୁ ତା'ଦେଶରେ ଆଶ୍ରୟ ଦେଇଆସୁଛି। ନିକଟରେ ବାଇଡେନ୍‌ଙ୍କ ନିର୍ଦ୍ଦେଶକ୍ରମେ ଅଲକାଏଦାର ନେତା ଅୟମାନ ଅଲ୍ ଜୱାହିରିଙ୍କୁ କେନ୍ଦ୍ର କାବୁଲରେ ହତ୍ୟା କଲା । ବର୍ଷେ ପୂର୍ବେ ଆମେରିକା ସୈନ୍ୟଙ୍କୁ ଆଫଗାନିସ୍ତାନ ଛାଡ଼ିବାକୁ ନିର୍ଦ୍ଦେଶ ଦେବାବେଳେ ବାଇଡେନ୍ ଦାବି କରିଥିଲେ ଯେ, ଅଲକାଏଦା ଶେଷ ହୋଇଯାଇଥିବାରୁ ଆଫଗାନିସ୍ତାନରେ ଆମେରିକାର ଆଉ କୌଣସି ସ୍ୱାର୍ଥ ନାହିଁ। କିନ୍ତୁ କିଛି ସପ୍ତାହ ପୂର୍ବରୁ ଜାତିସଂଘ ସୁରକ୍ଷା ପରିଷଦର ଏକ ରିପୋଟ ଦର୍ଶାଇଥିଲା ଯେ, ଅଲକାଏଦା ସନ୍ତ୍ରାସବାଦୀମାନେ ତାଲିବାନ୍ ସହଯୋଗୀଙ୍କ ସହ ମିଶି ଲଢ଼େଇ କରୁଥିଲେ।

ଆମେରିକା ଅବ୍ୟବସ୍ଥିତ ଭାବେ ଆଫଗାନିସ୍ତାନ ଛାଡି ଆସିବା ବେଳେ ସେଠାରେ ୭.୧ ବିଲିୟନ ଡଲାର ମୂଲ୍ୟର ଅସ୍ତ୍ରଶସ୍ତ୍ର ଛାଡ଼ିଆସିଥିଲା। ଏହା ଯୋଗୁ ଆଫଗାନିସ୍ତାନ ଓ ତା'ପଡ଼ୋଶୀମାନଙ୍କ ଉପରେ ବିପଦ ଘନୀଭୂତ ହେଉଛି। ନିକଟରେ ପେଣ୍ଟାଗନ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ସେହି ଅସ୍ତ୍ରଶସ୍ତ୍ରଗୁଡ଼ିକୁ ଫେରାଇ ଆଣିବା କିମ୍ବା ନଷ୍ଟ କରିବା ପାଇଁ ଆମେରିକାର କୌଣସି ଯୋଜନା ନହିଁ। ଏହା ବ୍ୟତୀତ ଉକ୍ତ ରିପୋର୍ଟ ଦର୍ଶାଇଛି ଯେ, ନଷ୍ଟ ହୋଇଯାଇଥିବା ଆଫ୍‌ଗାନ ବାୟୁସେନା ବିମାନକୁ ତାଲିବାନ ମରାମତି କରି ଏହାର କ୍ଷମତା ବଢ଼ାଇବା ସହ ସେଗୁଡ଼ିକୁ ଆକ୍ରମଣରେ ଲଗାଇବା ଲକ୍ଷ୍ୟରେ ରହିଛି। ସଂକ୍ଷେପରେ କହିବାକୁ ଗଲେ ଜେନେରାଲମାନଙ୍କୁ ଅଣଦେଖା କରି ସେପ୍ଟେମ୍ବର ୧୧ ଆକ୍ରମଣର ମାସେ ପୂର୍ବରୁ ଆଫଗାନିସ୍ତାନରୁ ଆମେରିକା ପ୍ରତ୍ୟାବର୍ତ୍ତନ କରିବାର ବାଇଡେନ୍‌ଙ୍କ ନିଷ୍ପତ୍ତି ଏକ ସୁରକ୍ଷା ଓ ମାନବୀୟ ସଙ୍କଟ ସୃଷ୍ଟି କରିଛି। ଆଫଗାନିସ୍ତାନରେ ବିଦେଶ ନୀତିରେ କରିଥିବା ମୂର୍ଖତାପୂର୍ଣ୍ଣ ଭୁଲ୍‌ର ପରିଣାମ କୌଣସି ପ୍ରକାରେ ଶେଷ ହେବ ନାହିଁ।



କାବୁଲ ପତନ ପରେ ଆମେରିକାର ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ ଘୋଷଣା କରିଥିଲେ ଯେ, ତାଲିବାନ୍ ନେତୃତ୍ୱାଧୀନ ସରକାରଙ୍କ ସହ ଆମେରିକାର ସମ୍ପର୍କ ଉପରେ ଭବିଷ୍ୟତରେ ବିଚାର କରାଯିବ। ସେ କହିଥିଲେ ଯେ,ମହିଳାମାନଙ୍କ ଅଧିକାର ବଳବତ୍ତର ରହିବା, ମାନବୀୟ ସହାୟତା ଯୋଗାଇ ଦେବା ଏବଂ ସନ୍ତ୍ରାସବାଦ ବିରୋଧୀ କାର୍ଯ୍ୟ ଆରମ୍ଭ କରିବା ସହ ଆଗକୁ ଆମେରିକାର ସ୍ୱାର୍ଥ ପାଇଁ ତାଲିବାନ ସରକାର ସାହାଯ୍ୟ କଲେ ଏହା କରାଯିବ । ଯଦିଓ ତାଲିବାନ ଏହି ତିନୋଟି ପ୍ରସଙ୍ଗରେ ବିଫଳ ହୋଇଛି, ତଥାପି ବାଇଡେନ୍ ପ୍ରଶାସନ ତାଲିବାନ ଶାସନ ଉପରେ ଥିବା ପ୍ରତିବନ୍ଧକଗୁଡ଼ିକୁ ଧୀରେ ଧୀରେ କୋହଳ କରୁଛନ୍ତି। ଜାତିସଂଘରେ ଆମେରିକା ନେତୃତ୍ୱରେ ଆଫଗାନିସ୍ତାନ ଉପରେ ଲଗାଯାଇଥିବା କଟକଣାଗୁଡ଼ିକୁ ମାନବୀୟ ଦୃଷ୍ଟିକୋଣରୁ ଛାଡ଼ କରିବାକୁ ଏକ ପ୍ରସ୍ତାବ ଆଣିଛି। ମାନବୀୟ ସହାୟତା ନିୟମକୁ ସୁଗମ କରିବା ଲକ୍ଷ୍ୟରେ ୟୁଏସ୍ ଟ୍ରେଜେରି ଡିପାର୍ଟମେଣ୍ଟସ୍ ଜେନେରାଲ ଲାଇସେନ୍ସ ଏବେ ତାଲିବାନ ଏବଂ ହକ୍କାନି ନେଟୱର୍କ ସହ ଜଡ଼ିତ ଆର୍ଥିକ କାରବାରକୁ ଅନୁମତି ଦେଇଛି। କେବଳ ଏତିକି ନୁହେଁ ଆଫଗାନ ସେଣ୍ଟ୍ରାଲ ବ୍ୟାଙ୍କରେ ଗଚ୍ଛିତ ୩.୫ ବିଲିୟନ ଡଲାର ରିଲିଜ କରିବାକୁ ନେଇ ଏବେ ଆମେରିକା ତାଲିବାନ ସହ ବୁଝାମଣା କରୁଛି। ଏହି ସମୟରେ କାବୁଲରେ ହକ୍କାନି ଓ ଅନ୍ୟ ଆଗୁଆ ସନ୍ତ୍ରାସବାଦୀଙ୍କ ଉପରେ ଆକ୍ରମଣ କରିବାକୁ ବି ମନା କରିଛି।

ତେବେ ଏହି ଘଟଣା ପରେ ଆମେରିକାର ୧୮ଟି ପ୍ରମୁଖ ଅଣ ନାଟୋ ମେଣ୍ଟ ମଧ୍ୟରେ ଥିବା ପାକିସ୍ତାନ ଅଲ ଜୱାହିରିଙ୍କୁ ହତ୍ୟା କରିଥିବା ଡ୍ରୋନ ପାଇଁ ତା ବାୟୁସୀମା ଖୋଲିବାକୁ ନେଇ ଆମେରିକା ଏବେ ପାକିସ୍ତାନକୁ କି ପୁରସ୍କାର ଦେବ? ଏହା ସତ୍ୟ ଯେ, ପାକିସ୍ତାନ ତାଲିବାନ୍‌କୁ ପାଳିପୋଷି ଶକ୍ତ କରି ଆଫଗାନିସ୍ତାନରେ ଆମେରିକାର ପରାଜୟ ପାଇଁ ଗୁପ୍ତରେ କାର୍ଯ୍ୟ କରିଥିଲା। କିନ୍ତୁ ଏବେ ଏକ ଋଣ ଖିଲାପୀ ଟାଳିବା ଲାଗି ଯଥାଶୀଘ୍ର ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିରୁ ଋଣ ନେବା ଲାଗି ଚାହୁଁଛି। ସେହିଭଳି ଆତଙ୍କବାଦୀଙ୍କୁ ଶରଣ ଦେବା, ଏକ ଦମନକାରୀ ଓ ହିଂସାତ୍ମକ ଦେଶ ଗଠନ କରୁଥିବା ସତ୍ତ୍ୱେ ଆଫଗାନିସ୍ତାନର କେନ୍ଦ୍ରୀୟ ବ୍ୟାଙ୍କରେ ଗଚ୍ଛିତ ରାଶି ତାଲିବାନଙ୍କୁ ଦେବା ଲାଗି ଆମେରିକା ତା' କାର୍ଯ୍ୟ ଜାରି ରଖିବ କି? ଆଫଗାନିସ୍ତାନରେ ଇସ୍‌ଲାମିକ୍ ଷ୍ଟେଟ ଖୋରାସାନ(ଆଇଏସ୍‌ଆଇଏସ୍-କେ)ପକ୍ଷରୁ ସବୁଠୁ ବଡ଼ ବିପଦ ରହିଛି ବୋଲି ନିର୍ଦ୍ଦିଷ୍ଟ ଭାବେ ଜୋର୍ ଦେଇ ବାଇଡେନ ପ୍ରଶାସନ ତାଲିବାନ ସହ ତା'ସମ୍ପର୍କକୁ ସୁରକ୍ଷିତ ରଖୁଛି। କିନ୍ତୁ ଆଇଏସ୍‌ଆଇଏସ୍- କେର ପ୍ରାୟତଃ କମ୍ ସଦସ୍ୟ ରହିଛନ୍ତି। ତା'ର କୌଣସି ଦେଶ କିମ୍ବା ଆଫଗାନ ମେଣ୍ଟଗୁଡ଼ିକ ଦ୍ୱାରା ପ୍ରାୟୋଜିତ ନୁହେଁ । ଏହା ମଧ୍ୟ କୌଣସି ଅଞ୍ଚଳକୁ ନିୟନ୍ତ୍ରଣରେ ରଖିନାହିଁ।

ବାଇଡେନ ପ୍ରଶାସନ ସ୍ପଷ୍ଟ ଭାବେ ତାଲିବାନ ସହ ଲାଭ ପାଇଁ ଏକ ପ୍ରକାର ନୈତିକତାହୀନ ବୁଝାମଣା ପାଇଁ ପ୍ରତିବଦ୍ଧ ଥିବା ଜଣାପଡୁଛି। ତେବେ ଏହାର ଶେଷ କେଉଁଠି? ତାଲିବାନଙ୍କ ରାଜନୈତିକ କ୍ଷମତା ଏବଂ ଇସଲାମିକ ବିଚାରଧାରା ଅନ୍ତର୍ଜାତୀୟ ଜେହାଦୀ ଅଭିଯାନରେ ସେମାନଙ୍କ ସମ୍ପୃକ୍ତିକୁ ଜଟିଳ ରୂପ ଦେଉଛି। ଆଫଗାନିସ୍ତାନ ଅନ୍ତଃରାଷ୍ଟ୍ରୀୟ ସନ୍ତ୍ରାସବାଦ, ନିଶା ଚୋରାଚାଲାଣର ଚରାଭୂଇଁ ପାଲଟିଛି ଏବଂ ଗଣପଳାୟନ ଏହା ପାଇଁ ବିପଦ ସୃଷ୍ଟିକରୁଛି। ଏଣୁ ତା' ସହ ସମ୍ପର୍କ କେବେ ବି ନ୍ୟାୟସଙ୍ଗତ ନୁହେଁ। ଆଫଗାନିସ୍ତାନ ଛାଡ଼ି ଚାଲିଆସି ବାଇଡେନ୍ ପ୍ରଶାସନ ବିଶ୍ୱସାରା ରହିଥିବା ଇସ୍‌ଲାମିକ ସନ୍ତ୍ରାସବାଦୀଙ୍କ ହାତରେ ସେମାନଙ୍କର ବୃହତ୍ ବିଜୟକୁ ଟେକିଦେଇ ଆସିଲା। କିନ୍ତୁ ଆଫଗାନିସ୍ତାନରେ ଯୁଦ୍ଧ ଶେଷ ହୋଇନାହିଁ। ତାଲିବାନ୍ ନେତା ମୁଲ୍ଲା ହବିବୁଲ୍ଲା ଅଖୁନ୍ଦଜାଦ ନିକଟରେ ଘୋଷଣା କରିଥିଲେ ଯେ, ଏହି ଯୁଦ୍ଧ କେବେ ବି ଶେଷ ହେବ ନାହିଁ, ଏହା ସଂସାରର ଶେଷ ଦିନ ଯାଏ ଚାଲୁରହିବ।

**ପ୍ରଫେସର, ଷ୍ଟ୍ରାଟେଜିକ ଷ୍ଟଡିଜ୍**
**ସେଣ୍ଟର ଫର୍ ପଲିସି ରିସର୍ଚ୍ଚ ( ନୂଆଦିଲ୍ଲୀ)**

## ଏଇ ଭାରତରେ

ଶିକ୍ଷକତା ଛାଡ଼ି ବର୍ଷକୁ ଗୋପାଳନ ଓ ଜୈବିକ ଚାଷରୁ ୭୦ ଲକ୍ଷ ଟଙ୍କା ରୋଜଗାର କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି ଉତ୍ତରପ୍ରଦେଶର ଶିକ୍ଷୟିତ୍ରୀ ମିଳନ ଶର୍ମା। ଫରିଦାବାଦରରେ ରହନ୍ତି ମିଳନ। ସେ ପ୍ରଥମେ ଆମିଟି ଇଣ୍ଟରନ୍ୟାଶନାଲ ସ୍କୁଲରେ ଜର୍ମାନୀ ଭାଷାର ଶିକ୍ଷୟିତ୍ରୀ ଥିଲେ। ୨୦୧୭ରେ ଏହାକୁ ଛାଡ଼ି ସେ ତାଙ୍କ ସ୍ୱାମୀ ଚେତନ ଶର୍ମାଙ୍କ ସହ ମିଶି 'ରେଭ୍‌ନାର ଫାର୍ମ' ପ୍ରତିଷ୍ଠା କରିଛନ୍ତି। ୫୦ଟି ଗାଈ ଓ ୭୦ ବାଛୁରୀ ରଖିଛନ୍ତି ଫାର୍ମରେ। କେବଳ ଗୋପାଳନ ନୁହେଁ, ମିଳନ ମଧ୍ୟ ଜୈବିକ ଚାଷ କରୁଛନ୍ତି। ୨୧ ଏକର ଜମିରେ ଶସ୍ୟ, ଡାଲି ଚାଷ କରୁଛନ୍ତି। ଏହାକୁ ସେ ସିଧାସଳଖ କିମ୍ବା ତାଙ୍କ ୱେବ୍‌ସାଇଟରେ ବଜାରରେ ବିକ୍ରି କରୁଛନ୍ତି। ମିଳନ ଜୈବିକ ଖତ ବି ପ୍ରସ୍ତୁତ କରି ଚାଷରେ ବ୍ୟବହାର କରୁଛନ୍ତି। ଗୋ ମୂତ୍ର, ରସୁଣ, ଲଙ୍କା ଆଦିକୁ ନେଇ କୀଟନାଶକ ତିଆରି କରି ତାହାକୁ ପ୍ରୟୋଗ କରୁଚନ୍ତି। ସବୁଠୁ ବଡ଼ କଥା ହେଉଛି ଫାର୍ମରେ ସବୁ କିଛି କାର୍ଯ୍ୟ ସୌରଶକ୍ତି ଦ୍ୱାରା ହେଉଛି। ଏଥିପାଇଁ ମିଳନ ୮ କିଲୋୱାଟ୍ ଗ୍ରୀଡ୍ ସୋଲାର ସିଷ୍ଟମ୍ ଲଗାଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ
DHARITRI

୧୯ ଅଗଷ୍ଟ ୧୯୯୭

- ଉତ୍ତର ତାଇୱାନରେ ପ୍ରବଳ ସାମୁଦ୍ରିକ ଝଡ଼ ପ୍ରବାହିତ ହେବା ଫଳରେ ମାଟି ଅତଡ଼ା ଖସି ୧୮ ମୃତ।
- ବାଂଲାଦେଶର ଏକ ବନ୍ଦରରେ ନଙ୍ଗର ପକାଇଥିବା ଏକ ମାଲବାହୀ ଜାହାଜରେ ହଠାତ୍ ନିଆଁ ଲାଗିଯିବାରୁ ଏଥିରେ ଥିବା ୧୦ ନିୟୁତ ଡଲାର ମୂଲ୍ୟର ଚାଉଳ ପୋଡ଼ି ପାଉଁଶ ହୋଇଯାଇଛି।
- ଆଫଗାନିସ୍ତାନର ମୌଳବାଦୀ ତାଲିବାନ ଗୋଷ୍ଠୀ ପକ୍ଷରୁ ଦେଶର କ୍ରୀଡ଼ାବିତ୍ ଏବଂ କ୍ରୀଡ଼ା ପ୍ରତିଯୋଗିତାର ବିଜୟ ସମାରୋହରେ ହୋହଲ୍ଲା କରିବା ଉପରେ କଟକଣା ଜାରି।
- ଭାରତୀୟ ନୌବାହିନୀ ପକ୍ଷରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଯୁଦ୍ଧ ତରୀ ଆଇଏନ୍‌ଏସ୍ କୁଲିଶର ଉଦ୍‌ଘାଟନ।

## su | do | ku — ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 7 | 8 | 3 | | |
| | | | | | | | | |
| 3 | | | | 9 | | 7 | 1 | 5 |
| | | | | | | | 4 | |
| 9 | | 6 | 4 | | 5 | | 8 | |
| 7 | 2 | | | | | | | |
| | 3 | | | | 6 | | | 1 |
| | 8 | | | 1 | 2 | | 5 | |
| | | | 9 | | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 9 | 5 | 6 | 8 | 3 | 7 | 1 |
| 5 | 3 | 6 | 7 | 4 | 1 | 9 | 8 | 2 |
| 7 | 8 | 1 | 3 | 9 | 2 | 6 | 5 | 4 |
| 9 | 7 | 8 | 1 | 5 | 6 | 2 | 4 | 3 |
| 2 | 5 | 4 | 8 | 3 | 9 | 7 | 1 | 6 |
| 1 | 6 | 3 | 2 | 7 | 4 | 5 | 9 | 8 |
| 6 | 1 | 7 | 9 | 8 | 3 | 4 | 2 | 5 |
| 8 | 4 | 5 | 6 | 2 | 7 | 1 | 3 | 9 |
| 3 | 9 | 2 | 4 | 1 | 5 | 8 | 6 | 7 |

ଗତକାଲିର ଉତ୍ତର

# କାହାପାଇଁ ଅମୃତ ବେଳା



ଡ. ସନ୍ତୋଷ କୁମାର ମହାପାତ୍ର

ଗତ ଅଗଷ୍ଟ ୧୫ରେ ୭୬ତମ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ଅମୃତବେଳା କଥା କହିଛନ୍ତି। ଗତବର୍ଷ ମଧ୍ୟ ସ୍ୱାଧୀନତା ଦିବସରେ କହିଥିଲେ। ଚଳିତ ବଜେଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଧ୍ୟ ଏହି କଥା ଦୋହରାଇ ଥିଲେ। ଅମୃତବେଳା କହିଲେ ଶୁଭ ମୁହୂର୍ତ୍ତ। କିନ୍ତୁ ବର୍ତ୍ତମାନ କି ପ୍ରକାର ଶୁଭ ମୁହୂର୍ତ୍ତ ଓ କାହାପାଇଁ ଆସିଛି? ଆମ ମନରେ ସ୍ୱତଃ ପ୍ରଶ୍ନ ଉଠେ କୋଟି କୋଟି ଗରିବ, ବାସହୀନ, କ୍ଷୁଧିତ, ଭିକାରି, ବେକାରି, ଅର୍ଥାଭାବରୁ ଶିକ୍ଷା, ସ୍ୱାସ୍ଥ୍ୟ ତଥା ମୌଳିକ ସେବାରୁ ବଞ୍ଚିତ ଲୋକମାନେ; ଦୁରାରୋଗ୍ୟ ବ୍ୟାଧିରେ ଛଟପଟ ହୋଇ ମୃତ୍ୟୁକୁ ଅପେକ୍ଷା କରିରହିଥିବା ରୋଗୀମାନେ; ବାର୍ଦ୍ଧକ୍ୟ ଅବସ୍ଥାରେ ପିଲାଙ୍କ ଦ୍ୱାରା ଉପେକ୍ଷିତ ହୋଇ ଗଭୀର ମାନସିକ ଯନ୍ତ୍ରଣାରେ ଛଟପଟ ହେଉଥିବା ବୃଦ୍ଧା, ବୃଦ୍ଧମାନେ; ବଳାତ୍କାରର ଶିକାର ହୋଇଥିବା ବା ଯୌତୁକ ନିର୍ଯାତନାରେ ଝଟପଟ ହେଉଥିବା ମହିଳାମାନେ, ମହାମାରୀରେ ଅନେକ କିଛି ହରାଇଥିବା ପରିବାର ଓ ସର୍ବଦା ଅସୁରକ୍ଷିତ ମଣୁଥିବା ଲୋକମାନଙ୍କ ପାଇଁ କି ପ୍ରକାର ଅମୃତ ବେଳା ଆସିଛି। ଏକଥା ସରକାର କ'ଣ କେବେ ଚିନ୍ତା କରିଛନ୍ତି? ପେଟ ପୋଡ଼ିଗଲେ ସବୁ ଅନ୍ଧାର। ମଣିଷ ଖୁସିରେ ରହିଲେ ସିନା ମହୋତ୍ସବ ପାଳନ କରେ କିନ୍ତୁ ଦୁଃଖରେ ରହିଲେ କ'ଣ ପାଳନ କରିପାରିବ?

ଦୁଃଖର ବିଷୟ ହେଉଛି ସରକାର ସ୍ୱାଧୀନତା ଦିବସ ପାଳନର ମୌଳିକ ଲକ୍ଷ୍ୟରୁ ଦୂରେଇ ଯାଉଛନ୍ତି। କେବଳ ପ୍ରଚାରରେ ବ୍ୟସ୍ତ ରହୁଛନ୍ତି ବରଂ ସ୍ୱାଧୀନତା ସହିତ ଲୋକଙ୍କର ଯେଉଁ ଭାବାବେଗ ଜଡିତ ରହିଛି ସେଥିରୁ ରାଜନୈତିକ ଫାଇଦା ନେବାପାଇଁ ଏହିପରି ମନଭୁଲାଣିଆ କଥା କହୁଛନ୍ତି। ପ୍ରଚାର ମାଧ୍ୟମରେ ଲୋକଙ୍କୁ ଭ୍ରମିତ କରି ନିଜ ବିଫଳତା ଲୁଚାଇବା ପାଇଁ ସରକାର ଚେଷ୍ଟା କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ ବିଶ୍ୱର ସର୍ବାଧିକ ଭୋକିଲା, ଗରିବ, ବାସହୀନ ଓ ଆଧୁନିକ କ୍ରୀତଦାସ ଭାରତରେ ଅଛନ୍ତି । ବିଶ୍ୱରେ ପ୍ରାୟ ୧୩୦ କୋଟି ଜନତା ବହୁମୁଖୀ ଦାରିଦ୍ର୍ୟ ଦ୍ୱାରା କବଳିତ ହୋଇଥିଲାବେଳେ, ଭାରତରେ ସେମାନଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୨୭.୯ ପ୍ରତିଶତ। ନୀତିଆୟୋଗ ଅନୁସାରେ ଏହା ୨୫.୧ପ୍ରତିଶତ। ବିଶ୍ୱର କ୍ଷୁଧା ସୂଚକାଙ୍କରେ ୧୧୬ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୦୧, ଅର୍ଥାତ୍ ୧୦୦ଟି ଦେଶ ପଛରେ। କ୍ଷୁଧା ସ୍ତର ସାଙ୍ଘାତିକ। ପୁନଶ୍ଚ ସୁଷମ ଖାଦ୍ୟ ପାଇବାକୁ ଅସମର୍ଥ ଭାରତୀୟଙ୍କ ସଂଖ୍ୟା ବୃଦ୍ଧି ପାଉଛି। ୨୦୧୯ରେ ୬୯.୪ପ୍ରତିଶତ ବା ୯୪.୮୬ କୋଟି ଭାରତୀୟ ସୁଷମ ଖାଦ୍ୟ ପାଇବାକୁ ଅସମର୍ଥ ଥିଲାବେଳେ ସେମାନଙ୍କ ସଂଖ୍ୟା ୨୦୨୦ରେ ୭୦.୫ପ୍ରତିଶତ ବା ୯୭.୩୩ କୋଟିକୁ ବୃଦ୍ଧି ପାଇଛି। ଭୋକିଲା ଲୋକଙ୍କ ସଂଖ୍ୟା ୨୦୧୯-୨୦ରେ ୨୨.୪ କୋଟିରେ ପହଞ୍ଚିଛି। ୨୦୧୧ଜନଗଣନା ଅନୁଯାୟୀ ଭାରତରେ ପ୍ରାୟ ୧.୭୭ ନିୟୁତ ବାସହୀନ ଅଛନ୍ତି, ସେଥିମଧ୍ୟରୁ ପ୍ରାୟ ୫୨ପ୍ରତିଶତ ଦେଶର ସହରାଞ୍ଚଳରେ ବାସ କରନ୍ତି। ଭାରତରେ ବିଶ୍ୱରେ ସର୍ବାଧିକ ଆଧୁନିକ କ୍ରୀତଦାସ ଅଛନ୍ତି, ଯାହାର ସଂଖ୍ୟା ୧.୪ କୋଟିରୁ ୧.୮ କୋଟି ହେବ। ନେଦରଲାଣ୍ଡର ଜନସଂଖ୍ୟା ଅପେକ୍ଷା ଭାରତରେ ଆଧୁନିକ କ୍ରୀତଦାସ ଅଧିକ।



ବାସ୍ତବରେ ଧନୀ, କର୍ପୋରେଟ ଓ କ୍ଷମତାଶାଳୀଙ୍କ ପାଇଁ ଅମୃତ ବେଳା ଆସିଛି ଏବଂ ଦେଶ ସ୍ୱାଧୀନତାର ମୁଖ୍ୟ ଲକ୍ଷ୍ୟଠାରୁ ଦେଶ ଦୂରେଇ ଯାଉଛି । କୌଣସି ରାଷ୍ଟ୍ର ବା ଦେଶ କେବଳ କିଛି ନିର୍ଦ୍ଦିଷ୍ଟ ଶ୍ରେଣୀର କଥା ଚିନ୍ତା କରେନା ବରଂ ସବୁ ଶ୍ରେଣୀର ଜନତାଙ୍କ ହିତ ଚିନ୍ତାକରିବା ଉଚିତ। ଜାତିର ଜନକ ମହାତ୍ମା ଗାନ୍ଧୀ ଥରେ କହିଥିଲେ, ଜଣେ କୌଣସି ସିଦ୍ଧାନ୍ତ ବା ପଦକ୍ଷେପ ନେବା ପୂର୍ବରୁ ତାହାଦ୍ୱାରା ସମାଜର ସବୁଠାରୁ ଦୁର୍ବଳ ଶ୍ରେଣୀର ଲୋକଙ୍କର କେତେ ଉପକାର ହେବ ତାହା ଭାବିବା ଉଚିତ । କିନ୍ତୁ ସରକାର ମୁହଁରେ ଗରିବ, ଅବହେଳିତ କଥା କହିଲା ବେଳେ, କାର୍ଯ୍ୟରେ ଧନୀ, ପୁଞ୍ଜିପତି, ଶିଳ୍ପପତିଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଛନ୍ତି। ଏପରିକି ଧନିକ ଶ୍ରେଣୀ, ଶିଳ୍ପପତି ସରକାରଙ୍କ ବିଭିନ୍ନ ସିଦ୍ଧାନ୍ତରେ ହସ୍ତକ୍ଷେପ କରି ନିଜ ସପକ୍ଷରେ ଆଇନ ପ୍ରଣୟନ କରିବାରେ ସକ୍ଷମ ହେଉଛନ୍ତି। ଧନୀ ଓ ଗରିବ ମଧ୍ୟରେ ବୈଷମ୍ୟ ବୃଦ୍ଧିପାଇଲା ବେଳେ ଗରିବର ସ୍ୱର ଆହୁରି କ୍ଷୀଣ, ନିଷ୍ପ୍ରଭ ହେଉଛି।

ଅକ୍ସଫାମ୍ ରିପୋର୍ଟ ୨୦୨୨ ଅନୁଯାୟୀ, କୋଭିଡ୍ -୧୯ ସଙ୍କଟ ସମୟରେ ଯେତେବେଳେ ଶବଦାହ ପାଇଁ ଲୋକେ ଧାଡ଼ି ବାନ୍ଧିଥିଲେ, ଶ୍ମଶାନ ଧୂଆଁ ଆକାଶକୁ ଆଚ୍ଛାଦିତ କରିଥିଲା, ୮୪ପ୍ରତିଶତ ପରିବାରଙ୍କ ଆୟ ହ୍ରାସ ପାଇଥିଲା ଏବଂ ୪.୬ କୋଟି ଲୋକ ଦାରିଦ୍ର୍ୟର ଗହ୍ୱରକୁ ଠେଲି ହୋଇଯାଇଥିଲେ, ସେତେବେଳେ ଭାରତରେ ବିଲିୟନେୟାରଙ୍କ ସଂଖ୍ୟା ୪୦ ବୃଦ୍ଧିପାଇ ୧୪୨ରେ ପହଞ୍ଚିଛି ଏବଂ ସେମାନଙ୍କ ସମ୍ପଦ ୨୩. ୧୪ ଲକ୍ଷ କୋଟି ଟଙ୍କାରୁ ଦୁଇଗୁଣିତ ହୋଇ ୫୩. ୧୪ ଲକ୍ଷ କୋଟି ଟଙ୍କା ବା ୭୧୯ ବିଲିୟନ ଡଲାରରୁ ଅଧିକ ହୋଇଥିଲା, ଯାହା ଦେଶର ୪୦ପ୍ରତିଶତ ଜନତାଙ୍କ ସମ୍ପଦଠାରୁ ଅଧିକ। କ୍ରେଡିଟ୍ ସୁଇସର ୧୨ତମ ସମ୍ପଦ ରିପୋର୍ଟ ଅନୁସାରେ ଦେଶର ୧ପ୍ରତିଶତ ଧନିକ ଶ୍ରେଣୀଙ୍କ ହାତରେ ଦେଶର ମୋଟ ସମ୍ପଦର ୩୩ ପ୍ରତିଶତ ଥିବା ବେଳେ ୧୦ ପ୍ରତିଶତଙ୍କ ହାତରେ ଦେଶର ମୋଟ ସମ୍ପଦର ୬୪.୬ ପ୍ରତିଶତ ଥିବା ଜଣାପଡ଼ିଛି। ଅନ୍ୟପଟେ ଦେଶର ଅର୍ଦ୍ଧେକ ବ୍ୟକ୍ତିଙ୍କ ହାତରେ ମୋଟ ଜାତୀୟ ସମ୍ପଦର ମାତ୍ର ୫.୯ପ୍ରତିଶତ ରହିଥିବା ଜଣାପଡ଼ିଛି।

ଏସବୁ ସମ୍ଭବ କାରଣ ହେଲା ଧନିକ ଶ୍ରେଣୀଙ୍କ ସ୍ୱାର୍ଥ କିପରି ସାଧନ ହେବ ସେହି ଅନୁସାରେ ଦେଶର ଓ ବିଶ୍ୱର ଆର୍ଥିକ ବ୍ୟବସ୍ଥା ହୋଇଛି ଏବଂ ନୀତି କାର୍ଯ୍ୟକାରୀ କରାଯାଉଛି। ଧନିକ ଶ୍ରେଣୀ ତାଙ୍କର କଳାଟଙ୍କା ବିଦେଶରେ ଟିକସ ଭୂସ୍ୱର୍ଗରେ ରଖି ଟିକସ ଫାଙ୍କୁଛନ୍ତି। ବ୍ୟାଙ୍କ ଜାଲିଆତି, ଋଣ ରାଇଟ ଅଫ, ଟିକସ ରିହାତି ମାଧ୍ୟମରେ କୋଟି କୋଟି ଟଙ୍କା ହରିଲୁଟ କରି ନିଜ ସମ୍ପଦରେ ଯୋଗ କରୁଛନ୍ତି। ସୁଧ ହାର ହ୍ରାସ, କର୍ପୋରେଟ ଟିକସ ହାର ହ୍ରାସ ବା ଅତ୍ୟଧିକ କମ୍ ରହିବା ଯୋଗୁ ସେମାନେ ସମ୍ପଦ ଠୁଳ କରି ଚାଲିଛନ୍ତି। ୨୦୨୧-୨୨ରେ ଭାରତରେ କର୍ପୋରେଟମାନଙ୍କ ଲାଭ ବୃଦ୍ଧିପାଇ ଜିଡିପିର ୪.୩ପ୍ରତିଶତ ହୋଇଛି, ଯାହା ଗତ ୧୧ ବର୍ଷରେ ସର୍ବାଧିକ। ଅପରପକ୍ଷରେ ଗରିବଙ୍କୁ ବାଧୁଥିବା ଖାଦ୍ୟସାମଗ୍ରୀ, ବୀମା ପ୍ରିମିୟମ, ତୈଳ ଦ୍ରବ୍ୟ ଉପରେ ଅହେତୁକ ଟିକସ ଧାର୍ଯ୍ୟ କରୁଛନ୍ତି। ଦରଦାମ ଆଜି ନିୟନ୍ତ୍ରଣ ବାହାରେ। ପୁନଶ୍ଚ ପ୍ରଧାନମନ୍ତ୍ରୀ ଯେତେବେଳେ ନାରୀଶକ୍ତି କଥା କହୁଛନ୍ତି, ସେତେବେଳେ ଗଣବଳାତ୍କାର ଓ ହତ୍ୟା ଦୋଷରେ ଅଭିଯୁକ୍ତ ୧୧ ଜଣଙ୍କୁ ଗୁଜରାଟ ସରକାର ମୁକ୍ତ କରିଦେଇଛନ୍ତି। ଅର୍ଥାତ୍ ଦୁର୍ନୀତିଗ୍ରସ୍ତ ଓ ଅପରାଧୀଙ୍କ ପାଇଁ କ'ଣ ଅମୃତ ବେଳ ଆସିଛି ବୋଲି ଭାବିବାକୁ ପଡ଼ିବ। ବର୍ତ୍ତମାନ ଭାରତୀୟ ଗଣତନ୍ତ୍ରକୁ ତ୍ରୁଟିପୂର୍ଣ୍ଣ ଗଣତନ୍ତ୍ର କୁହାଯାଉଛି ଏବଂ ଗଣମାଧ୍ୟମର ସ୍ୱାଧୀନତା ବିପନ୍ନ ହେଉଛି, ଯାହା ଶୁଭ ସୂଚନା ପ୍ରଦାନ କରୁନି। ବାସ୍ତବରେ ବର୍ତ୍ତମାନ ଯେଉଁ ଅମୃତବେଳା କଥା କୁହାଯାଉଛି ତାହା ଏକ ଭ୍ରମ।

ମୋ:୯୪୩୭୨୦୮୭୬୨
skmohapatra67@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରଙ୍କ ଦୃଷ୍ଟି ପଡୁ

ମହାଶୟ,

ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ନିକଟରେ ବିଚାରାଧୀନ ଏକ ମକଦ୍ଦମା ସଂଖ୍ୟା ଆର.ପି. ନଂ-୨୩୬/୨୦୨୦ରେ ତଦବିର କରିବା ପାଇଁ ଅତି ତରବରିଆ ଭାବେ ଢେଙ୍କାନାଳ ଜିଲାର ଜଣେ ଜରାଜୀର୍ଣ୍ଣ ବୃଦ୍ଧଙ୍କୁ ନୋଟିସ କରାଯାଇଥିଲା। ନିର୍ଦ୍ଧାରିତ ତାରିଖର ପୂର୍ବଦିନ ଅପରାହ୍ଣରେ ଓଡ଼ାପଡ଼ା ତହସିଲ ପକ୍ଷରୁ ଉକ୍ତ ନୋଟିସ ପ୍ରଦାନ କରାଯାଇଥିଲା। ଏପରିକି ବିଚାର ତାରିଖ ଏବଂ ବର୍ଷକୁ ଡବଲ ରାଇଟ୍ କରାଯାଇ ସେହି ନୋଟିସକୁ ୧ବର୍ଷ ୭ମାସ ପରେ ଜାରି କରାଯାଇଥିଲା। ନୋଟିସ ପାଇବା ପରେ ମାତ୍ର ସ୍ୱଳ୍ପ ସମୟ ମଧ୍ୟରେ ସୁଦୂର ସମ୍ବଲପୁରକୁ ବୃଦ୍ଧଜଣକ ଯାଇ ପାରିବା ସମ୍ଭବ ନ ଥିବାରୁ ଓଡ଼ପଡ଼ା ତହସିଲ ଜରିଆରେ ନିର୍ଦ୍ଧାରିତ ତାରିଖ ଦିନ ଲିଖିତ ଜଣାଇ ମକଦ୍ଦମା ସମ୍ପର୍କରେ ଅଭିଯୋଗ କରିଥିଲେ। ଏପରିକି ଏହାର ବିଚାର ଓଡ଼ାପଡ଼ା ତହସିଲରେ କରିବା ପାଇଁ ବୃଦ୍ଧ ଜଣାଇଥିଲେ। ମାତ୍ର ବୃଦ୍ଧଙ୍କ ଅଭିଯୋଗ ସତ୍ତ୍ୱେ ମାମଲାକୁ ଏକ ତରଫା ଭାବେ ବିଚାର କରାଯାଇ ଦରଖାସ୍ତକାରୀଙ୍କ ସପକ୍ଷରେ କାର୍ଯ୍ୟ କରାଯାଉଛି। ସ୍ୱଚ୍ଛ ଶାସନ, ସମସ୍ତଙ୍କୁ ସମ୍ମାନ, ବୃଦ୍ଧାବୃଦ୍ଧଙ୍କୁ ସହାୟତା ପାଇଁ ସରକାର କାର୍ଯ୍ୟ କରୁଥିବା ବେଳେ ଜଣେ ବୃଦ୍ଧଙ୍କ ଅଭିଯୋଗକୁ ଅଣଦେଖା କରାଯିବା କେତେଦୂର ଯୁକ୍ତିଯୁକ୍ତ। ବୃଦ୍ଧଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ନ୍ୟାୟଦେବାକୁ ସରକାର ଦୃଷ୍ଟି ଦିଅନ୍ତୁ।

**-ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

# ବର୍ଷା ଓ ସାହିତ୍ୟ



ଅଲେଖ ଚନ୍ଦ୍ର ମିଶ୍ର

ଋତୁ ବିନ୍ୟାସରେ ବର୍ଷା ସବୁଠାରୁ ସମ୍ବେଦନଶୀଳ। ପ୍ରଚଣ୍ଡ ରୌଦ୍ରତାପରେ ମୃତପ୍ରାୟ ଜୀବଜଗତକୁ ବର୍ଷା ଦିଏ ସଞ୍ଜୀବନୀର ସ୍ପର୍ଶ। ବର୍ଷା ଜୀବନର ସଙ୍କେତ ହେଲେ ଆଷାଢ଼ ତା'ର ଯୌବନ, ଶ୍ରାବଣ ତା'ର ସ୍ପନ୍ଦନ। ବିରହୀଙ୍କ ପାଇଁ ବର୍ଷା ଆଣେ ବେଦନାକ୍ତ ଶିହରଣ। ଆକାଶରେ କଳାହାଣ୍ଡିଆ ମେଘ ଦେଖିଲେ ବସୁଧା ହୁଏ ରଜସ୍ୱଳା। ମୟୂର ପୁଚ୍ଛ ମେଲି ମୟୂରୀକୁ ଆକୃଷ୍ଟ କରେ। ଚାତକର ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟେ। ବର୍ଷା ଜଳରେ ଉବୁଟୁବୁ ହୋଇ ମିଳନ ପ୍ରତ୍ୟାଶୀ ବ୍ରାହ୍ମଣୀ ବେଙ୍ଗମାନେ ଅନବରତ ରଡି ଛାଡ଼ନ୍ତି। ସାରୁବୁଦା ମୂଳେ ବେଙ୍ଗ ଦମ୍ପତି କ୍ରିୟାରତ ହୋଇପଡ଼ନ୍ତି। ଲାଲରଙ୍ଗର ସାଧବବୋହୂ ଅଭିସାରରେ ବାହାରେ। ଇନ୍ଦ୍ରଧନୁର ସପ୍ତରଙ୍ଗ ପ୍ରେମୀଯୁଗଳଙ୍କ ମନକୁ ରଙ୍ଗିନ କରିଦିଏ। କୀଟରୁ ପତଙ୍ଗ ଯାଏ, ଶ୍ୱାନରୁ ଶ୍ୱାପଦ ଯାଏ, ଘରଚଟିଆରୁ ବାଇଚଢ଼େଇ ଯାଏ ସବୁରି ହୃଦୟରେ ଉଦ୍‌ବେଳିତ ହୁଏ ମିଳନର ମାଦକତା। ବର୍ଷାର ଆଗମନ ବିରହୀକୁ ମତୁଆଲା କରିଦିଏ । ଦୂରରେ ଥିବା ପ୍ରିୟଜନମାନେ ଅନୁକ୍ଷଣ ମନେପଡ଼ନ୍ତି । ତେଣୁ ଆଷାଢ଼ର ମେଘ, ଘଡ଼ଘଡ଼ି, ବିଜୁଳିର ସମ୍ଭାରକୁ ପାଥେୟ କରି ଯୁଗ ଯୁଗରୁ ସୃଷ୍ଟି ହୋଇଆସିଛି ଅଜସ୍ର କାବ୍ୟ, କବିତା, ଲୋକକଥା, ଡଗଡମାଳି। ଏହାର କେତୋଟି ଦୃଷ୍ଟାନ୍ତ ହେଲା, ''ମେଘ ବରଷିଲା ଟୁପୁରୁ ଟୁପୁରୁ କେଶୁର ମାଇଲା ଗଜା, କେଉଁ ଦେଶେ ଯାଇ ରହିଲେ ମୋ ରଜା ତେଲିଙ୍ଗି ବାଇଦ ବଜା'' (ନନ୍ଦକିଶୋର), ଉର୍ମିସହୀର ଚିକୁରେ ଚିବୁକେ ଲଗାଇ ପାଣି, କହି ଉଠୁଥିବ ରାଣୀଗୋ ରାଣୀ (ଗଡ଼ନାୟକ), ବର୍ଷାରେ ଆଷାଢ଼ ଶ୍ରାବଣ ମେଘ ବରଷେ ଘନ ଘନ(ଭକ୍ତକବି), ଋତୁଙ୍କ ମଧ୍ୟେ ଶ୍ରେଷ୍ଠ ବଳ, ସମ୍ପୂର୍ଣ୍ଣ ବରଷାର କାଳ (ଭାଗବତ), ଖୋଜନ୍ତି ପୁଣି ଶମ୍ପା ଆଲୋକ ଧରି, ନିଶ୍ଚୟ ଛନ୍ତି ବୋଲି ସୀତା ସୁନ୍ଦରୀ (ମେହେର) ଇତ୍ୟାଦି।

କିନ୍ତୁ ବର୍ଷାକାଳର ସବୁଠାରୁ ଲୋକପ୍ରିୟ ବିରହ ବ୍ୟଞ୍ଜକ ମହାକାବ୍ୟ ହେଲା କବିଶ୍ରେଷ୍ଠ କାଳିଦାସଙ୍କ ରଚିତ ମେଘଦୂତମ୍। ଆଷାଢ଼ ମେଘର ମଲ୍ଲାରରେ ବିମୋହିତ ହୋଇ ସେ ଗାଇ ଉଠିଥିଲେ, ''ଆଷାଢ଼ସ୍ୟ ପ୍ରଥମ ଦିବସେ ମେଘ ମାସ୍କିଷ୍ଟ ସାନୁଂ ପ୍ର କ୍ରୀଡ଼ା ପରିଣତ ଗଜ ପ୍ରେକ୍ଷଣୀୟଂ ଦଦର୍ଶ। କାନ୍ତା ବିରହିତ କାନ୍ତର ବିରହ ବେଦନା ଉପରେ ଆଧାରିତ ଏହି ମହାକାବ୍ୟ ପୃଥିବୀର ଅନେକ ଭାଷାରେ ଅନୁଦିତ, ଯାହାର ଓଡ଼ିଆ ରୂପାନ୍ତର କରିଥିଲେ କବିବର ରାଧାନାଥ ରାୟ।

କୁବେର ଶାପରେ ଅଳକାପୁରୀରୁ ବିଚ୍ୟୁତ ହୋଇ ମର୍ତ୍ତ୍ୟର ରାମଗିରିରେ ନିର୍ବାସିତ ଯକ୍ଷ ହେମମାଳି ନିଜର ପ୍ରାଣପ୍ରିୟା ଯକ୍ଷିଣୀ ବିଶାଳାକ୍ଷୀର ବିଚ୍ଛେଦଜନିତ ବ୍ୟଥାରେ ଶୀର୍ଣ୍ଣ ବପୁ, କ୍ଷୀଣ ଶରୀର ହୋଇ ବିଳାପ କରୁଥିବା ବେଳେ ଆଦ୍ୟ ଆଷାଢ଼ର ପହିଲି ପରଶରେ ଆକାଶ ବକ୍ଷରେ ଭାସମାନ ମେଘଖଣ୍ଡ ତା'ର ହତାଶ ମନରେ ଆଶାର ସଞ୍ଚାର କରିଥିଲା । କାନ୍ତା ନିକଟରେ ଆପଣାର ବିରହବିଧୂର ବାର୍ତ୍ତା ପହଞ୍ଚାଇ ଦେବା ପାଇଁ ଭାବବିହ୍ୱଳ ହୋଇ ମେଘକୁ ସେ ଅନୁନୟ କରିଥିଲା, ''ରସିକ ତୁ ଜଳଦ କହିବି କେତେ, କାମିନୀ ପ୍ରକାଶନ୍ତି ଭାବ ସଂକେତେ'' । ବର୍ଷଣମୁଖର ରଜନୀର ଦୃଶ୍ୟପଟକୁ ତା' ନିକଟରେ ଉପସ୍ଥାପିତ କରିବାକୁ ଯାଇ ଗାଇ ଉଠିଥିଲା, ''ରଜନୀକାଳେ ଦାଣ୍ଡେ କେତେ ଯୁବତୀ, ଉଦ୍‌ବେଗେ ଯାଉଥିବେ କାନ୍ତବସତି । /ଘୋର ଅନ୍ଧାରେ ମାର୍ଗ ଦିଶିବ ନାହିଁ, କମ୍ପିବେ ଭୟେ ଚଉଦିଗେ ଅନାଇ। /ତୋ ସଙ୍ଗେ ଥିବ ପ୍ରଭାମୟୀ ତଡିତ, ଏ କାଳେ ବାଳାଙ୍କର ସାଧିବୁ ହିତ । /ଘନ ମୁଞ୍ଜିବୁ ନାହିଁ ଭୀମନିନାଦ, ନାଦ ମଣିବେ ବାମା ଘୋର ପ୍ରମାଦ'' (କାଳିଦାସଙ୍କ ମୂଳ ସଂସ୍କୃତ ରଚନା- ଅଭିକ୍ଷଣ ମୁର୍ଜ୍ୟୋଧ୍ୱନିତା ପୟୋମୃଜା ଘନାନ୍ଧକାରୀ କୃତ ଶର୍ବରୀ ସ୍ୱପି। ତଡିତ୍ ପ୍ରଭା ଦର୍ଶିତ ମାର୍ଗ ଭୂମୟଃ ପ୍ରୟାନ୍ତି ରାଗାଭିସାରିକା ସ୍ତ୍ରୀୟଃ ।)।

ଘୋର ବରଷାରେ ନିଶା ଗର୍ଜୁଥିବା ବେଳେ ବିରହାନ୍ତ ଦାମ୍ପତ୍ୟ ପ୍ରଣୟର ଅନ୍ତରଙ୍ଗ ମୁହୂର୍ତ୍ତ ଯକ୍ଷ ମୁଖରେ ଏହିଭଳି ଭାବରେ ପ୍ରକାଶ ପାଇଥିଲା, ''ସମ୍ମୁଖେ ରତ୍ନ ଦୀପ ଉଜଳେ ଜଳେ/ ନିର୍ବାଣ ଆସେ ହିମରଜ ବିଫଳେ; ଫିଙ୍ଗଇ ବରାଙ୍ଗନା ପ୍ରଦୀପ କତି/ ବ୍ୟର୍ଥ ଯତନ ଦେଖି କୌତୁକୀ ପତି; ଭାସନ୍ତି ପ୍ରେମନୀରେ ତହୁଁ ଉଭୟେ/ ଭିଡ଼ନ୍ତି ପରସ୍ପର ଅଙ୍ଗ ନିର୍ଦ୍ଦୟେ।''

ଆଜି ଶ୍ରାବଣର ଆକାଶକୁ ଚାହିଁଲେ ହତାଶ ହେବାକୁ ପଡୁଛି। କାହିଁ ସେ ବିରହୀ ଆଷାଢ଼ର ଉନ୍ମାଦନା ଯାହା ଦିନେ କବିକଳ୍ପନାକୁ ରସାଣିତ କରୁଥିଲା? ଏବେ ସେ ଆଷାଢ଼ ଅଛି କିନ୍ତୁ ସେ ବର୍ଷା ନାହିଁ । ସେ ଶ୍ରାବଣ ଅଛି, ଧାରା ନାହିଁ । ଋତୁ ଚକ୍ରରେ ଏପରି ପରିବର୍ତ୍ତନ ଘଟିଚାଲିଲେ ଦିନେ ହୁଏତ ଏଭଳି ଭାବାବେଗ କଳ୍ପନା ବିଳାସର ସମାଗ୍ରୀ ହୋଇ ପୋଥିବାଇଗଣ ପାଲଟିଯିବ।

**ସାରଦାଶ୍ରୀ,୯୦୪, ଶାସ୍ତ୍ରୀନଗର, ଭୁବନେଶ୍ୱର, ମୋ:- ୯୪୩୮୬୭୩୮୯୮**

## ଚିରନ୍ତନୀ

ନିଭିଛି ମୋ ତହୁଁ ସକଳ ରୂପର ମୋହ
ରହସ୍ୟରାଶି ହୋଇଛି ଯେ ହାସମୟ
ଅସମୟେ ଆଜି ଦେଇଛ ଯେବେ ଗୋ ଦେଖା
ନ କହ ସଜନୀ! ମୋତେ ବଡ଼ ନିର୍ଦ୍ଦୟ।

-(ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆଜି କ'ଣ କେଉଁଠି

ସମ୍ବଲପୁର

- ନୂଆଖାଇ ଲଗ୍ନ ନିର୍ଦ୍ଧାରଣ କାର୍ଯ୍ୟକ୍ରମ, ଝାଡୁଆପଡା ବ୍ରହ୍ମପୁରା ମନ୍ଦିର ପରିସର, ସନ୍ଧ୍ୟା ୫ଟା
- ଜିଲା ଫଟୋଗ୍ରାଫର ସଂଘର ରକ୍ତଦାନ ଶିବିର, ଉତ୍ସର୍ଗ କାର୍ଯ୍ୟାଳୟ, ପୂର୍ବାହ୍ନ ୯ଟା

## ସଂକ୍ଷେପରେ

### ମନ୍ଦିର ଦାନବାକ୍ସ ଭାଙ୍ଗି ଚୋରି

**କୁଚିଣ୍ଡା,୧୮।୮(ଡି.ଏନ.ଏ.):** କୁଚିଣ୍ଡା ଥାନା ହାଡିପାଲି ପଞ୍ଚାୟତ ସିଙ୍ଗଲପୋଷି ଗ୍ରାମରେ ଥିବା ହନୁମାନ ମନ୍ଦିର ଦାନବାକ୍ସ ଭାଙ୍ଗି ଟଙ୍କା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ରାତିରେ କେହି ଦୁର୍ବୃତ୍ତ ଦାନ ବାକ୍ସ ତାଲା ଭାଙ୍ଗି ପ୍ରାୟ ୭ହଜାର ଟଙ୍କା ଚୋରାଇ ନେଇଥିବା ମନ୍ଦିର ମାଲିକ ଅମରନାଥ ରକ୍ସା ଅଭିଯୋଗ କରିଛନ୍ତି। ଗୁରୁବାର ସକାଳେ ମନ୍ଦିର ପୂଜକ ଦାନ ବାକ୍ସ ଭଙ୍ଗାଯାଇଥିବା ଦେଖି ମନ୍ଦିର କମିଟିକୁ ଜଣାଇଥିଲେ। ମନ୍ଦିର କମିଟି ନିଷ୍ପତ୍ତି କ୍ରମେ ଥାନାରେ ଏହି ରିପୋର୍ଟ ହୋଇଥିବା ଜଣାଯାଇଛି। କୁଚିଣ୍ଡା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

### ଚୌଧୁରୀ ଛକରୁ ଧନୁପାଲି ରାସ୍ତା ଖାଲଖମାପୂର୍ଣ୍ଣ

**ପଡିଆବାହାଲ, ୧୮।୮(ଡି.ଏନ.ଏ.):** ଯୁଯୁମୁରା ବ୍ଲକ ପଡିଆବାହାଲ ସିନ୍ଦୁରପଙ୍କ ଚୌଧୁରୀ ଛକରୁ ନେତାଜୀ ସୁଭାଷ ବୋଷ ମହାବିଦ୍ୟାଳୟ ରାସ୍ତା ଦେଇ ଧନୁପାଲିକୁ ସଂଯୋଗ କରୁଥିବା ପ୍ରାୟ ଦୁଇ କିମି ରାସ୍ତା ଖାଲଖମାରେ ପୂର୍ଣ୍ଣ ହୋଇଛି। ଲଗାଣ ବର୍ଷାରେ ରାସ୍ତା ସାରା ପିଚୁ ଉଠିଯାଇ ଶୋଚନୀୟ ହୋଇପଡିଛି। ଫଳରେ ଯାନବାହାନ ଧରି ଯାଉଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମ୍ବଲପୁର ସହର ଉପକଣ୍ଠରେ ଥିବା ଏହି ରାସ୍ତାରେ ପ୍ରତିଦିନ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ଯିବା ଆସିବା କରୁଛନ୍ତି। ହେଲେ ଏଥିପ୍ରତି କାହାରି ଦୃଷ୍ଟି ପଡୁ ନ ଥିବାରୁ ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

### ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ

**ନାକଟିଦେଉଳ,୧୮।୮(ଡି.ଏନ.ଏ.):** ନାକଟିଦେଉଳ ଜଗନ୍ନାଥପ୍ରସାଦ ସରସ୍ୱତୀ ଶିଶୁ ମନ୍ଦିରରେ ପବିତ୍ର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଶିଶୁ ବାଟିକା ବିଭାଗର ଭଉଣୀ ଭାଇଙ୍କ ମଧରେ ରାଧା ଓ କୃଷ୍ଣ ବେଶ ପ୍ରତିଯୋଗିତା ହୋଇଥିଲା। ପ୍ରଥମରୁ ଅଷ୍ଟମ ଶ୍ରେଣୀ ଭଉଣୀଭାଇ ନନ୍ଦ, ଯଶୋଦା, ରୋହିଣୀ, ଗଉଡ଼ପୁଅ ଓ ଅନ୍ୟାନ୍ୟ ଚରିତ୍ରରେ ସଜ୍ଜିତ ହୋଇଥିଲେ। ସୁନ୍ଦର ରଥରେ ସମସ୍ତ ରାଧାକୃଷ୍ଣ ବେଶଧାରୀ ଶିଶୁ ଓ ଭଗବାନ ଶ୍ରୀକୃଷ୍ଣଙ୍କ ବିମାନ କରାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ଉତ୍ସବରେ ମୋଟ ୨୫୪ଜଣ ଶିଶୁ ଭାଗ ନେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁ ଓ ଶିଶୁ ବାଟିକା ପ୍ରମୁଖ ବିଜୟ କୁମାର ବେହେରାଙ୍କ ସହିତ ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଏଲ୍‌ଏନ୍ ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ

**ଝାରସୁଗୁଡ଼ା ଅଫିସ,୧୮।୮:** ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ୫୪ତମ ପ୍ରତିଷ୍ଠା ଦିବସ ଗୁରୁବାର କଲେଜ ପରିଚାଳନା ସମିତି ସଭାପତି ବଲବିନ୍ଦର କୌରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରେଣ୍ୟ ଅତିଥି ଭାବରେ ପୂର୍ବତନ ଛାତ୍ରସମିତି ସଭାପତି ଆଇନଜୀବୀ ସନ୍ଦୀପ ଅବସ୍ଥି ଓ ଝାରସୁଗୁଡ଼ା ଲାୟନ୍ସ କ୍ଲବ ସମ୍ପାଦକ କିଶୋର କୁମାର ମହାନ୍ତି, ଶିକ୍ଷାବିତ୍ ଟହଲୁ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧକ୍ଷ ନରେନ୍ଦ୍ର କୁମାର ପଣ୍ଡା ମହାବିଦ୍ୟାଳୟର ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଆଇକ୍ୟୁଏସି ହଲରେ ୭୫ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ଫୋଟୋଚିତ୍ର ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ କଲେଜର ପୂର୍ବତନ ଅଧକ୍ଷ ଡ଼ ଚିରବ୍ରତ ଦତ୍ତ, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଲେଫ୍ଟନାଣ୍ଟ ବିଭୂତି ଭୂଷଣ ଦାଶ, ବରିଷ୍ଠ ନାଗରିକ ସଂଘ ସଭାପତି ବାଳମୁକୁନ୍ଦ ମିଶ୍ର, ଜିଲା ଓକିଲ ସଂଘର ସଭାପତି ତ୍ରିନାଥ ଗୁଆଲ, ଇଞ୍ଜିନିୟରିଂ ସ୍କୁଲ ଅଧକ୍ଷ ଧନଞ୍ଜୟ ଖୁରାଙ୍କ ସମେତ ବୁଦ୍ଧିଜୀବୀ, ଶିକ୍ଷାବିତ୍ ପ୍ରମୁଖ ଯୋଗଦେଇଥିଲେ। ଚଳିତବର୍ଷ ଯୁକ୍ତ ୨ ଓ ଯୁକ୍ତ ୩ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ଟପ୍ପର ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ପ୍ରାଧାପକ ତପନ କୁମାର ବାରିକ ସଂଯୋଜନା କରିଥିବାବେଳେ ଓଡିଆ ସାହିତ୍ୟ ବିଭାଗ ମୁଖ୍ୟ ଡ ଲାଲଧାରୀ ସିଂ ଧନ୍ୟବାଦ ଦେଇଥିଲେ।

# ରାଜ୍ୟର ଉନ୍ନତି ପାଇଁ ଶିଳ୍ପର ବିକାଶ ଆବଶ୍ୟକ

**ଝାରସୁଗୁଡ଼ା ଅଫିସ, ୧୮।୮**

ରାଜ୍ୟରେ ଶିଳ୍ପର ବିକାଶ ପାଇଁ ପ୍ରଚୁର ସମ୍ଭାବନା ରହିଛି। ରାଜ୍ୟ ଅର୍ଥନୀତିକୁ ଆଗେଇନେବାକୁ ହେଲେ ଶିଳ୍ପାୟନ ଉପରେ ଗୁରୁତ୍ୱ ଦେବାକୁ ହେବ। ଶିଳ୍ପପତିମାନେ ଏଥିପାଇଁ ସଚେତନ ହେବା ଆବଶ୍ୟକ। ଲୋକଙ୍କ ମାନସିକତାରେ ମଧ ପରିବର୍ତ୍ତନ ଲୋଡା ବୋଲି ଶିଳ୍ପ, ଏମ୍ଏସ୍ଏମ୍ଇ ଓ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି। ଶିଳ୍ପର ଅଭିବୃଦ୍ଧି ସକାଶେ ଆବଶ୍ୟକତା ଅନୁଯାୟୀ ନୀତିରେ ମଧ ପରିବର୍ତ୍ତନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ବୁଧବାର ପୂର୍ବାହ୍ନରେ ଝାରସୁଗୁଡା ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ବିଭିନ୍ନ ଶିଳ୍ପାନୁଷ୍ଠାନ ଅଧିକାରୀ ଓ କର୍ମକର୍ତ୍ତାଙ୍କ ସହ ଆଲୋଚନା ସମୟରେ ମନ୍ତ୍ରୀ ଦେବ ସରକାରଙ୍କ ଶିଳ୍ପନୀତି ସମ୍ପର୍କରେ ଭଲ ଭାବରେ ଜାଣିବାକୁ ପରାମର୍ଶ ଦେଇ ଶିଳ୍ପ ପ୍ରତିଷ୍ଠା ପାଇଁ ସମସ୍ତ



ବୈଠକରେ ଉପସ୍ଥିତ ଥିବା ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ ଓ ଶିଳ୍ପାନୁଷ୍ଠାନ କର୍ତ୍ତୃପକ୍ଷ।

**୫ ଜିଲାର ଶିଳ୍ପାନୁଷ୍ଠାନ ଓ ଜିଲାପାଳଙ୍କୁ ଏ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ**

ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ। ବିଭିନ୍ନ ଜିଲାରେ ଡିଷ୍ଟ୍ରିକ୍ଟ ଇଣ୍ଡଷ୍ଟ୍ରିଆଲ ପ୍ରମୋଶନ ଏଜେନ୍ସି (ଦିପା) ମାଧ୍ୟମରେ ଶିଳ୍ପଦ୍ୟୋଗ ସହିତ ଜଡିତ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯାଉଥିବା କହିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଯୋଗଦେଇ ରାଜ୍ୟର ଶିଳ୍ପାୟନରେ ଶିଳ୍ପାନୁଷ୍ଠାନର ସହଯୋଗ ଉପରେ ଗୁରୁତ୍ୱାରୋପ କରିବା ସହ ସକାରାତ୍ମକ ଚିନ୍ତାଧାରା ନେଇ କାର୍ଯ୍ୟ କଲେ ଉନ୍ନତି ସମ୍ଭବ ବୋଲି କହିଥିଲେ। ଶିଳ୍ପାନୁଷ୍ଠାନ କର୍ମକର୍ତ୍ତାମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଇପିକଲ ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ସମେତ ସମ୍ବଲପୁର, ବରଗଡ଼, ଦେବଗଡ ଓ ସୁନ୍ଦରଗଡ଼ ଜିଲାର ବିଭିନ୍ନ ଶିଳ୍ପାନୁଷ୍ଠାନ ଓ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ମନ୍ତ୍ରୀ ଦେବ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହୀ ଉଦ୍ୟୋଗୀମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ଓ ସମୟୋଚିତ ସହଯୋଗ କରିବା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ନିଜ ନିଜ ଜିଲାରେ ଶିଳ୍ପକୁ ଆଗକୁ ନେବା ପାଇଁ ଜିଲାପାଳମାନେ ଅଧିକରୁ ଅଧିକ ଅନୁଶୀଳନ କରିବା ସହ ତଥ୍ୟ ଉପସ୍ଥାପନ ପାଇଁ କହିଥିଲେ। ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ, ଇପିକଲ ପରିଚାଳନା ନିର୍ଦ୍ଦେଶକ ପୁନିଆ, ଝାରସୁଗୁଡ଼ା ଜିଲାପାଳ ସରୋଜ କୁମାର ସାମଲ, ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ, ସୁନ୍ଦରଗଡ଼ ଜିଲାପାଳ ଗାଭାଲି ପରାଗ ହର୍ଷଦ, ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ, ଦେବଗଡ଼ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଶିଳ୍ପମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ବିଜୟ କୁମାର ସ୍ୱାଇଁ, ଟାଟା ପାୱାର ପଶ୍ଚିମାଞ୍ଚଳ ମୁଖ୍ୟ ନିବାହୀ ଅଧିକାରୀ ଗଜେନ୍ଦ୍ର କାଲେଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲା ସମ୍ମିଳନୀ

**ସମ୍ବଲପୁର,୧୮।୮(ବ୍ୟୁରୋ)**

ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସମ୍ବଲପୁର ଜିଲା ସମ୍ମିଳନୀ ବୁଧବାର ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଭ୍ୟ ଅଶୋକ କୁମାର ବିଶିଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ପାଣ୍ଡବ ମିର୍ଦ୍ଧା ଦଳୀୟ ପତାକା ଉତ୍ତୋଳନ କରିଥିବା ବେଳେ ଆଇଟିୟୁସି ରାଜ୍ୟ ସଭାପତି ଅଶୋକ ଦାଶ ଉଦ୍‌ଘାଟନୀ ବକ୍ତବ୍ୟ ରଖିଥିଲେ। ରାଜ୍ୟ ସହସମ୍ପାଦକ କ୍ଷୀରୋଦ ସିଂଦେଓ ଦେଶରେ ଆର୍ଥିକ ସମସ୍ୟା, ବିଭିନ୍ନ ସାମଗ୍ରୀର ଦରଦାମ ବୃଦ୍ଧି ବିଷୟରେ ଆଲୋଚନା କରିଥିଲେ। ଏଥିସହ ଜିଲାସ୍ତରୀୟ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଜିଲା ସମ୍ପାଦକ ଭାବେ ଏନ୍ ଗୋପାଲ, ସରୋଜିନୀ ଆଚାର୍ଯ୍ୟ ସହ ସମ୍ପାଦକ, ରବୀନ୍ଦ୍ର କୁମାର ମହାନ୍ତି କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ନୂତନ କର୍ମକର୍ତ୍ତା ୩ବର୍ଷ ପାଇଁ ଦାୟିତ୍ୱ ନିର୍ବାହ କରିବେ। ଅନ୍ୟମାନଙ୍କ ମଧ୍ୟରେ ମିତ୍ରଭାନୁ ପୋଢ଼, ଅରୁଣ ଖୁଣ୍ଟିଆ ଯୋଗଦେଇଥିଲେ।

# ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ପାଳିତ


କୁଚିଣ୍ଡା ବ୍ଲକ ଖଣ୍ଡୋକଟା ସରସତୀ ଶିଶୁ ବିଦ୍ୟାମନ୍ଦିରରେ ରାଧାକୃଷ୍ଣ ବେଶରେ କୁନି ଛାତ୍ରୀଛାତ୍ର।

**କୁଚିଣ୍ଡା,୧୮।୮(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ଖଣ୍ଡୋକଟା ସରସତୀ ଶିଶୁ ବିଦ୍ୟାମନ୍ଦିରଠାରେ ଗୁରୁବାର ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଇନ୍ଦ୍ରାଣୀ ପଟେଲ ଯୋଗଦେଇ ଜନ୍ମାଷ୍ଟମୀ ପାଳନର ମହତ୍ତ୍ୱ ବର୍ଣ୍ଣନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଲିଲୁ ପୃଷେଠ ଓ ବିଜୁ ସାହୁ ଛାତ୍ରୀଛାତ୍ରଙ୍କୁ କୃଷ୍ଣଙ୍କ ଆଦର୍ଶ ଅନୁଶରଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସମସ୍ତ ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଥିଲେ । ପ୍ରଣିତା ସିଂ ବୌଦ୍ଧିକ ପରିଚାଳନା କରିଥିବାବେଳେ ରୋହିତ ସାହୁ ଧନ୍ୟବାଦ ଦେଇଥିଲେ।

**ଝାରସୁଗୁଡ଼ା ଅଫିସ:** ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ସ୍କୁଲ ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନର୍ସରୀ ଓ କେଜି ବିଭାଗର କୁନିକୁନି ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ଉତ୍ସବ ପାଳନ କରିଥିଲେ। ଶିକ୍ଷୟିତ୍ରୀ ଅପର୍ଣ୍ଣା ଦେ, ସବିତା ଧଳ, ସ୍ମିତା ସାହୁ, ସରିତା ମିଶ୍ର, ସଂଗୀତା ସିହ୍ନା ପ୍ରମୁଖ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରିଥିଲେ ।

**ଜମନକିରା (ଡି.ଏନ.ଏ.):** ଜମନକିରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳନ କରାଯାଇଛି। ଜମନକିରା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧାପିକା ସୁଷମା ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସ୍କୁଲର ପ୍ରଧାନ ଆଚାର୍ଯ୍ୟ ସୁରଲି ମିଶ୍ର ଅଧକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଶିଶୁ ଭଉଣୀଭାଇ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ଅଭିନୟ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଗୁରୁଜୀ ପଦ୍ମନାଭ ମହାକୁଲ ପରିଚାଳନା କରିଥିବାବେଳେ ସସ୍ମିତା ଗୁରୁମା ଧନ୍ୟବାଦ ଦେଇଥିଲେ।

### କାହ୍ନା ତୁ ଫେରିଆ କାର୍ଯ୍ୟକ୍ରମ


ଭୀମଭୋଇ ନଗର ସରସ୍ୱତୀ ଶିଶୁ ମନ୍ଦିରରେ ପିଲାଙ୍କ ରାଧାକୃଷ୍ଣ ବେଶ ।

**ସମ୍ବଲପୁର,୧୮।୮(ବ୍ୟୁରୋ)**

ପବିତ୍ର ଜନ୍ମାଷ୍ଟମୀ ତିଥିରେ କାହ୍ନା ତୁ ଫେରିଆ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଭୀମଭୋଇ ନଗର ସରସ୍ୱତୀ ଶିଶୁ ମନ୍ଦିରରେ ରାଧାକୃଷ୍ଣ ବେଶ ଓ କୃଷ୍ଣ ଭଜନ ପ୍ରତିଯୋଗିତା ହୋଇଥିଲା। ଏଥିରେ ୪୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ହେମନ୍ତ କୁମାର ପଣ୍ଡା, ଆରତି ସାହୁ ଓ ସୋନାଲି ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିଦ୍ଧେଶ୍ୱର ବେର୍ଣ୍ଣା ଶିଶୁ ବିଦ୍ୟାମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଥିବା ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅବସରପ୍ରାପ୍ତ ଉପସଚିବ ଡ. ଉତ୍ତମ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରମୋଦିନୀ ବେହେରା କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରଭାତି ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତା ଖୋଳିବାରୁ ଯାତାୟାତ ବାଧାପ୍ରାପ୍ତ

**ଜମନକିରା,୧୮।୮(ଡି.ଏନ.ଏ.)**

ଜମନକିରା ବ୍ଲକ ଟିକିଲିପଡ଼ା ପଞ୍ଚାୟତ ବାଦିବାହାଲ ଜାତୀୟ ରାଜପଥ ୫୩ଠାରୁ ଭୋଜପୁରକୁ ସଂଯୋଗ କରୁଥିବା ଟାଙ୍ଗରାଣି ଛକ ପର୍ଯ୍ୟନ୍ତ ରାସ୍ତାକୁ ଏକ କମ୍ପାନୀ ଗ୍ୟାସ୍ ପାଇପ୍ ବିଛାଇବା ପାଇଁ ଖୋଳିଦେଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବାଦିବାହାଲଠାରୁ ବଞ୍ଜାରି ଛକ ମଧରେ ଘୁଷୁରାଗୁଡା, ଜୁନାଡିହି, ଭାଲୁଟୁଆଁ, ବଞ୍ଜାରୀ, ପାଲୋଖମନ ଆଦି ଗାଁ ରହିଥିବାରୁ ଲୋକମାନେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। କିଛି ମାସ ପୂର୍ବରୁ ଗ୍ୟାସ୍ ପାଇପ ଲାଇନ ବିଛାଉଥିବା ଗେଲ ଇଣ୍ଡିଆ ଠିକା ସଂସ୍ଥା ରାସ୍ତା ମଝିରେ ପ୍ରାୟ ୬ ଫୁଟ୍ ଓସାର ଓ ୧୦ଫୁଟ୍ ଲମ୍ବର ଗାତ ଖୋଳି କେବଳ ମାଟି ଭର୍ତ୍ତି କରି ପଳାଇଥିଲା। ତେବେ ଚଳିତ ବର୍ଷାରେ ମାଟି ଧୋଇହୋଇଯିବାରୁ ଲୋକେ ଯାତାୟାତରେ ଅସୁବିଧା ଭୋଗିଥିଲେ। ଏ ନେଇ ଅଞ୍ଚଳବାସୀ କମ୍ପାନୀ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ସୁଦ୍ଧା ସୁଫଳ ପାଇ ନ ଥିଲେ। ପରେ ଗାଁ ଲୋକ ମିଶି ମାଟି, ଗୋଡ଼ି, ପଥର ଭର୍ତ୍ତି କରି କିଛିଟା ରାସ୍ତା ସଜାଡ଼ିଛନ୍ତି। ହେଲେ ପିଚୁ ରାସ୍ତା ଖୋଳି ପିଚୁ କରାଯାଇନାହିଁ। ଏହାକୁ ନେଇ ଲୋକେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ଗେଲ ଇଣ୍ଡିଆର ଅଧିକାରୀ ମିଥିଲେଶ କୁମାରଙ୍କୁ ପଚାରିବାରୁ ସେ ରାସ୍ତା ସଜାଡି ଦେଇଥିବା କଥା କହିଥିଲେ।


ଗୋଡି, ପଥର ପକାଇ ରାସ୍ତା ସଜାଡୁଛନ୍ତି ଗ୍ରାମବାସୀ।

# ଝୁଲଣରେ ଝୁଲିଲେ ରାଧାକୃଷ୍ଣ ବେଶଧାରୀ

**ଝାରସୁଗୁଡ଼ା ଅଫିସ,୧୮।୮**

ଝାରସୁଗୁଡ଼ା ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏହି ଅବସରରେ ପିଲାମାନେ ରାଧାକୃଷ୍ଣ ବେଶହୋଇ ଝୁଲଣରେ ଝୁଲିଥିବାବେଳେ ଶ୍ରୀକୃଷ୍ଣ ବେଶରେ ଦଧିହାଣ୍ଡି ଭାଙ୍ଗି ଦହି ଖାଇବା ଦୃଶ୍ୟ ଆକର୍ଷଣୀୟ ହୋଇଥିଲା। ଝାରସୁଗୁଡା ପଞ୍ଚପଡା ଶିଶୁ ବିକାଶ ବିଦ୍ୟାମନ୍ଦିର ତରଫରୁ ସ୍ଥାନୀୟ ବେହେରାମାଳସ୍ଥିତ ରାଧାମାଧବ ମନ୍ଦିର ପରିସରରେ ଉତ୍ସବ ପାଳନ କରାଯାଇଥିଲା। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତିନିଧି ପ୍ରତାପ ନନ୍ଦ ମୁଖ୍ୟ ଅତିଥି, ପୂର୍ବତନ ବ୍ଲକ୍ ଶିକ୍ଷା ନିରୀକ୍ଷକ କ୍ଷୀରୋଦ ପ୍ରଧାନ ମୁଖ୍ୟବକ୍ତା, ସାମ୍ବାଦିକ ମେହେବୁବ୍ ମହତାବ, ସୁରେଶ ମହାନ୍ତି, ପଙ୍କଜିନୀ ରାଉତ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ର ରାଧାକୃଷ୍ଣ, କୃଷ୍ଣବଳରାମ, କଂସ ମହାରାଜ ବେଶହୋଇ ନୃତ୍ୟ ପରିବେଷଣ କରିଥିଲେ।


ଅତିଥିଙ୍କ ଗହଣରେ କୁନି ପ୍ରତିଯୋଗୀମାନେ ।

**ଶିକ୍ଷାନୁଷ୍ଠାନରେ ଜନ୍ମାଷ୍ଟମୀ**

ପ୍ରତିଯୋଗିତାରେ ୫୭ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୨ଜଣଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନକରି ପୁରସ୍କୃତ କରିଥିଲେ। ସେହିପରି ଅଭିଭାବକ ମା'ମାନଙ୍କ ମଧ୍ୟରେ ରଙ୍ଗୋଲି, ହୁଳହୁଳି ଆଦି ପ୍ରତିଯୋଗିତା କରାଯାଇଥିଲା। ରଙ୍ଗୋଲିରେ ଇପ୍‌ସିତା ସେଠ୍ ଓ ହୁଳହୁଳିରେ ଟେମ୍ପୁଲ ସିଂହ ପ୍ରଥମ ସ୍ଥାନ ଅଧିକାରକରି ପୁରସ୍କୃତ ହୋଇଥିଲେ। ଶ୍ରୀକୃଷ୍ଣ ବେଶରେ ଶୁଭଶ୍ରୀ କୁଣ୍ଡ ଦଧିହାଣ୍ଡି ଭାଙ୍ଗିଥିବାବେଳେ ପ୍ରତ୍ୟୁଷ ପଟେଲ, ପ୍ରିୟାଂଶୁ ଜେନା, ସାଲିନି ପଟେଲ ଓ ମୌସୁମୀ ପଟେଲ ରାଧାକୃଷ୍ଣ ବେଶରେ ସଜ୍ଜିତହୋଇ ଝୁଲଣରେ ଝୁଲିଥିଲେ।

## ଦୁର୍ନୀତିକୁ ସମର୍ଥନ କରୁଛି ଶାସକ ଦଳ: କଂଗ୍ରେସ

**ସମ୍ବଲପୁର,୧୮।୮(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକରେ ହେଉଥିବା ଦୁର୍ନୀତିକୁ ଶାସକ ବିଜେଡି ସମର୍ଥନ କରୁଛି। କଂଗ୍ରେସ ଏହାକୁ ବିରୋଧ କରି ଆନ୍ଦୋଳନ କରୁଛି। ହେଲେ ସ୍ୱର ଚାପିଦେବା ପାଇଁ ଚେଷ୍ଟା କରାଯାଉଛି ବୋଲି କଂଗ୍ରେସ ନେତା ଆସଫ ଅଲ୍ଲି ଖାନ କହିଛନ୍ତି। ରେଢାଖୋଲ ବିଧାୟକ ରୋହିତ ପୂଜାରୀ ମନ୍ତ୍ରୀ ହେବା ପରେ ରେଢାଖୋଲ ମାଟିରେ ସ୍ୱାଗତ କରାଯାଉଛି। ହେଲେ ରେଢାଖୋଲ ବିଧାନସଭା ଅନ୍ତର୍ଗତ ୪ ଗୋଟି ବ୍ଲକରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ସ୍ଥାନୀୟ ଲୋକମାନେ ଅଭିଯୋଗ କରୁଛନ୍ତି। ହେଲେ ରାଜନୀତି ଚାପ ପକାଇ ତଦନ୍ତ କରାଯାଉ ନାହିଁ। ତେଣୁ ଠିକାଦାର ଓ ଜେଇମାନେ ମିଳିମିଶି ସରକାରୀ ଟଙ୍କା ଆତ୍ମସାତ୍ କରିଚାଲିଛନ୍ତି। କୟାକୁଦ ପଞ୍ଚାୟତରେ ବିଧାୟକ ପାଣ୍ଠି ଆତ୍ମସାତ୍ କରିବା ଓ ପରେ ଧରାପଡି ଟଙ୍କା ଭରଣା କରିବା ଏହାର ଏକ ଜ୍ୱଳନ୍ତ ଉଦାହରଣ। କେବଳ ବିଧାୟକ ପାଣ୍ଠି ନୁହେଁ, ଏମ୍‌ପି ଓ ଅନ୍ୟାନ୍ୟ ଅନୁଦାନରେ ମଧ ଅନିୟମିତତା କରାଯାଉଛି। ଆଗାମୀ ଦିନରେ କଂଗ୍ରେସ ଦଳ ଦୁର୍ନୀତି ବିରୋଧରେ ଆନ୍ଦୋଳନ ଜାରି ରଖିବ ବୋଲି ସେ ସୂଚନା ଦେଇଛନ୍ତି।

## ହିଣ୍ଡାଲ୍‌କୋ ମାନବ ସମ୍ବଳ ମୁଖ୍ୟଙ୍କ ସ୍ତ୍ରୀ ବିୟୋଗ

**ସମ୍ବଲପୁର,୧୮।୮(ବ୍ୟୁରୋ)**

ହିଣ୍ଡାଲ୍‌କୋ ହୀରାକୁଦର ମାନବସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀଙ୍କ ସହଧର୍ମିଣୀ ଦୀପିକା ପାଢ଼ୀଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କୁ ୪୮ବର୍ଷ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ କ୍ରିଷ୍ଣା ପାଢ଼ୀ, ପୁଅ ଅଭିଷେକ ଓ ଅରିଜିତଙ୍କ ସମେତ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ହୀରାକୁଦ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ବଡ ପୁଅ ଅଭିଷେକ ମୁଖାଗ୍ନି ଦେଇଥିଲେ। ସେ ସମ୍ବଲପୁର ଓ ହୀରାକୁଦ ଅଞ୍ଚଳରେ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ ରଖିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁ, ଡା. ରାସେଶ୍ୱରୀ ପାଣିଗ୍ରାହୀ, ଜିଲା ଭାଜପା ସଭାପତି ଗିରିଶ ପଟେଲ, ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା, ହୀରାକୁଦର ପୂର୍ବତନ ନଗରପାଳ ସିପ୍ରା ମହାନ୍ତି, ଏସ୍‌ଡିପିଓ ସତ୍ୟବ୍ରତ ଦାଶ, ହିଣ୍ଡାଲ୍‌କୋ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାଶ ପାଣ୍ଡେ, ଆଦିତ୍ୟ ଆଲୁମିନିୟମର ମୁଖ୍ୟ ସମୀର ନାୟକ, ଆଦିତ୍ୟ ଆଲୁମିନିୟମ ମାନବସମ୍ବଳ ମୁଖ୍ୟ ବିବେକାନନ୍ଦ ମିଶ୍ର, ଏଫ୍‌ଆର୍‌ପି ହେଡ ସୁରଜିତ ମିତ୍ର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।


ଦୀପିକା ପାଢ଼ୀ

# କମିଛି ବର୍ଷା, କମିନି ଦୁର୍ଦ୍ଦଶା

**ସମ୍ବଲପୁର,୧୮।୮(ବ୍ୟୁରୋ)**

ହୀରାକୁଦ ଜଳଭଣ୍ଡାରରୁ ଗୁରୁବାର ୨୮ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଅନ୍ୟପଟେ ଦିନତମାମ ସମ୍ବଲପୁର ସହରରେ ବର୍ଷା ହୋଇନାହିଁ। ତେଣୁ ତଳି ଅଞ୍ଚଳରେ ପ୍ରଭାବିତମାନଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି । ହେଲେ ମଧ୍ୟ ସେମାନଙ୍କ ଦୁର୍ଦ୍ଦଶା କମିନାହିଁ। ଅନେକ ଗୃହ ଏବେ ମଧ୍ୟ ଜଳବନ୍ଦିରେ ରହିଛି। ୭ଟି ଆଶ୍ରୟସ୍ଥଳି ଖୋଲାଯାଇ ପ୍ରାୟ ୬ଶହ ଜଣଙ୍କୁ ରଖାଯାଇଛି। ସେହିପରି ଯେଉଁମାନେ ଉଚ୍ଚ ସ୍ଥାନରେ ଓ ନିଜ ଘରେ ଫଶି ରହିଛନ୍ତି ସେମାନଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ଦିଆଯାଉଛି। ପାଣିପଶି ମାଟିଘର ଭାଙ୍ଗିଯାଇଥିବାରୁ ଲୋକେ ବାସହରା ହୋଇଛନ୍ତି। ଅନ୍ୟପଟେ ଭାଙ୍ଗିଯାଇଥିବା ଘରକୁ ବିପନ୍ନ ସଜାଡ଼ିବାକୁ ଚେଷ୍ଟା କରୁଛନ୍ତି। ଏଭଳି କେତେକ ପରିବାର ଲୋକଙ୍କୁ ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରୀ ନାଏକ ଭେଟି ଆଲୋଚନା କରିଛନ୍ତି। ସମ୍ବଲପୁର ମହାନଗର ନିଗମ, ଖଣ୍ଡୁଆଳ ଓ ମହାନଦୀ ତଟରେ ଥିବା ପରିବାରକୁ ଭେଟି ରିଲିଫ ସାମଗ୍ରୀ ଓ ସମସ୍ତ ସରକାରୀ ସୁବିଧା ପାଉଛନ୍ତି କି ନାହିଁ ପଚାରି ବୁଝିଥିଲେ। ସରକାରୀ ସୁବିଧା ଯୋଗାଇଦେବା ପାଇଁ ସେ ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ତାଙ୍କ ସହ ଧନୁପାଲି ଭାଜପା ମଣ୍ଡଳ ସଭାପତି ପ୍ରକାଶ ସାହୁଙ୍କ ସମେତ ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ। ମହାନଗର ନିଗମ ପକ୍ଷରୁ ସୂଚନା ଦିଆଯାଇଛି ଯେ, ପରିସ୍ଥିତି ସ୍ୱାଭାବିକ ରହିଛି। ମୋଟ ୭ଟି ଆଶ୍ରୟସ୍ଥଳରେ ପାଖାପାଖି ୧ହଜାର ବିପନ୍ନଙ୍କୁ ଆଶ୍ରୟ ଦିଆଯାଇ ରନ୍ଧା ଓ ଶୁଖିଲା ଖାଦ୍ୟ ଦିଆଯାଉଛି। ବିଭିନ୍ନ ସ୍ଥାନରେ ପାଣି ପମ୍ପ ଦ୍ୱାରା ଜଳ ନିଷ୍କାସନ କରାଯାଉଛି।


ବନ୍ୟାବିପନ୍ନଙ୍କ ସହ ଆଲୋଚନା କରୁଛନ୍ତି ବିଧାୟକ।

**ବନ୍ୟା ବିପନ୍ନଙ୍କୁ ଭେଟିଲେ ବିଧାୟକ**

## ସଂକ୍ଷେପରେ

### ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର ଘଟଣା: ଯୁବକ ଗିରଫ

**ରାଉରକେଲା ଅଫିସ,୧୮।୮:** ରାଉରକେଲା ଉଦିତନଗର ଥାନା ଅଧୀନ କୁମ୍ଭାରପଡା ଅଞ୍ଚଳର ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ଜନି ଚୌଧୁରୀ(୩୫)। ଏ ନେଇ ପୋଲିସ ଏକ ମାମଲା (ନଂ.୨୧୦।୨୨) ରୁଜୁ କରି ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ଜନି ଉକ୍ତ ଭିନ୍ନକ୍ଷମ ଯୁବତୀଙ୍କୁ ପ୍ରଲୋଭନ ଦେଖାଇ ବାରମ୍ବାର ଶାରିରୀକ ସମ୍ପର୍କ ରଖିବାରୁ ଯୁବତୀ ଜଣକ ଗର୍ଭବତୀ ହୋଇଥିଲେ। ତାଙ୍କ ପରିବାର ଲୋକେ ଏହା ଜାଣିବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ଦୋକାନୀଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟିଲେ

**ବଡ଼ଗାଁ, ୧୮।୮(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଗଙ୍ଗାଜଳ ନିକଟ ସ୍କାନଷ୍ଟିଲ କାରଖାନା ସମ୍ମୁଖ ୧୦ନଂ. ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ଏକ ଟାୟାର ମରାମତି ଦୋକାନୀଙ୍କୁ ବନ୍ଧୁକ ଓ ଛୁରି ଦେଖାଇ ଦୁର୍ବୃତ୍ତମାନେ ୨୦ହଜାର ଟଙ୍କା ଲୁଟ ନେଇଛନ୍ତି। ବୁଧବାର ରାତି ପ୍ରାୟ ସାଢ଼େ ୧୧ଟାରେ ଏହି ଘଟଣା ଘଟିଛି। ଘଟଣା ସମ୍ପର୍କରେ ଦୋକାନୀ ଚନ୍ଦନ କୁମାର ଦାସ ସ୍ଥାନୀୟ ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତି କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ବିହାର ମାଥାଡିହି ଗ୍ରାମର ଚନ୍ଦନ କିଛିବର୍ଷ ହେଲା ଗଙ୍ଗାଜଳ ନିକଟରେ ଟାୟାର ମରାମତି ଦୋକାନ କରିବା ସହ ସେହିଠାରେ ରହୁଛନ୍ତି। ବୁଧବାର ରାତିରେ ଚନ୍ଦନ ଓ ତାଙ୍କ ସାନ ଭାଇ ପାନାଲାଲ ରୋଷେଇ କରୁଥିବାବେଳେ ଏକ ଟାଟାସୁମୋ କାର ଦୋକାନ ସମ୍ମୁଖରେ ଅଟକିଥିଲା। ଦୋକାନ ମାଲିକ କବାଟ ଖୋଲିବା କ୍ଷଣି ୪ ଜଣ ଦୁର୍ବୃତ୍ତ ଦୋକାନ ଭିତରକୁ ପଶି ଆସିଥିଲେ। ତନ୍ମଧ୍ୟରୁ ଜଣେ ପିସ୍ତଲ ଓ ଅନ୍ୟ ଜଣେ ଛୁରି ଦେଖାଇ ଭୟଭୀତ କରିଥିଲେ। ପାଖରେ ଯାହା ଟଙ୍କା ଅଛି ଦେବାକୁ କହିଥିଲେ। ଏହି ସମୟରେ ଅନ୍ୟ ୨ ଜଣ ଦୋକାନ ବାହାରେ ଜଗି ରହିଥିଲେ। ଦୁର୍ବୃତ୍ତମାନେ ହିନ୍ଦୀରେ କଥା ହେଉଥିଲେ। ୪ ଜଣଙ୍କ ମଧ୍ୟରୁ ୩ଜଣ ମୁଖା ଲଗାଇଥିଲେ। ଶେଷରେ ଚନ୍ଦନଙ୍କ ପାଖରେ ଥିବା ୨୦ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ।

### ୩ ମୋବାଇଲ ଚୋର ଗିରଫ

**କୁତ୍ରା, ୧୮।୮(ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା କୁତ୍ରା ସାପ୍ତାହିକ ହାଟରୁ ମୋବାଇଲ ଚୋରି ଅଭିଯୋଗରେ କୁତ୍ରା ପୋଲିସ ୩ ଜଣଙ୍କୁ ଗିରଫ କରି ସେମାନଙ୍କଠାରୁ ୩ଟି ଚୋରି ମୋବାଇଲ ଜବତ କରିଛି। କୁତ୍ରା ହାଟପାଳି ସପ୍ତାହରେ ଦୁଇଥର ରବିବାର ଓ ବୁଧବାର ହେଉଥିବା ବେଳେ ହାଟରେ ପ୍ରବଳ ଭିଡର ସୁଯୋଗ ନେଇ ଚୋରମାନେ ପକେଟମାର କରିବା ସହ ମୋବାଇଲ ଫୋନ ଚୋରିକରିଥାନ୍ତି। ତେବେ ଏହି ଘଟଣା କୁତ୍ରା ଅଞ୍ଚଳରେ ବାରମ୍ବାର ଘଟୁଥିବାବେଳେ ପୋଲିସ ଝାଡ଼ଖଣ୍ଡ ରାଜ୍ୟର ତିନପାହାଡ ଗ୍ରାମର ସଙ୍ଗମ ମାହାତୋ (୩୨), କମାଣ୍ଡୋ କୁମାର (୨୦) ଓ ରୋଶନ୍ତ କୁମାର (୨୦)ଙ୍କୁ ଗିରଫ କରିବାର ସକ୍ଷମ ହୋଇଛି। ଏମାନଙ୍କ ଠାରୁ ୩ ଟି ମୋବାଇଲ ଫୋନ ଜବତ କରାଯାଇଛି।

# ୧୨ ଘଣ୍ଟିଆ ସୁନ୍ଦରଗଡ଼ ବନ୍ଦ ଡାକରା

**ସୁନ୍ଦରଗଡ଼, ୧୮।୮(ଡି.ଏନ୍.ଏ.)**



ସୁନ୍ଦରଗଡ଼ ଡିଆରଡିଏ ଛକରେ ଚାଲିଥିବା ଆମରଣ ଅନଶନରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ସାମିଲ ହୋଇଛନ୍ତି।

ସୁନ୍ଦରଗଡ଼ଠାରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ନେଇ ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ପକ୍ଷରୁ ସ୍ଥାନୀୟ ଡିଆରଡିଏ ଛକଠାରେ ଗତ ୧୬ ତାରିଖ ଠାରୁ ଚାଲିଥିବା ଆମରଣ ଅନଶନ ଗୁରୁବାର ତୃତୀୟ ଦିନରେ ପହଞ୍ଚିଛି। ହେଲେ ବର୍ତ୍ତମାନ ସୁଦ୍ଧା ଜିଲା ପ୍ରଶାସନ କିମ୍ବା ସରକାରଙ୍କ ତରଫରୁ ଆଲୋଚନା ପାଇଁ କୌଣସି ପ୍ରସ୍ତାବ ଆସି ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ଗୁରୁବାର ସମସ୍ତ ସଙ୍ଗଠନ ଯଥା, ବସ, ଟ୍ରକ ମାଲିକ ସଂଘ, ଓକିଲ, ସାମ୍ବାଦିକ ସଂଘ, ବରିଷ୍ଠ ନାଗରିକ, ବ୍ୟବସାୟୀ ସଂଘ, ଟେମ୍ପୁ, କମାଣ୍ଡର ସଂଘ, ସମସ୍ତ ଜନସାଧାରଣ, ଧାର୍ମିକ ସଙ୍ଗଠନର କର୍ମକର୍ତ୍ତାମାନେ ଅପରାହ୍ନରେ ଅନଶନସ୍ଥଳରେ ପହଞ୍ଚିଥିଲେ। ଏଠାରେ ଅନୁଷ୍ଠିତ ବୈଠକରେ ଆଗାମୀ କାର୍ଯ୍ୟପନ୍ଥା ନେଇ ଆଲୋଚନା ହୋଇଥିଲା। ଏଥିରେ ବିଭିନ୍ନ ରାଜନୈତିକ

**ଏମ୍ସ ପ୍ରତିଷ୍ଠା ଦାବିରେ ଚାଲିଥିବା ଅନଶନକୁ ସମର୍ଥନ କଲେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା**

ଦଳ, ବିଭିନ୍ନ ସଙ୍ଗଠନର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ବୈଠକରେ ସର୍ବସମ୍ମତି ନିଷ୍ପତ୍ତି କ୍ରମେ ଶୁକ୍ରବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ଘଣ୍ଟିଆ ସୁନ୍ଦରଗଡ଼ ବନ୍ଦ ଡାକରା ଦିଆଯାଇଛି। ଏହାକୁ ସଫଳ କରିବା ପାଇଁ ସମସ୍ତେ ସହଯୋଗ କରିବାକୁ କାମନା କରାଯାଇଛି। ଦଳମତ ନିର୍ବିଶେଷରେ ବୈଠକରେ ସମସ୍ତେ ବନ୍ଦକୁ ସଫଳ କରିବାକୁ ନିଜର ମତାମତ ଦେଇଛନ୍ତି। ଏହି ବୈଠକରେ ବିଧାୟିକା କୁସୁମ ଟେଟେ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ମାଝି, ବରିଷ୍ଠ ଆଇନଜୀବୀ ଅଶୋକ କୁମାର ଦାଶ, ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ, ଜିଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ, କୋଶଳ ଏକତା ମଞ୍ଚର ଦିଲ୍ଲୀପ ପଣ୍ଡା, ଜେଜେଟିଏ ଟ୍ରକ ମାଲିକ ସଂଘ ସଭାପତି ସଞ୍ଜୟ ନନ୍ଦ, ସଦର ମସଜିଦ କମିଟି, ଶ୍ରୀ ଗୁରୁ ସିଂ ସଭା ଗୁରୁଦ୍ୱାରା ପ୍ରବନ୍ଧକ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଯୋଗଦେଇଥିଲେ।

## ଦେବଗଡ଼ରେ ପୁଣି ଗର୍ଜିଲେ ଠିକାଦାର

**ଦେବଗଡ଼, ୧୮।୮(ଡି.ଏନ୍.ଏ.)**

ଦେବଗଡ଼ ଜିଲା ଠିକାଦାର ସଂଘର କାର୍ଯ୍ୟକାରୀ ସଭାପତି ଇଂ.ଅଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ସ୍ଥାନୀୟ ବସନ୍ତନିବାସ ଡାକବଙ୍ଗଳାଠାରେ ସଂଘର ୩୪ ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ବୈଠକରେ ସାଧାରଣ ସମ୍ପାଦକ ପଦବୀରୁ ଇସ୍ତଫାପତ୍ର ଦେଇଥିବା ଅନୁପମ ମୋଦିଙ୍କ ଇସ୍ତଫା ଗ୍ରହଣ କରାଯାଇ ଆଗାମୀ ୬ ମାସ ପର୍ଯ୍ୟନ୍ତ ପ୍ରଜିତ କୁମାର ଭୋଜଙ୍କୁ ସଂଘର କାର୍ଯ୍ୟକାରୀ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ପୂର୍ବରୁ ଚାଲିଥିବା ସିଡ୍ୟୁଲ ରେଟ ଟେଣ୍ଡର ଏବଂ ୧ କୋଟି ପର୍ଯ୍ୟନ୍ତ ଠିକାକାମରେ ଜିଲା ଠିକାଦାରଙ୍କ ସଂରକ୍ଷଣ ପୁନଶ୍ଚ କଡାକଡି ଭାବେ ଲାଗୁ କରିବା ନେଇ ବୈଠକରେ ପ୍ରସ୍ତାବ ପାରିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଜିଲା ବାହାର ଠିକାଦାରମାନଙ୍କୁ ପ୍ରସାରିତ ଖବର ମାଧ୍ୟମରେ ୧କୋଟି କିମ୍ବା କମ ମୂଲ୍ୟର ଟେଣ୍ଡରରେ ଭାଗ ନ ନେବାକୁ ଜିଲା ସଂଘ ପକ୍ଷରୁ ବିଶେଷ ଅନୁରୋଧ କରାଯାଇଛି। ବୈଠକରେ ସଂଘ କାର୍ଯ୍ୟକାରୀ ସଦସ୍ୟ ମଧ୍ୟରେ ଇଂ ଚିତ୍ତରଞ୍ଜନ ପ୍ରଧାନ, ଇଂ. ସୁଜିତ କୁମାର ପ୍ରଧାନ, ପ୍ରକାଶ କୁମାର ପାଲ, ଅନିଲ କୁମାର ରଣା, ନିରଞ୍ଜନ ମହାପାତ୍ର, ଯୁଗଳ କିଶୋର ନାଏକ, ସୌମ୍ୟକାନ୍ତ ପ୍ରଧାନ, ଇଂ. କୁମାର ସ୍ୱସ୍ତିକ ମହାପାତ୍ର ସମେତ ବରିଷ୍ଠ ଠିକାଦାର ହରିହର ପାଣି, ବିଜୟ କୁମାର ପ୍ରଧାନ, ସତ୍ୟନାରାୟଣ ପାଣି, ନନ୍ଦକିଶୋର ମହାପାତ୍ର, ସୁଧୀର କୁମାର ପ୍ରଧାନ, ପ୍ରଶାନ୍ତ କୁମାର ଧଳ, ଦେବାଶିଷ କପରଦାର, ଇଂ. ନରୋତ୍ତମ ଦେବ ସମେତ ଅନେକ ଯୁବ ଠିକାଦାର ଉପସ୍ଥିତ ଥିଲେ। ଶେଷରେ ନବନିଯୁକ୍ତ ସମ୍ପାଦକ ପ୍ରଜିତ କୁମାର ଭୋଜ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ।

## ରଜକ ସେବା ସଂଘର ପ୍ରଥମ ସଭାପତିଙ୍କ ବିୟୋଗ

**ସୁନ୍ଦରଗଡ,୧୮।୮(ଡି.ଏନ.ଏ.)**

ରଜକସେବା ସଂଘର ପ୍ରତିଷ୍ଠାତା ତଥା ପ୍ରଥମ ସଭାପତି ଟିକ୍କୁନୁ ରାମ ସେଠଙ୍କ ସୋମବାର ତାଙ୍କ ବଡବାହାଲସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା।୧୯୮୧ ମସିହାରେ ଗଠିତ ରଜକ ସେବା ସଂଘ ତାଙ୍କର ଉଦ୍ୟମରେ ଗଠିତ ହୋଇଥିଲା।

# ବୋନସ ପ୍ରଦାନ ଦାବିରେ ବିକ୍ଷୋଭ



ବିଶ୍ରା ଛକରେ ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ରାଉରକେଲା ଅଫିସ,୧୮।୮**

ରାଉରକେଲା କଣ୍ଟ୍ରାକ୍ଟର ୱାର୍କର୍ସ ୟୁନିୟନ (ଆର୍‌ସିଡବ୍ଲ୍ୟୁ) ଓ ଷ୍ଟିଲ ଏମ୍ପ୍ଲଇଜ୍ ଟ୍ରେଡ୍ ୟୁନିୟନ (ସିଆଇଟିୟୁ)ର ମିଳିତ ଆନୁକୂଲ୍ୟରେ ଗୁରୁବାର ରାଉରକେଲା ବିଶ୍ରା ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସାଧାରଣ ସମ୍ପାଦକ ବସନ୍ତ ନାୟକ ଓ ବିମାନ ମାଇତିଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ଆୟୋଜିତ ହୋଇଥିଲା। ଏଥିରେ ସଂଘ କର୍ମକର୍ତ୍ତା ଯୋଗଦେଇ ଆସନ୍ତା ଦୁର୍ଗା ପୂଜା ନିମନ୍ତେ ଆରଏସ୍‌ପି କର୍ମଚାରୀଙ୍କୁ ତୁରନ୍ତ ସମ୍ମାନଜନକ ବୋନସ ଓ ଏକ୍ସ ଗ୍ରାସିଆ ପ୍ରଦାନ କରିବାକୁ ଦାବି କରିଥିଲେ। ଏଥିସହ ବିଭିନ୍ନ ଠିକା ଶ୍ରମିକଙ୍କୁ ୨୦ ପ୍ରତିଶତ ବୋନସ ପ୍ରଦାନ କରାଯିବା ସହ ୩୯ ମାସର ଏରିୟର ପ୍ରଦାନ, ଠିକା ଶ୍ରମିକଙ୍କ ଦରମା ଏନ୍‌ଜେସିଏସ୍ ନିର୍ଦ୍ଧାରଣ କରିବା, କୌଣସି ଠିକାଦାର ବଦଳି ହେଲେ ମଧ୍ୟ ଠିକା ଶ୍ରମିକଙ୍କୁ ଛଟେଇ ନ କରିବା ଭଳି ଦାବି କରାଯାଇଥିଲା। ପରେ ବିକ୍ଷୋଭକାରୀମାନେ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ, ସେଲ୍ ଅଧ୍ୟକ୍ଷ, ଆର୍‌ଏଲ୍‌ସିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ରତ୍ନାକର ନାୟକ, ପ୍ରଦୀପ ସେଠୀ, ବି. ପି. ମହାପାତ୍ର, ରାଜକିଶୋର ପ୍ରଧାନ, ସୁରେଶ ବେଉରିଆ, ଯଜ୍ଞେଶ୍ୱର ସାହୁ, ସଂଗ୍ରାମ ସାମଲ, ବିଜୟ ବେହୁରିଆ, ପ୍ରଦୋଷ ପରିଡା, ବିଦ୍ୟାଧର ନାୟକ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍ ଚୋରି ଅଭିଯୋଗ, ୨ ଗିରଫ

**ରାଉରକେଲା ଅଫିସ,୧୮।୮**

ବାଇକ୍ ଚୋରି ଅଭିଯୋଗରେ ରାଉରକେଲା ପ୍ଲାଣ୍ଟସାଇଟ୍ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୋପବନ୍ଧୁପାଲି ଅଞ୍ଚଳର ବିନୟ ସିଂ(୨୩) ଓ ବାସନ୍ତୀ କଲୋନୀ ଆମ୍ବେଦକରନଗର ଅଞ୍ଚଳରେ ରୋହିତ ନାୟକ(୨୧)। ଉଭୟଙ୍କ ଠାରୁ ୨ଟି ବାଇକ୍ (ନଂ.ଓଡ଼ି୧୪ଏମ୍/୪୭୬୮) ଓ (ନଂ.ଓଡ଼ି୧୪ଏନ୍/୫୦୮୮)କୁ ଜବତ କରାଯାଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୨୮୭।୨୨) ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ଗତ ଜୁଲାଇ ୨୨ରେ ରଘୁନାଥପାଲି ଅଞ୍ଚଳ ଏବଂ ଅଗଷ୍ଟ ୩ରେ ଉଦିତନଗର ଅଞ୍ଚଳରୁ ଦୁଇଟି ବାଇକ୍ ଚୋରି ଅଭିଯୋଗ ହୋଇଥଲା। ଉକ୍ତ ଘଟଣାର ତଦନ୍ତ କରି ପୋଲିସ ବିନୟ ଓ ରୋହିତଙ୍କୁ ଆମ୍ବେଡ଼କର ବସ୍ତିରୁ ଗିରଫ କରିଥିଲା।

## ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଚାରାରୋପଣ


ଚାରା ରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତା ଓ କର୍ମୀ।

**ଦେବଗଡ, ୧୮।୮(ଡି.ଏନ.ଏ.)**

ବିଜେଡି ପ୍ରତିଷ୍ଠାର ୨୫ ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଦେବଗଡ଼ ଜିଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସ୍ଥାନୀୟ ପଲିଟେକନିକ କଲେଜ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ଜିଲା ପାଇଁ ବିଜେଡିର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଗୌତମବୁଦ୍ଧ ଦାସ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲା ଛାତ୍ର ଜନତା ଦଳ ସଭାପତି ଭବାନୀ ଶଙ୍କର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଦେବଗଡ଼ ପୌରାଧକ୍ଷା ଶାନ୍ତିମଞ୍ଜରୀ ଦେଇ, ଜିଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ସାମଲ, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଇଂ. ସୁଜିତ ପ୍ରଧାନ, ଜିଲା ଯୁବ ବିଜେଡ଼ି ସଭାପତି ପ୍ରତାପ ଦେବ, ନଗର ସଭାପତି ଶୁକଦେବ ଭଞ୍ଜ, ଯୁବ ନେତା ରାଜକିଶୋର ଦାଶ, ଅମରେନ୍ଦ୍ର ଗଙ୍ଗଦେବ, ବିକାଶ ପ୍ରଧାନ, ଯତୀନ ନାୟକଙ୍କ ସମେତ ବହୁ ଦଳୀୟ ପଦାଧିକାରୀ ଓ କର୍ମୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା।

## ବର୍ଷାରେ ଧସିଲା ବିରାଟ ଜଳାଶୟ ହିଡ଼ ସହିତ ସ୍କୁଲ ପାଚେରି

**କୁତ୍ରା, ୧୮।୮(ଡି.ଏନ.ଏ.)**

ସାରା ରାଜ୍ୟରେ ଲଘୁଚାପ ଜନିତ ବର୍ଷାରେ ଲୋକଙ୍କ ବହୁ କ୍ଷୟକ୍ଷତି ଘଟିଯାଇଛି। ନଈ, ନାଳ ପୋଖରୀ ଚାରି ଆଡ଼େ ବର୍ଷା ପାଣିରେ ଭରପୁର। କେଉଁଠି ଘର,ପାଚେରି ଧସି ଯାଉଛି। ଏଭଳି ଘଟଣା ଦେଖିବାକୁ ମିଳିଛି ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅଞ୍ଚଳରେ। ବ୍ଲକର ରଜାବସା ଗ୍ରାମରେ ଥିବା ଏକ ବିରାଟ ଜଳାଶୟ ହିଡ ଭାଙ୍ଗିଯାଇଛି। ଫଳରେ ଜଳାଶୟ ପାଣି ସ୍ଥଗିତ ନ ରହି ବହି ଚାଲିଛି। ଏହି ଜଳାଶୟ ପାଣିକୁ ନିର୍ଭର କରି ପୁରକାପାଲି, ରଜାବସା, ନିରାବାହାଲ ତିନିଟି ଗ୍ରାମର ଲୋକେ ଚଳନ୍ତି। ଏହି ଜଳାଶୟର ପାଣି ବ୍ୟବହାର କରି ବର୍ଷସାରା ଲୋକେ ଚାଷ କରିଥାଆନ୍ତି। କିନ୍ତୁ ହିଡ ଭାଙ୍ଗି ଯିବାରୁ ଏବର୍ଷ ଚାଷୀ ଚାଷ କାର୍ଯ୍ୟ କରିପାରିବେ ନାହିଁ ବୋଲି ଚିନ୍ତାରେ ରହିଛନ୍ତି। ଚଳିତ ବର୍ଷ ପାଣି ଅଭାବରୁ ଚାଷ କାର୍ଯ୍ୟ ବହୁ ମାତ୍ରାରେ ପ୍ରଭାବିତ ହୋଇଥିବାବେଳେ ବର୍ତ୍ତମାନ ଏଭଳି ଲଘୁଚାପ ଜନିତ ବର୍ଷା ପାଇଁ ଜଳାଶୟ ହିଡ ଭାଙ୍ଗିବା, ଘର ଦ୍ୱାର ଭାଙ୍ଗିବା ଯୋଗୁ ଅତ୍ୟନ୍ତ ଚିନ୍ତାର ବିଷୟ ପାଲଟିଛି। ସେହିଭଳି ଭାବରେ ପଞ୍ଚରା ପ୍ରାଥମିକ ବିଦ୍ୟାଳୟର ପାଚେରି ଧସି ଯାଇଛି। ଫଳରେ ବିଦ୍ୟାଳୟ ପରିସରକୁ ଗାଈ, ବଳଦ, କୁକୁର ପଶିବା ସହିତ ଛାତ୍ରଛାତ୍ରୀଙ୍କୁ ବିପଦ ସୃଷ୍ଟି କରୁଛି। ରାତିରେ ହାତୀ ପଶିବାର ଆଶଙ୍କା ରହିଛି। ଏଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି।

# ଧର୍ମାନ୍ତରୀକରଣକୁ ବିରୋଧ ପାଇଁ ଆହ୍ୱାନ

**ରାଉରକେଲା ଅଫିସ,୧୮।୮**

ରାଉରକେଲା ଉଦିତନଗର ସ୍ଥିତ ମାହେଶ୍ୱରୀ ଭବନ ପରିସରରେ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ପକ୍ଷରୁ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀରେ ବିଶ୍ୱ ହିନ୍ଦୁ ପରିଷଦର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ମିଲନ୍ଦି ପରାଣ୍ଡେ ଯୋଗଦେଇ ରାଜ୍ୟର ବିଭିନ୍ନ ସ୍ଥାନରେ ହେଉଥିବା ଧର୍ମାନ୍ତରୀକରଣକୁ କଠୋର ବିରୋଧ କରି ଏହାକୁ ବନ୍ଦ କରିବା ପାଇଁ ଆହ୍ୱାନ ଦେଇଥିଲେ। ଭିଏଚ୍‌ପିର ସ୍ଥାପନା ଦିବସ ପାଳନ ଅବସରରେ ଏହାର କାର୍ଯ୍ୟଧାରା ଓ ନୀତି ଉଦ୍ଦେଶ୍ୟରେ ଆଲୋଚନା କରିବା ସହ ସ୍ୱର୍ଗତ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ହିନ୍ଦୁ ଧର୍ମର ସଂସ୍କାର, ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ପରାଣ୍ଡେ ମତପ୍ରକାଶ କରିଥିଲେ। ଭାରତର ସଂସ୍କାର ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ସମସ୍ତ ହିନ୍ଦୁ ସମାଜ ଏକତିତ୍ର ହୋଇ କାର୍ଯ୍ୟ କରିବା ଜରୁରୀ ବୋଲି ସେ କହିଥିଲେ। ମିଥ୍ୟା ପ୍ରଲୋଭନ ଦେଖାଇ ଦେଶରେ ଜନଜାତି ସମାଜର ଲୋକମାନଙ୍କୁ ଧର୍ମାନ୍ତରୀକରଣ କରାଯାଉଥିବା ଅଭିଯୋଗ କରି ଏଥିପ୍ରତି ସଚେତନ ରହିବାକୁ ଜିଲା ସଭାପତି ଗୋଦାବରୀଶ ଶତପଥୀ କହିଥିଲେ। ଖବରଦାତା ସମ୍ମିଳନୀରେ ପଶ୍ଚିମ ପ୍ରାନ୍ତର କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଗାନ୍ଧୀ, ପ୍ରାନ୍ତ ଉପସଭାପତି ଅମୂଲ୍ୟ ମିଶ୍ର, ଅଚ୍ୟୁତାନନ୍ଦ କର, ବିଶ୍ୱମ୍ଭର ନାଥ ମିଶ୍ର, ଅରୁଣ କୁମାର ମଣ୍ଡଳ, ଉପେନ୍ଦ୍ର ନାଥ ଦାସ, କିଶୋର କୁମାର ପଟେଲ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସତ୍ୟ ନାରାୟଣ ଥାନପତି ପ୍ରମୁଖ ସହଯୋଗ କରିଥିଲେ।

# ବିଭିନ୍ନ ଦାବିନେଇ ସିଆଇଟିୟୁର ବିକ୍ଷୋଭ

**ଟେନ୍‌ସା, ୧୮।୮(ଡ଼ି.ଏନ୍.ଏ.)**

ଇସ୍ପାତ ଶିଳ୍ପରେ ସର୍ବଭାରତୀୟ ସ୍ତରରେ ବିକ୍ଷୋଭ ଓ ଧାରଣା ଚାଲିଥିବା ବେଳେ ସୁନ୍ଦରଗଡ଼ ଜିଲା କୋଇଡ଼ା ମାଇଙ୍ଗି ସେକ୍ଟରର ଟେନସା ଗ୍ରାମପଞ୍ଚାୟତର ବରସୁଆଁ ଲୌହଖଣି (ସେଲ)ସମ୍ମୁଖରେ ସିଆଇଟିୟୁ ତରଫରୁ ବିଭିନ୍ନ ଦାବି ନେଇ ମଧ ଗୁରୁବାର ଜୋରଦାର ବିକ୍ଷୋଭ ପ୍ରଦର୍ଶନ ସହ ଗଣଧାରଣା ଦିଆଯାଇଥିଲା। ସିଆଇଟିୟୁ ଦଳର ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ସିଆଇଟିୟୁ ରାଜ୍ୟ କମିଟି ସଭ୍ୟ ପ୍ରଭାତ କୁମାର ପଣ୍ଡା, ଜନ ଡୁଙ୍ଗଡୁଙ୍ଗ, ଜିଲା ପରିଷଦ ସଭ୍ୟା ଶୁଶୀଳା ମୁଣ୍ଡାଙ୍କ ନେତୃତ୍ୱରେ ସିଆଇଟିୟୁ କର୍ମୀମାନେ ବରସୁଆଁ ଲୌହଖଣି (ସେଲ)ସମ୍ମୁଖରେ ବିକ୍ଷୋଭ ଓ ଧାରଣା ଦେଇଥିଲେ। ବିଭିନ୍ନ ଦାବି ମଧ୍ୟରେ ଶ୍ରମିକମାନଙ୍କୁ ବୋନସ, ଠିକା ଶ୍ରମିକମାନଙ୍କୁ ୨୦% ବୋନସ ପ୍ରଦାନ, ଠିକା ଶ୍ରମିକମାନଙ୍କୁ ଛଟେଇ ବନ୍ଦ, ସେଲର ସମସ୍ତ ପ୍ରକାର ସୁବିଧା ପ୍ରଦାନ ଇତ୍ୟାଦି ଦାବି ସବୁ ରହିଥିଲା । ଏହି ବିକ୍ଷୋଭ ଓ ଧାରଣରେ ସିଆଇଟିୟୁ ରାଜ୍ୟ ସଭ୍ୟ ପ୍ରଭାତ କୁମାର ପଣ୍ଡା, ବଣାଇ ଟ୍ରକ ଆଣ୍ଡ ଟିପର ଆସୋସିଏସନର କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ସାମଲ, ଲକ୍ଷ୍ମଣ ମହାକୁଡ଼, କରୁଣାକର ସେଠୀ, ସୁଦର୍ଶନ ପାତ୍ର, ପବିତ୍ର ମୋହନ ବେହେରା, ଏଚ.ଆର ଶତପଥି, ଲୋକନାଥ ପାତ୍ର, ରତନ କାଣ୍ଡୁଲାନା, ଗୋରା ମୁଣ୍ଡାଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ସିଆଇଟିୟୁ କର୍ମୀ ବିକ୍ଷୋଭ ଓ ଧାରଣାରେ ଯୋଗ ଦେଇଥିଲେ।


ସିଆଇଟିୟୁ ତରଫରୁ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ସାମୂହିକ ଗ୍ରାମ ବିକାଶରେ ପୂର୍ଣ୍ଣାଙ୍ଗ ରୂପରେଖ ଦେବ ଅଣୁଯୋଜନା

**ସୁନ୍ଦରଗଡ଼,୧୮।୮(ଡି.ଏନ୍.ଏ.)**



ଅଣୁଯୋଜନା ପ୍ରସ୍ତୁତି କାର୍ଯ୍ୟକ୍ରମର ଶୁଭାରମ୍ଭରେ ଉପସ୍ଥିତ ଜନସାଧାରଣ, ଅଧିକାରୀ।

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟରେ ସୁନ୍ଦରଗଡ଼ ବନଖଣ୍ଡ ଅନ୍ତର୍ଗତ ଉଜ୍ଜଳପୁର ବନାଞ୍ଚଳର ୩୦ଟି ବନ ସୁରକ୍ଷା ସମିତିରେ ୨୦୧୮-୧୯ ମସିହାରେ ସହଭାଗିତାମୂଳକ ଅଣୁଯୋଜନା ପ୍ରସ୍ତୁତ କରାଯାଇଥିଲା। ସୁନ୍ଦରଗଡ଼ ଖଣ୍ଡୀୟ ପରିଚାଳନା ଏକକର ନେତୃତ୍ୱରେ ଉଜ୍ଜଳପୁର କ୍ଷେତ୍ର ପରିଚାଳନା ଏକକ ଓ ସହଯୋଗୀ ଅନୁଷ୍ଠାନ ସେବକର ସହଯୋଗରେ ୩୦ଟି ଯାକ ବନ ସୁରକ୍ଷା ସମିତି ସ୍ତରରେ ୧୦ ବର୍ଷୀୟ ବାସ୍ତବିକ ବିକାଶ ଯୋଜନା ପ୍ରସ୍ତୁତ କରାଯାଇ ଏହାର ସଫଳ କାର୍ଯ୍ୟକାରୀ କରାଯାଇଛି। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ମାର୍ଗଦର୍ଶିକା ଅନୁଯାୟୀ ଚଳିତବର୍ଷ ଏହି ଅଣୁଯୋଜନାଗୁଡିକ ସଂଶୋଧନ କରାଯିବ। ଏହି ପରିପ୍ରେକ୍ଷୀରେ ଝୁରିମାଲ, ତସୁପରା, କତ୍ରା-ଲିମ କୁଲବା-ନୂଆ ଓ କର୍ଲାଘାଟି ବନ ସୁରକ୍ଷା ସମିତିରେ ସଂଶୋଧିତ ଅଣୁଯୋଜନା ପ୍ରସ୍ତୁତି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏଥି ନିମନ୍ତେ ଏନିମେଟର, ମହିଳା କାର୍ଯ୍ୟକାରୀ ଓ ଅଣୁଯୋଜନା ପ୍ରସ୍ତୁତକାରୀଙ୍କୁ ନେଇ ପାଞ୍ଚୋଟି ଦଳ ପ୍ରସ୍ତୁତ କରାଯାଇଛି ଏବଂ ଏହାର ନେତୃତ୍ୱ ଯଥାକ୍ରମେ ଟିମ୍ ଲିଡର ଦିଗାମ୍ବର ଉପାଧ୍ୟାୟ, ଉନ୍ନୟନ ଅଧିକାରୀ ହରିପ୍ରିୟା ନାଏକ ଓ ମନୋରଞ୍ଜନ ମଲ୍ଲିକ ତଥା ସଂଯୋଜକ ସବ୍ୟସାଚୀ ରଥ ଓ ରାଜେସ ମହାପାତ୍ର ନେଉଛନ୍ତି। ଏଥିସହିତ ସମ୍ପୃକ୍ତ ବନପାଳ ହେମବତୀ ସିଂ, ନିତିନ କଛାରିଆ, କୁନ୍ଦନ ମିଞ୍ଜ, ସାନିକା ଟପ୍ପୋ ତଥା ବନରକ୍ଷୀମାନେ ସାଧାରଣ ପରିଷଦ ବୈଠକ, ଜଙ୍ଗଲ ପରିଚାଳନା ଯୋଜନାରେ ସକ୍ରିୟ ସହଯୋଗ କରୁଛନ୍ତି। ସୁନ୍ଦରଗଡ଼ ବନାଞ୍ଚଳ ଅଧିକାରୀ ପ୍ରଦୀପ

**ସଂଶୋଧିତ ଅଣୁଯୋଜନା ପ୍ରସ୍ତୁତି କାର୍ଯ୍ୟକ୍ରମର ଶୁଭାରମ୍ଭ**

ମିରାସେଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏଥିନିମନ୍ତେ ସହକାରୀ ବନ ସଂରକ୍ଷକ ମୋହନ ହେମ୍ବ୍ରମ, ବିଷୟଗତ ବିଶେଷଜ୍ଞ ଗୋପାଳ ଚନ୍ଦ୍ର ଶୁକ୍ଳା ଓ ସୁକାନ୍ତ କୁମାର ପାଣି ବୈଷୟିକ ସହାୟତା ପ୍ରଦାନ କରିବେ। ପ୍ରକାଶଥାଉ କି ସଂଶୋଧିତ ଅଣୁଯୋଜନାରେ ଜୈବ ବିବିଧତା ତଥ୍ୟ, ପୂର୍ବ ଅଣୁଯୋଜନାର ପ୍ରଗତିର ଆକଳନ, ପାରିବେଶିକ ଏବଂ ସାମାଜିକ ପରିଚାଳନା ସୁରକ୍ଷା କବଚ ଆଧାର, ଅନୁସୂଚିତ ଜନଜାତି, ଜଙ୍ଗଲ ଉପରେ ନିର୍ଭରଶୀଳ ବ୍ୟକ୍ତିଙ୍କ ନିମିତ୍ତ ଉନ୍ନୟନ ଯୋଜନା ଆଧାର, ଲିଙ୍ଗଗତ ସମତା, ଗୋଷ୍ଠୀ ଭିତ୍ତିକ ତଦାରଖ, ମୂଲ୍ୟାଙ୍କନ ପରି ବିଷୟବସ୍ତୁ ନୂତନ ଭାବରେ ସ୍ଥାନ ପାଇଛି। ଆଗାମୀ ଦିନରେ ଏହି ସହଭାଗିତାମୂଳକ ଅଣୁଯୋଜନା ଗ୍ରାମର ସାମୂହିକ ବିକାଶରେ ପୂର୍ଣ୍ଣାଙ୍ଗ ରୂପରେଖ ଦେବ ବୋଲି ଉଜ୍ଜଳପୁର ବନାଞ୍ଚଳ ଅଧିକାରୀ ସଂଗ୍ରାମ କେଶରୀ ମଣିହିରା ସୂଚନା ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ଇଭିଏମ୍ ହଟାଇବା, ଆରକ୍ଷଣ ଲାଗୁ ଦାବି

**ସମ୍ବଲପୁର,୧୮।୮(ବ୍ୟୁରୋ):** ଓବିସି ମୋର୍ଚ୍ଚା ପକ୍ଷରୁ ବୁଧବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରମୁଖ ଦାବି ମଧ୍ୟରେ କେନ୍ଦ୍ର ସରକାର ଓବିସି ପାଇଁ ଜାତିଗତ ଜନଗଣନା ନ କରିବାକୁ ବିରୋଧ, ଇଭିଏମ୍ ହଟାଇ ଗଣତନ୍ତ୍ରକୁ ବଞ୍ଚାଇବା, ଘରୋଇ କମ୍ପାନୀରେ ଓବିସି, ଏସ୍‌ଟିଏସ୍‌ସି ସଂରକ୍ଷଣ ଲାଗୁ କରିବା, କୃଷକମାନଙ୍କ ପାଇଁ ଗ୍ୟାରେଣ୍ଟି କୃଷି ଆଇନ ଲାଗୁ ସହ ଏମ୍‌ଏସ୍‌ପି ବୃଦ୍ଧି କରିବା, ପୁରୁଣା ପେନ୍‌ସନ୍ ଯୋଜନା ଲାଗୁ,ଏସ୍‌ଟିଏସ୍‌ସି ଓ ଓବିସି ଛାତ୍ରୀଛାତ୍ରଙ୍କ ପାଠ ପଢାରେ ଫି ହ୍ରାସ ଆଦି ଅନ୍ୟତମ। ହେମନ୍ତ ଗର୍ଡିଆ, ପୁଷ୍ପାଞ୍ଜଳି ନାଏକ, ଠାକୁର ମଙ୍ଗାରୀ, ଜଗଦିଶ ଯାଦବ, ଜାମୁରା ପ୍ରଧାନ, ରାଜକୁମାରୀ, ସୂର୍ଯ୍ୟକାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଯାଦବ ସଂଘର ପ୍ରତିଷ୍ଠା ଦିବସ

**ସମ୍ବଲପୁର,୧୮।୮(ବ୍ୟୁରୋ):** ସମ୍ବଲପୁର ଜିଲା ଯାଦବ ସଂଘର ପ୍ରତିଷ୍ଠା ଦିବସ ଓ ଜନ୍ମାଷ୍ଟମୀ ଗୁରୁବାର ଶ୍ରୀ ଗୋପାଳଜୀ ମନ୍ଦିରଠାରେ ପାଳିତ ହୋଇଯାଇଛି। ବିଶ୍ୱ ଶାନ୍ତି କାମନା କରି ସଂଘ ସଭ୍ୟାସଭ୍ୟ ୧୦୮ ଦୀପ ପ୍ରଜ୍ୱଳନ କରିଥିଲେ। ସଂଘ ସଭାପତି ଭୋଳା ଶଙ୍କର ମହନ୍ତମଙ୍କ ପରିଚାଳନା ଓ ଉପସଭାପତି ରାମଚନ୍ଦ୍ର ପୋଢ଼ ଏବଂ ମହେଶ୍ୱର ଷଣ୍ଡଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ସାଧାରଣ ସମ୍ପାଦକ ହେମନ୍ତ ଗହୀର, ଭାଗିରଥୀ ଖରସେଲ, ସୁରେନ୍ଦ୍ର କୁମାର ବଗର୍ତ୍ତି, ଜୟକିଶୋର ଜାଲ, ନରେଶ ବଗର୍ତ୍ତି, ନରସିଂହ ବଗର୍ତ୍ତି ପ୍ରମୁଖ ସହଯୋଗ କରିଥିଲେ।

### ଗଙ୍ଗାଧର ମେହେର ଜୟନ୍ତୀ

**ସମ୍ବଲପୁର,୧୮।୮(ବ୍ୟୁରୋ):** ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ବୁଧବାର ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ଡ. ରାଜଶ୍ରୀ ବରାଳ ଅଧକ୍ଷତା କରିଥିଲେ। ରେଙ୍ଗାଲି ସୁରଜମଲ ମହାବିଦ୍ୟାଳୟ ଅଧକ୍ଷ ଡ. ମନୋଜ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଗଙ୍ଗାଧରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଅଖିଳ ବିଶ୍ୱାଳ ଅତିଥି ପରିଚୟ ଓ ଅଧ୍ୟାପକ ଯୋଗେଶ ଚନ୍ଦ୍ର ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଗୋଟିଏ କୋଠରିରେ ୫ ଶ୍ରେଣୀର ପିଲା

**ନାକଟିଦେଉଳ,୧୮।୮(ଡ଼ି.ଏନ.ଏ.)**


ଗୋଟିଏ ଶ୍ରେଣୀଗୃହରେ ପଢୁଛନ୍ତି ୫ ଶ୍ରେଣୀର ପିଲା।

**ଫଟାମୁଣ୍ଡା ପ୍ରାଥମିକ ବିଦ୍ୟାଳୟ**
- ବାରଣ୍ଡାରେ ମଧ୍ୟାହ୍ନଭୋଜନ ରୋଷେଇ

ସରକାର ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦେଇ ଭିତ୍ତିଭୂମି ସୁଦୃଢ଼ କରିବା ସହ ପିଲାଙ୍କ ଲାଗି ସ୍ମାର୍ଟ କ୍ଲାସରୁମ ଭଳି ସୁବିଧା ଯୋଗାଇ ଦେଉଛନ୍ତି। ହେଲେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ନାକଟିଦେଉଳ ବ୍ଲକ କିସିଣ୍ଡା ପଞ୍ଚାୟତର ଫଟାମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ। ଏଠାରେ ଗୃହ ଅଭାବରୁ ୫ ଶ୍ରେଣୀର ପିଲା ଗୋଟିଏ କୋଠରୀରେ ବସି ପାଠ ପଢୁଛନ୍ତି।

୧୯୯୯ରେ ସ୍ଥାପିତ ଏହି ବିଦ୍ୟାଳୟରେ ବର୍ତ୍ତମାନ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ସମୁଦାୟ ୪୩ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଫଟାମୁଣ୍ଡା ଓ ଲଣ୍ଡାକୋଟ ଗ୍ରାମର ପିଲା ପ୍ରାଥମିକ ଶିକ୍ଷାପାଇଁ ଏହି ସ୍କୁଲ ଉପରେ ଭରସା କରିଥାନ୍ତି। ତେବେ ବିଦ୍ୟାଳୟରେ ବହୁବିଧ ସମସ୍ୟା ଲାଗିରହିଛି। ରୋଷେଇ ଘର ଭାଙ୍ଗିରୁଜି ଯାଇଥିବାରୁ ବାରଣ୍ଡାରେ ମଧ୍ୟାହ୍ନ ଭୋଜନ ରୋଷେଇ ଚାଲୁଛି। ଅନ୍ୟ ଗୋଟିଏ କୋଠା ଥିଲେ ମଧ୍ୟ ଛାତରୁ ସିମେଣ୍ଟ ଖଣ୍ଡ ଖସି ଅସୁରକ୍ଷିତ ହୋଇରହିଛି। ତେଣୁ ସମସ୍ତ ୪୩ ଛାତ୍ରୀଛାତ୍ର ଗୋଟିଏ କୋଠରୀରେ ବସୁଛନ୍ତି। ବିଦ୍ୟାଳୟ ପଛପାର୍ଶ୍ୱରେ ପାଚେରୀ ନ ଥିବାରୁ ଗୋରୁ ଓ ଛେଳି ପଶି ଫୁଲ ଗଛ ଓ ପରିବା ଫସଲ ଖାଇ ନଷ୍ଟ କରୁଛନ୍ତି। ଏହି ସମସ୍ୟା ନେଇ ପରିଚାଳନା କମିଟି ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ନୂତନ ଶ୍ରେଣୀଗୃହ, ରୋଷେଇ ଘର ଓ ପାଚେରି ନିର୍ମାଣ ପାଇଁ ପ୍ରଶାସନ ଅନୁଦାନ ଯୋଗାଇଦେବାକୁ ସାମାଜିକ କର୍ମୀ ମହେନ୍ଦ୍ର କୁଅଁର ଦାବି କରିଛନ୍ତି।

# ଜିଏମ୍‌ୟୁ ବାଣିଜ୍ୟ ବିଭାଗରେ ୨ ନୂତନ ପାଠ୍ୟକ୍ରମ ଆରମ୍ଭ

**ସମ୍ବଲପୁର,୧୮।୮(ବ୍ୟୁରୋ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ବାଣିଜ୍ୟ ବିଭାଗରେ ଦୁଇଟି ନୂତନ ପାଠ୍ୟକ୍ରମ ଅଧ୍ୟାପନା ପ୍ରକୋଷ୍ଠ-୧ରେ ଆରମ୍ଭ ହୋଇଛି। କୁଳପତି ପ୍ରଫେସର ଏନ୍ ନାଗାରାଜୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ସାର୍ଟିଫିକେଟ ଇନ୍ ଡାଟା ଆନାଲିଷ୍ଟିକ୍ ଓ ସାର୍ଟିଫିକେଟ ଇନ୍ ଟାକ୍ସ ଆଣ୍ଡ ପ୍ରାକ୍ଟିସକୁ ଆରମ୍ଭ କରାଯାଇଥିଲା। କୁଳସଚିବ ଯୁଗଳେଶ୍ୱରୀ ଦାଶ ପାଠ୍ୟକ୍ରମର ବିବରଣୀ ପାଠ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଡ. ସୁଶାନ୍ତ କୁମାର ଦାସ ବାଣିଜ୍ୟ ବିଭାଗ ବିଷୟରେ ସୂଚନା ଦେଇଥିଲେ। ଉପକୁଳସଚିବ ଡ. ଉମାଚରଣ ପତି ସ୍ୱାଗତ ଭାଷଣ, ବାଣିଜ୍ୟ ବିଭାଗୀୟ ମୁଖ୍ୟ ଡ. ପ୍ରିୟବ୍ରତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଡ. ଜ୍ଞାନରଞ୍ଜନ ବଳ ଦୁଇଟି ପାଠ୍ୟକ୍ରମ ସଂପର୍କିତ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ବାଣିଜ୍ୟ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ଶ୍ୟାମା ଚରଣ ଆଚାର୍ଯ୍ୟ ଓ ମ୍ୟାନେଜମେଣ୍ଟ ବିଭାଗୀୟ ମୁଖ୍ୟ ଡ. ଶ୍ରୀନିବାସ ଦାସ ପାଠ୍ୟକ୍ରମର ଉପାଦେୟତା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଚାଟାର୍ଡ ଆକାଉଣ୍ଟାଣ୍ଟ ଅଶୋକ ଅଗ୍ରୱାଲ ପାଠ୍ୟକ୍ରମର ପ୍ରଥମ କ୍ଲାସ୍ ଶୁଭାରମ୍ଭ କରିଥିଲେ। ଅଧ୍ୟାପକ ଅଲେଖ ମେହେର, ଖଗେଶ୍ୱର ସାହୁ, ଅଧ୍ୟାପିକା ଶିବାନୀ ଶର୍ମା ଓ ସରୋଜା ମେହେର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବାଣିଜ୍ୟ ବିଭାଗର ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର, ଗବେଷକ ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବାଣିଜ୍ୟ ବିଭାଗର ଅଧ୍ୟାପକ ସୁବାସ ଚନ୍ଦ୍ର ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଯେ, ଦୁଇଟି ପାଠ୍ୟକ୍ରମର ସମୟ ସୀମା ୩ମାସ ରହିଛି।

# ଭାଜପା ହୋର୍ଡିଂରୁ ଗାଏବ ହୋଇଗଲେ ଏମ୍‌ପି

**ସମ୍ବଲପୁର,୧୮।୮(ବ୍ୟୁରୋ)**



କଚେରି ରୋଡସ୍ଥିତ ଭାଜପା କାର୍ଯ୍ୟାଳୟରେ ଲାଗିଥିବା ହୋର୍ଡିଂ ।

ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ ବିଗତ ପ୍ରାୟ ଦୁଇବର୍ଷ ହେବ ତାଙ୍କ ନିର୍ବାଚନ ମଣ୍ଡଳୀରେ ଅନୁପସ୍ଥିତ ରହି ଚର୍ଚ୍ଚାରେ ରହି ଆସୁଥିଲେ। ଏବେ ସମ୍ବଲପୁର ଭାଜପା ନେତାମାନଙ୍କ ଫଟୋ ଥିବା ହୋର୍ଡିଂରୁ ସେ ଗାଏବ ହୋଇଯାଇଛନ୍ତି। କଚେରୀ ରୋଡ୍‌ସ୍ଥିତ ଭାଜପା କାର୍ଯ୍ୟାଳୟ ସମ୍ମୁଖରେ ଲାଗିଥିବା ହୋର୍ଡିଂରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଏମ୍‌ପିଙ୍କୁ ବିରୋଧ କରି କେହି ଦଳୀୟ ନେତା ଏଭଳି କରିଥିବା ନେଇ ସାଧାରଣରେ ଆଲୋଚନା କରାଯାଉଛି। ଏହାକୁ ନେଇ କେତେଜଣ ଭାଜପା କର୍ମୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସେମାନଙ୍କ କହିବା କଥା ସମ୍ବଲପୁରରେ ଅନୁପସ୍ଥିତ ରହିଲେ ମଧ୍ୟ ସେ ଏମ୍‌ପି ରହିଛନ୍ତି। ଦଳୀୟ ଶୃଙ୍ଖଳା ଦୃଷ୍ଟିରୁ ତାଙ୍କର ଫଟୋ ରହିବା ନିୟମ ରହିଛି। ଏହା ଦଳୀୟ ଶୃଙ୍ଖଳାକୁ ଭଙ୍ଗ କରୁଛି। ଏମ୍‌ପିଙ୍କ ବିରୋଧରେ ଥିବା ଏକ ଗୋଷ୍ଠୀର ଏଭଳି କାମ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଉକ୍ତ ହୋର୍ଡିଂରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଆରମ୍ଭ କରି ରାଜ୍ୟ ଓ ଜିଲାସ୍ତରୀୟ ନେତାମାନଙ୍କ ଫଟୋ ରହିଛି। ହେଲେ ଏମ୍‌ପି ଗଙ୍ଗଦେବଙ୍କ ଫଟୋ ନାହିଁ। ଅଗଷ୍ଟ ୧୩ରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଗସ୍ତରେ ଆସିଥିଲେ। ଏହି ସମୟରେ ମଧ୍ୟ ଏମ୍‌ପି ଗଙ୍ଗଦେବ ଅନୁପସ୍ଥିତ ରହିଥିଲେ। ଜଣେ ଦଳୀୟ କର୍ମୀ ଓ ଏମ୍‌ପିଙ୍କ ପାଖ ଲୋକ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ଭେଟିବାକୁ ଆସିଥିଲେ। ଏହି ସମୟରେ ଏମ୍‌ପିଙ୍କୁ ବିରୋଧ କରୁଥିବା ଗୋଷ୍ଠୀର ଜଣେ କର୍ମୀ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏପରି କି ସମ୍ବଲପୁର ଛାଡିଯିବାକୁ କହିଥିଲେ। ଅନ୍ୟ ନେତାମାନେ ଏହାକୁ ବିରୋଧ କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପରେ ଏମ୍‌ପିଙ୍କ ପାଖଲୋକ ମନ୍ତ୍ରୀ ପ୍ରଧାନଙ୍କୁ ଭେଟି ନିଜର କାମ ସାରି ଫେରିଯାଇଥିଲେ। ଏହି ଘଟଣାରୁ ସ୍ପଷ୍ଟ ହେଉଛି ଏମ୍‌ପିଙ୍କୁ ବିରୋଧ କରିବାକୁ ଯାଇ ତାଙ୍କ ପାଖାଲୋକଙ୍କୁ ମଧ୍ୟ ଦୁର୍ବ୍ୟବହାର କରାଯାଉଛି। ଏହା ମଧ୍ୟ ଦଳୀୟ ବିଶୃଙ୍ଖଳା ବୋଲି ଦଳୀୟ କର୍ମୀମାନେ କହିଛନ୍ତି। ଏ ସମ୍ପର୍କରେ ଜିଲା ଭାଜପା ସଭାପତି ଗିରିଶ ପଟେଲ କହିଛନ୍ତି, ଏଭଳି ହୋଇଯାଇଥିବ। ଏହା ଗୋଟିଏ ବଡ ବିଷୟ ନୁହେଁ। ଶୀଘ୍ର ଏହାର ସମାଧାନ କରାଯିବ ବୋଲି କହିଥିଲେ।

# ନୂତନ ନିର୍ମାଣରେ ଯୋଡିହେବାକୁ ଯାଉଛି ୨ ପ୍ରକଳ୍ପ

**ଝାରସୁଗୁଡ଼ା ଅଫିସ,୧୮।୮**


ମନ୍ତ୍ରୀଙ୍କ ସହ ଅଧିକାରୀମାନେ ନୂତନ ବସ୍‌ଷ୍ଟାଣ୍ଡ୍ ପରିଦର୍ଶନ କରୁଛନ୍ତି।

ଝାରସୁଗୁଡାରେ ନୂତନ ନିର୍ମାଣରେ ଆଉ ୨ପ୍ରକଳ୍ପ ସାମିଲ ହେବାକୁ ଯାଉଛି। ତାହା ହେଲା ବାଲିଯୋରୀସ୍ଥିତ ନୂତନ ବସ୍‌ଷ୍ଟାଣ୍ଡ ଓ ବେହେରାମାଲସ୍ଥିତ କମ୍ୟୁନିଟି ସେଣ୍ଟର। ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ଶେଷ ହୋଇଥିବାବେଳେ ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିସି ଜରିଆରେ ଉଦ୍‌ଘାଟନ କରିଛନ୍ତି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକ୍ଷମ କରାଯିବ। ଜିଲା ପ୍ରଶାସନ ଓ ପରିବହନ ବିଭାଗ ସହିତ ସମୀକ୍ଷା କଲାପରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ କହିଛନ୍ତି। ସେ ଆଉ କହିଛନ୍ତି, ବାଲିଯୋରୀ ବସ୍‌ଷ୍ଟାଣ୍ଡକୁ ଜିଲା ବସ୍‌ଷ୍ଟାଣ୍ଡ ଓ ପୁରୁଣା ବସ୍‌ଷ୍ଟାଣ୍ଡକୁ ସିଟି ବସ୍‌ଷ୍ଟାଣ୍ଡ କରାଯିବ। ଫଳରେ ଜିଲାବାସୀ ଗମନାଗମନର ସୁବିଧା ପାଇପାରିବେ। ନୂତନ ବସ୍‌ଷ୍ଟାଣ୍ଡ ରାସ୍ତାକୁ ସମ୍ପ୍ରସାରଣ କରାଯାଇ ୪ଲେନ୍‌ବିଶିଷ୍ଟ କରାଯିବ। ଏଥିପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଛି। ସେହିପରି ସାମୂହିକ କାର୍ଯ୍ୟ ।ପାଇଁ ଏକ କମ୍ୟୁନିଟି ସେଣ୍ଟରର ଆବଶ୍ୟକତା ଥିବାବେଳେ ବେହେରାମାଲରେ ଏହା ନିର୍ମାଣ ଚାଲିଛି। ମନ୍ତ୍ରୀ ଦାସ ବିଭାଗୀୟ ପିଡବ୍ଲ୍ୟୁଡି ଅଧିକାରୀଙ୍କୁ ସାଙ୍ଗରେ ଧରି କମ୍ୟୁନିଟି ସେଣ୍ଟର କାର୍ଯ୍ୟ ତଦାରଖ କରିଥିଲେ। ମନ୍ତ୍ରୀ ଦାସଙ୍କ ସହିତ ଆର୍‌ଆଣ୍ଡବି ଏକଜିକ୍ୟୁଟିଭ୍ ଇଞ୍ଜିନିୟର ସତ୍ୟବାନ ପଟେଲ, ପିଡବ୍ଲ୍ୟୁଡି ଏସ୍‌ଡିଓ ଅଶିଷ ଲେଙ୍କା, ପୌରାଧ୍ୟକ୍ଷା ରାନୀ ହାତୀ, ପୌର ନିର୍ବାହୀ ଅଧିକାରୀ ମନୋଜ କୁମାର ତାଣ୍ଡି, ଆର୍‌ଟିଓ ଦୀନବନ୍ଧୁ ଶୁଣ୍ଢି, ତାପସ ରାୟ ଚୌଧୁରୀ, ସନ୍ଦୀପ ଅବସ୍ଥି ପ୍ରମୁଖ ଉପସ୍ଥିତ ଥିଲେ।

# ବେଆଇନ ବିଦ୍ୟୁତ୍ ସଂଯୋଗରେ ନିର୍ମାଣ କାମ

**ସମ୍ବଲପୁର,୧୮।୮(ବ୍ୟୁରୋ)**

**ବିଦ୍ୟୁତ ବିଭାଗର ଚଢାଉ, ମେଶିନ ଜବତ**


ସମ୍ବଲପୁର ଗୋବିନ୍ଦତୋଲା ଅଙ୍ଗନୱାଡି କେନ୍ଦ୍ର ।

ସମ୍ବଲପୁର ମହାନଗର ନିଗମ ଗୋବିନ୍ଦତୋଲା ଅଙ୍ଗନୱାଡି କେନ୍ଦ୍ର ଉପର ମହଲାରେ ମିଶନଶକ୍ତି ପକ୍ଷରୁ ଆଉ ଏକ କୋଠା ନିର୍ମାଣ କରାଯାଉଛି। ହେଲେ ଅଙ୍ଗନୱାଡ଼ି କେନ୍ଦ୍ରରେ ପାଠ ପଢୁଥିବା କୋମଳମତି ଶିଶୁଙ୍କ ଜୀବନ ପ୍ରତି ବିପଦ ସୃଷ୍ଟିକରି ନିର୍ମାଣ କାମ ଚାଲୁଥିବା ଅଭିଯୋଗ ହେଉଛି। ଅନ୍ୟପଟେ ଦାୟିତ୍ୱରେ ଥିବା ଠିକାଦାର ବେଆଇନ ବିଦ୍ୟୁତ୍ ସଂଯୋଗ କରି ନିର୍ମାଣ କାମରେ ମେଶିନ ବ୍ୟବହାର କରୁଥିଲେ। ଏ ସଂକ୍ରାନ୍ତରେ ସୂଚନା ପାଇ ବିଦ୍ୟୁତ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଏହି ଦଳ ଏହି ବେଆଇନ ଓ ବିପଦପୂର୍ଣ୍ଣ ବିଦ୍ୟୁତ୍ ସଂଯୋଗ ଛିନ୍ନ କରିବା ସହ ବ୍ୟବହୃତ ମେଶିନ ଜବତ କରିଥିଲେ। ଏହି ବେଆଇନ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କୁ ତାଗିଦ କରି ଛାଡ଼ି ଦେଇଥିଲେ। ଏ ନେଇ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି ବୋଲି ଧନୁପାଲି ସେକ୍ସନ ବିଦ୍ୟୁତ ବିତରଣ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ବସ୍ କଣ୍ଡକ୍ଟରଙ୍କୁ ଆକ୍ରମଣ: ୬ ଗିରଫ

**କୁଚିଣ୍ଡା,୧୮।୮(ଡି.ଏନ.ଏ.)**

କୁଚିଣ୍ଡାରୁ ରାଉରକେଲା ଯାଉଥିବା ଭାଗ୍ୟଲକ୍ଷ୍ମୀ ନାମକ ଏକ ଘରୋଇ ବସ୍ କଣ୍ଡକ୍ଟରଙ୍କୁ ଆକ୍ରମଣ କରିବା ଅଭିଯୋଗରେ କୁଚିଣ୍ଡା ପୋଲିସ ୬ଜଣଙ୍କୁ ଗିରଫ କରି ଗୁରୁବାର କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୁଚିଣ୍ଡା ଏନ୍‌ଏସି ୱାର୍ଡ ନଂ୯ କୁଣ୍ଡାପୋଷିର ବିପିନ ଛତ୍ରିଆ, ଶୁଶିଳ କିଷାନ, ଅଶୋକ କିଷାନ, ଚନ୍ଦନ କିଷାନ, ପବିତ୍ର ସେଉଳ ଓ ସୁନୀଲ ଛତ୍ରିଆ। ସୂଚନା ଅନୁଯାୟୀ ଗତ ୧୫ତାରିଖରେ କୌଣସି କାରଣକୁ ନେଇ କୁଚିଣ୍ଡା ବାଇପାସ ପେଟ୍ରୋଲ ପମ୍ପ ନିକଟରେ ଭାଗ୍ୟଲକ୍ଷ୍ମୀ ବସ୍ ଅଟକାଇ କଣ୍ଡକ୍ଟରଙ୍କୁ ମାଡ ମରାଯାଇଥିଲା। କଣ୍ଡକ୍ଟର ହେମନ୍ତ ସେଠୀ ଏ ନେଇ କୁଚିଣ୍ଡା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଆଇପିସି ଦଫା ୧୪୭, ୩୪୧, ୨୯୪, ୫୦୬, ୧୪୯ରେ ମାମଲା (ନଂ୧୪୬/୨୨) ରୁଜୁ କରିଥିଲା। ପ୍ରକାଶଥାଉ କି ଏହି ମାରପିଟ ଘଟଣାକୁ ନେଇ ଉକ୍ତ ଦିନଠାରୁ ନୂଆ ବସ୍‌ଷ୍ଟାଣ୍ଡକୁ ବସ୍ ଯାତାୟାତ ବନ୍ଦ ରହିଛି।


ଗିରଫ ଅଭିଯୁକ୍ତମାନେ।

**GOVERNMENT OF ODISHA**
**HEALTH & FAMILY WELFARE DEPARTMENT**
**NOTICE**

**FileNo.PT1-HFW-MSIII-MSNG3M-0015-2019 18143/H, Dated 16.08.2022**

**No.E-395:** The Orientation Programme for newly recruited Laboratory Technicians under Health & Family Welfare Department as per the recommendation of OSSSC will be held at State Convention Centre, Loka Seva Bhawan, Bhubaneswar and at District Head Quarters on 19.08.2022 at 5.30 P.M.

They will report before the concerned CDM & PHOs / Superintendent, MC & Hs on date. 19.08.2022 at 9.30 AM for receipt of appointment orders.

The details of the concerned newly recruited Laboratory Technicians are available with the concerned CDM & PHOs/ Superintendent, MC & Hs and also available in Health & FW Department website http//www.odisha.gov.in/ health portal/ index.html and the website of Director of Health Services, Odisha - dhsodisha.nic.in.

They are also requested to attend the event as per the above programme.

**For any clarification, Please contact**
**Shri Saroja Kumar Behera**
**Deputy Secretary to Government**
**Mob. No.-9437337167**

**Sd./- Additional Secretary to Government**
OIPR-10001/11/0031/2223

**ZILLA SWASTHYA SAMITI, MAYURBHANJ**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION**

**Advt.No.05/NHM** **Walk-In-Interview** **Date:17.08.2022**

**No.E-397:** Walk-in-Interview will be conducted on dt 25.08.2022 at 11 AM in the office of the undersigned for engagement in the following post under NUHM, Mayurbhanj with monthly remuneration as noted below as per the norms & conditions under ZSS, Mayurbhanj.

| Sl. No. | Name and Type of the Post | No. of Post | Place of Posting | Age as on dtd. 01.08.2022 | Remuneration (in Rs.) | Eligibility Criteria & Preference |
|---|---|---|---|---|---|---|
| 1 | Medical Officer (Contractual) | 04 | UPHC, Rairangpur & HWC Rairangpur, Karanjia, Baripada | Upto 70 years | Base remuneration Rs.58,344/- PI maximum 25% of the base remuneration | MBBS Degree recognised by Medical Council of India & with valid registration from the OCMR. Preference will be given to the candidate having post qualification experience. |
| 2 | Specialist O & G (Part Time) | 01 | UPHC Tulasichoura | Upto 70 years | Rs.1500/- per session (Maximum two session per day) | MBBS and PG in O & G and valid registration from OCMR. Preference will be given to the candidates having post qualification experience. |
| 3 | Specialist in Paediatrics (Part Time) | 01 | UPHC Tulasichoura | Upto 70 years | Rs.1500/- per session (Maximum two session per day) | MBBS and PG in Paediatrics and valid registration from OCMR. Preference will be given to the Candidates having post qualification experience. |
| 4 | Specialist in Medicine (Part Time) | 01 | UPHC Tulasichoura | Upto 70 years | Rs.1500/- per session (Maximum two session per day) | MBBS and PG in Medicine and valid registration from OCMR. Preference will be given to the Candidates having post qualification experience. |
| 5 | Dentist (Part Time) | 02 | UPHC Tulasichoura, Murgabadi | Upto 70 years | Rs.1250/- per session (Maximum two session per day) | Bachelor of Dental Surgery with valid registration from OSDC. Preference will be given to the Candidates having post qualification experience. |
| 6 | Physiotherapist (Part Time) | 06 | UPHC Tulasichoura/ Murgabadi/ Rairangpur & HWCs Rairangpur/ Karanjia/Baripada | Upto 50 years | Rs.600/- per session (Maximum two session per day) | Bachelor's Degree in Physiotherapy (BPT) from recognised Institution. Preference will be given to the Candidates having post qualification experience. |

The eligible candidates should come prepared on dt.25.08.2022 at 11 AM for Walk-in-Interview with the filled in Application form. 2 Passport size photographs, Original certificates for verification & self attested photocopies of all the certificates & proof of age. The details of the TOR, application form can be downloaded from the website www.mayurbhanj.nic.in. The undersigned reserves the right to cancel the advertisement without assigning any reason thereof.

OIPR-10020/11/0011/2223 **Sd./- (Dr. Rupabhanu Mishra), Chief District Medical & PHO, Mayurbhanj**

**DIRECTORATE OF MEDICAL EDUCATION & TRAINING,ODISHA**
**NO 9892// BBSR, Date-17.08.2022**

**NOTICE**

**ADMISSION NOTICE FOR ANM, GNM, BASIC B.SC, P.B.B.SC., M.SC&P.B.DIPLOMA NURSING COURSES-2022-23**

**No.KK-118:** Online Application are invited from the eligible candidates for admission to ANM, GNM, BASIC B.Sc, P.B.B.Sc, M.Sc & P.B.Diploma Nursing courses in all the ONMRC[Odisha Nurses & Midwives Registration Council] recognised Government and Private Nursing Institutions of the state for the academic session 2022-23. Intending candidates must submit their online application from dt.20.08.2022 to dt. 09.09.2022 by 11:59P.M. by paying Application fee amounting Rs. 300/- (Rupees Three Hundred only) for ANM course, Rs. 500/- (Rupees Five Hundred only) for GNM, BASIC B.Sc Nursing course & Rs.1000/- (Rupees One Thousand only) for P.B.B.Sc, M.Sc & P.B.Diploma Nursing course excluding bank charges (to be borne by the applicants themselves) as applicable through Net Banking/ Card payments/ Other payment modes (UPI). For details go through the prospectus. The prospectus will be available in the website http://dmetodisha.gov.in and http://dohodisha.nic.in from dt. 20.08.2022.

**ADMISSION CALENDAR FOR ANM, GNM, BASIC B.SC, P.B.B.SC, M.SC & P.B.DIPLOMA NURSING COURSES FOR THE ACADEMIC SESSION 2022-23**

| Counseling & Admission Process | P.B. Diploma/M.Sc./ Post Basic B.Sc. Nursing | Basic B.Sc. Nursing/GNM/ANM |
|---|---|---|
| Availability of Prospectus in official website: **www.dmetodisha.gov.in dohodisha.nic.in** | 20.08.2022 | 20.08.2022 |
| Availability of Online Application form & payment of Application fee in official website: **dohodisha.nic.in** | 20.08.2022, 5.00 P.M. | 20.08.2022, 5.00 P.M. |
| Last date of online registration form | 05.09.2022, 11.59 P.M. | 05.09.2022, 11.59 P.M. |
| Last date for submission of online application form & Application fee | 09.09.2022, 11.59 P.M. | 09.09.2022, 11.59 P.M. |

**Sd./- Convener**
**State Nursing Selection Committee**
**OIPR-10016/11/0018/2223**

**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER, KORAPUT FOREST DIVISION**
**E-mail Id- dfo.koraput@odisha.gov.in.**
**Bid Identification No. DFO,KPT- 1F/2021-22**
**No.100, Date:16.08.2022**

**No.MM-121:** 1.The Bid documents, specifications, the schedule of quantities and the set of terms & Condittons of contract and other necessary Documents can be seen in the website www.tenderodisha.gov.in and www.nic.in from 22.08.2022 to 05.09.2022.

| SL. No. | Name of the Work | Area of the Work | Concerned T.I.A. | Approximate value of Amount (in Rs.) | Cost of Bid papers (in Rs.) | Cost of Bid document (in Rs.) | Class of Bidders | Period of Completion |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Construction of Forest Guard Quarter at Janiguda in Koraput Range of Koraput Division during the year 2022 23. | Plinth area- 626 sq.ft. Rs.12.04 Lakhs.Compound wall 80 RMT is Rs.4.0 Lakhs and cost of A1 Gate is Rs.0.25 Lakhs. | Koraput Forest Division | 14,41,086/- | 6,000/- | 0 | C Class | 31.12.2022 |
| 2 | Construction of Forest Guard Quarter at Deoghati in Koraput Range of Koraput Division during the year 2022 23. | Plinth area- 626 sq.ft. Rs.12.04 Lakhs.Compound wall 80 RMT is Rs.4.0 Lakhs and cost of A1 Gate is Rs.0.25 Lakhs.ft. | Koraput Forest Division | 14,37,268/- | 6,000/- | 0 | C Class | 31.12.2022 |
| 3 | Construction of Forest Guard Quarter at Kaliajholla in Laxmipur Range of Koraput Division during the year 2022 23. | Plinth area- 626 sq.ft. Rs.12.04 Lakhs.Compound wall 80 RMT is Rs.4.0 Lakhs and cost of A1 Gate is Rs.0.25 Lakhs.ft. | Koraput Forest Division | 14.37.268/- | 6,000/- | 0 | C Class | 31.12.2022 |
| 4 | Construction of Forest Guard Quarter at Range office campus in Narayanpatna Range of Koraput Division during the year 2022-23. | Plinth area- 626 sq.ft. Rs.12.04 Lakhs.Compound wall 80 RMT is Rs.4.0 Lakhs and cost of A1 Gate is Rs.0.25 Lakhs.ft. | Koraput Forest Division | 14,41,437/- | 6,000/- | 0 | C Class | 31.12.2022 |
| 5 | Construction of Forest Guard Quarter at Almonda beat in Narayanpatna Range of Koraput Division during the year 2022-23. | Plinth area- 626 sq.ft. Rs.12.04 Lakhs.Compound wall 80 RMT is Rs.4.0 Lakhs and cost of A1 Gate is Rs.0.25 Lakhs.ft. | Koraput Forest Division | 14,35,535/- | 6.000/- | 0 | C Class | 31.12.2022 |
| 6 | Construction of Forest Guard Quarter at Garligabeda beat in Semiliguda Range of Koraput Division during the year 2022-23 | Plinth area- 626 sq.ft. Rs.12.04 Lakhs.Compound wall 80 RMT is Rs.4.0 Lakhs and cost of A1 Gate is Rs.0.25 Lakhs.ft. | Koraput Forest Division | 14,40,166/- | 6,000/- | 0 | C Class | 31.12.2022 |
| 7 | Construction of Forest Guard Quarter at Kosandi beat in Semiliguda Range of Koraput Division during the year 2022-23. | Plinth area- 626 sq.ft. Rs.12.04 Lakhs.Compound wall 80 RMT is Rs.4.0 Lakhs and cost of A1 Gate is Rs.0.25 Lakhs.ft. | Koraput Forest Division | 14,41,293/- | 6,000/- | 0 | C Class | 31.12.2022 |
| 8 | Construction of Forest Guard Quarter at Balda beat in Balda Range of Koraput Division during the year 2022-23 | Plinth area- 626 sq.ft. Rs.12.04 Lakhs.Compound wall 80 RMT is Rs.4.0 Lakhs and cost of A1 Gate is Rs.0.25 Lakhs.ft. | Koraput Forest Division | 14,41,147/- | 6,000/- | 0 | C Class | 31.12.2022 |
| 9 | Construction of Forest Guard Quarter at Machkund beat in Lamtaput Range of Koraput Division during the year 2022-23 | Plinth area- 626 sq.ft. Rs.12.04 Lakhs.Compound wall 80 RMT is Rs.4.0 Lakhs and cost of A1 Gate is Rs.0.25 Lakhs.ft. | Koraput Forest Division | 14,41,129/- | 6,000/- | 0 | C Class | 31.12.2022 |

OIPR-08067/11/0007/2223 **Sd./- Divisional Forest Officer, Koraput Forest Division**

**ଶେୟାର ବଜାରରେ ଉତ୍ସାହ**

**ନୂଆଦିଲ୍ଲୀ:** କ୍ରମାଗତ ୮ମ ଦିନ ଲାଗି ଷ୍ଟକ୍ ବଜାରର କାରବାର ନିବେଶକଙ୍କ ସପକ୍ଷରେ ରହିଛି। ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସରେ ଶେୟାର ବଜାରର ଫଳାଫଳ ନିବେଶକଙ୍କ ମଧ୍ୟରେ ଉତ୍ସାହ ଖେଳାଇ ଦେଇଛି। କାରଣ ଗତ କିଛିଦିନ ହେବ ଦଲାଲ ଷ୍ଟ୍ରିଟ୍‌ର କାରବାର ଉପର ତଳ ହେଉଥିଲେ ମଧ୍ୟ ବିଶେଷ କ୍ଷତି ଘଟୁନାହିଁ। ଫଳରେ ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ଶେୟାର ସୁଧାର ଦେଖିବାକୁ ମିଳିଛି। ଗୁରୁବାର ସେନ୍‌ସେକ୍ସ ୩୮ (୩୭.୮୭) ପଏଣ୍ଟ ବଢ଼ି ୬୦,୨୯୮ (୬୦,୨୯୮.୦୦) ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ମଧ୍ୟ ୧୨ (୧୨.୨୫) ପଏଣ୍ଟ ବୃଦ୍ଧି ଘଟି ୧୭,୯୫୬ (୧୭,୯୫୬.୫୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ୫ଜି ସ୍ପେକ୍ଟ୍ରମ ଦେୟ ପୈଠକଲେ ଟେଲିକମ୍ କମ୍ପାନୀ

## ପ୍ରଥମ କିସ୍ତିରେ ୧୭,୮୭୬ କୋଟି ଟଙ୍କା ପାଇଲେ ସରକାର




**ନୂଆଦିଲ୍ଲୀ,୧୮।୮**

ଦେଶବାସୀଙ୍କୁ ନୂତନ ଏବଂ ହାଇସ୍ପିଡ୍ ତରଙ୍ଗ ସେବା ଯୋଗାଇଦେବା ଲକ୍ଷ୍ୟରେ କେନ୍ଦ୍ର ସରକାର ନିକଟରେ ୫ଜି ସ୍ପେକ୍ଟ୍ରମ ନିଲାମ କାର୍ଯ୍ୟ ଟେଲିକମ୍ ମନ୍ତ୍ରଣାଳୟ ମାଧ୍ୟମରେ ଶେଷ କରିଥିଲେ। ଏପରିକି ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ସମୟସୀମା ପୂର୍ବରୁ ୫ଜି ସ୍ପେକ୍ଟ୍ରମ ଦେୟ ଘରୋଇ ଟେଲିକମ୍ କମ୍ପାନୀଗୁଡ଼ିକ ଗୁରୁବାର ପୈଠ କରିଥିବା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ବିଶେଷକରି ପ୍ରଥମ କିସ୍ତିରେ ୫ଜି ସ୍ପେକ୍ଟ୍ରମ ଦେୟ ବାବଦକୁ ସରକାର ପ୍ରାୟ ୧୭,୮୭୬ କୋଟି ଟଙ୍କା ପାଇଛନ୍ତି। ଅପରପକ୍ଷରେ ୫ଜି ସ୍ପେକ୍ଟ୍ରମ ବାବଦରେ ମୋଟ ଦେୟକୁ ରିଲାଏନ୍ସ ଜିଓ, ଭୋଡାଫୋନ ଆଇଡିଆ ୨୦ଟି କିସ୍ତିରେ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିବାବେଳେ ଭାରତୀ ଏୟାରଟେଲ ଏକାଥରକେ ୮୩୧୨.୪ କୋଟି ଟଙ୍କାର ଦେୟ ପ୍ରଦାନ କରି ଆସନ୍ତା ୪ ବର୍ଷର କିସ୍ତି ପ୍ରଦାନ କରିଥିବା ଜଣାପଡ଼ିଛି।

ସେହିଭଳି ପ୍ରଥମ କିସ୍ତିରେ ଜିଓ ୭୮୬୪.୭୮ କୋଟି ଟଙ୍କା ପ୍ରଦାନ କରିଥିବା ବେଳେ ଭୋଡାଫୋନ-ଆଇଡିଆ ୧୬୭୯.୯୮ କୋଟି ଏବଂ ଆଦାନୀ ଡାଟା ନେଟ୍‌ୱାର୍କ ୧୮.୯୪ କୋଟି ଟଙ୍କାର ଦେୟ ଟେଲିକମ୍ ବିଭାଗ ନିକଟରେ ପୈଠ କରିଛି।

ଗତ ଅଗଷ୍ଟ ୧ରେ ୫ଜି ସ୍ପେକ୍ଟ୍ରମ ନିଲାମ ଶେଷ ହୋଇଥିଲା। ଏହି ନିଲାମରୁ ସରକାର ମୋଟ ୧ ଲକ୍ଷ ୫୦ ହଜାର ୧୭୩ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ନିଲାମର ପରବର୍ତ୍ତୀ ସମୟରେ ବିଭାଗ ପକ୍ଷରୁ ଅଗଷ୍ଟ ୧୬ ସୁଦ୍ଧା ସ୍ପେକ୍ଟ୍ରମ ଅର୍ଥ ପ୍ରଦାନ କରିବାକୁ ନିଲାମ ଜିତିଥିବା ୪ ଟେଲିକମ୍ କମ୍ପାନୀଙ୍କୁ ଚିଠି ଜରିଆରେ ଅବଗତ କରାଯାଇଥିଲା। ଟେଲିକମ ମନ୍ତ୍ରଣାଳୟର ଉକ୍ତ ଚିଠି ଅନୁସାରେ ତାରିଖ ପୂର୍ବରୁ ଘରୋଇ ଟେଲିକମ୍ କମ୍ପାନୀଗୁଡ଼ିକ ପ୍ରଥମ କିସ୍ତିର ଦେୟ ପ୍ରଦାନ କରିଛନ୍ତି। ୫-ଜି ସ୍ପେକ୍ଟ୍ରମ ନିଲାମରେ ଜିଓ, ଏୟାରଟେଲ, ଆଦାନୀ ଡାଟା ନେଟ୍‌ୱାର୍କ ବ୍ୟତୀତ ଭୋଡାଫୋନ ଆଇଡିଆ ମଧ୍ୟ ଅଂଶଗ୍ରହଣ କରିଥିଲେ। ଏଥିରେ ଜିଓ ପ୍ରାୟ ୮୮ ହଜାର (୮୭,୯୪୬.୯୩) କୋଟି ଟଙ୍କାର ସ୍ପେକ୍ଟ୍ରମ ହାସଲ କରିଥିବା ବେଳେ ଭାରତୀ ଏୟାରଟେଲ ୪୩ ହଜାର (୪୩,୦୩୯.୬୩) କୋଟି ଟଙ୍କାରେ ମୋଟ ୧୯,୮୬୭.୮ ମେଗାହର୍ଜର ସ୍ପେକ୍ଟ୍ରମ କ୍ରୟ କରିଥିଲା। ସେହିପରି ଭୋଡାଫୋନ ୧୮,୭୮୬.୨୫ ଏବଂ ଆଦାନୀ ଡାଟା ନେଟ୍‌ୱାର୍କ ପ୍ରାୟ ୨୧୨ ( ୨୧୧.୮୬) କୋଟି ଟଙ୍କାରେ ୪୦୦ ମେଗାହର୍ଜର ସ୍ପେକ୍ଟ୍ରମ କିଣିଥିଲା।

### ସାରା ଦେଶରେ ୫ଜି ସେବାର ଶୁଭାରମ୍ଭ ପ୍ରସ୍ତୁତି କର: ମନ୍ତ୍ରୀ

ଭାରତରେ ୫ଜି ସେବାର ଶୁଭାରମ୍ଭ ପାଇଁ ପ୍ରସ୍ତୁତିକରିବା ଲାଗି ଗୁରୁବାର କେନ୍ଦ୍ର ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୫ଜି ନିଲାମୀ ହାସଲ କରିଥିବା ୪ ଟେଲିକମ୍ କମ୍ପାନୀ ବା ଟେଲି ଯୋଗାଯୋଗ ସେବା ପ୍ରଦାନକାରୀଙ୍କୁ କହିଛନ୍ତି। ଏଥିପାଇଁ ସ୍ପେକ୍ଟ୍ରମ୍ ଆସାଇନମେଣ୍ଟ ଲେଟର ମଧ୍ୟ ଜାରି ହୋଇସାରିଥିବା କଥା ମଧ୍ୟ ସେ ଟୁଇଟ୍ କରି କହିଛନ୍ତି। ଏପରିକି ଖୁବ୍‌ଶୀଘ୍ର ଦେଶରେ ୫ଜି ସେବା ପ୍ରଚଳନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ସ୍ୱାଧୀନତା ଦିବସ ପାଳନ ଅବସରରେ ଦେଶବାସୀଙ୍କୁ ଦେଇଥିବା ଉଦ୍‌ବୋଧନ ଅଭିଭାଷଣରେ ମଧ୍ୟ ମୋଦି ଏଭଳି କିଛି ଦେଶବାସୀଙ୍କୁ କହିଥିଲେ, ଆଶା କରାଯାଉଥିବା ସମୟ ପୂର୍ବରୁ ୫ଜି ସେବା ଭାରତରେ ଉପଲବ୍ଧ ହେବ। ଦେଶରେ ୪ଜି ବେଗ ଅପେକ୍ଷା ୫ଜିର ବେଗ ୧୦ଗୁଣା କ୍ଷିପ୍ର ହେବ ବୋଲି ମୋଦି ମତବ୍ୟକ୍ତ କରିଛନ୍ତି। ତେଣୁ ଔପଚାରିକ ଭାବେ ଦେଶରେ ୫ଜି ସେବା ଘୋଷଣା କରାଯିବା ଆଗରୁ ରିଲାଏନ୍ସ ଜିଓ' ଏବଂ 'ଭିଆଇ' ଭଳି ଟେଲିକମ୍ ଅପରେଟମାନେ ୫ଜି ସମ୍ବନ୍ଧୀୟ ଉତ୍ପାଦ ବିକଶିତ କରିବା ଲାଗି ଇଞ୍ଜିନିୟରମାନଙ୍କୁ ନିଯୁକ୍ତି ଦେବାକୁ ତତ୍ପର ହୋଇ ଉଠିଛନ୍ତି। ଚଳିତ ମାସର ଶେଷ ଆଡ଼କୁ ଔପଚାରିକ ଘୋଷଣା କରାଯିବା ପରେ 'ଏୟାରଟେଲ୍ ଓ ଜିଓ' ୫ଜି ସେବାର ପ୍ରଥମ ପର୍ଯ୍ୟାୟ ଆରମ୍ଭ କରିବେ ବୋଲି ଆଶା କରାଯାଉଛି।

## ଆଇସିଜି ସହ ଆକ୍ସିସ୍ ବ୍ୟାଙ୍କର ଏମ୍‌ଓୟୁ ସ୍ୱାକ୍ଷରିତ




**ନୂଆଦିଲ୍ଲୀ,୧୮।୮**

ଆକ୍ସିସ୍ ବ୍ୟାଙ୍କର 'ପାୱାର ସାଲ୍ୟୁଟ' ଅଭିଯାନ ଅଧୀନରେ ଶ୍ରେଷ୍ଠ ଶ୍ରେଣୀର ସୁବିଧା ଓ ବୈଶିଷ୍ଟ୍ୟ ଥିବା ପ୍ରତିରକ୍ଷା ସେବା ବେତନ ପ୍ୟାକେଜ୍ ପ୍ରଦାନ କରିବା ଲାଗି ନିକଟରେ ଇଣ୍ଡିଆନ୍ କୋଷ୍ଟ ଗାର୍ଡ (ଆଇସିଜି) ସହ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ତଟରକ୍ଷୀ ବାହିନୀର ଡେପୁଟି ଇନ୍ସପେକ୍ଟର୍ ଜେନେରାଲ କାଜଲ୍ ରାଏ, ପ୍ରିନ୍ସିପାଲ୍ ଡାଇରେକ୍ଟର୍ (ପ୍ରଶାସନ) ଓ ଅତିରିକ୍ତ ଡାଇରେକ୍ଟର୍ ଜେନେରାଲ ରାକେଶ ପାଲଙ୍କ ସମେତ (ପିଟିମ୍, ଟିଏମ୍ ଓ ) ଆକ୍ସିସ୍ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ଉପସଭାପତି ମିସ୍ ତନୁ ମାଲ୍‌ହୋତ୍ରା ଏବଂ ନ୍ୟାଶନାଲ୍ ଆକାଉଣ୍ଟସ୍ ହେଡ୍ ଲ୍ୟୁଟ୍‌ନାଣ୍ଟ କଲୋନେଲ ଏମ୍. କେ. ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

ଏହି ସ୍ୱତନ୍ତ୍ର ପ୍ରତିରକ୍ଷା ବେତନ ପ୍ୟାକେଜ୍ ଜରିଆରେ ଆକ୍ସିସ୍ ବ୍ୟାଙ୍କ୍ ପକ୍ଷରୁ ଭାରତୀୟ ତଟରକ୍ଷୀ ବାହିନୀର ସମସ୍ତ ର୍ୟାଙ୍କ୍‌ର ଭେଟେରାନ୍, କ୍ୟାଡେଟ୍ ଓ କର୍ମଚାରୀମାନଙ୍କୁ ବହୁ ସୁବିଧା ପ୍ରଦାନ କରାଯିବ। ସେହିଭଳି ପ୍ରତିରକ୍ଷା ବଳକୁ ସେବା ପ୍ରଦାନ କରିବା ଏବଂ ସେମାନଙ୍କ ଆର୍ଥିକ ଆବଶ୍ୟକତା, ଅଭିଳାଷ ଓ ମାଇଲଖୁଣ୍ଟକୁ ପୂରଣ କରିବାରେ ସହାୟକ ହେବା ଲାଗି ଆକ୍ସିସ୍ ବ୍ୟାଙ୍କ୍‌ର ଏହି ଏମ୍‌ଓୟୁରୁ ମୂଳ ଲକ୍ଷ୍ୟ ବୋଲି କୁହାଯାଉଛି।

## ଆଇଡିଏଫ୍‌ସି ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ

**ନୂଆଦିଲ୍ଲୀ,୧୮।୮**

ଆଇଡିଏଫ୍‌ସି ମ୍ୟୁଚୁଆଲ୍ ଫଣ୍ଡ୍ ପକ୍ଷରୁ ଆଇଡିଏଫ୍‌ସି ନିଫ୍‌ଟି ୨୦୦ ମୋମେଣ୍ଟମ୍ ୩୦ ଇଣ୍ଡେକ୍ସ ଫଣ୍ଡ୍‌ର ଶୁଭାରମ୍ଭ କରାଯାଇଛି। ଏହା ହେଉଛି ଏକ ଓପନ୍ ଏଣ୍ଡେଡ୍ ଇଣ୍ଡେକ୍ସ ସ୍କିମ୍, ଯେଉଁଥିରେ ନିଫ୍‌ଟିର ୩୦ଟି ଲାର୍ଜ କ୍ୟାପ୍ ଓ ମିଡ୍ କ୍ୟାପ୍ ଫଣ୍ଡ ରହିଛି। ଏହି ନୂଆ ଫଣ୍ଡ୍ ଅଫର ୨୦୨୨ ଅଗଷ୍ଟ ୧୯ ରୁ ୨୬ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଲାଇସେନ୍ସପ୍ରାପ୍ତ ମ୍ୟୁଚୁଆଲ୍ ଫଣ୍ଡ ବିତରକ, ପରାମର୍ଶଦାତା ଓ ଅନ୍‌ଲାଇନ ପ୍ଲାଟ୍‌ଫର୍ମ ଏବଂ ସିଧାସଳଖ ଭାବେ ଆଇଡିଏଫ୍‌ସି ଏମ୍‌ଏଫ୍‌ର ୱେବ୍‌ସାଇଟ୍ ଜରିଆରେ ଏଥିରେ ନିବେଶ କରିହେବ। ଏ ସମ୍ପର୍କରେ ଆଇଡିଏଫ୍‌ସି ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ଗତ କିଛି ବର୍ଷ ଧରି ମୋମେଣ୍ଟମ୍ ନିବେଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରଣନୀତିରେ ପରିଣତ ହୋଇପାରିଛି।

# ଓଲା ପକ୍ଷରୁ 'ଫ୍ରିଡମ୍ ଏଡିଶନ'ର ଶୁଭାରମ୍ଭ



**ନୂଆଦିଲ୍ଲୀ,୧୮।୮**

ଦେଶର ପ୍ରମୁଖ ଇଲେକ୍‌ଟ୍ରିକ୍ ଭେହିକିଲ୍ କମ୍ପାନୀ ଓଲା ଇଲେକ୍‌ଟ୍ରିକ୍ ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂଆ ଓଲା ଏସ୍୧ ସ୍କୁଟରର ଶୁଭାରମ୍ଭ କରାଯାଇଛି । ସେହିଭଳି ଓଲା ଏସ୍୧ ପ୍ରୋରେ ଖାକି ଗ୍ରୀନ୍ କଲରରେ 'ଫ୍ରିଡମ୍ ଏଡିଶନ'ର ମଧ୍ୟ ଉନ୍ମୋଚନ କରାଯାଇଛି। ଏହା ନିଜ ବର୍ଗରେ ସବୁଠାରୁ ଆଡ୍‌ଭାନ୍ସଡ୍ ସ୍କୁଟର। ପୋର୍କେଲେନ୍ ହ୍ୱାଇଟ୍, ଜେଟ୍ ବ୍ଲାକ୍, ନିଓ ମିଣ୍ଟ, କୋରାଲ ଗ୍ଲାମ୍ ଓ ଲିକ୍ୱିଡ୍ ସିଲ୍‌ଭର ରଙ୍ଗରେ ଉପଲବ୍ଧ ଏସ୍୧କୁ ୯୯,୯୯୯ ଟଙ୍କାର ଏକ ପ୍ରାରମ୍ଭିକ ମୂଲ୍ୟରେ ଶୁଭାରମ୍ଭ କରାଯାଇଛି। ଏହି 'ଫ୍ରିଡମ୍ ଏଡିଶନ'କୁ ଓଲା ଆପ୍‌ର ବ୍ୟବହାର କରି କ୍ରୟ କରାଯାଇପାରିବ। ଏକ ୩କେଡବ୍ଲ୍ୟୁଏଚ୍ ଲିଥିୟମ-ଆୟନ ବ୍ୟାଟେରି ପ୍ୟାକ୍‌ରେ ସୁସଜ୍ଜିତ ଓଲା ଏସ୍୧ ୧୩୧ କିଲୋମିଟରର ଏକ ଏଆର୍‌ଏଆଇ ସାର୍ଟିଫାଏଡ୍ ରେଞ୍ଜ୍ ହାସଲ କରିଛି। ନୂଆ ଓଲା ଏସ୍‌ର ପ୍ରାରମ୍ଭିକ ରିଜର୍ଭେଶନ ଆଜିଠାରୁ ୪୯୯ ଟଙ୍କାରେ ଆରମ୍ଭ ହୋଇଛି। ଆଶାୟୀ ଗ୍ରାହକମାନେ ଆସନ୍ତା ସେପ୍ଟେମ୍ବର ୧ରେ ମୋଟ ପେମେଣ୍ଟ ପଇଠ କରିବାକୁ ସକ୍ଷମ ହେବେ ଏବଂ ଅନ୍ୟ ଗ୍ରାହକମାନଙ୍କ ପାଇଁ ଫୁଲ୍ ପେମେଣ୍ଟ ୱିଣ୍ଡୋ ଆସନ୍ତା ସେପ୍ଟେମ୍ବର ୨ରୁ ଖୋଲା ରହିବ। ୨୯୯୯ଟଙ୍କାରୁ ଆରମ୍ଭ ହେଉଥିବା ଇଏମ୍‌ଆଇ ଏବଂ ଋଣ ପ୍ରକ୍ରିୟାକରଣ ଶୁଳ୍କ ଛାଡ଼ ସହିତ ଓଲା ଏସ୍୧ ଗ୍ରାହକମାନେ ଏବେ ନିଜର ବହୁ ପ୍ରତୀକ୍ଷିତ ଇଭିକୁ ସହଜରେ ହାସଲ କରିପାରିବେ। ଓଲା ଏସ୍୧ ପାଇଁ ଡୋର୍‌ଷ୍ଟେପ୍ ଡେଲିଭରି ସର୍ବଭାରତୀୟ ସ୍ତରରେ ଆସନ୍ତା ସେପ୍ଟେମ୍ବର ୭ ତାରିଖରୁ ଆରମ୍ଭ ହେବ।

## ଜୁଲାଇରେ ୭.୬% କମ୍ ଯାତ୍ରୀ ପରିବହନ

**ନୂଆଦିଲ୍ଲୀ,୧୮।୮:** ଚଳିତ ବର୍ଷ ଜୁଲାଇରେ ୯୭ ଲକ୍ଷରୁ ଅଧିକ ଘରୋଇ ଯାତ୍ରୀ ବିମାନରେ ଯାତ୍ରା କରିଥିଲେ। ହେଲେ ଗତ ଜୁନ୍‌ରେ ଯାତ୍ରା କରିଥିବା ୧.୦୫ କୋଟି ତୁଳନାରେ ୭.୬ %କମ୍ ବୋଲି ଗୁରୁବାର ବେସାରିକ ବିମାନ ଚଳାଚଳ ନିୟନ୍ତ୍ରକ (ଡିଜିସିଏ) ପକ୍ଷରୁ କୁହାଯାଇଛି। ୨୦୨୨ର ଜାନୁୟାରୀରୁ ଜୁଲାଇ ଅବଧି ମଧ୍ୟରେ ଘରୋଇ ବିମାନରେ ୬.୬୯ କୋଟି ଲୋକ ଯାତ୍ରା କରିଥିବା ଜଣାପଡ଼ିଛି। ଏପରିକି ଇଣ୍ଡିଗୋ-ଭାରତର ବୃହତ୍ତମ ପରିବହନକାରୀ ଭାବେ ଜୁଲାଇରେ ୫୭.୧୧ଲକ୍ଷ ଯାତ୍ରୀ ପରିବହନ କରିଥିଲା,ଯାହା ଘରୋଇ ବଜାରର ପ୍ରାୟ ୫୮.୮ % ଅଂଶ ରହିଛି। ସେହିଭଳି ଡିଜିସିଏର ତଥ୍ୟ ଅନୁଯାୟୀ ଜୁଲାଇରେ ଭିଷ୍ଟାରା ୧୦.୧୩ ଲକ୍ଷ ଯାତ୍ରୀ ଏବଂ ଏୟାର ଇଣ୍ଡିଆ ୮.୧୪ ଲକ୍ଷ ଯାତ୍ରୀ ସେବା ପ୍ରଦାନ କରିଛନ୍ତି।

## ଜେକେ ଟାୟାରର ନୂତନ ଉତ୍ପାଦ ଉନ୍ମୋଚିତ

**ନୂଆଦିଲ୍ଲୀ,୧୮।୮**

ଦେଶର ପ୍ରମୁଖ ଟାୟାର ଉତ୍ପାଦନ କମ୍ପାନୀ ଜେକେ ଟାୟାର ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ୨ଟି ନୂତନ ଉତ୍ପାଦର ଉନ୍ମୋଚନ କରାଯାଇଛି। ଜେଟ୍‌ଷ୍ଟିଲ୍ ଜେଡିଏଚ୍ ଏକ୍ସଏମ୍ ଓ ଜେଟ୍‌ୱେ ଜେୟୁସି ଏକ୍ସଏମ୍ ନାମରେ ଶୁଭାରମ୍ଭ ସହ ଏହାର ରାଡିଆଲ୍ ଟାୟାର ପୋର୍ଟଫୋଲିଓର ସମ୍ପ୍ରସାରଣ ମଧ୍ୟ କରାଯାଇଛି। ପରିବହନକାରୀମାନଙ୍କ ଲାଗି ଅଭିବୃଦ୍ଧି ସୁଯୋଗ ହାସଲ କରିବା ଏବଂ ବର୍ଦ୍ଧିତ କଞ୍ଚାମାଲ୍ ଦାମ୍‌ର ମୁକାବିଲା କରିବା ଲାଗି ଜେକେ ଟାୟାର ପକ୍ଷରୁ ଏହି ଉତ୍ପାଦଗୁଡ଼ିକୁ ବିକଶିତ କରାଯାଇଛି, ଯାହା ଗ୍ରାହକମାନଙ୍କୁ ଦୀର୍ଘମିଆଦୀ ଲାଭ ପ୍ରଦାନ କରିବ। ଅଲ୍-ହ୍ୱିଲ୍ ଫିଟ୍‌ମେଣ୍ଟ ଟାୟାରକୁ ନେଇ ରହିଥିବା ଚାହିଦା ଓ ଲମ୍ବା ଜୀବନର ଟାୟାରକୁ ନେଇ ଗ୍ରାହକଙ୍କ ରହିଥିବା ଆଶାକୁ ପୂରଣ କରିବା ଲାଗି କମ୍ପାନୀ ପକ୍ଷରୁ ପରବର୍ତ୍ତୀ ପିଢ଼ିର ସେମି-ଲଗ୍ ଟାୟାର ଜେଟ୍‌ୱେ ଜେୟୁସି ଏକ୍ସଏମ୍‌କୁ ଉପସ୍ଥାପନ କରାଯାଇଛି। ଇଭେନ୍-ଓୟାର ଭାବେ ପ୍ରସ୍ତୁତ ଏହି ଟାୟାର ଯାହା ଭାରିଯାନ ମାଲିକଙ୍କ ପାଇଁ ମାଲିକାନା ଖର୍ଚ୍ଚ ହ୍ରାସ କରିବ। ଉପରୋକ୍ତ ୨ଟି ଟାୟାର ଦେଶରେ ଲମ୍ବା ସମୟ ପାଇଁ ଦରକାର ହେଉଥିବା ଆବଶ୍ୟକତାକୁ ପୂରଣ କରିବ। ଏଥିରେ ଥିବା ଉନ୍ନତ ଟ୍ରେଡ୍ କମ୍ପାଉଣ୍ଡ ଓ ହାଇ ଟ୍ରେଡ୍ ଗଭୀରତା ଉଚ୍ଚ ଟାୟାର ଜୀବନ ପ୍ରଦାନ କରିବାକୁ ପ୍ରସ୍ତୁତ କରାଯାଇଛି। ଏ ସମ୍ପର୍କରେ ଜେକେ ଟାୟାର ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ସଭାପତି (ଭାରତ) ଅନୁଜ କାଠୁରିଆ କହିଛନ୍ତି, ନୂଆ ପ୍ରଯୁକ୍ତିର ଅଭ୍ୟୁଦୟ ଓ ନୂଆ ନିୟମ ଲାଗୁ କରାଯାଉଥିବାରୁ ଭାରତରେ ଟାୟାର ଶିଳ୍ପ ଦୃଶ୍ୟପଟ ନିୟମିତ ଭାବେ ଉଦୟ ହେଉଛି।

**ଫୁର୍‌ସତ**

# ନୀରବରେ କହିଦିଏ ବହୁ କଥା

## ବିଶ୍ୱ ଫଟୋଗ୍ରାଫି ଦିବସ



ସାଧାରଣ ମୁହୂର୍ତ୍ତକୁ ଅମୂଲ୍ୟ କରିଦିଏ ଫଟୋ। ପ୍ରିୟ ସ୍ମୃତିକୁ ଉଜାଗର କରେ, ଏକଲାପଣରେ ବି ଆନନ୍ଦ ଆଣିଦିଏ। ନୀରବ ରହି ବି ବିନା କୌଣସି ଭାଷାରେ କହିଥାଏ ଅନେକ କଥା। ଏସବୁକୁ କ୍ୟାମେରା ଲେନ୍ସରେ କଏଦ କରିଥାନ୍ତି ଫଟୋଗ୍ରାଫର। ଫଟୋରେ ବିଶେଷ ମୁହୂର୍ତ୍ତକୁ ତୋଳି ଧରୁଥିବା ସେହି ବ୍ୟକ୍ତିଙ୍କ ପାଇଁ ଉତ୍ସର୍ଗୀକୃତ ଦିନ ଅଗଷ୍ଟ ୧୯କୁ ବିଶ୍ୱ ଫଟୋଗ୍ରାଫି ଦିବସ ଭାବେ ପାଳନ କରାଯାଏ। ସାରା ବିଶ୍ୱରୁ ଫଟୋଗ୍ରାଫରମାନଙ୍କ ପାଇଁ ଆସିଥାଏ ପ୍ରୋତ୍ସାହନର ବାର୍ତ୍ତା। ଏହି ଦିନ ଆମ ଜୀବନରେ କ୍ୟାମେରା ଏବଂ ଫଟୋଗ୍ରାଫିର ଗୁରୁତ୍ୱକୁ ସ୍ମରଣ କରିଥାଏ। ଏହି ଅବସରରେ ଚିତ୍ର ଉତ୍ତୋଳନ କରିବାର କଳା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥାଏ। ଦେଖିବାକୁ ଗଲେ ଫଟୋଗ୍ରାଫି ଆମ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ। ସେଲ୍‌ଫି ନେବାଠାରୁ ଆରମ୍ଭ କରି ଯୁଦ୍ଧ ତଥା ମାନବିକ ଅଧିକାରର ଉଲ୍ଲଂଘନ ପର୍ଯ୍ୟନ୍ତ ଲୋକମାନେ ବିଭିନ୍ନ ଘଟଣାବଳୀର ଫଟୋ ଉଠାଇଥାନ୍ତି। ଏବେ ଫଟୋଗ୍ରାଫି କଳା ସହ ପ୍ୟାଶନରେ ପରିଣତ ହୋଇଛି।

ବିଶ୍ୱ ଫଟୋଗ୍ରାଫି ଦିବସ ୧୮୩୭ ମସିହାରୁ ଆରମ୍ଭ ହୋଇଥିଲା। ଫ୍ରାନ୍ସରେ ଜୋସେଫ ନିକେଫୋର ନିପ୍‌ସେ ଏବଂ ଲୁଇ ଡାଗୁରେ ପ୍ରଥମ ଫଟୋଗ୍ରାଫିକ୍ ପ୍ରକ୍ରିୟା ଡାଗୁରେରୋଟାଇପ ଉଦ୍ଭାବନ କରିଥିଲେ। ୧୮୬୧ ମସିହାରେ ପ୍ରଥମ ସ୍ଥାୟୀ ରଙ୍ଗିନ ଫଟୋଗ୍ରାଫ ଉତ୍ତୋଳିତ ହୋଇଥିଲା। ସେବେଠାରୁ ଫଟୋଗ୍ରାଫିର ମାଧ୍ୟମ ବିକଶିତ ହେଲା। ପ୍ରଥମ ଡିଜିଟାଲ ଫଟୋଗ୍ରାଫ ୧୯୫୭ ମସିହାରେ, ଡିଜିଟାଲ କ୍ୟାମେରା ଉଦ୍ଭାବନ ହେବାର ଦୁଇ ଦଶନ୍ଧି ପୂର୍ବରୁ ସୃଷ୍ଟି କରାଯାଇଥିଲା। ଫ୍ରେଞ୍ଚ ଏକାଡେମୀ ଅଫ ସାଇନ୍ସ ଆନୁଷ୍ଠାନିକ ଭାବରେ ୧୮୩୯ ମସିହାରେ ଡାଗୁରେରୋଟାଇପ ଉଦ୍ଭାବନକୁ ଜନସାଧାରଣଙ୍କ ନିକଟରେ ଘୋଷଣା କଲା। ୧୯ ଅଗଷ୍ଟ ୧୮୩୯ରେ ଫ୍ରାନ୍ସ ସରକାର ଏହି ଉପକରଣ ପାଇଁ ପେଟେଣ୍ଟ କରିଥିଲେ। ପରେ ଏହି ଦିନଟି ବିଶ୍ୱ ଫଟୋଗ୍ରାଫି ଦିବସ ଭାବରେ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ ହୋଇଥିଲା। ବିଶ୍ୱ ଫଟୋଗ୍ରାଫି ଦିବସକୁ କଳା, ହସ୍ତଶିଳ୍ପ ଏବଂ ଫଟୋଗ୍ରାଫି ପ୍ରତି ଉତ୍ସାହ ଦିବସ ଭାବେ ପାଳନ କରାଯାଇଥାଏ। ଐତିହାସିକ ଘଟଣାଗୁଡ଼ିକର ଡକ୍ୟୁମେଣ୍ଟେଶନଠାରୁ ଆରମ୍ଭ କରି ବ୍ୟକ୍ତିଗତ ଆବଶ୍ୟକତା ପୂରଣ ପର୍ଯ୍ୟନ୍ତ ମାଧ୍ୟମ କିପରି ବିକଶିତ ହୋଇଛି ତାହାକୁ ସ୍ମରଣ କରିବା ପାଇଁ ଏହି ଦିବସ ପାଳନ କରାଯାଇଥାଏ।

# ସୁରଜଙ୍କ ଅଡୁଆ ବଢ଼ିଲା


ସୁରଜ ପାଞ୍ଚୋଲି

**ମୁମ୍ବାଇ:** ବଲିଉଡ୍‌ର ଦିବଂଗତା ଅଭିନେତ୍ରୀ ଜିଆ ଖାନ୍‌ଙ୍କ ମା' ରାବିଆ ଖାନ୍ ଅଭିନେତା ସୁରଜ ପାଞ୍ଚୋଲିଙ୍କ ବିରୋଧରେ ମୁମ୍ବାଇ କୋର୍ଟରେ ତାଙ୍କ ବୟାନ ରେକର୍ଡ କରିଛନ୍ତି। ଆଦିତ୍ୟ ପଞ୍ଚୋଲି ଏବ ଜରିନା ୱହାବଙ୍କ ପୁଅ ସୁରଜ ତାଙ୍କ ପ୍ରେମିକା ଜିଆଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ଦୋହରାଇଛନ୍ତି ରାବିଆ। ରାବିଆ କହିଛନ୍ତି, ଜିଆ ଏବଂ ସୁରଜ ସୋସିଆଲ ମିଡିଆରେ ବନ୍ଧୁ ହୋଇଥିଲେ। ପରେ ୨୦୧୨ ଅକ୍ଟୋବର ସୁଦ୍ଧା ଦୁହେଁ ଲିଭ୍-ଇନ୍ ରହିବା ଆରମ୍ଭ କରିଥିଲେ। କିନ୍ତୁ ଦୁହିଁଙ୍କ ମଧ୍ୟରେ କୌଣସି କାରଣ ନେଇ ଝଗଡା ସହ ମାର୍‌ପିଟ୍ ମଧ୍ୟ ହୋଇଥିଲା। ଏହି ଝଗଡା ବିଷୟରେ ଜିଆଙ୍କ ମା' ରାବିଆ ଜାଣିବାକୁ ପାଇଥିଲେ। ଏହାପରେ ଜିଆ ସୁରଜଙ୍କୁ ଆଉ ଏକ ସୁଯୋଗ ଦେଇଥିଲେ। ହେଲେ ସୁରଜଙ୍କ ଭିତରେ କୌଣସି ପରିବର୍ତ୍ତନ ଦେଖାଦେଇ ନ ଥିଲା। ସୁରଜ ଜିଆଙ୍କୁ ତାଙ୍କ ସାଙ୍ଗମାନଙ୍କ ସହ ଜାଣିଶୁଣି ଭେଟ କରାଉଥିଲେ। ଏଥିସହ ସେ ଅନ୍ୟ ଝିଅଙ୍କ ସହ ଫ୍ଲର୍ଟିଂ କରୁଥିଲେ। ଏପରିକି ଜିଆଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ରାବିଆ କୋର୍ଟରେ ଅଭିଯୋଗ ଆଣିଛନ୍ତି। ୨୦୧୩ରେ ଅଭିନେତ୍ରୀ ଜିଆ ନିଜ ଘରେ ଦଉଡି ଦେଇ ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା ପାଇଁ ସୁରଜ ଜିଆଙ୍କୁ ବାଧ୍ୟ କରିଥିବା ମଧ୍ୟ ରାବିଆ କହିଛନ୍ତି। ପୂର୍ବରୁ ଅଭିନେତା ସୁରଜଙ୍କ ବିରୋଧରେ ଏନେଇ ମାମଲା ରୁଜୁ ହୋଇଛି। ସିବିଆଇ ଏହି ଘଟଣାର ତଦନ୍ତ କରୁଛି। ମାମଲାରେ ସୁରଜ ଏବେ ଜାମିନରେ ଅଛନ୍ତି। ସୁରଜଙ୍କୁ ୨୦୨୧ରେ ଶେଷଥର ପାଇଁ ଫିଲ୍ମ 'ଟାଇମ୍ ଟୁ ଡ୍ୟାନ୍ସ'ରେ ଦେଖିବାକୁ ମିଳିଥିଲା। ତାଙ୍କ ଆଗାମୀ ଫିଲ୍ମ 'ହୱା ସିଂ' ଅକ୍ଟୋବର ୮ରେ ରିଲିଜ୍ ହେବାକୁ ଯାଉଛି।

# ଚୋରି ଏୟାରପଡ୍ ଫେରିପାଇବା ପାଇଁ ୨.୨ ଲକ୍ଷ ଖର୍ଚ୍ଚ



**ଲଣ୍ଡନ:** ଲୋକେ ନିଜର ଅତି ପ୍ରିୟ ଜିନିଷକୁ ଯତ୍ନ ସହକାରେ ରଖନ୍ତି। ହେଲେ ହଜିଯାଇଥିବା କିମ୍ବା ଚୋରି ହୋଇଥିବା ଜିନିଷକୁ ପାଇବା ପାଇଁ ଜଣେ ନିଜର ସବୁକିଛି ଲଗାଇଦେବା ଘଟଣା ବିରଳ। ବ୍ରିଟେନ୍‌ରୁ ଏପରି ଏକ ରୋଚକ ଘଟଣା ସାମ୍ନାକୁ ଆସିଛି। ଜଣେ ଯୁବକ ତାଙ୍କର ଚୋରି ହୋଇଥିବା ଏୟାରପଡ୍‌କୁ ପାଇବା ପାଇଁ ୨.୨ ଲକ୍ଷ ଖର୍ଚ୍ଚ କରିବା ସହ ୭ ହଜାର କି.ମି. ଯାତ୍ରା କରିଛନ୍ତି। ଏଥିପାଇଁ ତାଙ୍କୁ ୫ ମାସ ସମୟ ଲାଗିଥିଲା। ବ୍ରିଟେନ୍‌ର ମାଞ୍ଚେଷ୍ଟରରେ ରହୁଥିବା ୩୧ ବର୍ଷୀୟ ଲେୱିସ୍ ଏଲିସ୍ ୫ ମାସ ତଳେ ବ୍ୟାଙ୍କକ୍‌ରୁ ଦୋହା ଯାତ୍ରା କରୁଥିଲେ। ଦୋହାରେ ବିମାନରୁ ଓହ୍ଲାଇବା ପରେ ସେ ଏୟାରପଡ୍‌କୁ ଖୋଜି ପାଇ ନ ଥିଲେ। ଘରକୁ ଫେରି ସେ ତାଙ୍କ ଏୟାରପଡ୍‌ର ସ୍ଥିତି ଜାଣିବାକୁ ଚେଷ୍ଟା କରିଥିଲେ। ଏୟାରପଡ୍‌ଟି କୌଣସି ସ୍ଥାନରେ ମୁଭିଂ ହେଉଥିବା ସେ ଜାଣିବାକୁ ପାଇଥିଲେ। ଏୟାରପଡ୍‌କୁ ପାଇବା ପାଇଁ ଲେୱିସ୍ ଟ୍ରେସର ହଣ୍ଟ ମାଧ୍ୟମରେ ଖୋଜିବା ଆରମ୍ଭ କରିଦେଇଥିଲେ। ସେ କାତାରରୁ ନେପାଳର କାଠମାଣ୍ଡୁ ପରେ ଥାଇଲାଣ୍ଡ ଯାଇଥିଲେ। ଏୟାରପଡ୍‌କୁ ଟ୍ରାକ୍ କରି ସେ ଦୋହାର ଏକ ହୋଟେଲରେ ପହଞ୍ଚିଥିଲେ। ସେଠାରେ ଏୟାରପଡ୍‌କୁ ତାଙ୍କ ମୋବାଇଲ ସହ ଯୋଡ଼ିବାକୁ ଚେଷ୍ଟା କରିଥିଲେ। ଏୟାରପଡ୍‌ଟି ତାଙ୍କ ମୋବାଇଲ ସହ ଯୋଡ଼ି ହୋଇଥିଲା। ସେହି ହୋଟେଲ୍‌ର ଏକ ରୁମ୍‌ରେ ରହୁଥିବା ଜଣେ ବ୍ୟକ୍ତିଙ୍କଠାରୁ ତାଙ୍କ ଏୟାରପଡ୍ ଆଣିବାରେ ସଫଳ ହୋଇଥିଲେ।

## ପ୍ରେମିକାଙ୍କ ବ୍ୟାଗ୍‌ରେ ପରିସ୍ରା କଲେ

### ଝଗଡ଼ା କରି ଦଣ୍ଡ ଗଣିବେ ୯୦ ହଜାର



**ସିଓଲ:** ପୂର୍ବତନ ପ୍ରେମିକଙ୍କ ସହ ଝଗଡ଼ା କରିବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। ଯୁକ୍ତିତର୍କବେଳେ ଯୁବତୀଙ୍କ ଦାମୀ ବ୍ୟାଗ୍‌ରେ ପରିସ୍ରା କରିଦେବାରୁ ଦକ୍ଷିଣ କୋରିଆର ଏକ ଦେୱାନୀ ଅଦାଲତ ଯୁବକଙ୍କ ଉପରେ ୧.୫ ନିୟୁତ ଓନ୍ ବା ୯୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ପ୍ରେମିକା ଜଣକ ଅତ୍ୟଧିକ ଖର୍ଚ୍ଚ କରୁଥିବାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ଗତ ଅକ୍ଟୋବରରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ଯୁବକ ଜଣକ ପ୍ରେମିକାଙ୍କ ସମ୍ମୁଖରେ ତାଙ୍କ ଡିଜାଇନର ଭ୍ୟାନିଟି ବ୍ୟାଗ୍‌ରେ ପରିସ୍ରା କରିଦେଇଥିଲେ। ଏ ନେଇ ପ୍ରେମିକା ଥାନାରେ ଏତଲା ଦେଇଥିଲେ। ହେଲେ ଯୁବକ ଜଣକ ଦୋଷ ନ ମାନିବାରୁ ବ୍ୟାଗ୍‌ରେ ଲାଗିଥିବା ପରିସ୍ରା ନମୁନାକୁ ଫୋରେନ୍ସିକ୍ ଟିମ୍ ଯାଞ୍ଚ କରିଥିଲା। ଡିଏନ୍‌ଏ ଟେଷ୍ଟ ରିପୋର୍ଟ ଯୁବକଙ୍କ ସହ ମିଶିଥିଲା। ଫଳରେ ଯୁବତୀ ଜଣକ ଏ ବାବଦ କ୍ଷତିପୂରଣ ଦାବି କରିଥିଲେ। ପରେ କୋର୍ଟ ଯୁବକଙ୍କୁ ୯୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଆଲିଙ୍ଗନ କରି ମହିଳାଙ୍କ ହାଡ଼ ଭାଙ୍ଗିଦେଲେ



**ବେଜିଂ:** ଚାଇନାର ଏକ କମ୍ପାନୀରେ କାର୍ଯ୍ୟରତ ଜଣେ ମହିଳାଙ୍କୁ ଆଲିଙ୍ଗନ କରିବା ତାଙ୍କ ସହକର୍ମୀଙ୍କୁ ମହଙ୍ଗା ପଡ଼ିଛି। ଯୁବକ ଜଣକ ମହିଳାଙ୍କୁ ଜୋର୍‌ରେ ଜାବୁଡ଼ି ଧରିବା ଫଳରେ ତାଙ୍କ କଙ୍କାଳର ୩ଟି ହାଡ଼ ଭାଙ୍ଗିଯାଇଥିଲା। ଏହାକୁ ନେଇ ସମ୍ପୃକ୍ତ ମହିଳା କୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ଯୁବକ ଜଣଙ୍କୁ ୧୫ ଶହ ଡଲାର (ପ୍ରାୟ ୧ ଲକ୍ଷ ୨୦ ହଜାର ଟଙ୍କା) ଜରିମାନା ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଅନୁସାରେ, ଗତ ବର୍ଷ ମହିଳା ଜଣକ ଅଫିସ୍‌ରେ ଥିବାବେଳେ ତାଙ୍କ ସହକର୍ମୀ ସେଠାରେ ତାଙ୍କୁ ଜୋର୍‌ରେ ଆଲିଙ୍ଗନ କରିଥିଲେ। ମହିଳା ଜଣକ ଯନ୍ତ୍ରଣାରେ ଚିତ୍କାର କରିଥିଲେ। ଘରୋଇ ଚିକିତ୍ସାରେ ଯନ୍ତ୍ରଣା ନ କମିବାରୁ ସେ ଡାକ୍ତରଖାନା ଯାଇଥିଲେ। ଏକ୍ସ-ରେ କରିବା ପରେ ତାଙ୍କ କଙ୍କାଳରେ ୩ଟି ହାଡ଼ ଭାଙ୍ଗିଯାଇଥିବା ଜାଣିବାକୁ ପାଇଥିଲେ। ଏଥିରୁ ସୁସ୍ଥ ହେବା ପାଇଁ ତାଙ୍କୁ ଅନେକ ଦିନ ଲାଗିଥିଲା। ଏଥିନିମନ୍ତେ ମହିଳା ଜଣକ ଅଫିସ୍‌ରୁ ଛୁଟି ନେଇଥିଲେ। ଫଳରେ ତାଙ୍କ ଦରମା ମଧ୍ୟ କଟିଥିଲା। ମେଡିକାଲ ଖର୍ଚ୍ଚ, ଦରମା କଟିବା ଆଦିର କ୍ଷତିପୂରଣ ପାଇଁ ମହିଳା ଜଣକ କିଛିଦିନ ତଳେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ଚାଇନା କୋର୍ଟ ଯୁବକ ଜଣଙ୍କୁ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

**ପାର୍ଥ, ଅର୍ପିତାଙ୍କ ଜେଲ ମିଆଦ ୩୧ ଯାଏ ବଢ଼ିଲା**

**କୋଲକାତା:** ପଶ୍ଚିମବଙ୍ଗ ସ୍କୁଲ୍ ସର୍ଭିସ୍ କମିଶନ (ଏସ୍ଏସ୍ସି) ଦୁର୍ନୀତି ମାମଲାର ମୁଖ୍ୟ ଅଭିଯୁକ୍ତ ପୂର୍ବତନ ମନ୍ତ୍ରୀ ପାର୍ଥ ଚାଟାର୍ଜୀ ଓ ତାଙ୍କ ସହଯୋଗୀ ଅର୍ପିତା ମୁଖାର୍ଜୀଙ୍କ ବିଚାର ବିଭାଗୀୟ ହାଜତ ମିଆଦକୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। କୋଲକାତା ହାଇକୋର୍ଟ ଗୁରୁବାର ସେମାନଙ୍କ ଜାମିନ ଆବେଦନକୁ ଖାରଜ କରିଦେବା ସହ ଆଉ ୧୪ ଦିନ ପାଇଁ ଜେଲ୍ ହାଜତକୁ ପଠାଇ ଦେଇଛନ୍ତି।

# ସବୁ ବିକଳ୍ପ ଖୋଲା

## ଭାଜପାରେ ମିଶିବେ ଆର୍‌ସିପି ସିଂ

ପାଟନା/ନୂଆଦିଲ୍ଲୀ,୧୮।୮

ବିହାର ରାଜନୀତିରେ ଝଡ଼ ସୃଷ୍ଟି କରିଥିବା ସଂଯୁକ୍ତ ଜନତା ଦଳ (ଜେଡିୟୁ)ର ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ରାମଚନ୍ଦ୍ର ପ୍ରସାଦ ସିଂ ଖୁବ୍‌ଶୀଘ୍ର ଭାଜପାରେ ଯୋଗଦେଇପାରନ୍ତି। ଗୈରିକ ଦଳରେ ସାମିଲ ହେବା ସମେତ ଅନ୍ୟ ସମସ୍ତ ବିକଳ୍ପ ଖୋଲା ଅଛି ବୋଲି ଆର୍‌ସିପି ଗୁରୁବାର ସ୍ପଷ୍ଟ କରିଛନ୍ତି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆର୍‌ସିପି ସିଂ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ତାଙ୍କ ପାଇଁ ସବୁ ବିକଳ୍ପ ଖୋଲା ରହିଛି। ଭାଜପାରେ ଯୋଗଦେବେ କି ବୋଲି ପ୍ରଶ୍ନ କରାଯିବାରୁ କାହିଁକି ସାମିଲ ହେବେ ନାହିଁ ବୋଲି ଅମଲାତନ୍ତ୍ରୀରୁ ରାଜନେତା ସାଜିଥିବା ଆର୍‌ସିପି କହିଛନ୍ତି। ସେହିପରି ନିକଟରେ ଭାଜପା ହାତ ଛାଡ଼ି ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତୃତ୍ୱାଧୀନ ମହାମେଣ୍ଟ ସମର୍ଥନରେ ସରକାର ବଦଳାଇଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଉପରେ ବର୍ଷିଛନ୍ତି। ନୀତୀଶ ୭ ଜନ୍ମରେ ବି ପ୍ରଧାନମନ୍ତ୍ରୀ

### ନୀତୀଶ ୭ ଜନ୍ମରେ ବି ପ୍ରଧାନମନ୍ତ୍ରୀ ହୋଇପାରିବେନି



ରାମଚନ୍ଦ୍ର ପ୍ରସାଦ ସିଂ

ହୋଇପାରିବେ ନାହିଁ। ଏବେ ଦେଶରେ ରାଜନୈତିକ ଅସ୍ଥିରତା ନାହିଁ ଯେ, ଚନ୍ଦ୍ରଶେଖର, ଏଚ୍.ଡି. ଦେବେଗୌଡ଼ା, ଆଇ.କେ. ଗୁଜରାଲଙ୍କ ଭଳି ନେତା ବି ପ୍ରଧାନମନ୍ତ୍ରୀ ହୋଇଯିବେ।

ପ୍ରକାଶ ଯେ, ଗତବର୍ଷ ଆର୍‌ସିପି ସିଂ ନୀତୀଶଙ୍କ ବିନା ଅନୁମତିରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିଲେ, ଯାହାକୁ ନେଇ ଦୁହିଁଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଫଳରେ ନୀତୀଶ ଆର୍‌ସିପିଙ୍କୁ ଜେଡିୟୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ ଛାଡ଼ିବାକୁ କହିଥିଲେ। ଆର୍‌ସିପିଙ୍କ ରାଜ୍ୟ ସଭା ସଦସ୍ୟତା ଗତ ଜୁଲାଇରେ ଶେଷ ହେବା ପରେ ଜେଡିୟୁ ତାଙ୍କୁ ଆଉ ପ୍ରାର୍ଥୀ କରି ନ ଥିଲା। ଫଳରେ ଆର୍‌ସିପି ବାଧ୍ୟହୋଇ କେନ୍ଦ୍ରମନ୍ତ୍ରୀ ପଦ ଛାଡ଼ିଥିଲେ। ଇତିମଧ୍ୟରେ ଆର୍‌ସିପି ୨୦୧୩ରୁ ୨୦୨୨ ମଧ୍ୟରେ ନିଜ ପରିବାର ସଦସ୍ୟଙ୍କ ବିରୋଧରେ ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଜେଡିୟୁ ପକ୍ଷରୁ ଅଭିଯୋଗ ଅଣାଯାଇ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଆର୍‌ସିପି ଜେଡିୟୁ ଛାଡ଼ି ଦଳ ପକ୍ଷରୁ ଏସମ୍ପର୍କିତ ନୋଟିସର ଜବାବ ଦେଇଥିଲେ। ଅଭିଯୋଗକୁ ତାଙ୍କ ବିରୋଧରେ ଏକ ଷଡ଼ଯନ୍ତ୍ର ବୋଲି ସେ କହିଥିଲେ।

## ବନ୍ୟା ପରିଚାଳନାରେ ପ୍ରଶାସନ ବିଫଳ: କଂଗ୍ରେସ

**ପିପିଲି,୧୮।୮(ସ୍ୱ.ପ୍ର.):** ଦୟା, ଭାର୍ଗବୀ, ଲୁଣା ଆଦି ନଦୀରେ ବନ୍ୟା ଯୋଗୁ ପୁରୀ ଜିଲା ପିପିଲି ଏବଂ ଡେଲାଙ୍ଗ ଅଞ୍ଚଳର ଶତାଧିକ ଗାଁ ଜଳମଗ୍ନ ହୋଇଛି। ବିଭିନ୍ନ ନଦୀବନ୍ଧରେ ଘଳିଆ ପଡ଼ିଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ପ୍ରଶାସନ ଓ ଜଳସମ୍ପଦ ବିଭାଗର 'ବାହାଘର ବେଳେ ବାଇଗଣ ରୁଆ' ନୀତି ଯୋଗୁ ଜନସାଧାରଣ ଅସୁବିଧା ଭୋଗିବା ସହ ଘରଦ୍ୱାର ଛାଡ଼ି ଅନ୍ୟତ୍ର ମୁଣ୍ଡ ଗୁଞ୍ଜିଛନ୍ତି। ବହୁ ବିପନ୍ନ ଖୋଲା ଆକାଶ ତଳେ ନଦୀବନ୍ଧରେ ଆଶ୍ରୟ ନେଇଛନ୍ତି। ବନ୍ୟା ନିୟନ୍ତ୍ରଣ ଓ ପରିଚାଳନାରେ ପ୍ରଶାସନ ବିଫଳ ହୋଇଛି ବୋଲି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ଅଭିଯୋଗ କରିଛନ୍ତି।

---

**MO SCHOOL ABHIYAN PARICHALANA SANGATHAN**
Toshali Bhawan, A1-Block, 6th Floor, Satya Nagar, Bhubaneswar - 751007, Odisha, India, e-mail: reachout@moschool.in

**EXPRESSION OF INTEREST**

No. 2059/MSA/22 Date: 17.08.2022

No. n-42: EOI are invited from the interested agencies/organization to provide support (Implementing the sift components) to selected 300 Nos. of High Schools across 30 districts of Odisha on or before 30.08.2022 by 5 P.M. For more details please visit www.moschool.in.

By Order of SPD, OSEPA & Member Secretary
Mo School Abhiyan Parichalana Sangathan
Sd./- Officer on Special Duty
Mo School Abhiyan Parichalan Sangathan
OIPR-27045/11/0023/2223

---

**SHORT QUOTATION CALL NOTICE**

No. 3102 Dt.08.08.2022

No. C-1009: The Executive Officer, Jatni Municipality on behalf of Municipal Council invites quotation in plain paper is invited from the intending Artists/Individuals for wall painting on Swachh Survekshan 2022 at prominent places of Jatni Municipality areas as per the requirements.

The last date of receipt of the quotation is **Dt.19.08.2022 upto 12.00 P.M.** and will be **opened on Dt.19.08.2022 at 4 P.M.**

The detailed documents can also be downloaded from the official website of Khordha district **(www.khordha.nic.in)** upto **5.00 P.M. of 17.08.2022.**

Sd./- Executive Officer
Jatni Municipality
OIPR-13041/11/0026/2223

---

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553

No. CAD-1520 **TENDER ALERT**

1) **Tender Call Notice No.01/2022-23:** Supply of Diesel run commercial registered light vehicle (Swift Dzire-AC or equivalent) for official use under Telecommunication Division, Cuttack.
2) **Tender Call Notice No.04/2022-23:** Supply of Sodium Bentonite compound in powder form to be used for earth mat work in switch yard at 220/132/33kV Grid S/S, Kesinga & 132/33kV Grid S/S, Saintala under EHT O&M Division, Kesinga.
3) **Tender Call Notice No.07/2022-23:** Carry out the work of PCC and Re-Metalling of 132kV GIL Bay at 132/33kV Grid S/S, Ganjam under EHT O&M Division, Chatrapur.
4) **Tender Call Notice No.15/2022-23:** Renovation of bathrooms & fabrication of shed at roof of Division office Joda under EHT O&M Division, Joda.
5) **Tender Call Notice No.16/2022-23:** Construction of culvert, guard wall & repairing of drain at Grid S/S Joda under EHT O&M Division, Joda.

For more details please visit OPTCL's website: **www.optcl.co.in.**

OIPR-04011/11/0077/2223 FIPR-33/2022-23

---

**PANCHAYAT SAMITI OFFICE, KEONJHAR SADAR**
Phone: 06766-255494, E-mail: ori-bkeonjhar@nic.in
Letter No. 3295 Date: 17.08.2022

No. F-200 **Corrigendum to BID IDENTIFICATION No. 03/Sadar/2022-23**

01. The TCN Sl. No. 04. Name of the Project "Construction of DMF Gram Udyan at Gumura under Mandua G.P." has been modified as "Construction of DMF Gram Udyan at Tikargumura, under Mandua G.P."

All the term and condition in respect of the work invited vide above Tender Call Notice remain unaltered.

02. All other details can be seen in the bidding documents which is available in the official website **http//:www.kendujhar.nic.in.**

03. Authority reserve the right to reject any or all the tender without assigning any reason thereof.

Sd./- Block Development Officer
Sadar Block, Keonjhar
OIPR-19123/11/0010/2223

---

**ZILLA SWASTHYA SAMITI, SUBARNAPUR**
**OFFICE OF THE CDM & PHO, SUBARNAPUR**
**DPMU, NATIONAL HEALTH MISSION**
E-mail: nhm.subarnapur@gmail.com

No. 731/DPMU/NHM/22 Date: 16.08.2022

**NOTICE**

No. E-399: In continuation to Advertisement No. 610/DPMU/NHM/2022 Dated 02.08.2022 regarding contractual appointment of different post under NHM a corrigendum notice has been published in the district website **www.subarnapur.nic** regarding modification/addition of different criteria. So the candidates may visit the website for necessary updates.

Sd./- Chief District Medical & Public Health Officer-cum-District Mission Director, NHM, Subarnapur
OIPR-10118/11/0016/2223

---

**CORRIGENDUM**

No. CAD-1523: Please refer to this Office RFP No. 003/SUDA/Dtd.12.08.2022 published in the daily Odia DHARITRI on 13.08.2022 at Page - 17 in which Bids were invited to select & engage Resource Organisations for Capacity Building for Mission Shakti Groups & Slum dwellers Associations under MUKTA. In the second Para, the proposal submission date may be read as **3rd September' 2022** instead of 25th August' 2022. Other context will remain unchanged.

Sd./- Administrative Officer, SUDA - Odisha
OIPR-13036/11/0010/2223

---

**OFFICE OF THE MUNICIPAL COUNCIL, SUNDARGARH**

Notice No. 6990 Date: 10.08.2022

**TENDER CALL NOTICE**

No. C-1004: Sealed tenders are invited from the intending persons/agencies for auction of different Sairats under Sundargarh Municipality. The detail tender documents will be available in the district website of Sundargarh i.e. **www.sundargarh.nic.in** from Dt.18.08.2022 to Dt.30.08.2022. The tender document must be submitted to the Office of the Executive Officer, Sundargarh Municipality, Sundargarh through Regd. Post/Speed Post only. The bidder should subscribe **"Tender for Auction of Different Sairats of Sundargarh Municipality"** on the top of the envelope.
Last date of receipt of quotation 30.08.2022 upto 2.00 P.M.
Date of Opening 03.09.2022 at 4.30 P.M.

Sd./- Executive Officer
Sundargarh Municipality
OIPR-13130/11/0014/2223

---

**OFFICE OF THE ROURKELA MUNICIPAL CORPORATION, ROURKELA**
**INVITATION FOR BID**

No. 10494 Dated: 17.08.2022

**Bid Identification No. MC/RMC/67/2022**

No. C-1016: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Single Cover on online mode. Bid Identification No. MC/RMC/67/2022 for 03 Nos. Civil work with value of Rs.6.94 lakh to Rs.35.60 lakh.

1. Bid documents will be available in website **www.tendersorissa.gov.in** from 17.08.2022.
2. Bids must be submitted on "Online" on or before 26.08.2022 by 17.00 hours.
3. Bids shall be opened at 11.00 hours on 29.08.2022 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in.**

Sd./- Municipal Commissioner
Rourkela Municipal Corporation
OIPR-13131/11/0082/2223

---

**Zilla Swasthya Samiti, Bargarh**
Dept. of Health & Family Welfare, Govt. of Odisha
District Head Quarter Hospital, Bargarh-768028
Phone/Fax: 06646-231763

Corrigendum Notice No.45/2022 Date:16.08.2022

**CORRIGENDUM NOTICE**

**No.E-400:** Corrigendum to the tender call notice no: 42// NHM, Bargarh published on dtd. 19.07.2022 in "New Indian Express" & "Dharitri" for "Hiring of commercial light diesel vehicles on a monthly & daily basis", "supply of Ambulance", "supply of Micro cellular Rubber footwear", "Techno managerial Manpower" and "Pest Control & Anti-termite Measures" and corrigendum notice no: 43/NHM. Bargarh published on dtd. 31.07.2022 in "New Indian Express" & "Dharitri" for "supply of Micro cellular Rubber footwear" & "Outsourcing of Techno Managerial Manpower". The revised date of opening of bid is dt 23.08.2022 at 10.30 A.M. at DTU NHM, Bargarh. The other terms & conditions of the aforesaid tender remain unchanged.

Sd./- CDM & PHO, Bargarh
OIPR-10124/11/0012/2223

---

**REVENUE OFFICERS' TRAINING INSTITUTE (ROTI), BHUBANESWAR**

Tender No. LE-II-25/22 - 1145 / Date: 12.08.2022

**TENDER CALL NOTICE**

No. F-199: Sealed tenders are invited under two bid systems from reputed, experienced registered Travel Agencies/Tour Operators for following outsourcing service at "ROTI, Gothapatna, Bhubaneswar - 751029".

| Name of the Outsourcing Services | Tender Paper Cost (In Rs.) | EMD (In Rs.) |
|---|---|---|
| Hiring of Vehicle Services at ROTI | 500/- | 5,000/- |

The detailed information of the tender has been provided in Tender Documents individually which may be downloaded from the website **https://rotiodisha.nic.in**. The downloaded document should be accompanied with a Demand Draft as applicable towards tender paper cost along with the Bid. The EMD of requisite amount should also be paid by Demand Draft in favour of the Director, Revenue Officers' Training Institute, Gothapatana payable at Bhubaneswar along with the Technical Bid. The last date, time and place for submission of tender are **02.09.2022 by 5.00 P.M.** The tender will be opened at ROTI on **03.09.2022 at 11 A.M.**

Any corrigendum(s) shall be communicated through the tender section of ROTI website.

Sd./- Director, ROTI
OIPR-24164/11/0004/2223

---

**ODISHA LIFT IRRIGATION CORPORATION LTD.**
(A Government of Odisha Undertaking)
Plot No.N-17/2, Nayapalli, Bhubaneswar-751012
Phone No.: (0674) 2390195 (Off), Fax No. (0674) 2395844,
Email ID: olicltd123@bsnl.in, olicltd@ymail.com
www.olic.in

**NATIONAL COMPETITIVE BIDDING THROUGH e-Procurement**
**No. IT-100/2021-7965/OLIC, Dated: 17.08.2022**

**No.CAD-1528:-** The Managing Director, OLIC Ltd., Bhubaneswar invites online percentage rate tender through e-procurement for Installation, Electrification, Energisation and Commissioning of cluster borewells in the State of Odisha. Interested bidders may visit website: www.tendersodisha.gov.in and OLIC Website www.olic.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.

**Important features of this NCB are as under:**

A. **Brief description of Work:** Installation, electrification, energisation and commissioning of Borewell in Balsore & Sundargarh Districts (02 Packages).
B. **Estimated cost of works:** Varies from Rs.110.97 Lakhs to Rs.411.90 Lakhs
C. **Date and time of availability of bid document in the portal:** From Dt. 22.08.2022 to Dt. 12.09.2022 (up to 17.00 hours)
D. **Last date/time for receipt of bid in the Portal:** Dt.12.09.2022 up to 17.00 hours.
E. **Last date of seeking clarification:** Dt.02.09.2022 upto 17.00 hours.
F. **Technical Bid will be opened on:** Dt.13.09.2022 at 11.00 hours.

Any Addendum/ Corrigendum/ Cancellation of tender will be available in the said website.

Authority reserves the right to accept/reject any or all the tenders, increase or decrease the quantities of work put to bidding without assigning any reason thereof.

Sd./- MANAGING DIRECTOR, OLIC LTD, BHUBANESWAR
OIPR-32432/11/0020/2223

---

**ODISHA LIFT IRRIGATION CORPORATION LTD.**
(A Government of Odisha Undertaking)
Plot No.N-17/2, Nayapalli, Bhubaneswar-751012
Phone No.: (0674) 2390195 (Off), Fax No. (0674) 2395844,
Email ID: olicltd123@bsnl.in, olicltd@ymail.com
www.olic.in

**NATIONAL COMPETITIVE BIDDING THROUGH e-Procurement**
**No. IT-66/2021-7937/OLIC, Dated: 17.08.2022**

**No.CAD-1519:-** The Managing Director, OLIC Ltd., Bhubaneswar invites online percentage rate tender through e-procurement for Installation, Electrification, Energisation and Commissioning of cluster borewells in the State of Odisha. Interested bidders may visit website: www.tendersodisha.gov.in and OLIC Website www.olic.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.

**Important features of this NCB are as under:**

A. **Brief description of Work:** Installation, electrification, energisation and commissioning of Borewell in Cuttack District Pkg-01.
B. **Estimated cost of works:** Rs.319.12 Lakhs
C. **Date and time of availability of bid document in the portal:** From Dt. 22.08.2022 to Dt. 12.09.2022 (up to 17.00 hours)
D. **Last date/time for receipt of bid in the Portal:** Dt.12.09.2022 up to 17.00 hours.
E. **Last date of seeking clarification:** Dt.02.09.2022 upto 17.00 hours.
F. **Technical Bid will be opened on:** Dt.13.09.2022 at 11.00 hours.

Any Addendum/ Corrigendum/ Cancellation of tender will be available in the said website.

Authority reserves the right to accept/reject any or all the tenders, increase or decrease the quantities of work put to bidding without assigning any reason thereof.

Sd./- MANAGING DIRECTOR, OLIC LTD, BHUBANESWAR
OIPR-32432/11/0018/2223

---

**NOTICE**

No. D-136: OPSC follows a robust transparent and merit-based process in all recruitments. Any assurance for selection by unserupulous elements should not only be ignored but be brought to our notice for remedial measures.

Please inform to the following numbers.

**0671-2301107, 0671-2304090**
**opsc@nic.in**

**ବିଜ୍ଞପ୍ତି**

ଓଡ଼ିଶା ଲୋକସେବା ଆୟୋଗ ସମସ୍ତ ନିଯୁକ୍ତିରେ ଏକ ଦୃଢ଼, ସ୍ୱଚ୍ଛ ଏବଂ ଯୋଗ୍ୟତାଭିତ୍ତିକ ପ୍ରକ୍ରିୟା ଅନୁସରଣ କରେ। ଚୟନ ପାଇଁ କୌଣସି ଅସାଧୁ ବ୍ୟକ୍ତିଙ୍କର ପ୍ରତିଶ୍ରୁତିରେ ପ୍ରଭାବିତ ହୁଅନ୍ତୁ ନାହିଁ ଏବଂ ତତ୍‌କ୍ଷଣାତ ପ୍ରତିକାରାତ୍ମକ ପଦକ୍ଷେପ ପାଇଁ ଆୟୋଗର ଦୃଷ୍ଟି ଆକର୍ଷଣ କରନ୍ତୁ।

ଦୟାକରି ନିମ୍ନଲିଖିତ ନମ୍ବର କିମ୍ବା ଇ-ମେଲ୍‌ରେ ଯୋଗାଯୋଗ କରନ୍ତୁ।

୦୬୭୧-୨୩୦୧୧୦୭, ୦୬୭୧-୨୩୦୪୦୯୦
**opsc@nic.in**

ଆୟୋଗଙ୍କ ଆଦେଶ ଅନୁସାରେ
ସ୍ୱା./- ସଚିବ
ଓଡ଼ିଶା ଲୋକସେବା ଆୟୋଗ
OIPR-12002/11/0136/2223

---

**ROURKELA MUNICIPAL CORPORATION**
UDITNAGAR, ROURKELA, ODISHA, PIN - 769012
E-mail ID: rourkelamunicipality@gmail.com, Tel.: 0661-2500388

RFP No. 10458 Date: 17.08.2022

**REQUEST FOR PROPOSAL**

No. C-1003: Rourkela Municipal Corporation invites Request for Proposal (RFP) in Double Covers from reputed NGOs/ CBOs/Agencies/Joint Ventures for providing Sanitation Services in the Designated Zones under Rourkela Municipal Corporation (RMC).

The sealed RFP document supported by relevant details and proof of their eligibility is to be submitted in closed covers addressed to the Commissioner, Rourkela Municipal Corporation, Uditnagar, Rourkela, Dist.- Sundargarh (Odisha), PIN - 769012 on or before 1.00 P.M. 08.09.2022 through Speed Post/Registered Post/Courier only. The complete RFP document can be downloaded from the RMC website **(www.rmc.nic.in)** from 18.08.2022 onwards.

Any changes/correction/corrigendum in respect the above shall be placed on RMC website only. All bidders are requested to go through the website before submission of proposal.

RMC reserves the right to reject any or all the RFP without assigning any reason thereof.

Sd./- Commissioner
Rourkela Municipal Corporation
Date: 17.08.2022
OIPR-13131/11/0084/2223

---

**GOVT. OF ODISHA** No. A-454
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, DRAINAGE CIRCLE**
UNIT - 8, BHUBANESWAR - 751012
**E-PROCUREMENT NOTICE No. ACEDC-BBSR-04/2022-23**
email Id: sedrainagebbsr12@gmail.com

| | | | |
|---|---|---|---|
| 1. | Name of Works | : | 3 Nos. of Works |
| 2. | Total Number of Packages | : | 3 Nos. Individual Packages |
| 3. | Estimated Cost | : | Cost varies from Rs.111 lakhs to Rs.499 lakhs |
| 4. | Bid Identification No. | : | 1) ACEDC-BBSR/DD-PURI-07/2022-23<br>2) ACEDC-BBSR/DD-PURI-08/2022-23<br>3) ACEDC-BBSR/DD-PURI-09/2022-23 |
| 5. | Period of Completion | : | As per DTCN |
| 6. | Availability of Tender Online | : | 19.08.2022, 11.00 hours to 02.09.2022, 17.00 hours. |
| 7. | Date of Opening of Technical Bid | : | 03.09.2022 at 11.00 hours in the O/o. the Additional Chief Engineer, Drainage Circle, Unit - 8, Bhubaneswar |
| 8. | Date of Opening of Financial Bid | : | 07.09.2022 at 11.00 hours in the O/o. the Additional Chief Engineer, Drainage Circle, Unit - 8, Bhubaneswar. |
| 9. | Date of Lottery (if required) | : | 09.09.2022 at 12.00 hours in the O/o. the Additional Chief Engineer, Drainage Circle, Unit - 8, Bhubaneswar. |
| 10. | Bid Security | : | Bid Security Declaration |
| 11. | Cost of Tender Paper | : | Rs.10,000/- |
| 12. | Procurement Officer | : | Additional Chief Engineer, Drainage Circle, Unit - 8, Bhubaneswar - 751012 |

Further details can be seen from the Govt. website **www.tendersorissa.gov.in**. Addendum/Corrigendum/Cancellation if any required will be published only in Govt. website **www.tendersorissa.gov.in**.

Sd./- Additional Chief Engineer
Drainage Circle, Bhubaneswar
OIPR-32375/11/0002/2223

---

ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ବିଜେପୁର
**OFFICE OF THE NOTIFIED AREA COUNCIL, BIJEPUR**
AT/PO/PS:- Bijepur, Dist.:- Bargarh (Odisha), PIN:- 768032
Phone No.06685-274153, Email ID:- bijepurnac2018@gmail.com, Website: bijepurnac.in

Letter No. 1434/NACB Date: 17.08.2022

**Quotation Call Notice**

**No.C-1012:-** Sealed quotations are invited from registered firms / Agency with Valid Registration Certificate, PAN card, GST Registration Certificate & Latest GST Return up to March 2022, EPF registration certificate, ESI registration certificate, ISO 9001 certification, I.T. refund for Three Financial Year. i.e., 2019-20 , 2020-21 & 2021-22 labour license consisting of minimum 60 or above Nos. of labour, proof of establishment, financial turnover for last 3 Years working within the jurisdiction of Odisha, having eligibility criteria as **"Sanitation Man Power Service Provider"**. Bid documents should be submitted through **Regd. Post /Speed post/ NAC Office Drop Box**, super-scribing **"Bid documents for Sanitation Man Power Services"** and addressed to **Executive Officer, Bijepur NAC, Dist: Bargarh, Odisha, PIN: 768032.** The sale of bid document shall start from **dt. 19.08.2022** in office hour and close by 2.00 P.M. on **26.08.2022** and same day i.e. 26.08.2022 opening at 3.30 PM. The bidders shall have to deposit the cost of tender paper of Rs.10,000/- (Ten thousand) only (non-refundable) & EMD Rs. 60,000/- (Sixty thousand) only in shape of Demand Draft/Money Receipt in favour of Executive Officer, Bijepur NAC, payable at Bijepur. The bidder must have minimum 3 years' experience on municipal solid waste management/ sanitation work and other Govt, Sector with a minimum financial turnover of Rupees 1.00 Crore (One Crore) on Municipal Solid Waste Management! sanitation work in any calendar year of last three financial years. The authority reserves the right to reject any or all the bid without assigning any reason thereof.

Sd./- Executive Officer, Bijepur NAC
OIPR-13123/11/0013/2223

---

**ODISHA LIFT IRRIGATION CORPORATION LTD.**
(A Government of Odisha Undertaking)
Plot No.N-17/2, Nayapalli, Bhubaneswar-751012
Phone No.: (0674) 2390195 (Off), Fax No. (0674) 2395844,
Email ID: olicltd123@bsnl.in, olicltd@ymail.com
www.olic.in

**NATIONAL COMPETITIVE BIDDING THROUGH e-Procurement**
**No. IT-94/2021- /OLIC, Dated:**

**No.CAD-1516:-** The Managing Director, OLIC Ltd., Bhubaneswar invites online percentage rate tender through e-procurement for Installation, Electrification, Energisation and Commissioning of cluster borewells in the State of Odisha. Interested bidders may visit website: www.tendersodisha.gov.in and OLIC Website www.olic.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.

**Important features of this NCB are as under:**

A. **Brief description of Work:** Installation, electrification, energisation and commissioning of Borewell in Nabarangapur & Nuapada Districts (03 Packages).
B. **Estimated cost of works:** Varies from Rs.968.78 Lakhs to Rs.1371.30 Lakhs
C. **Date and time of availability of bid document in the portal:** From Dt. 22.08.2022 to Dt. 12.09.2022 (up to 17.00 hours)
D. **Last date/time for receipt of bid in the Portal:** Dt.12.09.2022 up to 17.00 hours.
E. **Last date of seeking clarification:** Dt.02.09.2022 upto 17.00 hours.
F. **Technical Bid will be opened on:** Dt.13.09.2022 at 11.00 hours.

Any Addendum/ Corrigendum/ Cancellation of tender will be available in the said website.

Authority reserves the right to accept/reject any or all the tenders, increase or decrease the quantities of work put to bidding without assigning any reason thereof.

Sd./- MANAGING DIRECTOR, OLIC LTD, BHUBANESWAR
OIPR-32432/11/0013/2223

---

**ODISHA LIFT IRRIGATION CORPORATION LTD.**
(A Government of Odisha Undertaking)
Plot No.N-17/2, Nayapalli, Bhubaneswar-751012
Phone No.: (0674) 2390195 (Off), Fax No. (0674) 2395844,
Email ID: olicltd123@bsnl.in, olicltd@ymail.com
www.odishalift.co.in

**NATIONAL COMPETITIVE BIDDING THROUGH e-Procurement**
**No. IT-86/2021-7885/OLIC, Dated: 16.08.2022**

**No.CAD-1513:-** The Managing Director, OLIC Ltd., Bhubaneswar invites online percentage rate tender through e-procurement for Installation, Electrification, Energisation and Commissioning of cluster borewells in the State of Odisha. Interested bidders may visit website: www.tendersodisha.gov.in and OLIC Website www.olic.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.

**Important features of this NCB are as under:**

A. **Brief description of Work:** Installation, electrification, energisation and commissioning of Borewell in Bargarh District (02 Packages).
B. **Estimated cost of works:** Rs.1328.99 Lakhs for Each Package.
C. **Date and time of availability of bid document in the portal:** From Dt. 22.08.2022 to Dt. 12.09.2022 (up to 17.00 hours)
D. **Last date/time for receipt of bid in the Portal:** Dt.12.09.2022 up to 17.00 hours.
E. **Last date of seeking clarification:** Dt.02.09.2022 upto 17.00 hours.
F. **Technical Bid will be opened on:** Dt.13.09.2022 at 11.00 hours.

Any Addendum/ Corrigendum/ Cancellation of tender will be available in the said website.

Authority reserves the right to accept/reject any or all the tenders, increase or decrease the quantities of work put to bidding without assigning any reason thereof.

Sd./- MANAGING DIRECTOR, OLIC LTD, BHUBANESWAR
OIPR-32432/11/0014/2223



ବାଇଚୁଙ୍ଗ ଭୂଟିଆ

# ପ୍ରକୃଷ୍ଟ ସମୟ

ବିଶ୍ୱ ଫୁଟବଲର ସର୍ବୋଚ୍ଚ ପରିଚାଳନା ସଂସ୍ଥା 'ଫିଫା' ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍)କୁ ବାସନ୍ଦ କରିଛି। ସମ୍ପ୍ରତି ଏଆଇଏଫ୍ଏଫ୍ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ କମିଟି ଅଫ୍ ଆଡ୍‌ମିନିଷ୍ଟ୍ରେଟର୍ସ (ସିଓଏ) ଦ୍ୱାରା ପରିଚାଳିତ ହେଉଥିବାବେଳେ କୌଣସି ତୃତୀୟ ପକ୍ଷର ହସ୍ତକ୍ଷେପକୁ ବରଦାସ୍ତ କରାଯିବନାହିଁ ବୋଲି ଫିଫା ସ୍ପଷ୍ଟ କରିଦେଇଛି। ଫିଫାର ଏପରି ବାସନ୍ଦରେ କିନ୍ତୁ ବିଚଳିତ ନୁହନ୍ତି ପୂର୍ବତନ ଭାରତୀୟ ଅଧିନାୟକ ବାଇଚୁଙ୍ଗ

> "ଫିଫାର ନିଷ୍ପତ୍ତି କଠୋର ହୋଇଥିଲେ ହେଁ ଭାରତର କ୍ରୀଡ଼ା ବ୍ୟବସ୍ଥାରେ ଅନୁଶାସନ ଫେରାଇ ଆଣିବା ପାଇଁ ଏହା ପ୍ରକୃଷ୍ଟ ସମୟ। ଏବେ ଘର ସଜାଡ଼ିବାର ବେଳ, ଦେଶର ଫୁଟ୍‌ବଲ ବ୍ୟବସ୍ଥାରେ ରହିଥିବା ତ୍ରୁଟି ସୁଧାରିବା ପାଇଁ ଏହା ଉଚିତ ସମୟ"
>
> –ବାଇଚୁଙ୍ଗ ଭୂଟିଆ, ପୂର୍ବତନ ଭାରତୀୟ ଫୁଟବଲ ଅଧିନାୟକ

ଭୂଟିଆ। ଫିଫାର ଏହି ନିଷ୍ପତ୍ତି କଠୋର ହୋଇଥିଲେ ହେଁ ଦେଶର କ୍ରୀଡ଼ା ବ୍ୟବସ୍ଥାରେ ଅନୁଶାସନ ଫେରାଇ ଆଣିବା ପାଇଁ ଏହା ପ୍ରକୃଷ୍ଟ ସମୟ ବୋଲି ସେ କହିଛନ୍ତି। ଏବେ ଘର ସଜାଡ଼ିବାର ବେଳ, ଦେଶର ଫୁଟ୍‌ବଲ ବ୍ୟବସ୍ଥାରେ ରହିଥିବା ତ୍ରୁଟିଗୁଡ଼ିକୁ ସୁଧାରିବା ପାଇଁ ଏହା ଉଚିତ ସମୟ ବୋଲି ପ୍ରକାଶ କରିଛନ୍ତି ଏହି ସ୍ପୋର୍ଟ୍ସ ଆଇକନ୍। ଫିଫା ନିୟମ ଉଲ୍ଲଂଘନ କାରଣରୁ ୮୫ ବର୍ଷର ଇତିହାସରେ ପ୍ରଥମଥର ପାଇଁ ଭାରତକୁ ଏଭଳି ବାସନ୍ଦାଦେଶର ସମ୍ମୁଖୀନ ହେବାକୁ ପଡ଼ିଛି। ଫିଫାର ଏହି ନିଷ୍ପତ୍ତି ଭାରତ ପାଇଁ ଶକ୍ତ ଧକ୍କା ବୋଲି ପୂର୍ବତନ ଅଧିନାୟକ ଶବିର୍ ଅଲୀ ପ୍ରକାଶ କରିଛନ୍ତି। ଏହାସହିତ ଏହି ବାସନ୍ଦାଦେଶ ଖୁବ୍‌ଶୀଘ୍ର ହଟିଯିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଫିଫା ପକ୍ଷରୁ ସମସ୍ତ ରାସ୍ତା ବନ୍ଦ କରାଯାଇ ନ ଥିବା ବେଳେ ଆଲୋଚନା ଦ୍ୱାରା ଏହି ସମସ୍ୟାର ସମାଧାନ ହେବ ବୋଲି ସେ କହିଛନ୍ତି। ଅନ୍ୟତମ ପୂର୍ବତନ ଖେଳାଳି ମେହତାବ ହୋସେନ୍ ଫୁଟ୍‌ବଲ ପରିଚାଳନାକୁ ବର୍ତ୍ତମାନର ସମସ୍ୟା ପାଇଁ ଦାୟୀ କରିଛନ୍ତି। ପୂର୍ବରୁ ପରିଚାଳନା କରୁଥିବା ଅଧିକାରୀ ଏବଂ ସିଓଏ ସମପରିମାଣରେ ଏହି ଘଟଣା ପାଇଁ ଦାୟୀ। ଯେତେବେଳେ ଫିଫା ପକ୍ଷରୁ ନିର୍ବାଚନ ପାଇଁ ଡେଡ୍‌ଲାଇନ ଧାର୍ଯ୍ୟ କରାଯାଇଥିଲା ସେତେବେଳେ ଏତେଦିନ ଧରି ନୀରବ ରହି ଏମାନେ କ'ଣ କରୁଥିଲେ ବୋଲି ମେହତାବ ପ୍ରଶ୍ନ କରିଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ସିଓଏ ଦାୟିତ୍ୱ ଛାଡ଼ିବା ସହ ଏଆଇଏଫ୍ଏଫ୍‌ର କର୍ମକର୍ତ୍ତାମାନେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚିତ ହେବେ ଏବଂ ଏହାର ସମ୍ବିଧାନ ଫିଫା ଓ ଏସିଆନ ଫୁଟବଲ କନ୍‌ଫେଡେରେଶନ (ଏଏଫ୍‌ସି) ଦ୍ୱାରା ସ୍ୱୀକୃତ ହେବାପରେ ଯାଇ ବାସନ୍ଦ ଉଠି ପାରିବ। ବାସନ୍ଦ ନ ଉଠିଲେ ଭାରତ କୌଣସି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିପାରିବ ନାହିଁ କିମ୍ବା ଦେଶରେ କୌଣସି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆୟୋଜନ କରିପାରିବ ନାହିଁ। ଫଳରେ ଭୁବନେଶ୍ୱର ସମେତ ଦେଶର ୩ଟି ଭେନ୍ୟୁରେ ହେବାକୁଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଆୟୋଜନ ହୋଇପାରିବ ନାହିଁ। ଏହା ବ୍ୟତୀତ ଏସିଆ ଓ ସାଫ୍ ଚାମ୍ପିୟନଶିପ୍‌ରେ ଭାଗ ନେଇ ପାରିବ ନାହିଁ। କାରଣ ଭାରତର କୌଣସି ଖେଳାଳି ବିଦେଶରେ କିମ୍ବା ବିଦେଶର କୌଣସି ଖେଳାଳି ଭାରତରେ ଖେଳିପାରିବେ ନାହିଁ। ଫିଫା ନିୟମ ଉଲ୍ଲଂଘନ କାରଣରୁ ପୂର୍ବରୁ ପାକିସ୍ତାନ, ଜିମ୍ବାୱେ, କେନିୟା, ବେନିନ୍, କୁଏତ୍, ଇଣ୍ଡୋନେସିଆ, ଗ୍ୱାଟେମାଲା, ନାଇଜେରିଆ, ବ୍ରୁନେଇ ଓ ଇରାକ ଆଦି ଦେଶ ସମଦଶା ଭୋଗିଛି। ସଦସ୍ୟ ରାଷ୍ଟ୍ରଗୁଡ଼ିକ କୌଣସି ରାଜନୈତିକ କିମ୍ବା ଆଇନଗତ ହସ୍ତକ୍ଷେପରୁ ଦୂରେଇ ନ ରହିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଫିଫା ସ୍ପଷ୍ଟ କରିଛି।

ପରିବର୍ତ୍ତିତ ଘଟଣାକ୍ରମରେ ଗତ ବୁଧବାର ଥିବା ମାମଲାର ଶୁଣାଣିକୁ ସୁପ୍ରିମକୋର୍ଟ ୨୨ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଛନ୍ତି।



ରୁଦ୍ର ପ୍ରସନ୍ନ ରଥ

ରାଜ୍ୟଗୋଷ୍ଠୀ କ୍ରୀଡ଼ା

# ଟ୍ରାକ୍ ଆଣ୍ଡ ଫିଲ୍ଡରେ ପଦକ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ

**ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ଗତଥରଠାରୁ କମ୍ ପଦକ ପାଇଥିଲେ ବି ଟ୍ରାକ୍ ଆଣ୍ଡ ଫିଲ୍ଡରେ ପ୍ରତିଯୋଗୀଙ୍କ ପ୍ରଦର୍ଶନ ମନଖୁସି କରିଦେଇଛି। ଆଥଲେଟ୍‌ମାନେ ଯେ ଆଶା କରାଯାଉ ନ ଥିବା ଇଭେଣ୍ଟରୁ ଭାରତପାଇଁ ପଦକ ଆଣିଦେବେ ତାହା ଅନେକଙ୍କ ଚିନ୍ତାର ବାହାରେ ଥିଲା। ଏହି ପଦକ ଭାରତପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ ତାହା ଆଲୋଚନା କରିବାର ସମୟ ଆସିଛି...**

ବର୍ମିଂହାମରେ ଏଇମାତ୍ର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଶେଷ ହୋଇଛି। ଭାରତ ଗତଥରଠାରୁ କମ୍ ସ୍ୱର୍ଣ୍ଣ ଏବଂ ଓଭରଅଲ୍ କମ୍ ପଦକ ପାଇଥିଲେ ବି ଟ୍ରାକ୍ ଆଣ୍ଡ ଫିଲ୍ଡରେ ପ୍ରତିଯୋଗୀଙ୍କ ପ୍ରଦର୍ଶନ ଦିଲ୍‌ଖୁସ୍ କରିଦେଇଛି। ଖେଳ ଆରମ୍ଭରୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଜାଭେଲିନ୍ ଫିଙ୍ଗାଳି ଭାରତର ନୀରଜ ଚୋପ୍ରା ଆଘାତଜନିତ କାରଣରୁ ଏହି ଖେଳରୁ ବାଦ୍‌ପଡିବାରୁ ଅନେକଙ୍କର ମନ ଦୁଃଖ ହୋଇଥିଲା। ମୂଳରୁ ଶୁଟିଂ ଏବଂ ତୀରନ୍ଦାଜୀ ପରି ଖେଳ ଯେଉଁଥିରେ ଭାରତ ଏକାଧିକ ପଦକ ପାଏ ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ବାଦ୍ ପଡିଥିଲା। ଏଣୁ ଭାରତର ପଦକ ସଂଖ୍ୟା ପ୍ରଭାବିତ ହେବାର ଆଶଙ୍କା ଥିଲା। ତେବେ ଆଥଲେଟ୍‌ମାନେ ଯେ ମନୋରଞ୍ଜନ ପ୍ରଦର୍ଶନ ଦେଇ ଭାରତପାଇଁ ଚିନ୍ତା କରାଯାଉ ନ ଥିବା ଇଭେଣ୍ଟରୁ ପଦକ ଆଣିଦେବେ, ତାହା ଅନେକଙ୍କର ଚିନ୍ତାର ବାହାରେ ଥିଲା। ଏହି ପଦକ ଭାରତପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ ତାହା ଆଲୋଚନା କରିବାର ସମୟ ଆସିଛି।

ବର୍ମିଂହାମରେ ଭାରତ ଟ୍ରାକ୍ ଏବଂ ଫିଲ୍ଡ ବିଭାଗରେ ପାଇଛି ୮ଟି ପଦକ। ଏଥିରେ ସାମିଲ ଅଛି ଗୋଟିଏ ସ୍ୱର୍ଣ୍ଣ, ତିନୋଟି ରୌପ୍ୟ ଏବଂ ୪ଟି ବ୍ରୋଞ୍ଜ। ଏହା ଭାରତ ବାହାରେ ଆୟୋଜିତ ହେଉଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପଦକ ହିସାବରେ ସର୍ବାଧିକ। ୨୦୧୦ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ପାଇଥିଲା ୧୨ଟି ପଦକ। ବର୍ଷେ ପରେ ଡୋପ୍ ଟେଷ୍ଟରେ ମହିଳା ୪ x ୪୦୦ ମିଟର ରିଲେ ଦଳ ଧରାପଡି ଗୋଟିଏ ପଦକ ହରାଇବା ପରେ ଭାରତ ଲୋକଲଜ୍ଜାର ସମ୍ମୁଖୀନ ହୋଇଥିଲା। ପରବର୍ତ୍ତୀ ଦୁଇଟି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ପାଇଥିଲା ମୋଟ୍ ୬ଟି ପଦକ। ଏଥର ଭାରତ ଉପରେ ଯେଉଁ ଦେଶଗୁଡ଼ିକ ଏହି ଟ୍ରାକ୍ ଏବଂ ଫିଲ୍ଡ ଇଭେଣ୍ଟରେ ଅଧିକ ପଦକ ପାଇଛନ୍ତି ସେମାନେ ହେଲେ ଜାମାଇକା, ଅଷ୍ଟ୍ରେଲିଆ, ଇଂଲଣ୍ଡ, ନାଇଜେରିଆ ଏବଂ କେନିଆ। ଏହି ୫ଟି ଦେଶ ଏସିଆଡ୍‌ରେ ଭାଗ ନିଅନ୍ତି ନାହିଁ। ତେଣୁ ଆଗାମୀ ବର୍ଷ ହେବାକୁ ଯାଉଥିବା ଏସିଆଡ୍‌ରେ ଭାରତ ଯଦି ନିଜର ପ୍ରଦର୍ଶନ ଦୋହରାଇପାରିବ ତା'ହେଲେ ଅନେକ ପଦକ ଆଶା କରିବା। ତେବେ ଏସିଆଡ୍‌ରେ ଭାରତ ଚାଇନା ଏବଂ ମଧ୍ୟ ପ୍ରାଚ୍ୟ ରାଷ୍ଟ୍ର ସହ ଟ୍ରାକ୍ ଆଣ୍ଡ ଫିଲ୍ଡରେ କଡ଼ା ଟକ୍କରର ସମ୍ମୁଖୀନ ହେବ। ତେବେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଟ୍ରାକ୍ ଆଣ୍ଡ ଫିଲ୍ଡରେ ପଦକ ଜିତିବା ଏସିଆଡ୍‌ଠାରୁ କଷ୍ଟକର ବୋଲି କୁହାଯାଏ।

ଭାରତ ଏଥର ଟ୍ରାକ୍ ଆଣ୍ଡ ଫିଲ୍ଡର ବିଭିନ୍ନ ଇଭେଣ୍ଟରୁ ପଦକ ପାଇଛି। ଅବିନାଶ ସାବଲେ ପଦକ ପାଇଛନ୍ତି ୩୦୦୦ ମିଟର ଷ୍ଟିପଲ ଚେଜ ବିଭାଗରେ । ଗତ ଦୁଇ ଦଶନ୍ଧି ଧରି କେନିଆର ଖେଳାଳିମାନେ ଏହି ବିଭାଗର ସବୁ ପଦକ ପୋଛି ନେଉଥିଲେ। ସାବଲେ ସେଥିରେ ବ୍ରେକ୍ ଲଗାଇଛନ୍ତି। ପୁଣି ପଦକ ଆସିଛି ଟ୍ରିପଲ ଜମ୍ପରେ। ତାହା ପୁଣି ଉଭୟ ସ୍ୱର୍ଣ୍ଣ ଏବଂ ରୌପ୍ୟ। ଏଲଡୋସ୍ ପଲ ପାଇଛନ୍ତି ସ୍ୱର୍ଣ୍ଣ ଏବଂ ଅବଦୁଲ୍ଲା ଆବୁବେକର ପାଇଛନ୍ତି ରୌପ୍ୟ। ଭାଗ୍ୟ ଆଉ ଟିକିଏ ସାଥ୍ ଦେଇଥିଲେ ଭାରତ ଏଥିରେ ବ୍ରୋଞ୍ଜ ପଦକ ବି ପାଇପାରି ଥାଆନ୍ତା। ଅନୁ ରାଣୀଙ୍କୁ ମିଳିଲା ଜାଭେଲିନ୍‌ରେ ବ୍ରୋଞ୍ଜ ପଦକ। ଏପରି ସଫଳତା ପାଇବାରେ ସେ ପ୍ରଥମ ଭାରତୀୟ ମହିଳା।

ହାଇଜମ୍ପରେ ତେଜସ୍ୱିନ ଶଙ୍କରଙ୍କୁ ବ୍ରୋଞ୍ଜ ପଦକ ମିଳିଲା। ସେ ତ ପ୍ରଥମରୁ ହିଁ ଦଳରେ ନ ଥିଲେ। କୋର୍ଟ ଆଦେଶ ବଳରେ ବଦଳ ଖେଳାଳିଭାବେ ଦଳରେ ସ୍ଥାନ ପାଇଥିଲେ। ଏବେ ତାଙ୍କ ପଦକ ଅନେକଙ୍କର ମୁହଁ ବନ୍ଦ କରିଦେଇଛି। ତାଙ୍କୁ ମାତ୍ର ୨୩ ବର୍ଷ। ସୁଯୋଗ ମିଳିଲେ ସେ ଅନେକ ଆଗକୁ ଯାଇପାରିବେ।

ଲଙ୍ଗ ଜମ୍ପରେ ମୁରଲୀ ଶ୍ରୀ ଶଙ୍କରଙ୍କୁ ମିଳିଥିଲା ରୌପ୍ୟ ପଦକ। ୪୪ ବର୍ଷ ପରେ ଜଣେ ଭାରତୀୟ ଭାବେ ସେ ଏହି ଇଭେଣ୍ଟରେ ପଦକ ପାଇଲେ। ପ୍ରିୟଙ୍କା ଗୋସ୍ୱାମୀ ଏବଂ ସନ୍ଦୀପ କୁମାର ୧୦,୦୦୦ ମିଟର ରେସ୍ ୱାକ୍‌ରେ ବ୍ରୋଞ୍ଜ ପଦକ ପାଇଲେ। ଏହି ଖେଳ ଅଲିମ୍ପିକ୍ସରେ ଖେଳାଯାଏ ନାହିଁ, ମାତ୍ର ଏହି ସଫଳତାକୁ ପୁଞ୍ଜି କରି ସେମାନେ ଆଗକୁ ଅନେକ ବାଟ ଯାଇପାରିବେ।

ତେବେ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ଏକ ଭଲ ଆରମ୍ଭ ବୋଲି କୁହାଯାଇପାରିବ। ତେବେ ଏହା ଆଗାମୀ ବର୍ଷ ହେବାକୁ ଥିବା ୱାର୍ଲ୍ଡ ଚାମ୍ପିୟନଶିପ୍ କିମ୍ବା ୨୦୨୪ରେ ହେବାକୁ ଥିବା ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତ କେତେ ପଦକ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରୁ ଜିତିବ ତାହା କହିବା ସହଜ ନୁହେଁ। ବରଂ ଏଥିପାଇଁ ଭିନ୍ନ ଭାବେ ପରିଶ୍ରମ ଏବଂ ଯୋଜନା କରିବାକୁ ପଡିବ। ଆମର ଉଦ୍ୟମକୁ ବହୁଗୁଣିତ କରିବାକୁ ପଡିବ।

ଭାରତୀୟ କ୍ରୀଡାବିତ୍‌ମାନେ ବଡ଼ ବଡ଼ କ୍ରୀଡ଼ା ପ୍ରତିଯୋଗିତାରେ ଆଶାନୁରୂପ ପ୍ରଦର୍ଶନ ଦେବାରେ ବିଫଳ ହେବାର ପ୍ରମୁଖ କାରଣ ହେଲା ବଡ଼ ସ୍ତରର ପ୍ରତିଯୋଗିତାରେ ନିରନ୍ତର ଭାଗ ନେବାରେ ସୁଯୋଗ ନ ପାଇବା। ଯଦିଓ ବିଗତ କିଛିବର୍ଷ ମଧ୍ୟରେ ସ୍ଥିତିରେ ଉନ୍ନତି ଆସିଛି ଏବଂ କ୍ରୀଡ଼ା ପ୍ରଶାସକଙ୍କର ବାବୁଗିରି କମିଛି ତାହା ଯଥେଷ୍ଟ ନୁହେଁ ବୋଲି କୁହାଯାଇପାରିବ। ଆମଠୁ ଛୋଟ ଦେଶ ଜାମାଇକା ଅଧିକ ମେଡାଲ ନେଇଯାଉଥିବା ବେଳେ ଆମେ କାହିଁକି ପଛରେ ପଡିଛେ ତାହାର ତର୍ଜମା ବହୁବାର କରାଯାଇଥିଲେ ବି ଆମେ ଏଥିରୁ କିଛି ଶିଖିଥିବାପରି ମନେ ହେଉନାହିଁ। ବରଂ ଆମେ ଅଳ୍ପରେ ସନ୍ତୁଷ୍ଟ ହେବା ପରି ଲାଗୁଛି।

ଅତୀତରେ ଆମେ ଦେଖିଛେ ଯେ ଯେଉଁମାନେ ବିଦେଶରେ ନିୟମିତ ତାଲିମ ନେଇଛନ୍ତି ଏବଂ ବଡ଼ ବଡ଼ ପ୍ରତିଯୋଗିତାରେ ବର୍ଷ ବର୍ଷ ଧରି ଭାଗ ନେଉଛନ୍ତି ସେମାନେ ଅଧିକ ସଫଳତା ପାଉଛନ୍ତି। ଉଦାହରଣ ସ୍ୱରୂପ ନୀରଜ ଚୋପ୍ରାଙ୍କୁ ନିଆଯାଉ। ତାଙ୍କର ସଫଳତା ପଛରେ ବିଦେଶୀ କୋଚିଂ ଏବଂ ବଡ଼ ପ୍ରତିଯୋଗିତାରେ ଭାଗ ନେବା ଏକ କାରଣ ବୋଲି କୁହାଯାଇପାରେ। ଅବିନାଶ ସାବଲେ ଏବେ ସେଇ ପଥର ଯାତ୍ରୀ। କେବଳ ଅଲିମ୍ପିକ୍ସ ବର୍ଷ ଛଡା ଅନ୍ୟ ବର୍ଷ ମଧ୍ୟ ଖେଳାଳିଙ୍କୁ ବିଦେଶରେ ତାଲିମ ଏବଂ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ମିଳେ ତାହା ହେଲେ ଭାରତ ବିଶ୍ୱରେ ନିଜର ଦବ୍‌ଦବା ଜାହିର କରି ପାରନ୍ତା। ଗତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ପଦକ ସେଇ ଦିଗରେ କାମ କରିବାକୁ ଭାରତୀୟ କ୍ରୀଡ଼ା ପ୍ରଶାସକଙ୍କୁ ପ୍ରବର୍ତ୍ତାଉ।



ଏଲଡୋସ୍ ପଲ



ମୁରଲୀ ଶ୍ରୀ ଶଙ୍କର

## ଡିଫରେଣ୍ଟ

ସର୍ବଭାରତୀୟ ଫୁଟବଲ ମହାସଂଘ
ମୁଣ୍ଡ ହେଉଅଛି ବିନ୍ଧା
ପଞ୍ଚାଅଶୀ ବର୍ଷ ଫିଫା ହିଷ୍ଟ୍ରିରେ
ସଂଘକୁ ପ୍ରଥମ ଖୁନ୍ଦା
ଥାର୍ଡ ପାର୍ଟି ଧନ୍ଦା ମାନ୍ଦା
ଦର୍ଶାଇକି ଫିଫା ବାସନ୍ଦ କରିଛି
ଭାରତକୁ ଦେଖ ଚନ୍ଦା।

ବାଲନ ଡି'ଓର ପୁରସ୍କାର ଚିଠା
ତାଲିକାରେ ବହୁ ଯାତ
ରୋନାଲ୍ଡୋ, ବେଞ୍ଜିମା, ହଲାଣ୍ଡଙ୍କ
ସହ
ତିରିଶ' ନା ପ୍ରକାଶିତ
ନେମାର ଖାଇଛି ନାତ
ଲିଓନେଲ ମେସି ଯାଇଅଛି ଖସି
ପାର୍ଥକ୍ୟ ଦେଖୁଥା ମିତ।

ଟିମ୍ ଇଣ୍ଡିଆର ବ୍ୟାଟର ଯାଦବ
ଗ୍ୟାରେଜରେ ନୂଆ ଗାଡ଼ି



ତିନିକୋଟି ଚଉଷଠି ଲକ୍ଷ ଟଙ୍କା
ଥିଲା ପୋର୍ସେ ପୁଣି ଅଡି
ଇଏ ଡିଫରେଣ୍ଟ ଖୁଡ଼ୀ
କେ ଟଙ୍କା ଉଡ଼ାଏ, କେଉଁଠି ମିଳୁନି
ବିପନ୍ନଙ୍କୁ ଚୁଡ଼ା ମୁଢ଼ି।
–ସୁବାସ ଚନ୍ଦ୍ର ପ୍ରଧାନ

# ବାଜି ମାରିଲେ ବିଜେନ୍ଦର



**ଅଲିମ୍ପିକ୍ସ ଏବଂ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ବିଜେତା ବିଜେନ୍ଦର ସିଂ ପେସାଦାର ବକ୍ସିଂ କ୍ୟାରିୟରରେ ମଧ ସଫଳତାର ସହ ଆଗକୁ ବଢୁଛନ୍ତି। ଘାନାର ଏଲିଆସ୍ ସୁଲେଙ୍କୁ ପରାସ୍ତ କରି ସେ ପେସାଦାର ବକ୍ସିଂରେ ୧୪ ଫାଇଟ୍‌ରୁ ୧୩ରେ ବିଜୟ ହାସଲ କରିଛନ୍ତି...**

ଭାରତୀୟ ଷ୍ଟାର ବକ୍ସର ବିଜେନ୍ଦର ସିଂ ପୂରା ଷ୍ଟାଇଲରେ ରିଙ୍ଗ୍‌କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଜଙ୍ଗଲ ରମ୍ବଲ ଲଢ଼େଇରେ ଘାନାର ଏଲିଆସ୍ ସୁଲେଙ୍କୁ ପରାସ୍ତ କରିବା ସହିତ ପ୍ରୋ ବକ୍ସିଂରେ ୧୩ ତମ ବିଜୟ ରେକର୍ଡ କରିଛନ୍ତି। ବକ୍ସିଂରେ ଭାରତକୁ ଏହାର ପ୍ରଥମ ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିୟନଶିପ ପଦକ ଜିତାଇଥିବା ବିଜେନ୍ଦର ନିଜ ଉଚ୍ଚତାର ଫାଇଦା ଉଠାଇବା ସହିତ ୫ ମିନିଟ୍ ୭ ସେକେଣ୍ଡରେ ଏହି ମୁକାବିଲାକୁ ଜିତି ନେଇଥିଲେ। ୮ଟି ମ୍ୟାଚରୁ ଶତ ପ୍ରତିଶତ ବିଜୟ ରେକର୍ଡ ରଖିଥିବା ଘାନାର ଏଲିଆସ୍ ସୁଲେଙ୍କୁ ମ୍ୟାଚର ଦ୍ୱିତୀୟ ରାଉଣ୍ଡରେ ପରାସ୍ତ କରିଥିଲେ ବିଜେନ୍ଦର। ଆରମ୍ଭରୁ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସର ସହିତ ରିଙ୍ଗ୍‌କୁ ଆସିଥିଲେ ଭାରତର ଏହି ତାରକା ବକ୍ସର। ସିଦ୍ଧୁ ମୁସେୱାଲାଙ୍କ ସୋ ହାଇ ଗୀତ ଜରିଆରେ ସେ ଏଣ୍ଟ୍ରି କରିଥିଲେ। ଶକ୍ତିଶାଳୀ ପଞ୍ଚ ଏବଂ ଜାବ୍ ସହିତ ଭିୱାନୀର ଏହି ୩୬ ବର୍ଷୀୟ ବକ୍ସର ସହଜ ବିଜୟ ହାସଲ କରିଥିଲେ। ମ୍ୟାଚର ଦ୍ୱିତୀୟ ରାଉଣ୍ଡରେ ସୁଲେ ଆକ୍ରମଣ କରିଥିବା ବେଳେ କାଉଣ୍ଟର ଆଟାକ୍ ସହିତ ବିଜେନ୍ଦର ବାଜି ମାରିଥିଲେ। ପ୍ରୋ ବକ୍ସିଂରେ ବିଜେନ୍ଦରଙ୍କର ଏହା ଥିଲା ୧୪ତମ ଫାଇଟ୍ ଏବଂ ୧୩ ତମ ବିଜୟ। ଗତବର୍ଷ ମାର୍ଚ୍ଚରେ ରୁଷିଆର ଆର୍ଟିଶ ଲୋପସାନଙ୍କ ବିପକ୍ଷରେ ନିଜ ପେସାଦାର କ୍ୟାରିୟରର ଏକମାତ୍ର ପରାଜୟ ସ୍ୱୀକାର କରିଥିଲେ।

### ସଂକ୍ଷେପରେ ବିଜେନ୍ଦର...

ନାମ: ବିଜେନ୍ଦର ସିଂ ବେନିୱାଲ
ୱେଟ୍: ସୁପର-ମିଡିଲୱେଟ
ଉଚ୍ଚତା: ୬ ଫୁଟ୍
ଜନ୍ମ: ୨୯ ଅକ୍ଟୋବର ୧୯୮୫, କାଲୁୱାସ, ହରିୟାଣା
ପେସାଦାର ବକ୍ସିଂ ରେକର୍ଡ: ମୋଟ ଫାଇଟ୍-୧୪, ବିଜୟ-୧୩ (ନକ୍‌ଆଉଟ୍ ବିଜୟ-୮), ପରାଜୟ-୧

### ଆମେଚର ବକ୍ସିଂରେ ସଫଳତା

୨୦୦୮: ବେଜିଂ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ
୨୦୦୯: ମିଲାନ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ
୨୦୦୬: ମେଲବୋର୍ନ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ
୨୦୧୪: ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ
୨୦୧୦: ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ
୨୦୧୦: ଗୁଆଙ୍ଗଝୋଉ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ
୨୦୦୬: ଦୋହା ଏସିଆନ ଗେମ୍ସରେ ବ୍ରୋଞ୍ଜ
୨୦୦୭: ଉଲାନବାଟର ଏସିଆନ ଚାମ୍ପିୟନଶିପ୍‌ରେ ରୌପ୍ୟ
୨୦୦୯: ଝୁହାଇ ଏସିଆନ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଅଗଷ୍ଟ ୧୯/୨୦୨୨ Sambalpur, Friday, August 19/ 2022

# ଭାରତୀୟ ଦଳରେ ଓଡ଼ିଶାର ଆର୍ଯ୍ୟନ

ଭୁବନେଶ୍ୱର, ୧୮।୮ (କ୍ରୀଡ଼ା ପ୍ରତିନିଧି)

ବାହାରିନର ମାନାମାଠାରେ ଏସିଆନ ଯୁବ ହ୍ୟାଣ୍ଡବଲ ଚାମ୍ପିୟନଶିପ୍‌ର ୯ମ ସଂସ୍କରଣ ଗୁରୁବାର ଆରମ୍ଭ ହୋଇଛି। ଏହା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ଆର୍ଯ୍ୟନ ବ୍ରାହ୍ମିନ ସ୍ଥାନ ପାଇଛନ୍ତି। ଆର୍ଯ୍ୟନ ଯୁବ ଖେଳାଳିଭାବେ ଗତ ୫ ବର୍ଷ ଧରି ଭାରତୀୟ ଦଳରେ ସ୍ଥାନ ପାଇ ଆସୁଛନ୍ତି। ପ୍ରଥମ ଓଡ଼ିଆ ଖେଳାଳିଭାବେ ସେ ଜାତୀୟ ହ୍ୟାଣ୍ଡବଲ୍ ଦଳ ପକ୍ଷରୁ ଖେଳି ନୂଆ ଧାରା ସୃଷ୍ଟି କରିଛନ୍ତି। ଏସିଆନ ଚାମ୍ପିୟନଶିପ୍‌ରେ ଏସିଆ ମହାଦେଶର ୧୧ଟି ଦେଶ ଭାଗ ନେଉଛନ୍ତି। ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ଆର୍ଯ୍ୟନଙ୍କୁ ଭୁବନେଶ୍ୱର ହ୍ୟାଣ୍ଡବଲ ସଂଘର ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଓ ଓଡ଼ିଶା ଆଡ୍‌ହକ୍ କମିଟି ଚେୟାରମ୍ୟାନ ରିତିକ୍ ଅଧିକାରୀ ଅଭିନନ୍ଦନ ଜଣାଇଛନ୍ତି।


ଆର୍ଯ୍ୟନ ବ୍ରାହ୍ମିନ

# ଜୟନ୍ତୀଙ୍କୁ ସ୍ୱର୍ଣ୍ଣ, ରଶ୍ମି ବ୍ରୋଞ୍ଜ

ଭୁବନେଶ୍ୱର, ୧୮।୮ (କ୍ରୀଡ଼ା ପ୍ରତିନିଧି)

ବେଙ୍ଗାଲୁରୁର ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ଗୁରୁବାର ଆରମ୍ଭ ହୋଇଥିବା ଇଣ୍ଡିଆନ ଓପନ ଜାତୀୟ ପାରା ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଜୟନ୍ତୀ ବେହେରା ସ୍ୱର୍ଣ୍ଣ ଏବଂ ରଶ୍ମିରଞ୍ଜନ ମଲିକ ବ୍ରୋଞ୍ଜ ପଦକ ହାସଲ

**ଇଣ୍ଡିଆ ଓପନ ଜାତୀୟ ପାରା ଆଥଲେଟିକ୍ସ**

କରିଛନ୍ତି। ଜୟନ୍ତୀ ଟି-୪୭ ବର୍ଗ ୧୦୦ ମିଟର ରେସ୍‌ରେ ୧୩.୨୩ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଶ୍ରୀଲଙ୍କାର କୁମୁଦୁ ପ୍ରିୟଙ୍କା ୧୭.୪୭ ଓ ଜନନୀ ଧନଞ୍ଜୟ ୧୩.୯୦ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ପୁରୁଷ ଟି-୪୪ ବର୍ଗରେ ରଶ୍ମି ୧୨.୩୨ ସେକେଣ୍ଡ ସମୟ ସହ ବ୍ରୋଞ୍ଜ ପଦକ ପାଇଛନ୍ତି। ମହାରାଷ୍ଟ୍ରର ପ୍ରଣବ ଦେଶାଇ ୧୧.୭୫ ଓ ଶ୍ରୀଲଙ୍କାର ନୂଆନ ଇନ୍ଦୋକା ୧୧.୭୭ ସେକେଣ୍ଡ ସମୟ ନେଇ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ଶୁକ୍ରବାର ଉଦ୍‌ଯାପିତ ହେବାକୁଥିବା ଏହି ପ୍ରତିଯୋଗିତାରେ ୫ଟିଦେଶର ୨୭୨ ଖେଳାଳି ଅଂଶ ଗ୍ରହଣ କରୁଛନ୍ତି।



ସ୍ୱର୍ଣ୍ଣ ପଦକ ବିଜୟିନୀ ଜୟନ୍ତୀ ବେହେରା ଓ ବ୍ରୋଞ୍ଜ ବିଜେତା ରଶ୍ମିରଞ୍ଜନ ମଲିକ।

# ଫାଓ ଲିଗ୍: ବିଡାନାସୀ, ରାଧାରମଣ ବିଜୟୀ

**ଭୁବନେଶ୍ୱର, ୧୮।୮ (କ୍ରୀଡ଼ା ପ୍ରତିନିଧି):** ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକରେ ଚାଲିଥିବା ଫୁଟବଲ ଲିଗ୍‌ରେ ଗୁରୁବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ବିଡାନାସୀ କ୍ଲବ ଓ ରାଧାରମଣ କ୍ଲବ ବିଜୟୀ ହୋଇଛି। ବିଡାନାସୀ ୩-୨ ଗୋଲରେ ଚାନ୍ଦ କ୍ଲବକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ କୋନୋ ବୋରିଶ୍ ୨ୟ ଓ ୫୧ତମ ମିନିଟରେ ୨ଟି ଏବଂ ଶିନୁ ୫୦ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଚାନ୍ଦ କ୍ଲବ ପକ୍ଷରୁ ଜନ୍‌ମୋ ଖେସ ୨୭ ଓ ମହମ୍ମଦ ହବିବ ୮୦+୧ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ଅନ୍ୟଏକ ମ୍ୟାଚରେ ରାଧାରମଣ ୧-୦ ଗୋଲରେ ସ୍ପୋର୍ଟ୍ସ ହଷ୍ଟେଲକୁ ପରାସ୍ତ କରିଛି। ରାଧାରମଣର ବିନୟ କିଶାନ ୬୩ତମ ମିନିଟରେ ଏକମାତ୍ର ଗୋଲଟି ଦେଇଥିଲେ।






# କୋରିଆକୁ ହରାଇଲା ଭାରତ


ବିଜୟ ହାସଲ ପରେ ଉଲ୍ଲସିତ ଭାରତୀୟ ଖେଳାଳି।

**ଭୁବନେଶ୍ୱର, ୧୮।୮ (କ୍ରୀଡ଼ା ପ୍ରତିନିଧି):** ଇରାନର ତେହେରାନଠାରେ ଚାଲିଥିବା ୧୪ତମ ଏସିଆନ ୧୮ ବର୍ଷରୁ କମ୍ ପୁରୁଷ ଭଲିବଲ ଟୁର୍ନାମେଣ୍ଟରେ ଭାରତ ଗୁରୁବାର କୋରିଆକୁ ପରାସ୍ତ କରିଛି। ଚଳିତ ଟୁର୍ନାମେଣ୍ଟରେ ଭାରତର ଏହା ହେଉଛି ଦ୍ୱିତୀୟ ବିଜୟ। ପ୍ରଥମ ମ୍ୟାଚରେ ଦଳ ଜାପାନଠାରୁ ହାରି ଯାଇଥିଲେ ହେଁ ପରେ ଥାଇଲାଣ୍ଡକୁ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। କୋରିଆ କଡ଼ା ଚ୍ୟାଲେଞ୍ଜ

**୧୮ ବର୍ଷରୁ କମ୍ ଏସିଆନ ପୁରୁଷ ଭଲିବଲ**

ଦେଇଥିଲେ ହେଁ ଭାରତ ପ୍ରଭାବୀ ପ୍ରଦର୍ଶନକରି ୩-୦ (୨୫-୨୩, ୨୫-୨୦, ୨୫-୨୧) ସେଟ୍‌ରେ ବିଜୟୀ ହୋଇଥିଲା। ଭାରତ ବିଜୟରେ ଖୁସ୍ ସିଂ, ଶେଖର ଡୁରାନ, ଆଶିଷ ସ୍ୱାଇଁ ଓ ଆର୍ଯ୍ୟନ ବଲିୟାନ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।

# ଇଣ୍ଡିଆନ ନାଭିକୁ ହରାଇଲା ମୁମ୍ବାଇ ସିଟି

**କୋଲକାତା, ୧୮।୮ (ପି.ଟି.):** ପୂର୍ବତନ ଇଣ୍ଡିଆନ ସୁପର ଲିଗ୍ (ଆ।ଇ ଏ ସ୍ ଏ ଲ) ଚାମ୍ପିୟନ ମୁମ୍ବାଇ ସିଟି ଏଫ୍‌ସି (ଏମ୍‌ସିଏଫ୍‌ସି) ଡୁରାଣ୍ଡ କପ୍ ଫୁଟ୍‌ବଲରେ ଏହାର ଓପନିଂ ମ୍ୟାଚରେ ଇଣ୍ଡିଆନ ନାଭିକୁ ୪-୧ ଗୋଲରେ ପରାସ୍ତ କରିଛି। ଗ୍ରୁପ୍-'ବି'ର ଏହି ମ୍ୟାଚରେ ବିଜୟୀ ଦଳ ପକ୍ଷରୁ ବଦଳ ଖେଳାଳି ଲ।ଲି ଅ।ନ୍ ଜୁ ଏ ଲ। ଚାଙ୍ଗ୍‌ଟେ (୮୯ତମ, ୯୦+୧ତମ ମିନିଟ) ଦୁଇ ମିନିଟ ବ୍ୟବଧାନରେ ଦୁଇଟି ଗୋଲ ସ୍କୋର କରିଥିବା ବେଳେ ବିକ୍ରମ ପ୍ରତାପ ସିଂ (୫୪+୪ତମ) ଓ ଗ୍ରେଗ୍ ଷ୍ଟିୱାର୍ଟ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ପ୍ରାରମ୍ଭରେ ଫିନିଶିଂ ଅଭାବରୁ ୪୩ତମ ମିନିଟ୍‌ରେ ଆଦର୍ଶ ମାଟ୍ଟୁମାଲଙ୍କ ଗୋଲ ବଳରେ ଇଣ୍ଡିଆନ ନାଭି ପ୍ରଥମେ ଅଗ୍ରଣୀ ଲାଭ କରିଥିଲା।












Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୯ ଅଗଷ୍ଟ, ୨୦୨୨

## ବିଦ୍ୟୁତ ସଂସ୍ପର୍ଶରେ ଆସି ନାବାଳିକା ମୃତ

**ଭବାନୀପାଟଣା,(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅଞ୍ଚଳରେ ଗୁରୁବାର ଏକ ଅଭାବନୀୟ ଘଟଣା ସାମନାକୁ ଆସିଛି। ଏହି ଥାନା ଅନ୍ତର୍ଗତ ସିର୍ଲିଗୁଡା ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ପଦ୍ମିନୀ ମେହେର ବୋଲି ଜଣାପଡିଛି। ଏ ନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୦/୨୨) ରୁଜୁ ହୋଇଛି।



## ସଂକ୍ଷେପରେ

### ଅଧ୍ୟାପକଙ୍କୁ ଆକ୍ରମଣ, କବାଟ ଝରକା ଭାଙ୍ଗିଲେ ଦୁର୍ବୃତ୍ତ

**ଟିଟିଲାଗଡ଼, ୧୮।୮(ଡି.ଏନ.ଏ):** ଟିଟଇଲାଗଡ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟ ପ୍ରଫେସର କଲୋନୀରେ ବୁଧବାର ରାତିରେ ପଶି ଦୁର୍ବୃତ୍ତମାନେ କବାଟ ଝରକା ଭାଙ୍ଗିବା ସହ ଜଣେ ଅଧାପକଙ୍କୁ ମାଡ ମାରି ଲହୁଲୁହାଣ କରିଦେଇଛନ୍ତି। ଖବର ପାଇ ରାତିରେ ପୋଲିସ ସହ କଲେଜ ଅଧକ୍ଷ ଡ. ମଧୁସୂଦନ ମିଶ୍ର ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ଗଣ୍ଡଗୋଳକାରୀ ଚାଲିଯାଇଥିଲେ। ଗୁରୁବାର ଏ ନେଇ ଅଧକ୍ଷ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଅନ୍ୟପକ୍ଷରେ ପ୍ରଫେସର କଲୋନିରେ ସୁରକ୍ଷା ବ୍ୟବସ୍ଥା କରିବାକୁ ଅଧକ୍ଷ ପୋଲିସକୁ ଜଣାଇଛନ୍ତି। ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯିବ ବୋଲି ଥାନା ଆଇଆଇସି ରଞ୍ଜନ ବରିହା କହିଛନ୍ତି।

### କାର୍ ଦୁର୍ଘଟଣାଗ୍ରସ୍ତ, ୪ ଗୁରୁତର

**ଦେଓଗାଁ,୧୮।୮(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ତୁଷୁରା ଛକ ନିକଟରେ ଗୁରୁବାର ସନ୍ଧ୍ୟାରେ ଭାରସାମ୍ୟ ହରାଇ ଏକ କାର ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଡ୍ରାଇଭରଙ୍କ ସମେତ ୪ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ ବେଲଖଣ୍ଡିର ପୃଥ୍ୱିରାଜ ଛତ୍ରିଆ, ବିବିନାର କିଶୋର ନାଗ, କୁଇକେଡାର ଦିନେଶ ତାଣ୍ଡି ଓ ସର୍ଗୁଲର ଗୁଣନିଧି ବିଭାର। ସୂଚନା ଅନୁସାରେ ନାଇକେନଶିରା ପଟରୁ କାର ନଂ. ଓଆର ୦୨ ଏୱାଇ ୫୯୬୯ଯୋଗେ ଆସୁଥିବାବେଳେ ତୁଷୁରା ଛକ ବୁଲାଣିରେ ଏକ ଗଛରେ ପିଟି ହୋଇଯାଇଥିଲା। ଫଳରେ କାର ଚୁରମାର ହୋଇଯାଇଥିଲା। ଉକ୍ତ କାରରେ ପ୍ରେସ ଲେଖା ଯାଇଛି। ବିଶ୍ୱବାଣି ନାମକ ଏକ ପ୍ରେସ କାର୍ଡ ମଧ କାରରେ ପଡିଛି । ଦେଓଗାଁ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମ ଭୋଇ ମେଡିକାଲ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି।

### ବୀମା ଟଙ୍କା ପାଇବାରେ ବିଳମ୍ବ, ଆନ୍ଦୋଳନ ପ୍ରସ୍ତୁତି

**ଖପ୍ରାଖୋଲ,୧୮।୮(ଡି.ଏନ.ଏ.):** କୃଷିବୀମା କ୍ଷତିପୂରଣ ପାଇବାରେ ବିଳମ୍ବ ହେଉଛି। ଏହାର ପ୍ରତିବାଦ କରିଛନ୍ତି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଦର ପଞ୍ଚାୟତର ଚାଷୀ। ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟରେ ଏକ ପ୍ରତିବାଦ ସଭା ତାପସ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଚାଷୀମାନେ ଗତବର୍ଷ କୃଷି ବୀମା କରିଥିଲେ ମଧ ଆଜି ଯାଏଁ କ୍ଷତିପୂରଣ ପାଇ ନାହାନ୍ତି। ଏ ନେଇ ତହସିଲଦାର, କୃଷି ବିଭାଗକୁ ଜଣାଇଥିଲେ ମଧ ସମସ୍ୟା ସମାଧାନ ହୋଇନି। ବୀମା କମ୍ପାନୀର ମାନମାନି ବିରୋଧରେ ଆଗାମୀ ୨୩ ତାରିଖ ଜିଲାପାଳଙ୍କୁ ଭେଟି ଚାଷୀମାନେ ଦାବିପତ୍ର ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ନରେନ୍ଦ୍ର ଭୋଇ, ଗୁଣମଣି ଭୋଇ, ଛାୟାକାନ୍ତ ବାରିକ, ଦାମୋଦର ବେହେରା, ସମ୍ପତି ଭୋଇ, ନିଳକାନ୍ତ, ନିଆଳ, ବୃନ୍ଦାବନ ବାରିକ, ବିଶାମିତ୍ର ନିଆଲ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜ୍ଞାନ ଶିକ୍ଷାରୁ ବଞ୍ଚିତ ଛାତ୍ରୀଛାତ୍ର

- ଖପ୍ରାଖୋଲ ବ୍ଲକରେ ନାହିଁ ଯୁକ୍ତ ୩ବିଜ୍ଞାନ କଲେଜ
- ମଲପଡା ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନ ଖୋଲିବାକୁ ଦାବି

**ଲାଠୋର, ୧୮।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ କୌଣସି ସରକାରୀ ଯୁକ୍ତ ୩ ବିଜ୍ଞାନ କଲେଜ ନାହିଁ। ଏଥିଯୋଗୁ ଯୁକ୍ତ ୨ବିଜ୍ଞାନରେ କୃତକାର୍ଯ୍ୟ ହେବା ପରେ ପାଟଣାଗଡ ଓ ଅନ୍ୟାନ୍ୟ ସ୍ଥାନକୁ ଯାଇ ଉଚ୍ଚଶିକ୍ଷା ଲାଭ କରୁଛନ୍ତି। ଯେଉଁମାନଙ୍କର ସମ୍ବଳ ନାହିଁ ସେମାନେ ବିଜ୍ଞାନ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ବ୍ଲକ ଅନ୍ତର୍ଗତ ମାଲପଡ଼ାଠାରେ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟ ରହିଛି। ୨୦୦୬ ମସିହାରୁ ଯୁକ୍ତ ୨ ବିଜ୍ଞାନ ବିଭାଗ ଖୋଲି ପିଲାଙ୍କୁ ଶିକ୍ଷାଦାନ ଦିଆଯାଉଛି। ଭିତ୍ତିଭୂମି ଥିଲେ ମଧ ଏଠାରେ ଯୁକ୍ତ ୩ ବିଜ୍ଞାନ ବିଭାଗ ଖୋଲାଯାଉନାହିଁ। ଏହାକୁ ନେଇ ସ୍ଥାନୀୟ ଡ଼ାଇଜ ଯୁବ ଅନୁଷ୍ଠାନ ମାଲପଡ଼ା ଉଚ୍ଚ ମାଧମିକ ବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନ ବିଭାଗ ଖୋଲିବା ପାଇଁ ଟ୍ୱିଟ ଯୋଗେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଏସ୍‌ସି, ଏସଟି ବିଭାଗୀୟ ମନ୍ତ୍ରୀ, ଏମ୍‌ପି, ପାଟଣାଗଡ଼ ବିଧାୟକ, ଉଚ୍ଚଶିକ୍ଷା ବିଭାଗ, ମୁଖ୍ୟ ଶାସନ ସଚିବ, କେବିକେ ମୁଖ୍ୟ ପ୍ରଶାସକ, ଆରଡ଼ିସି ସମ୍ବଲପୁର, ଚେୟାରମ୍ୟାନ ଡ଼ବ୍ଲ୍ୟୁଓଡ଼ିସି ଏବଂ ଜିଲାପାଳଙ୍କୁ ଅବଗତ କରିଛନ୍ତି। ଏଥିରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ଖପ୍ରାଖୋଲ ବ୍ଲକରେ ସରକାରୀ ଭାବେ କେବଳ ମାଲପଡ଼ା ଉଚ୍ଚ ମାଧମିକ ବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନରେ ୧୨୮ଟି ସିଟ୍ ରହିଛି। ହେଲେ ସେମାନେ ଯୁକ୍ତ ୨ ପାସ କଲାପରେ ଆଖ ପାଖରେ ଯୁକ୍ତ ୩ ବିଜ୍ଞାନ ପଢିବା ପାଇଁ କଲେଜ ନାହିଁ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବା ପିଲାଏ ଯୁକ୍ତ ୨ବିଜ୍ଞାନରେ ହିଁ ଡୋରି ବାନ୍ଧୁଛନ୍ତି ଅଥବା ଯୁକ୍ତ ୩ କଳା ଏବଂ ବାଣିଜ୍ୟ ପଢିବାକୁ ବାଧ ହେଉଛନ୍ତି।

**ସେମାନେ ଯାହା କୁହନ୍ତି...**

"ଆଦିବାସୀ ବହୁଳ ଖପ୍ରାଖୋଲ ବ୍ଲକରେ ବିଜ୍ଞାନରେ ଉଚ୍ଚଶିକ୍ଷା ପଛେଇ ଯିବା ଆଦୌ ସ୍ପୃହଣୀୟ ନୁହେଁ। ଏଠିକାର ପିଲାଙ୍କୁ ବିଜ୍ଞାନରେ ଡିଗ୍ରୀ ଶିକ୍ଷା ଦେବା ଦିଗରେ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଦୃଷ୍ଟି ଦେବା ଜରୁରୀ ହୋଇ ପଡିଛି।

**ନୀଳମାଧବ ପଣ୍ଡା, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ**

"ମାଲପଡ଼ାରୁ ବିଜ୍ଞାନରେ ଯୁକ୍ତ ୨ ପାସ୍ ପରେ ବିଜ୍ଞାନରେ ଡିଗ୍ରୀ କୋର୍ସ କରିବା ପାଇଁ ସୁବିଧା ନାହିଁ। ବାହାରେ ଯାଇ ଯୁକ୍ତ ୩ବିଜ୍ଞାନ ଶିକ୍ଷା ଲାଭ ସମସ୍ତଙ୍କ ପକ୍ଷରେ ସମ୍ଭବ ହେଉନାହିଁ। ଜିଲା ପ୍ରଶାସନ ଓ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପିଲାଙ୍କ ଭବିଷ୍ୟତ ପ୍ରତି ଅବିଳମ୍ବେ ପଦକ୍ଷେପ ନେଉ।

**ଗଜମଣି ବାଗ, ଶିକ୍ଷକ**

"ଇଚ୍ଛା ଥିଲେ ବି ବିଜ୍ଞାନରେ ଡିଗ୍ରୀ କୋର୍ସ କରିବା ଅଞ୍ଚଳର ପିଲାଙ୍କ ପାଇଁ ସମ୍ଭବ ହେଉନାହିଁ। ଦାଦନ ପ୍ରବଣ ଏହି ବ୍ଲକର ପିଲାଏ ମାଲପଡ଼ାରୁ ଯୁକ୍ତ ୨ ବିଜ୍ଞାନରେ ଉତ୍ତୀର୍ଣ୍ଣ ବାଟ ବଦଳାଇ ଅନ୍ୟ ମାଧ୍ୟମରେ ଶିକ୍ଷାଲାଭ କରୁଛନ୍ତି, ଅଥବା ପାଠରେ ଡୋରି ବାନ୍ଧୁଛନ୍ତି।

**ସନ୍ତୋଷ କୁମାର ଭଇଁଷାଲ, ଅଞ୍ଚଳବାସୀ**

"ମାଲପଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନ ଖୋଲିବା ପାଇଁ ଭିତ୍ତିଭୂମି ରହିଛି। ସରକାର ଏଥିପ୍ରତି ଦୃଷ୍ଟି ଦେଲେ ଏଠିକାର ପିଲାମାନେ ଉପକୃତ ହୋଇ ପାରନ୍ତେ।

**ତନ୍ତ୍ର ଧରୁଆ, ସଭାପତି, ଡ଼ାଇଜ ଯୁବ ଅନୁଷ୍ଠାନ**

# ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ଉତ୍ସବ



କଦମପଡା ଶିଶୁ ମନ୍ଦିରରେ କୁନି ଛାତ୍ରୀଛାତ୍ର ରାଧା-କୃଷ୍ଣ ବେଶରେ ଝୁଲଣ ଯାତ୍ରା କରୁଛନ୍ତି।

**ବଲାଙ୍ଗୀର ଅଫିସ,୧୮।୮**

ବିଶ୍ୱାତ୍ମ ବିଦ୍ୟା ମନ୍ଦିର ସାହାଜବାହାଲଠାରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ମୁଖ୍ୟ ଆଚାର୍ଯ୍ୟ ଚନ୍ଦ୍ର କୁମାର ପୁରୋହିତଙ୍କ ଦିଗଦର୍ଶନ ଅନୁଯାୟୀ ସମସ୍ତ ଭାଇଗଣ ଶ୍ରୀକୃଷ୍ଣ ବେଶରେ ଏବଂ ଭଉଣୀ ରାଧାରାଣୀ ବେଶରେ ସଜ୍ଜିତ ହୋଇଥିଲେ।

ସେହିପରି ବଲାଙ୍ଗୀର ଯାଦବ ସମାଜ ଆନୁକୂଲ୍ୟରେ ଯାଦବ ଭବନଠାରେ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇ ଭଗବାନ ଶ୍ରୀକୃଷ୍ଣ ଲୀଳା ପଠନ କରାଯାଇଥିଲା। ଏହି ଅବସରରେ ଦୁଇଦିନ ବ୍ୟାପୀ ନନ୍ଦ ଉତ୍ସବ ଅନୁଷ୍ଠିତ ହେବ । ଦୂତିବାହନ ଚନ୍ଦନ ପୂଜା ଦାୟିତ୍ୱ ତୁଲାଇଥିବା ବେଳେ ପୌରାଞ୍ଚଳ କାର୍ଯ୍ୟକାରୀ ସଭାପତି ଖରତମଲ ରାଉତ, ପୂର୍ବତନ ଜିଲା ସମ୍ପାଦକ ଡମନ ବର୍ଗତ୍ତି, ଅଷ୍ଟମୀ ବର୍ଗତ୍ତି, ଆକୁଳ ବର୍ଗତ୍ତି, ଈଶ୍ୱର ବାଗ, କିଶୋର ଜାଲ ସହଯୋଗ କରିଥିଲେ। ଅନୁରୂପଭାବେ ବଲାଙ୍ଗୀର କଦମପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ ଟାଉନ୍ ବାଳିକା ବିଦ୍ୟାଳୟ ଶିକ୍ଷୟିତ୍ରୀ କସ୍ତୁରୀ ରଥ ଯୋଗ ଦେଇଥିଲେ। ଗୁରୁଜୀ ଆନନ୍ଦ ମିଶ୍ର ଭାଗବତ ଗାନ କରିଥିଲେ। ବିଦ୍ୟାଳୟର ୬୫ ଜଣ ଛାତ୍ରୀଛାତ୍ର ରାଧା-ଶ୍ରୀକୃଷ୍ଣ ବେଶରେ ସଜ୍ଜିତ ହୋଇ ହୋଇଥିଲେ। ବିଦ୍ୟାଳୟ ସଭାପତି ଶଶୀଭୂଷଣ ପୁରୋହିତ, ସମ୍ପାଦକ ସୁରେନ୍ଦ୍ର ତ୍ରିପାଠୀ, କୋଷାଧକ୍ଷ ସତ୍ୟାନନ୍ଦ ଷଡଙ୍ଗୀ, ସନାତନ ଠାକୁର, ଝଟକାନ୍ତି ପଟେଲ ଯୋଗ ଦେଇଥିଲେ।

# ସବୁଜିମା ହେବ ଝାଙ୍କର, ଖର୍ଡିଆ ଡୁଙ୍ଗୁରି



ମିଳିତ ଉଦ୍ୟମରେ ତେଲିକଣ୍ଟାରେ ଚାରାରୋପଣ କରାଯାଉଛି।

**ଲୋଇସିଂହା,୧୮।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବନ ରେଞ୍ଜ ଆଗଲପୁର ବ୍ଲକ ନଅଗାଁ(ଖ) ଗ୍ରାମର ଟାଙ୍ଗରା ପଡିଥିବା ଝାଙ୍କର ଏବଂ ଖର୍ଡିଆ ଡୁଙ୍ଗୁରି ସବୁଜିମାକୁ ଫେରିବ । ବନ ବିଭାଗ ସହଯୋଗ ଏବଂ ରାମଜୀ ଯୁବକ ସଂଘ ଉଦ୍ୟମକ୍ରମେ ଉକ୍ତ ଟାଙ୍ଗରା ଡୁଙ୍ଗୁରିରେ ଚାରା ଲଗାଇ ସବୁଜିମା ଫେରାଇ ଆଣିବାକୁ ଉଦ୍ୟମ ଆରମ୍ଭ ହୋଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ୧୦ ହେକ୍ଟର ଜମିରେ ଚାରା ଲଗାଇବାକୁ ରାମଜୀ ଯୁବକ ସଂଘ ଏବଂ ବନ ବିଭାଗ ପକ୍ଷରୁ ଯୋଜନା ରହିଛି।

ନଅଗାଁ(ଖ) ପଞ୍ଚାୟତର ସଦର ପଞ୍ଚାୟତ କାର୍ଯ୍ୟାଳୟ ସଂଲଗ୍ନ ଝାଙ୍କର ଏବଂ ଖର୍ଡିଆ ଡୁଙ୍ଗୁରି(ପାହାଡ) ରହିଛି। ଏହାର ପରିସୀମା ୧୦ ହେକ୍ଟର। ଦୁଇଦଶନ୍ଧି ତଳେ ଗ୍ରାମର ରାମଜୀ ଯୁବକ ସଂଘ ଉଦ୍ୟମରେ ଉକ୍ତ ଦୁଇ ଲଣ୍ଡା ଡୁଙ୍ଗରିରେ ଶାଗୁଆନ ଚାରାରୋପଣ କରାଯାଇଥିଲା । ପଥୁରିଆ ମାଟି ଏବଂ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ସେତେବେଳେ ଅଧିକାଂଶ ଚାରା ମରି ଯାଇଥିଲା । ଏବେ ୧୦ ହେକ୍ଟର ପରିମିତ ଡୁଙ୍ଗୁରି ଉପରେ କେତେକଙ୍କ ଲୋଲୁପ ଦୃଷ୍ଟି ପଡିଛି । ଡୁଙ୍ଗରି ସୀମାନ୍ତକୁ ଜବରଦଖଲ କରି କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଚାଷଜମି ପାଇଁ ପ୍ରସ୍ତୁତ କଲେଣି। ଡୁଙ୍ଗୁରିକୁ ସୁରକ୍ଷା ଦେବା ପାଇଁ ରାମଜୀ ଯୁବକ ସଂଘ ଏବେ ଅଣ୍ଟା ଭିଡିଛି। ଦେଢମାସ ତଳେ ସଂଘର ସଭାପତି ନରସିଂହ ସାହୁଙ୍କ ଆହ୍ୱାନ ଓ ସମ୍ପାଦକ ସଦାନନ୍ଦ ପଶାୟତଙ୍କ ଆବାହକତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସମ୍ପୃକ୍ତ ଡୁଙ୍ଗୁରିର ସୁରକ୍ଷା ପାଇଁ ପୁଣି ଥରେ ଚାରା ଲଗାଇବାକୁ ଗ୍ରାମବାସୀଙ୍କୁ ଆହ୍ୱାନ ଦିଆଯାଇଥିଲା। ଗ୍ରାମବାସୀଙ୍କ ସହମତି ପରେ ସ୍ଥାନୀୟ ବନ ବିଭାଗର ଏନେଇ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ବନ ବିଭାଗ ପକ୍ଷରୁ ଆମ ଜଙ୍ଗଲ କାର୍ଯ୍ୟକ୍ରମରେ ଚାରା ଯୋଗାଇ ଦେବାକୁ ସ୍ଥାନୀୟ ରେଞ୍ଜ ଅଫିସର ପାଉଲ ହରପାଲ ପ୍ରତିଶ୍ରୁତି ଦେଇଥିଲେ। ଗତ ମଙ୍ଗଳବାର ସ୍ଥାନୀୟ ବିଧାୟକ ମୁକେଶ ମହାଲିଙ୍ଗ, ସରପଞ୍ଚ ବୃନ୍ଦାବନ ସେଠ, ଫରେଷ୍ଟ ଗାର୍ଡ ଚିନ୍ମୟ ପ୍ରଧାନ, ଅନୁଷ୍ଠାନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲୀ ଆଲୋକ ପାଠାଗାର ସଦସ୍ୟ ଏବଂ ଗ୍ରାମବାସୀଙ୍କୁ ନେଇ ଆଲୋଚନା ହୋଇଥିଲା। ୨୦୨୨-୨୩ ଆର୍ଥିକ ବର୍ଷରେ ସମ୍ପୃକ୍ତ ଡୁଙ୍ଗରିରେ ଚାରା ଲଗାଯିବାକୁ ଚୂଡାନ୍ତ ହୋଇଛି। ଏହି ଅବସରରେ ମିଳିତ ଉଦ୍ୟମରେ ଗ୍ରାମର ତେଲିକଣ୍ଟା ନିକଟରେ ପ୍ରଥମ ଦଫାରେ ୧ ଶହ ଚାରା ରୋପଣ କରାଯାଇଛି।

# ଟ୍ରେନ୍ ଆଗକୁ ଡେଇଁଲେ ଯୁବକ

**ବଲାଙ୍ଗୀର ଅଫିସ,୧୮।୮**

ବଲାଙ୍ଗୀର-ଦେଓଗାଁ ରେଳଲାଇନର ୬୮୨ କିଲୋମିଟର ଖୁଣ୍ଟ ନିକଟରେ ଗୁରୁବାର ସକାଳୁ ଜଣେ ଯୁବକ ଟ୍ରେନ୍ ଆଗକୁ ଡେଇଁପଡିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିନାହିଁ। ତାଙ୍କ ବୟସ ପ୍ରାୟ ୩୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତାଙ୍କ ନିକଟରୁ ଏକ ମୋବାଇଲ ଫୋନ୍ ମିଳିଛି। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ବଲାଙ୍ଗୀର ରେଳବାଇ ଥାନାଧିକାରୀ ସୁକାନ୍ତ ପ୍ରଧାନ ଓ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଯୁବକଙ୍କ ମୃତଦେହ ଜବତ କରି ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ବ୍ୟବଚ୍ଛେଦ କରାଯାଇ ଶବାଗାରରେ ରଖାଯାଇଛି।

# ଗଙ୍ଗାଧର ଜୟନ୍ତୀ ପାଳିତ

**ଦେଓଗାଁ,୧୮।୮(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ଗୋପବନ୍ଧୁ ଉଚ୍ଚ ବିଦ୍ୟାପୀଠରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶଶୀଭୂଷଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଶାଶ୍ୱତ ଡିଗ୍ରୀ କଲେଜର ପୂର୍ବତନ ଅଧକ୍ଷ ଲକ୍ଷ୍ମୀକାନ୍ତ ଷଡଙ୍ଗୀ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଲୋଇସିଂହା,୧୮।୮(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ନୂତନ କାର୍ଯ୍ୟାଳୟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ । କୋଠାର ଉପଯୁକ୍ତ ରକ୍ଷଣାବେକ୍ଷଣ ସହ ପ୍ରକଳ୍ପ ଅନ୍ତର୍ଗତ ହିତାଧିକାରୀମାନେ ଯେପରି ଉପଯୁକ୍ତ ସେବା ପାଇ ପାରିବେ ସେ ଦିଗରେ ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ବିଧାୟକ ପରାମର୍ଶ ଦେଇଥିଲେ। ବିଡିଓ ବିଜୟ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ଜିଲା ସମାଜ ମଙ୍ଗଳ ଅଧିକାରୀ ସନ୍ତଲାଲ ଦୀପ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭାଗୀୟ ଅଧିକାରୀ ପ୍ରଜ୍ଞା ବାରିକ, କର୍ମଚାରୀ ଏବଂ ଅଙ୍ଗନୱାଡି କର୍ମୀ, ବ୍ଲକ ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ପାଢି ପ୍ରମୁଖ ଉପସ୍ଥିତ ଥିଲେ । ଲୋଇସିଂହା ପଞ୍ଚାୟତ ସମିତି ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷରେ ଡବ୍ଲ୍ୟୁଏଣ୍ଡ ସିଡି ପାଣ୍ଠିରୁ ୨୬ ଲକ୍ଷ ୧୧ ହଜାର ଟଙ୍କା ବ୍ୟୟରେ ୨ ମହଲା ବିଶିଷ୍ଟ କାର୍ଯ୍ୟାଳୟ ନିର୍ମାଣ ହୋଇଛି ।

# ରାତିରେ ବୁଲୁଛି ଡ୍ରୋନ କ୍ୟାମେରା

**ସଇଁତଳା, ୧୮।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଅନ୍ତର୍ଗତ କେତେକ ଗ୍ରାମରେ ଗତ କିଛିଦିନ ହେଲା ବିଳମ୍ବିତ ରାତିରେ ଡ୍ରୋନ କ୍ୟାମେରା ବୁଲୁଛି। ଏହା ଗ୍ରାମବାସୀଙ୍କ ମନରେ ନାନା ଆଶଙ୍କା ସୃଷ୍ଟି କରିଛି। ସଇଁତଳା ବ୍ଲକ ଡୁଙ୍ଗୁରିପାଲି ପଞ୍ଚାୟତର ତେଣ୍ଡଲିପାଲି ଗ୍ରାମରେ କିଛିଦିନ ତଳେ ରାତ୍ର ୧୧ରୁ ୧୨ଟା ପର୍ଯ୍ୟନ୍ତ ଏକ ଡ୍ରୋନ କ୍ୟାମେରା ବୁଲୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ସେହିପରି ବୁଧବାର ବିଳମ୍ବିତ ରାତିରେ ଘୁନସର ପଞ୍ଚାୟତର ବାବୁଉଲବା, କନ୍ଧଉଲବା, ନରାବାହାଲି, କଅଁସର ଦେଇ ଆମ୍ବପାଲି ପର୍ଯ୍ୟନ୍ତ ଏକ ଡ୍ରୋନ କ୍ୟାମେରା ବୁଲୁଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ଗ୍ରାମର ଯୁବକମାନେ ରାତିଅନିଦ୍ରା ରହି ଗ୍ରାମକୁ ସୁରକ୍ଷା ଦେଉଥିବା ଦେଖିବାକୁ ମିଳୁଛି। ଡ୍ରୋନ କ୍ୟାମେରା କିଏ ଉଡ଼ାଉଛି ଏବଂ ଉଦ୍ଦେଶ୍ୟ କଣ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ବିଷୟରେ ଟିଟିଲାଗଡ଼ ଏସ୍‌ଡିପିଓ ସୁରେନ୍ଦ୍ରନାଥ ଶତପଥୀଙ୍କୁ ପଚାରିବାରୁ ଘଟଣାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଚାଲିଛି ଆନ୍ଦୋଳନ, ବାହାରୁନି ନିଷ୍କର୍ଷ

**ମୁରିବାହାଲ, ୧୮।୮( ଡି.ଏନ.ଏ.)**

**୩ଦିନ ହେଲା ୫୯ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି ଚାଷୀ**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକର ୩ଟି ପଞ୍ଚାୟତର ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମା କ୍ଷତିପୂରଣ ପାଇବାରୁ ବଞ୍ଚିତ ରହିଛନ୍ତି। ଏହାର ପ୍ରତିବାଦ କରି ହଲଦୀ, ବାଙ୍କେଲ, ଓ ଲେବଡ଼ା ପଞ୍ଚାୟତର ଚାଷୀମାନେ ମଙ୍ଗଳବାରଠାରୁ ୫୯ ନମ୍ବର ଜାତୀୟ ରାଜପଥକୁ ହଲଦୀଠାରେ ଆବରୋଧ କରିଛନ୍ତି। କୌଣସି ଜିଲାସ୍ତରୀୟ ଅଧିକାରୀ ଲିଖିତ ପ୍ରତିଶ୍ରୁତି ନ ଦେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଚାଷୀମାନେ ଅଡି ବସିଛନ୍ତି। ତେବେ ଅଦ୍ୟାବଧି କୌଣସି ନିଷ୍କର୍ସ ନ ବାହାରିବାରୁ ରାୟପୁର-ଗୋପାଳପୁର ଜାତୀୟ ରାଜପଥରେ ଯାତାୟାତ ବ୍ୟାହତ ହୋଇଛି। ହଲଦୀ ସମିତି ସଭ୍ୟ ଚୁନାମଣି ମହାନନ୍ଦ, କୃଷକ ନେତା ଧନେଶ୍ୱର ମାଝି, ହୃଷିକେଶ ବାଗ, ବିଷ୍ଣୁ ମହାନନ୍ଦ, ସଂକୀର୍ତ୍ତନ ସିକା, ପିଙ୍କୁ ବାଗ, ପାର୍ଥବ ଭୋଇ, ବିନୋଦ ସିଂଭୋଇ, ଅଚ୍ୟୁତାନନ୍ଦ ସିଂଭୋଇ ପ୍ରମୁଖ ଆନ୍ଦୋଳନର ନେତୃତ୍ୱରେ ନେଉଛନ୍ତି। ପ୍ରକାଶଯୋଗ୍ୟ ଯେ, ମୁରିବାହାଲ ବ୍ଲକର ୨୨ ପଞ୍ଚାୟତ ମଧ୍ୟରୁ ୧୮ଟି ପଞ୍ଚାୟତକୁ ୨୦୨୧ ଖରିଫ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା କ୍ଷତିପୂରଣ ରାଶି ପାଇଁ ଅନ୍ତର୍ଭୁକ୍ତ କରାଯାଇଥିଲା। ହେଲେ ସେଥିମଧରୁ ହଲଦୀ, ବାଙ୍କେଲ ଓ ଲେବଡ଼ା ପଞ୍ଚାୟତକୁ ବାଦ୍ ଦିଆଯାଇଛି। ଏହାକୁ ନେଇ ଉକ୍ତ ୩ ପଞ୍ଚାୟତର ଚାଷୀମାନେ ବ୍ଲକ ଓ ଜିଲା କର୍ତ୍ତୃପକ୍ଷଙ୍କ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ନ ମିଳିବାରୁ ରାଜପଥ ଅବରୋଧ କରି ଆନ୍ଦୋଳନ ଚଳାଇଛନ୍ତି।



ଚାଷୀମାନେ ରାଜପଥ ଅବରୋଧ କରି ବସି ରହିଛନ୍ତି।

# କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

**ବଲାଙ୍ଗୀର ଅଫିସ,୧୮।୮**



ବିଧାୟକ ନରସିଂହ ମିଶ୍ର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ପ୍ରକଳ୍ପ ସମୀକ୍ଷା କରୁଛନ୍ତି।

**୬୫୦ ଶଯ୍ୟା ନୂଆ ହସ୍ପିଟାଲ କାର୍ଯ୍ୟ ସମୀକ୍ଷା କଲେ ବିଧାୟକ**

ବଲାଙ୍ଗୀର ନିର୍ବାଚନ ମଣ୍ଡଳୀରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି ବିଧାୟକ ନରସିଂହ ମିଶ୍ର। ଗୁରୁବାର ସ୍ଥାନୀୟ ସର୍କିଟ ହାଉସଠାରେ ଅନୁଷ୍ଠିତ ବୈଠକରେ ଭୀମ ଭୋଇ ମେଡିକାଲ କଲେଜ ପରିସରରେ ୬୫୦ ଶଯ୍ୟା ବିଶିଷ୍ଟ ନିର୍ମାଣାଧୀନ ଡାକ୍ତରଖାନା ସମେତ ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ, କ୍ଷୁଦ୍ର ଜଳସେଚନ, ଜଳ ସେଚନ, ଜନସ୍ୱାସ୍ଥ୍ୟ ବିଭାଗ ତଥା ଜାତୀୟ ରାଜପଥ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ସହିତ ସେ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ ।

ନିର୍ମାଣାଧୀନ ୬୫୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ସମ୍ପୂର୍ଣ୍ଣ କରିବାରେ ବିଳମ୍ବ ହେବା ଆଶଙ୍କା କରି ବିଧାୟକ ମିଶ୍ର ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ତାର କାରଣ ପଚାରିଥିଲେ । ନିର୍ମାଣ ପାଇଁ ପରିବର୍ତ୍ତିତ ପରିସ୍ଥିତିରେ ନୂଆ କିଛି ସୁବିଧା ସୁଯୋଗ ଯୋଡା ଯାଉଥିବାରୁ ପ୍ରକଳ୍ପର ନକ୍ସା ସମୟ ସମୟରେ ପରିବର୍ତ୍ତନ ହେଉଛି । ତେଣୁ ସେ ନକ୍ସାର ମଞ୍ଜୁରି ପାଇଁ ଅଧିକ ସମୟ ଲାଗୁ ଥିବାରୁ ପ୍ରକଳ୍ପ ନିର୍ଦ୍ଧାରିତ ସମୟରେ ନ ସରିବାର ଆଂଶକା କରାଯାଉଛି ବୋଲି ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀ ଉତ୍ତର ରଖିଥିଲେ। ପ୍ରକଳ୍ପ ବିଳମ୍ବ ଏବଂ ନିର୍ମାଣକାରୀ ସଂସ୍ଥାକୁ ଅଧିକ ସମୟ କାହିଁକି ଦିଆଯିବ ଏହା ଉପରେ ମୁଖ୍ୟଯନ୍ତ୍ରୀଙ୍କ ସହ ଆଲୋଚନା କରି ଏକ ରିପୋର୍ଟ ପ୍ରଦାନ କରିବାକୁ ବିଧାୟକ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ପରେ ସହରରେ ଥିବା ରିଂ ରୋଡ, ବାଏପାସ୍ ଟେଣ୍ଡରକୁ ନେଇ ଆଲୋଚନା ହୋଇଥିଲା। ଡିସେମ୍ବର ସୁଦ୍ଧା ବାକିଥିବା ରିଂରୋଡ ସମ୍ପୂର୍ଣ୍ଣ ହେବ ଏବଂ ରାଜ୍ୟ ଷ୍ଟେଟ ବାଇପାସ ପାଇଁ ବ୍ୟୟ ଅଟକଳ ସହ ଟେଣ୍ଡର ପ୍ରକ୍ରିୟା ଶୀଘ୍ର ଆରମ୍ଭ ହେବ ଏବଂ ତା ସହିତ ଜାତୀୟ ରାଜପଥ ଦ୍ୱାରା ନିର୍ମାଣାଧୀନ ବାଇପାସ ମଧ ଟେଣ୍ଡର ପ୍ରକ୍ରିୟା ପରିସ୍ଥିତ ଅଛି ବୋଲି ସୂଚନା ଦେଇଛନ୍ତି । ଆଲୋଚନା ବେଳେ ସହର ମଧରେ ଥିବା ବିଭିନ୍ନ ରାସ୍ତା ଘାଟ ଓ ଡ୍ରେନ ମରାମତି ତଥା ବିପଦ ସଙ୍କୁଳ ଅବସ୍ଥାରେ ଥିବା ଦେଓଗାଁ ବଙ୍ଗଳା ଛକରୁ ଜବରଦଖଲ ଉଚ୍ଛେଦ, ଛତାମଖନା କୀରାବାହାଲ ସେତୁ ପାଖରେ ବାକିଥିବା ଜମି ଅଧିଗ୍ରହଣକୁ ନେଇ ମଧ ଆଲୋଚନା ହୋଇଥିଲା । ଏହି ସମୀକ୍ଷାରେ କ୍ଷୁଦ୍ର ଜଳସେଚନ ଅନ୍ତର୍ଗତ ଗନ୍ଧରେଳ ଡ୍ୟାମ, ଜଳସେଚନ ବିଭାଗ ଅଧୀନରେ ଥିବା ଲକ୍ଷ୍ମୀଯୋର ସମେତ ଛତାମଖନା କିରାବାହାଲ ବ୍ୟାରେଜ ନିର୍ମାଣ ସ୍ଥିତିକୁ ନେଇ ଆଲୋଚନା ହୋଇଥିଲା । ପରେ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀମାନଙ୍କୁ ପାନୀୟ ଜଳ ସମସ୍ୟା ନେଇ ବିଧାୟକ ମିଶ୍ର ଆଲୋଚନା କରିଥିଲେ। ପାନୀୟ ଜଳର ସ୍ଥିତି ସହର ମଧରେ ଥିବା ଜଳାଶୟମାନଙ୍କର ପାଣିର ଅବସ୍ଥାକୁ ନେଇ ଏକ ରିପୋର୍ଟ ପ୍ରଦାନ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ।

## ସଂକ୍ଷେପରେ

### ଗୋଷ୍ଠୀ ସୁବିଧା କେନ୍ଦ୍ର ଉଦ୍‌ଘାଟିତ


ଉଫୁଲା ପଞ୍ଚାୟତରେ ଗୋଷ୍ଠୀ ସୁବିଧା କେନ୍ଦ୍ର ଉଦ୍‌ଘାଟନ କରାଯାଉଛି।

**ଅମରପାଲି,୧୮।୮(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତରେ ଗ୍ରାମ ପଞ୍ଚାୟତ ଗୋଷ୍ଠୀ ସୁବିଧା କେନ୍ଦ୍ରକୁ ବିଧାୟକ ପଦ୍ମନାଭ ବେହେରା ଉଦ୍‌ଘାଟନ କରିଛନ୍ତି। ୧୦ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ନିର୍ମିତ ଏହି କେନ୍ଦ୍ରର ଉଦ୍‌ଘାଟନୀ ଅବସରରେ ପଞ୍ଚାୟତ ସମିତି ଅଧକ୍ଷା ଶାନ୍ତି ଲୁହା, ଉପାଧକ୍ଷ ନାରାୟଣ ଲୁହା, ସରପଞ୍ଚ ଶ୍ରୀୟା କର୍ମୀ, ହିଲୁଙ୍ଗ ସମିତି ସଭ୍ୟ ଶୈଳରଞ୍ଜନ ବାଦୀ ଉପସ୍ଥିତ ଥିଲେ। ଉତ୍ସବରେ ପୂର୍ବତନ ବ୍ଲକ ଅଧକ୍ଷ ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ଏପିଓ ସମ୍ବିତ କୁମାର ମହାକୁର, ପୂର୍ବତନ ସରପଞ୍ଚ ଗୁପ୍ତେଶ୍ୱର ଅମାତ, ପ୍ରଦୀପ ମିଶ୍ର, ନାଏବ ସରପଞ୍ଚ କମଳିନୀ ମହାପାତ୍ର, ପିଇଓ ଗୌରଚନ୍ଦ୍ର ସାହୁ, ଏମବିକେ ପଦ୍ମାଳୟା ନନ୍ଦ, ବିଭିନ୍ନ ୱାର୍ଡର ସଭ୍ୟାସଭ୍ୟ ଓ ପଞ୍ଚାୟତ ସ୍ତରୀୟ ମହାସଂଘର କର୍ମକର୍ତ୍ତା ସାମିଲ ହୋଇଥିଲେ।

### ବରଗଡ଼ରେ କବିତା ପାଠୋତ୍ସବ

**ବରଗଡ଼ ଅଫିସ୍,୧୮।୮:** ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ତରଫରୁ ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାରରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରୋହିତ ଦାଶଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କବି ମନୋରଞ୍ଜନ ସାହୁ ସଭାପତିତ୍ୱ କରିଥିଲେ। ଅଧ୍ୟାପିକା ସୁଷମା ଦାଶ କବିତାଗୁଡ଼ିକୁ ସଂଯୋଜନା କରିଥିଲେ। ଅଶୋକ ପଶାୟତ ଦେଶାତ୍ମବୋଧକ ଗୀତ ଗାନ କରିଥିଲେ। ଡଃ ଅଶୋକ ମହାପାତ୍ର ସବୁ କବିତାର ସମୀକ୍ଷା କରିଥିଲେ। କବି ଦିବ୍ୟ କିଶୋର ଦେବତା, ରାଧାମୋହନ ତ୍ରିପାଠୀ, ରୋହିତ କୁମାର ଦାଶ, ଅଶୋକ କୁମାର ମହାପାତ୍ର, ଉମୋ ମହାପାତ୍ର, ସଙ୍ଗୀତା ରଥ, କବିତା ରଥ, ପ୍ରୀତମ ସିଂ, ସୁଷମା ଦାଶ, ଜୟଶ୍ରୀ ସାହୁ, ପ୍ରବାସିନୀ ହୋତା, ରବି ନାରାୟଣ ସାହୁ, ଦୟାନିଧି ମହାପାତ୍ର, ଚିନ୍ତାମଣି ପଟେଲ, ଶରତ ପାଢ଼ୀ, ସନ୍ତୋଷିନୀ ଦାଶ, ନମିତା ଦୀପ ଯାଦବ, ଭଗବତୀ କର, ଦାମୋଦର ସାହୁ, ସୁପ୍ରଭା ସାମଲ, ପୁଷ୍ପାଞ୍ଜଳି ପଣ୍ଡା, ଦୁଃଖିସେବକ ସାହୁ ପ୍ରମୁଖ କବିତା ପାଠ କରିଥିଲେ। ବରଗଡ଼ ସାହିତ୍ୟ ସଂସଦର ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କବି ରୋହିତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ବୀମା ଟଙ୍କା ପାଇବାରେ ବିଳମ୍ବ

**ଖପ୍ରାଖୋଲ,୧୮।୮(ଡି.ଏନ.ଏ.):** କୃଷିବୀମା କ୍ଷତିପୂରଣ ପାଇବାରେ ବିଳମ୍ବ ହେଉଛି। ଏହାର ପ୍ରତିବାଦ କରିଛନ୍ତି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଦର ପଞ୍ଚାୟତର ଚାଷୀ। ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟରେ ଏକ ପ୍ରତିବାଦ ସଭା ତାପସ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଚାଷୀମାନେ ଗତବର୍ଷ କୃଷି ବୀମା କରିଥିଲେ ମଧ ଆଜି ଯାଏଁ କ୍ଷତିପୂରଣ ପାଇ ନାହାନ୍ତି ଏ ନେଇ ତହସିଲଦାର, କୃଷି ବିଭାଗକୁ ଜଣାଇଥିଲେ ମଧ ସମସ୍ୟା ସମାଧାନ ହୋଇନି। ବୀମା କମ୍ପାନୀର ମାନମାନି ବିରୋଧରେ ଆଗାମୀ ୨୩ ତାରିଖ ଜିଲାପାଳଙ୍କୁ ଭେଟି ଚାଷୀମାନେ ଦାବିପତ୍ର ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ହରଭଙ୍ଗା ବ୍ଲକର ୨୦ଗାଁ ପାଣି ଘେରରେ

**ବୌଦ୍ଧ,୧୮।୮(ସ୍ୱ.ପ୍ର)**

- ମହାନଦୀରେ କମୁଛି ବନ୍ୟାଜଳ
- ବନ୍ୟା ସ୍ଥିତି ଧୀରେ ଧୀରେ ସୁଧୁରୁଛି

ବୌଦ୍ଧ ଜିଲାରେ ବନ୍ୟାସ୍ଥିତି ଧିରେ ଧିରେ ସୁଧୁରୁଛି। ଜିଲାର ହରଭଙ୍ଗା ବ୍ଲକର ୨୦ରୁ ଅଧିକ ଗ୍ରାମ ଏବେ ବି ୫ ଦିନ ହେବ ପାଣି ଘେରରେ ରହିଛି। ଫଳରେ ଲୋକମାନେ ଏକ ପ୍ରକାର ବନ୍ଦୀ ଭାବେ ରହିଥିବା ଜଣାପଡିଛି। ବର୍ତ୍ତମାନ ମହାନଦୀର ଜଳସ୍ତର ଧିରେ ଧିରେ କମିବାରେ ଲାଗିଥିବାବେଳେ ଜିଲାରେ ବନ୍ୟାର ସ୍ଥିତି ଧିରେଧିରେ ସୁଧୁରୁଥିବା ଜଣାପଡିଛି। ବନ୍ୟା ଯୋଗୁ ଜଗନ୍ନାଥ ସଡକରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଛିନ୍ନ ହୋଇପଡିଛି। ଶହଶହ ଏକର ଧାନ ଜମି ନଷ୍ଟ ହୋଇଥିବା ଜଣାପଡିଛି। ବନ୍ୟା ଯୋଗୁଁ ଚାଷ ନଷ୍ଟ ହୋଇପଡିଥିବାବେଳେ ଜିଲାରେ ପରିବା ଦର ଆକାଶଛୁଆଁ ହେବା ସହ ଠିକ ଭାବେ ମଧ୍ୟ ମିଳି ପାରୁନାହିଁ। ହରଭଙ୍ଗା ବ୍ଲକର ପାଣିଘରା, ସୁରୁଣ୍ଡି, ରାଉତପଡ଼ା, ମଳିକପଡା, ଡିଆଘାଟ, କୋଡାସିଙ୍ଗା, ସଦଲଗଣ୍ଡା, ତେନ୍ତୁଲିପଦର, ଖରଶଙ୍କୁଲୋଇ, ଖଣ୍ଡିଧଳପୁର, ଉଆଁଳ, କଙ୍କଲା କରଡି, ମାରଡା, ଅତଳସରା କୁଶାସିଙ୍ଗା ଓ ତିରଡ ଆଦି ଗ୍ରାମ ପାଣି ଘେରରେ ରହିଛି। ପାଣିଘରା ଗ୍ରାମରେ କୌଣସି ରିଲିଫ ପହଞ୍ଚି ନ ଥିବାବେଳେ ଅନ୍ଧାରରେ ଗ୍ରାମବାସୀ ରହିଛନ୍ତି। ଗ୍ରାମରେ ଲୋକଙ୍କୁ କିରୋସିନ ଓ କ୍ୟାଣ୍ଡେଲ ଯୋଗାଇ ଦେବାକୁ ମଧ୍ୟ ଦାବି ହେଉଛି। ଅନ୍ଧାରରେ ଗ୍ରାମବାସୀ ଥିବା ଯୋଗୁ ବିଷଧର ସାପ ଭୟ ଲାଗିଛି। ଜିଲା ପ୍ରଶାସନ ପକ୍ଷରୁ ରିଲିଫ ଦିଆଯାଇ ନ ଥିବା ଅଭିଯୋଗ ହେଉଥିବା ବେଳେ ଗ୍ରାମବାସୀ ବିପଦ ଅବସ୍ଥାରେ ପୁରା ନଦୀରେ ଦେଶୀ ଡଙ୍ଗା ସାହାର୍ଯ୍ୟରେ ଆଠମଲିକ ଅଞ୍ଚଳକୁ ଯାଇ ଖାଦ୍ୟ ସାମଗ୍ରୀ ଆଣୁଥିବା ମଧ୍ୟ ଜଣାପଡିଛି। ପ୍ରଶାସନ ପକ୍ଷରୁ ପାଣିଘରା ଗ୍ରାମରେ ରିଲିଫ ଯୋଗାଇ ଦେବାକୁ ଦାବି ହେଉଛି। ଆଗକୁ ପୁଣି ବଡ ବର୍ଷା ସମ୍ଭାବନା ଥିବାରୁ ଚିନ୍ତାରେ ପଡିଯାଇଛନ୍ତି ବନ୍ୟାବିପନ୍ନ ଲୋକେ।


ହରଭଙ୍ଗା ବ୍ଲକ ଅନ୍ତର୍ଗତ ଗାଁରେ ବନ୍ୟା ପାଣି।

# ଶୈବପୀଠରେ ସାମାଜିକ ବନୀକରଣ


ଝାଡ଼େଶ୍ୱର ଶୈବପୀଠରେ ବନୀକରଣ କରାଯାଉଛି।

**ସରଣ୍ଡା,୧୮।୮(ଡି.ଏନ.ଏ.)**

ବରଗଡ ସହର ସନ୍ନିକଟ ଝାଡ଼େଶ୍ୱର ଶୈବପୀଠ ପରିସରରେ ଜର୍ନାଲିଷ୍ଟ ଆସୋସିଏଶନ ଅଫ୍ ବରଗଡ (ଜାବ୍) ଓ ମନ୍ଦିର କମିଟି ପକ୍ଷରୁ ବୁଧବାର ସାମାଜିକ ବନୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାବ୍ ସଭାପତି ରବିନାରାୟଣ ପଣ୍ଡାଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ଯୁଧିଷ୍ଠିର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ। ବୃକ୍ଷରୋପଣ କରି ମନ୍ଦିର ପରିସରରେ ସୁନ୍ଦର ଓ ମନୋରମ ପରିବେଶ ସୃଷ୍ଟିର ସଂକଳ୍ପ ନେଇଥିଲେ। ବ୍ଲକ ଉପାଧକ୍ଷ ଉମେଶ ଚନ୍ଦ୍ର ପଣ୍ଡା, ସରପଞ୍ଚ ସୁନୀତା ଭୋଇ, ବେଲାର ମେହେର, ଯୋଗେଶ୍ୱର ସାହୁ, ନିରଞ୍ଜନ ମଲ୍ଲିକ, ସମାଜସେବୀ ବିକାଶ ଅଗ୍ରୱାଲ, ମନ୍ଦିର ପରିଚାଳନା କମିଟି ସଭାପତି ଅମୀୟ କୁମାର ଭୋଇ, ସରସରା ସେବା ସମବାୟ ସମିତି ସଭାପତି ଜୟଦେବ ଗଡ଼ତିୟା, କୁନୁ ଆଚାର୍ଯ୍ୟ, ତାପସ କୁମାର ଦାଶ, ପଣ୍ଡିତ ସୁଶାନ୍ତ ପଣ୍ଡା, ସରସରା ସେବା ସମବାୟ ସମିତି ଡାଇରେକ୍ଟର ଧର୍ମରାଜ ଭୋଇ, ଜାବ୍ ସଦସ୍ୟ ପ୍ରଦୀପ ମହାନ୍ତି, ବ୍ୟୋମକେଶ କର, ରଞ୍ଜନ ଦେବତା, ଲଲାଟେନ୍ଦୁ ଦାଶ, ବଦ୍ରି ପ୍ରସାଦ ସାହୁ, ହେମନ୍ତ ନାୟକ, ସଚ୍ଚିଦାନନ୍ଦ ପାତ୍ର, ସୁନିଲ ମିଶ୍ର, ଜିତେନ୍ଦ୍ର ମେହେର, ସୁବ୍ରତ ସାହୁ,ବଳରାମ ବାଗ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଲରମ୍ଭା କଲେଜର ପ୍ରତିଷ୍ଠା ଦିବସ ସମାରୋହ



ଲରମ୍ଭା କଲେଜ ପ୍ରତିଷ୍ଠା ଦିବସ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

**ଅତାବିରା,୧୮।୮(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ବ୍ଲକ ଲରମ୍ଭା କଲେଜର ୫୯ତମ ପ୍ରତିଷ୍ଠା ଦିବସ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଲେଜ ପରିଚାଳନା କମିଟି ସଭାପତି ରବି ନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଏବଂ ଟିଟିଲାଗଡ଼ ଡିଏଭି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ଛାୟାକାନ୍ତ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଶିକ୍ଷିତ ମେଧାବୀ ହେବା ଜରୁରୀ ନୁହେଁ, ସଂସ୍କାରୀ ହେବା ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କଲେଜ ଅଧ୍ୟକ୍ଷ ଡଃ ପ୍ରମୋଦ କୁମାର ଭୋଇ ଏବଂ ଯୁକ୍ତ୨ ଅଧିକାରୀ ଡଃ ଅମୃତା ସାମନ୍ତ ମଞ୍ଚାସୀନ ଥିଲେ। କଲେଜର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଅତିଥିବୃନ୍ଦ କଲେଜ ପ୍ରତିଷ୍ଠାତା ସ୍ୱର୍ଗତ ବ୍ରଜମୋହନ ପଣ୍ଡା ଏବଂ ଶିକ୍ଷାପ୍ରେମୀ ଶରତ ପୂଜାରୀଙ୍କ ଜୀବନୀ ଏବଂ ଜନ୍ମାଷ୍ଟମୀ ଉପରେ ନିଜ ବକ୍ତବ୍ୟ ରଖିଥିଲେ। ବର୍ତ୍ତମାନ ଶିକ୍ଷିତ ସମାଜରେ ଶିକ୍ଷାର ବ୍ୟବସାୟୀକରଣକୁ ନେଇ ଅତିଥିମାନେ କ୍ଷୋଭ ପ୍ରକାଶ କରିଥିଲେ। ଅଧ୍ୟାପିକା ଡଃ ଶାନ୍ତିଲତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । କଲେଜର ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ର, ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ, ପୂର୍ବତନ କର୍ମଚାରୀ ଉପସ୍ଥିତ ଥିଲେ ।

## ସାଂସ୍କୃତିକ କାର୍ଯ୍ୟକ୍ରମ ମହନୀ ପାଇଁ ପ୍ରସ୍ତୁତି

**ବରଗଡ଼ ଅଫିସ୍,୧୮।୮**

ବରଗଡ଼ ରାଣାପ୍ରତାପ ସ୍କୁଲ ସମ୍ମିଳନୀ କକ୍ଷରେ ଗୁରୁବାର ପଶ୍ଚିମାଞ୍ଚଳ ମିଳିତ କଳାକାର ମଞ୍ଚର ଅଧକ୍ଷ ଶଙ୍କର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସାଂସ୍କୃତିକ କାର୍ଯ୍ୟକ୍ରମ 'ମହନୀ' ପାଇଁ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ୨୦ ତାରିଖରେ ହେବାକୁ ଥିବା ଉତ୍ସବର ବିଭିନ କାର୍ଯ୍ୟକ୍ରମ ପରିଚାଳନା କରିବା ପାଇଁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ସଂଯୋଜକ ସୁରଥ କୁଅଁର, ଏମ୍‌ଡି ବବଲି ଓ ପ୍ରମୋଦ ଦାଶଙ୍କୁ ସମସ୍ତ କାର୍ଯ୍ୟକ୍ରମର ଦାୟିତ୍ୱ ଅର୍ପଣ କରାଯାଇଥିଲା। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି, ସମାଜସେବୀ ଚନ୍ଦ୍ରଶେଖର ବାଗ, ଡା. ସସ୍ମିତା ଦାଶ, ପୌରାଧ୍ୟକ୍ଷା କଳ୍ପନା ମାଝୀ, କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ବରଗଡ଼ ବ୍ଲକ ଉପାଧକ୍ଷ ଉମେଶ ପଣ୍ଡା, ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା, ରାଜ୍ୟ କଳାକାର ସଂଘ ସଭାପତି ଚୈତନ୍ୟ ପାଇକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେବେ ବୋଲି ସୂଚନା ଦିଆଯାଇଥିଲା। କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ ଚଳିତ ବର୍ଷ 'ମହନୀ ସମ୍ମାନ'ରେ ସମ୍ମାନିତ ହେବେ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

# ପିକ୍‌ଅପ୍ ଭ୍ୟାନ୍ ଓଲଟିଲା, ଜଣେ ମୃତ


ଆହତଙ୍କୁ ଭୁକ୍ତା ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।

**ଅମ୍ବାଭୋନା,୧୮।୮(ଡ଼ି.ଏନ.ଏ)**

ବରଗଡ଼ ଜିଲା ଅମ୍ବାଭୋନା ଥାନା ଚିଚୋଲି ବନ୍ଧ ପାର୍ଶ୍ୱରେ ଗୁରୁବାର ଏକ ପିକ୍‌ଅପ୍ ଭ୍ୟାନ୍ (ନଂ.ସିଜି୧୩ଡବ୍ଲ୍ୟୁ/୫୯୩୭) ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ପଡ଼ୋଶୀ ଛତିଶଗଡ଼ ରାଜ୍ୟ ରାୟଗଡ଼ ଜିଲା ଲିଞ୍ଜିର ଗ୍ରାମର ସାଗର ଭୁଏ(୬୫)। ଅମ୍ବାଭୋନା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି। ସେହିପରି ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ୍‌ରେ ଥିବା ଅନ୍ୟ ୩ଜଣ ଗୁରୁତର ହୋଇଛନ୍ତି। ଭୁକ୍ତା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଛତିଶଗଡ଼ ରାଜ୍ୟ ରାୟଗଡ଼ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ଅମ୍ବାଭୋନା ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନକୁ ଜବତ କରି ଅଧିକ ତଦନ୍ତ କରୁଛି।

ପ୍ରକାଶ ଯେ, ଲିଞ୍ଜିର ଗ୍ରାମର ୧୫ ଜଣ ମହିଳାଙ୍କ ସମେତ ୨୫ଜଣ ଉକ୍ତ ପିକ୍‌ଅପ୍ ଭ୍ୟାନ୍‌ରେ ଏକ ଶ୍ରାଦ୍ଧକାର୍ଯ୍ୟରେ ଯୋଗଦେବା ପାଇଁ ଅମ୍ବାଭୋନା ଥାନା କଣ୍ଡପଲା ଗ୍ରାମକୁ ଆସିଥିଲେ ଏବଂ ଶ୍ରାଦ୍ଧ ଭୋଜି ଖାଇସାରି ଘରକୁ ଫେରୁଥିଲେ। ଫେରିବା ବାଟରେ ଚିଚୋଲି ବନ୍ଧ ନିକଟ ବୁଲାଣିରେ ଭାରସାମ୍ୟ ହରାଇ ପିକ୍‌ଅପ୍ ଭ୍ୟାନ୍ ଓଲଟି ପଡ଼ିଥିଲା। ଫଳରେ ସେଥିରେ ଥିବା ଯାତ୍ରୀମାନେ ରାସ୍ତାପାର୍ଶ୍ୱସ୍ଥ କ୍ଷେତ ଭିତରକୁ ଛିଟିକି ପଡ଼ିଥିଲେ। ଚିଚୋଲି ଗ୍ରାମବାସୀ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ସମସ୍ତ ଆହତଙ୍କୁ ଉଦ୍ଧାର କରି ଭୁକ୍ତା ଡାକ୍ତରଖାନା ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସାଗରଙ୍କ ମୃତ୍ୟୁ ହୋଇଥିଲା।

# ଆଇନ ସଚେତନତା ଆଲୋଚନାଚକ୍ର



ପୌର ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଆଇନ ସଚେତନତା ଆଲୋଚନାଚକ୍ର।

**ବରଗଡ଼ ଅଫିସ୍,୧୮।୮**

ବରଗଡ଼ ପୌର ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବରିଷ୍ଠ ନାଗରିକଙ୍କ ନିମନ୍ତେ ଆଇନ ସଚେତନତା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଇନ ସେବା ପ୍ରାଧିକରଣ ସଚିବ ବିଭୂକଲ୍ୟାଣ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝି, ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ମିଶ୍ର, ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ଦାଶରଥି ସୋରେନ ପ୍ରମୁଖ ଯୋଗଦାନ କରିଥିଲେ। ଆଲୋଚନାରେ ବରିଷ୍ଠ ନାଗରିକଙ୍କ ପାଇଁ ରହିଥିବା ଆଇନ, ଅଧିକାର ଉପରେ ଆଲୋକପାତ କରାଯାଇଥିଲା। ଜିଲା ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରମୋଦ ଝାଙ୍କର, ସମ୍ପାଦକ ପ୍ରହଲ୍ଲାଦ ମହାପାତ୍ର, ସଙ୍ଗଠନ ସମ୍ପାଦକ କେଦାର ମିଶ୍ର, ଉପଦେଷ୍ଟା ରବିନ୍ଦ୍ର କୁମାର ପ୍ରଧାନ, ଯାଚକେଶ୍ୱର ପ୍ରଧାନ, ପ୍ରୀତମ ସିଂ, ବେଣୁଧର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗୌନ୍ତିଆ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରେନ୍ ଆଗକୁ ଡେଇଁଲେ ଯୁବକ

**ବଲାଙ୍ଗୀର ଅଫିସ୍,୧୮।୮**

ବଲାଙ୍ଗୀର-ଦେଓଗାଁ ରେଳଲାଇନର ୬୮୨ କିଲୋମିଟର ଖୁଣ୍ଟ ନିକଟରେ ଗୁରୁବାର ସକାଳୁ ଜଣେ ଯୁବକ ଟ୍ରେନ୍ ଆଗକୁ ଡେଇଁପଡିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିନାହିଁ। ତାଙ୍କ ବୟସ ପ୍ରାୟ ୩୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତାଙ୍କ ନିକଟରୁ ଏକ ମୋବାଇଲ ଫୋନ୍ ମିଳିଛି। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ବଲାଙ୍ଗୀର ରେଳବାଇ ଥାନାଧିକାରୀ ସୁକାନ୍ତ ପ୍ରଧାନ ଓ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

# ଗୋପପୁରରେ କଦମ୍ବ ବୃକ୍ଷଚାରା ରୋପଣ

**ବରଗଡ଼ ଅଫିସ୍,୧୮।୮**

ଜନ୍ମାଷ୍ଟମୀ ତିଥିରେ ଗୁରୁବାର ବରଗଡ଼ ଜିଲାର ବିଭିନ୍ନ ଅଞ୍ଚଳ ଉତ୍ସବ ମୁଖର ହୋଇ ପଡିଛି। ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଗୋପପୁର ପାଲଟୁଥିବା ଅମ୍ବାପାଲି ଏଥିରୁ ବାଦ୍ ପଡିନାହିଁ । ୨ଦିନ ଧରି ଏଠାରେ ଭଜନ, କୀର୍ତ୍ତନ ହେଉବେଳେ ଗ୍ରାମର ଯୁବକମାନେ ଶ୍ରୀକୃଷ୍ଣଙ୍କ ପ୍ରିୟ ବୃକ୍ଷ କଦମ୍ବଚାରା ରୋପଣ କରିଛନ୍ତି। ଅମ୍ବାପାଲି ବରଗଡ଼ ପୌର ପରିଷଦର ୱାର୍ଡ ନଂ-୧୭ରେ ଥିବାବେଳେ ସେମାନେ ୧୭ଟି କଦମ୍ବ ବୃକ୍ଷଚାରା ରୋପଣ କରିଛନ୍ତି। ସାମାଜିକ କର୍ମୀ ସୁବ୍ରତ କୁମାର ବିର୍ତ୍ତିଆଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଦେଉଳ ବନ୍ଧ ପରିସରରେ କାଉନସିଲର ଦୀପାଞ୍ଜଳି ବାଗ, ସୁଖଦେବ ଭୋଇ, ରାମକୃଷ୍ଣ ପଣ୍ଡା, ଦେବେନ୍ଦ୍ର ଦେହେରି, ସୁବୋଧ କୁମାର ବିର୍ତ୍ତିଆ, ଗୁଲଠୁ ପ୍ରଧାନ, ଶ୍ରୀକାନ୍ତ ପ୍ରଧାନ, ରାକେଶ ବୁଡେକ, ସୁଶାନ୍ତ ଜାଲ, ଅମୃତ ମହାପାତ୍ର, ବିଭୁତି ମହାପାତ୍ର, ଈଶ୍ୱର ବାଗ ପ୍ରମୁଖ ଉପସ୍ଥିତ ରହି ଗୋଟିଏ ଲେଖାଏଁ ଚାରାରୋପଣ କରିଥିଲେ। ଏହି ବୃକ୍ଷଚାରା ଗୁଡିକର ଯତ୍ନ ନେବା ପାଇଁ ସେମାନେ ଶପଥ ନେଇଥିଲେ।


ଯୁବକମାନେ କଦମ୍ବ ବୃକ୍ଷଚାରା ରୋପଣ ପାଇଁ ପ୍ରସ୍ତୁତି କରୁଛନ୍ତି।

# ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ବରଗଡ଼ ଅଫିସ୍,୧୮।୮**

ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ବରଗଡ଼ର ସ୍ୱାଧୀନତା ସଂଗ୍ରାମୀ ଗଙ୍ଗାଧର ସରାଫଙ୍କ ପ୍ରତିମୂର୍ତ୍ତି ଅନାବରଣ ଏବଂ ସ୍ମରଣିକା ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ଗଙ୍ଗାଧର ସରାଫ ସେବା ସଂଘ, ସ୍ମୃତି କମିଟି ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀଛକ ନିକଟ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଉପଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖ ମୁଖ୍ୟରାସ୍ତା ଡିଭାଇଡରଠାରେ ସ୍ଥାପିତ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ । ସଂଘର ବରିଷ୍ଠ ସଦସ୍ୟ ଆଡ଼ଭୋକେଟ୍ ବେଲାଳସେନ ସରାଫଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଆଚାର୍ଯ୍ୟଙ୍କ ସମେତ ପୂର୍ବତନ ଏମ୍‌ପି ଡଃ ପ୍ରଭାସ ସିଂ, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ, କିଶୋର ମିଶ୍ର, ବରଗଡ଼ ପଞ୍ଚାୟତ କଲେଜ ଅଧ୍ୟକ୍ଷ ପତିତପାବନ ସାହୁ, ସଂଘ ସଭାପତି କୁଞ୍ଜବିହାରୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ଓକିଲ ସଂଘ ସଭାପତି ଚନ୍ଦ୍ରଧ୍ୱଜ ଜାଲ, ସମ୍ପାଦକ ହରିହର ପ୍ରଧାନ, ପ୍ରାଧ୍ୟାପକ ଡଃ ସୁଜିତ ପୃଷ୍ଟେଠ୍, ବରଗଡ଼ ସାମ୍ବାଦିକ ସଂଘ ସଭାପତି ଶଙ୍କର ବଲ୍ଲଭ ମିଶ୍ର, ଏମ୍‌ପି ପ୍ରତିନିଧି ଲିପ୍‌ସିତ ମିଶ୍ର ପ୍ରମୁଖ ଯୋଗଦେଇ କ୍ରାନ୍ତି ପୁରୁଷଙ୍କ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେହିପରି ଅତିଥିବୃନ୍ଦ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ। ସେବା ସଂଘ, ସ୍ମୃତି କମିଟିର ସମ୍ପାଦକ ଆଡ଼ଭୋକେଟ୍ କିରଣ ମିଶ୍ର ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ସଂଗ୍ରାମୀ ସରାଫ୍‌ଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିଥିବା କାରିଗର ଅମୂଲ୍ୟ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


ପ୍ରତିମୂର୍ତ୍ତି ଉନ୍ମୋଚନ ବେଳେ ଉପସ୍ଥିତ ଅତିଥିବୃନ୍ଦ।

**ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ**

ବୋଡେନ,(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ସରସ୍ୱତୀ ଶିଶୁମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଧାନ ଆଚାର୍ଯ୍ୟ ତ୍ରିନାଥ ନାଗଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲମ୍ବୋଦର ନିଆଲ ଯୋଗଦାନ କରିଥିବା ବେଳେ ଗୟାଧର ମହାନ୍ତି ଓ ଗଜରାଜ ବୈଠାରୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇ ସହର ପରିକ୍ରମା କରିଥିଲେ। ଟିକେଶ୍ୱର ନାଗ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିଶୁ ମନ୍ଦିର ସମସ୍ତ ଗୁରୁଜୀ ଗୁରୁମାଙ୍କ ସହ ପରିଚାଳନା ସମିତି ସଭ୍ୟାସଭ୍ୟ ସହଯୋଗ କରିଥିଲେ।

## ସଂକ୍ଷେପରେ

### ମହିଳାଙ୍କୁ ବଳାତ୍କାର ଉଦ୍ୟମ, ଯୁବକ କୋର୍ଟ ଚାଲାଣ

କୋକସରା,୧୮।୮(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ପୋଲିସ ମହିଳାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ଜଣେ ଯୁବକଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜୟନ୍ତପୁର ପଞ୍ଚାୟତ ବାରିକପଡ଼ାର ନୀଳକଣ୍ଠ ବାରିକ (୨୭)। ସୂଚନାମତେ ଗତ ୧୪ ତାରିଖ ସନ୍ଧ୍ୟାରେ ମହିଳା ଜଣକ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ନୀଳକଣ୍ଠ ଘରେ ପଶି ବଳାତ୍କାର ପାଇଁ ଜୋରଜବରଦସ୍ତ ଉଦ୍ୟମ କରୁଥିଲେ। ମହିଳା ଜଣକ କୌଣସି ପ୍ରକାରେ ଛଡାଇ ହୋଇଥିବା ବେଳେ ନୀଳକଣ୍ଠ ଫେରାର ହୋଇଯାଇଥିଲେ। ଏ ନେଇ ମହିଳା ଜଣକ ୧୭ ତାରିଖରେ କୋକସରା ଥାନାରେ ଅଭିଯୋଗ କରିଥିଲେ। କୋକସରା ପୋଲିସ ତଦନ୍ତ କରି ନୀଳକଣ୍ଠଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ. ୧୯୧/୨୨) ରୁଜୁ ହୋଇଛି। ମାମଲାରେ ଦୋଷୀ ପାଇ ଗୁରୁବାର ନୀଳକଣ୍ଠଙ୍କୁ କୋର୍ଟ ଚାଲାଣ କରିଥିବା ତଦନ୍ତକାରୀ ପୋଲିସ ହେମନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ୩ କୋର୍ଟ ଚାଲାଣ

ଜୁନାଗଡ,୧୮।୮(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ପଲାସ ଛକଠାରେ ଗତ ୧୫ ତାରିଖ ସନ୍ଧ୍ୟାରେ ଜଗଦାନନ୍ଦ ମେହେରଙ୍କୁ ନିକଟ ନେହେରୁପଡାର କେତେଜଣ ଯୁବକ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବଳଦିଆମାଲ ନେହେରୁପଡାର କ୍ଷିରୋଦ ଚନ୍ଦ୍ର ମେହେର (୩୦), ଦିତିକୃଷ୍ଣ ମେହେର (୨୭) ଓ ତରୁଣ ମେହେର (୨୯)। ସୂଚନା ଯେ, ଗତ ୧୫ ତାରିଖ ସନ୍ଧ୍ୟାରେ ପଲାସ ଛକଠାରେ ଜଗଦାନନ୍ଦଙ୍କୁ ନିକଟ ନେହେରୁପଡାର କେତେଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ଜୁନାଗଡ ଥାନାରେ ଜଗଦାନନ୍ଦଙ୍କ ବାପା ଭଜମନ ମେହେର ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୩୪୭/୨୨) ରୁଜୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅନ୍ୟପକ୍ଷରେ ସାମାନ୍ୟ ଗାଈକୁ କେନ୍ଦ୍ର କରି ଯୁବକଙ୍କୁ ଆକ୍ରମଣ କରାଯାଇଥିବା ଜଣାଯାଉଛି।

### ଜନ୍ମାଷ୍ଟମୀରେ ରାଧାକୃଷ୍ଣ ବେଶ

ରୂପ୍ରା ରୋଡ୍,୧୮।୮(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଞ୍ଚଳରେ ଜନ୍ମାଷ୍ଟମୀ ଆନନ୍ଦ ଉଦ୍ଦୀପନା ସହ ପାଳିତ ହୋଇଛି। ରୁପ୍ରାରୋଡ ସରସତୀ ଶିଶୁ ମନ୍ଦିରର ଭାଇଭଉଣୀମାନଙ୍କୁ ନେଇ ରାଧାକୃଷ୍ଣ ବେଶ ଅନୁଷ୍ଠିତ ହେବା ସହ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ହେମନ୍ତ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ସାହୁ ଯୋଗଦାନ କରି ଶ୍ରୀକୃଷ୍ଣଙ୍କ ଜୀବନ ଚରିତ୍ର ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅତିଥି ପରିଚୟ ରଖିଥିଲେ। ରାଧାକୃଷ୍ଣ ବେଶଧାରୀ ସୁସଜ୍ଜିତ ଶିଶୁମାନେ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହେବା ପରେ ଆଚାର୍ଯ୍ୟ ଛବିରାମ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ରୁପ୍ରାରୋଡ ଜଗନ୍ନାଥ ମନ୍ଦିରରେ ମଧ ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି। ସେହିପରି ଗ୍ରାମର ବିଭିନ୍ନ ମନ୍ଦିର ଓ ଅନୁଷ୍ଠାନରେ ପୁରାଣ ପାଠ ସହ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି।

# କଳାହାଣ୍ଡି ଜିଲାରେ ବେଆଇନ ମଦ କାରବାର

ଭବାନୀପାଟଣା,୧୮।୮(ସ୍ୱ.ପ୍ର.)

■ଦୋକାନ ଆଗରେ ଟଙ୍ଗା ଯାଉନି ଦର ତାଲିକା
■ପ୍ରିଣ୍ଟ ରେଟ୍ ଠାରୁ ଅଧିକ ଦରରେ ମଦ ବିକ୍ରି



ଅବକାରୀ କାର୍ଯ୍ୟାଳୟ।

କଳାହାଣ୍ଡି ଜିଲାର ୧୩ଟି ବ୍ଲକର ବିଭିନ୍ନ ଅଞ୍ଚଳରେ ଦିନକୁ ଦିନ ବେଆଇନ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଏଥିସହ ବିଭିନ୍ନ ସ୍ଥାନରେ ନିକୃଷ୍ଟ ମାନର ତଥା ପାଣି ମିଶା ଭେଜାଲ ଦେଶୀ ମଦ ବିକ୍ରି ହେଉଛି। ଜଣେ ଜଣେ ବ୍ୟକ୍ତିଙ୍କ ନାମରେ ଏକାଧିକ ମଦଭାଟି, ବ୍ରାଞ୍ଚ ଲାଇସେନ୍ସ ଥିବାରୁ ସେମାନେ ଏକଚାଟିଆ ଭାବେ କାରବାର ଚଳାଇ ନିରୀହ ଲୋକଙ୍କ ଶୋଷଣ କରୁଛନ୍ତି। ଜିଲାର ଅଧିକାଂଶ ଗାଁରେ ଏବେ ଛତୁ ଫୁଟିଲା ଭଳି ବେଆଇନ ମଦ କୋଠି ଖୋଲିଛି। ଏହାକୁ ନେଇ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ମଧ୍ୟ ତେଜିବାରେ ଲାଗିଛି।

ଜିଲା ଅବକାରୀ ଅଧୀକ୍ଷକଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ, ଜିଲାରେ ବର୍ତ୍ତମାନ ଜଣେ ଇନ୍ସପେକ୍ଟର, ୫ ଜଣ ସବ୍ ଇନ୍ସପେକ୍ଟର ଓ ୧୩ ଜଣ କନଷ୍ଟେବଳ ପଦ ଖାଲି ପଡିଛି। ଯେଉଁ ସ୍ଥାନରେ ସବ୍ ଇନ୍ସପେକ୍ଟର ରହିବା କଥା, ସେହି ସ୍ଥାନରେ ଏବେ ଏଏସଆଇ ଭାରପ୍ରାପ୍ତ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଏହି ଘଟଣାକୁ ଦେଖିଲେ ଜିଲା ଅବକାରୀ ବିଭାଗ ଦୟନୀୟ ଅବସ୍ଥାରେ ଚାଲୁଥିବା ମନେହୁଏ। କଳାହାଣ୍ଡି ଭଳି ବଡ ଜିଲାରେ ଏତେ କମ୍ ସଂଖ୍ୟକ କର୍ମଚାରୀ ରହିବା ଚୋରା ମଦ କାରବାରକୁ ପ୍ରୋତ୍ସାହିତ କରୁଛି । ଏଠାରେ କର୍ମଚାରୀ ଅଭାବର ଆଳ ଦେଖାଇ ଅବକାରୀ ବିଭାଗ ନୀରବ ରହୁଛି ନା ମଦବେପାରୀଙ୍କ ସହିତ ସଲାସୁତୁରା କରି ହାତ ବାନ୍ଧି ବସୁଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଳାହାଣ୍ଡି ଜିଲାରେ ୬୮ଟି ଲାଇସେନ୍ସ ପ୍ରାପ୍ତ ଦେଶୀ ମଦଭାଟି, ୩୪ଟି ଠିପି ବନ୍ଦ ମଦ ଦୋକାନ ଓ ୨୨ଟି ଠିପି ଖୋଲା ମଦ ଦୋକାନ ରହିଥିବା ଜଣାପଡିଛି। ଜିଲାର ଲାଇସେନ୍ସପ୍ରାପ୍ତ ମଦ ବ୍ୟବସାୟୀମାନେ ଅବକାରୀ ନିୟମକୁ ବେଖାତିର କରୁଛନ୍ତି। ସେମାନେ ଠିପି ବନ୍ଦ ଦୋକାନରେ ଠିପି ଖୋଲା କାରବାର ଚଳାଇଛନ୍ତି। ମଦ ଦୋକାନ ଆଗରେ ମଦର ଦର, ତାଲିକା ଟାଙ୍ଗିବା ପାଇଁ ନିୟମ ରହିଥିବା ବେଳେ ସଂପୃକ୍ତ ମଦ ବ୍ୟବସାୟୀମାନେ ଏହାକୁ ବେଖାତିର କରୁଛନ୍ତି। ଏହି ନିୟମ ଉଲଂଘନ କରୁଥିବା ମଦ ବ୍ୟବସାୟୀଙ୍କ ବିରୋଧରେ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ମଦ ବ୍ୟବସାୟୀଙ୍କ ସହ ଅବକାରୀ ବିଭାଗର ସଲାସୁତୁରା ଥିବା ମନେ ହେଉଛି। ଏପଟେ ମଦ ବ୍ୟବସାୟୀମାନେ ମଦର ଦର ତାଲିକା ଦୋକାନ ଆଗରେ ଟାଙ୍ଗି ଫଟୋ ଉଠାଇ ବିଭାଗକୁ ପଠାଇ ପରେ ପୁଣି ଥରେ ଖୋଲି ଦେଉଥିବା ଜଣାପଡିଛି। ଜିଲାରେ ଥିବା ଏହି ଦୋକାନଗୁଡିକ ଉପରେ ଅତର୍କିତ ଚଢାଉ କରାଗଲେ କେଉଁମାନେ ଦର ତାଲିକା ଟାଙ୍ଗୁଛନ୍ତି ଓ କେଉଁମାନେ ଟାଙ୍ଗୁନାହାନ୍ତି ତାହା ଜଣାପଡନ୍ତା। ସେହିପରି ପ୍ରିଣ୍ଟ ରେଟ ଠାରୁ ମନଇଚ୍ଛା ଅଧିକ ଦରରେ ମଦ ଦୋକାନୀ ମଦ ବିକ୍ରି କରୁଥିବା ବେଳେ ଅବକାରୀ ବିଭାଗ ନୀରବଦ୍ରଷ୍ଟା ସାଜିଛି। ଏ ନେଇ ଜିଲା ଅବକାରୀ ଅଧୀକ୍ଷକ ରଞ୍ଜନ ନାୟକଙ୍କୁ ପଚାରିବାରେ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ସେହିପରି କର୍ମଚାରୀ ଅଭାବ ରହିଥିବା ପ୍ରକାଶ କରିଥିଲେ।

# ପଲିଥିନ ତଳେ ବୃଦ୍ଧାଙ୍କ ପରିବାର


ପଲିଥିନ ଛାତ ତଳେ ବୃଦ୍ଧାଙ୍କ ପରିବାର।

ନୂଆପଡ଼ା ଅଫିସ,୧୮।୮

**୮ ବର୍ଷ ହେବ ଘର ଭାଙ୍ଗି ଯାଇଛି**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ କୋନାବିରା ପଞ୍ଚାୟତ ବିରୁନପଦର ଗାଁରେ ପଲିଥିନ ତଳେ ଜୀବନ ବିତାଉଛନ୍ତି ବୃଦ୍ଧା ହାରା ପଟେଲ (୭୦)ଙ୍କ ପରିବାର। ଦୀର୍ଘ ୮ବର୍ଷରୁ ଉର୍ଦ୍ଧ୍ୱ ହେବ ହାରାଙ୍କ ଘର ଭାଙ୍ଗି ଯାଇଥିଲା। ଘର ଭାଙ୍ଗିବା ପରିବାରର ୬ ଜଣ ସଦସ୍ୟ ପୁଅ ଗୋପାଳ (୩୦), ବହୂ ପାରାଦେଈ (୨୫), ୩ ନାତୁଣୀ ଲିପା (୮), ସୁଜାତା (୬) ଓ ଭୂମି (୩) ବେସାହାରା ହୋଇ ଏକ କୁଡିଆ ଘରେ ପଲିଥିନ ଢାକି ଜୀବନ ବିତାଉଛି। ଦୀର୍ଘ ବର୍ଷରୁ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କା ଘର ଯୋଜନାରେ ଘର ପାଇଁ ଆଶାବାନ୍ଧି ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପାଖକୁ ଦୌଡି ନୟାନ୍ତ ହୋଇ ପଡିଲେଣି। ହେଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। କେନ୍ଦ୍ର ତଥା ରାଜ୍ୟ ସରକାର ଦାରିଦ୍ର ସୀମାରେଖା ତଳେ ଥିବା ଗରିବ ଅସହାୟ ପରିବାର ପ୍ରତି ଯୋଜନା ଉପରେ ଯୋଜନା କରିଛନ୍ତି। ହେଲେ ନିର୍ବାଚିତ ଜନ ପ୍ରତିନିଧି କିମ୍ବା ସରକାରୀ କର୍ମଚାରୀଙ୍କ ଅବହେଳା ଯୋଗୁ ପ୍ରକୃତ ହିତାଧିକାରୀଙ୍କ ଠାରେ ଯୋଜନା ପହଞ୍ଚି ପାରୁ ନ ଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ କୋନାବିରା ସରପଞ୍ଚ ମିଥିଲା ନାଏକଙ୍କୁ ପଚାରିବାରୁ ନୂତନ ଘର ଆସି ନାହିଁ। ସ୍ଥାୟୀ ଅପେକ୍ଷା ତାଲିକା (ପିଡବ୍ଲୁଏଲ)ରେ ଘର ତାଲକା ଥିଲେ, ପ୍ରଥମେ ତାଙ୍କୁ ଦିଆଯିବ ବୋଲି ପ୍ରକାଶ କରିଥିଲେ।

# ଲାଞ୍ଜିଗଡ଼ ସିଏଚ୍‌ସି, ସ୍ମାର୍ଟ ସ୍କୁଲ ପରିଦର୍ଶନ



ଜିଲାପାଳ ସ୍ମାର୍ଟ ସ୍କୁଲ ପରିଦର୍ଶନ କରିବା ବେଳେ ଶିକ୍ଷକଙ୍କ ସହ ଆଲୋଚନା କରୁଛନ୍ତି।

ଲାଞ୍ଜିଗଡ,୧୮।୮(ଡି.ଏନ.ଏ.)

**ଜିଲାପାଳଙ୍କ ଲାଞ୍ଜିଗଡ଼ ବ୍ଲକ ଗସ୍ତ**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକକୁ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଗସ୍ତ କରିଛନ୍ତି। ଜିଲାପାଳ ଅଚାନକ ଲାଞ୍ଜିଗଡ ସିଏଚ୍‌ସି ପରିଦର୍ଶନ କରି ମେଡିକାଲର ଡାକ୍ତର ଓ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। ଜିଲାପାଳଙ୍କୁ ସିଏଚ୍‌ସି ବିଭିନ୍ନ ଅସୁବିଧାକୁ ନେଇ ଲାଞ୍ଜିଗଡବାସୀ ଅଭିଯୋଗ କରିଥିଲେ। ଏହାପରେ ଲାଞ୍ଜିଗଡଠାରେ ନିର୍ମାଣ ସ୍ମାର୍ଟ ସ୍କୁଲ ପରିଦର୍ଶନ କରିଥିଲେ। ଛାତ୍ରୀଛାତ୍ରଙ୍କ ସହ ପାଠପଢ଼ା ସମ୍ପର୍କରେ ଏବଂ ସ୍କୁଲ ବିଭିନ୍ନ ସମସ୍ୟା ନେଇ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ସୂଚନା ଯେ, ଲାଞ୍ଜିଗଡ଼ ଡାକ୍ତରଖାନାରେ ଅଞ୍ଚଳର ୧୬ଟି ପଞ୍ଚାୟତର ୨୮୦ ଗ୍ରାମର ୩୦ ହଜାରରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରୁଥିବା ବେଳେ ପ୍ରତି ମାସରେ ୫୦ରୁ ଅଧିକ ମହିଳାଙ୍କୁ ପ୍ରସୂତି ସୁବିଧା, ୨୦୦ ଶହ ରୋଗୀଙ୍କୁ ଅନ୍ତଃବିଭଗ ଚିକିତ୍ସା କରାଯାଇଥାଏ। ଏଥିରେ ବର୍ହିଃବିଭାଗରେ ୨ ହଜାରରୁ ଅଧିକ ରୋଗୀ ଚିକିତ୍ସିତ ହେଉଛନ୍ତି। ହେଲେ ଏଠାରେ ବର୍ତ୍ତମାନ ୫ଜଣ ଡାକ୍ତର ରହିଥିବା ବେଳେ ଜଣେ ଫାର୍ମାସିଷ୍ଟ, ଜଣେ ଷ୍ଟାଫନର୍ସ ଓ ଜଣେ ପିଅନ ଅଛନ୍ତି। ଡାକ୍ତରଖାନାରେ ଷ୍ଟାଫନର୍ସ ଅଭାବ ଯୋଗୁ ସ୍ୱାସ୍ଥ୍ୟ ସେବା ପ୍ରଦାନରେ ସମସ୍ୟା ହେଉଛି। ଅନ୍ୟପଟେ ଅଳ୍ପ ବର୍ଷାରେ ଡାକ୍ତରଖାନା ପରିସରରେ ୧ ଫୁଟ ପାଣି ଜମା ହେଉଛି। ପାଚିରି ଭାଙ୍ଗି ଯିବା ଫଳରେ ଗାଈ, ଛେଳି, କୁକୁର ଡାକ୍ତରଖାନା ପରିସରରେ ବୁଲୁଛନ୍ତି। ଏଭଳି ବିଭିନ୍ନ ସମସ୍ୟା ଜିଲାପାଳ ଦୃଷ୍ଟି ଦେବାକୁ ଲାଞ୍ଜିଗଡ଼ ଜୋନ ୨ନଂ. ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ ଓ ସାମାଜିକ କର୍ମୀ ସୁବାଷ ଚନ୍ଦ୍ର ଅଗ୍ରୱାଲଙ୍କ ସମେତ ଅଞ୍ଚଳବାସୀ ଦାବି କରିଥିଲେ। ଜିଲାପାଳଙ୍କ ଏହି ଗସ୍ତରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ବିଡିଓ ଜିତେନ୍ଦ୍ର କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜନ୍ମାଷ୍ଟମୀରେ ରାଧାକୃଷ୍ଣ ବେଶରେ ଛାତ୍ରୀଛାତ୍ର

କୋକସରା,୧୮।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା, କୁସୁମଖୁଣ୍ଟି, ଲଡୁଗାଁ, କାଉଡୋଳା, ଆମପାଣି ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ଗୁରବାର ସକାଳୁ ଶିଶୁ ମନ୍ଦିରର କୁନିକୁନି ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ପହଞ୍ଚିଥିଲେ। ଶିଶୁ ମନ୍ଦିରରେ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଛି। କୋକସରା ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀରେ ଅତିଥି ଭାବେ ପ୍ରଶାନ୍ତ ମଲ୍ଲିକ, ଗୁରୁମା ମାଧୁରୀ ମୁଣ୍ଡ ଉପସ୍ଥିତ ରହିଥିଲେ। ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଦେବାନନ୍ଦ ରାଉତ, ଧର୍ମରାଜ ସାହୁ, ଜୟଶ୍ରୀ ପଣ୍ଡାଙ୍କ ସମେତ ଅନ୍ୟ ଗୁରୁଜୀ, ଗୁରୁମା ଉପସ୍ଥିତ ରହିଥିଲେ। କୁସୁମଖୁଣ୍ଟି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନାଚାର୍ଯ୍ୟ ଭବାନୀ ଶଙ୍କର ବେହେରାଙ୍କ ତତ୍ତ୍ୱାବଧାନରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏଲଆଣ୍ଡଟି କମ୍ପାନୀ ମ୍ୟାନେଜର ରଘୁପତି ସତନାମ ଯୋଗଦେଇଥିଲେ। ଅନୁଷ୍ଠାନ ଉପଦେଷ୍ଟା ବୃନ୍ଦାବନ ପୂଝାରୀଙ୍କ ସଭାପତିତ୍ୱରେ ପରିଚାଳନା ସମିତି ସଭାପତି ହରେକୃଷ୍ଣ ନାଏକ, ସମ୍ପାଦକ ଦିଗନ୍ତ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ନରେଶ କୁମାର ପଣ୍ଡା, ସଦସ୍ୟା ମଞ୍ଜୁଲତା ବାଗ, ସଦସ୍ୟା ରୁକ୍ମଣୀ ରାଉତ ଉପସ୍ଥିତ ରହିଥିଲେ।

# ସଂସ୍କୃତ ଦିବସରେ ବିଭିନ୍ନ ପ୍ରତିଯୋଗିତା

ନୂଆପଡ଼ା ଅଫିସ,୧୮।୮

ନୂଆପଡା ସଦର ବ୍ଲକ ମାଗୁରପାଣି ସରାକାରୀ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ସଂସ୍କୃତ ଦିବସରେ ନୂଆପଡା ଓ କୋମନା ବ୍ଲକର ୧୪ଟି ବିଦ୍ୟାଳୟରୁ ୬୩ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗିରିଧାରୀ ସାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସହଗୋଷ୍ଠି ଶିକ୍ଷା ଅଧିକାରୀ ଉତ୍କଳମଣୀ ଅଗସ୍ତି, ଚୈତରାମ ନାଏକ, ଦର୍ଲିମୁଣ୍ଡା ବିଜ୍ଞାନ ଶିକ୍ଷକ ରାଧେଶ୍ୟା ସାହା, ସାଧନ କର୍ମୀ ସଂଯୋଜକ ବିଜୟ କୁମାର ମିଶ୍ର ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଉପାଚାର୍ଯ୍ୟ ଗୁରୁକୁଳ ଆଶ୍ରମ ଆମସେନା ପଞ୍ଚଦେବ ମନିଷୀ ଯୋଗଦେଇ ସଂସ୍କୃତ ଦିବସ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ନେଇ ଶ୍ଳୋକ ଆବୃତ୍ତି, ସଙ୍ଗୀତ, କଥାକଥନ ଓ ପ୍ରଶ୍ନ ପ୍ରତିଯୋଗିତା କରାଯାଇଥିଲା। ଶ୍ଳୋକ ଆବୃତିରେ ଦର୍ଲିମୁଣ୍ଡା ବିଦ୍ୟାଳୟ ଛାତ୍ରୀ ମାମୁନୀ ବଢେଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୨ୟ ସ୍ଥାନରେ ଖୁଟମନ ଭେରା ବିଦ୍ୟାଳୟର ଛାତ୍ରୀ ଭାନୁମତୀ ମାଝି ଓ ମାଗୁରପାଣି ବିଦ୍ୟାଳୟ କିଷନ ନାଏକ ୩ୟ ସ୍ଥାନ ଅଧିକାର କରିଛନ୍ତି। ସଙ୍ଗୀତରେ ସୁରେଶ ପାଣ୍ଡେ ମାଗୁରପାଣି ପ୍ରଥମ, ସୁନୀଲ ହରିଜନ ଖୁଟମାନ ଭେରା ଦ୍ୱିତୀୟ ଓ କିଷନ ନାଏକ ମାଗୁରପାଣି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କଥାକଥନରେ ସୁରେଶଇ ପାଣ୍ଡେ ପ୍ରଥମ, ନନ୍ଦିତା ମହାପାତ୍ର ଦ୍ୱିତୀୟ, ଭାନୁମତୀ ମାଝି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ବଳରାମ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଉମେଶ ବାରିକ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

# ରାତିରେ ବୁଲୁଛି ଡ୍ରୋନ୍, ଲୋକେ ଆତଙ୍କିତ

ନୂଆପଡ଼ା ଅଫିସ,୧୮।୮

ନୂଆପଡା ଜିଲାରେ ଚୋର ଡକାୟତ ଆତଙ୍କ ବୃଦ୍ଧି ପାଇବାରେ ଲାଗିଥିବା ବେଳେ କୋମନା ବ୍ଲକର ବିଭିନ୍ନ ଅଞ୍ଚଳରେ ଡ୍ରୋନ କ୍ୟାମେରା ବୁଲୁଥିବା ଦେଖି ଲୋକଙ୍କ ଭୟ ଦ୍ୱିଗୁଣିତ କରି ଦେଇଛି। ଗତ କିଛି ଦିନ ପୂର୍ବେ ଡୁମେରବାହାଲ, କୋନାବିରା, ବିଲେଇଅଞ୍ଜର, ପେଣ୍ଡରାବନ ଅଞ୍ଚଳରେ ଡ୍ରୋନ କ୍ୟାମେରା ଉଡୁଥିବା ବେଳେ ମଙ୍ଗଳବାର ରାତିରେ ମାନିଗୁଡା, ସିହିନାମୁଣ୍ଡା, ଜଡାମୁଣ୍ଡା, ମିଛାପାଲି, ବିଶିବାହାଲ ଅଞ୍ଚଳରେ ବୁଲୁଥିବା ଦେଖି ଗ୍ରାମର କିଛି ଯୁବକ ଫଟୋ ଉତ୍ତୋଳନ କରି ଭାଇରାଲ କରିଛନ୍ତି। ଡ୍ରୋନ କ୍ୟାମେରା ଫଟୋ ଭାଇରାଲ ହେବା ପରେ ଗ୍ରାମାଞ୍ଚଳ ଲୋକେ ଆତଙ୍କିତ ହୋଇପଡିଛନ୍ତି। ଗାଁ ଗାଁରେ ରାତି ହେଲେ ଗାଁର ଯୁବକମାନେ ଠେଙ୍ଗା, ବାଡି ଧରି ଗାଁ ମୁଣ୍ଡରେ ଜଗି ରହୁଛନ୍ତି। କୌଣସି ଅଜଣା ବ୍ୟକ୍ତିଙ୍କୁ ଗାଁ ଭିତରକୁ ପୁରାଇ ଦେଉ ନ ଥିବା ଜଣାପଡିଛି। ଜିଲାକୁ ଅନ୍ୟ ରାଜ୍ୟରୁ ଅଣଓଡିଆ ବହୁତ ପରିମାଣରେ ଆସି ବ୍ୟାବସାୟ ନାମରେ ରହୁଛନ୍ତି। ହେଲେ ଜିଲା ପ୍ରଶାସନ ପାଖରେ ସେ ବିଷୟରେ କୌଣସି ତଥ୍ୟ ନାହିଁ। ଅଣ ଓଡିଆମାନେ ସାଲ, କମ୍ବଳ, ଫାଇବର ଚୌକି, କଂସା, ପିତଳ ମୂର୍ତ୍ତି ବିକ୍ରୟ କରି ଦିନରେ ଗାଁ ଗାଁ ବୁଲି ତଥ୍ୟ ସଂଗ୍ରହ କରୁଥିବା ବେଳେ ରାତିରେ ବିଭିନ୍ନ ମାରଣାସ୍ତ୍ର ଧରି ଚୋରି କରୁଥିବା ଗାଁ ଗାଁରେ ଚର୍ଚ୍ଚା ହେଉଛି । ଅଞ୍ଚଳରେ ଏହି ପ୍ରକାର ଭୟ ଲାଗି ରହିଥିବାରୁ ପୋଲିସ ପକ୍ଷରୁ ରାତି ପାଟ୍ରୋଲିଂ କରିବା ପାଇଁ ସାଧାରଣରେ ଦାବି ହେଉଛି।


ରାତ୍ରିରେ ବୁଲୁଥିବା ଡ୍ରୋନ୍ କ୍ୟାମେରା।

# କଳାହାଣ୍ଡି ଜିଲା ବ୍ଲକ ଅଧ୍ୟକ୍ଷ ସଂଘ ଗଠିତ

ଭବାନୀପାଟଣା,୧୮।୮(ସ୍ୱ.ପ୍ର.)

**ବିନ୍ଦୁ ମହାନନ୍ଦ ସଭାପତି**


ସଭାପତି ଭାବେ ମନୋନୀତ ବିନ୍ଦୁ ମହାନନ୍ଦ।

କଳାହାଣ୍ଡି ଜିଲା ବ୍ଲକ ଅଧ୍ୟକ୍ଷଅଧ୍ୟକ୍ଷାଙ୍କୁ ନେଇ ଭବାନୀପାଟଣା ବ୍ଲକ କାର୍ଯ୍ୟାଳୟରେ ବୁଧବାର ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷାମାନେ ନିଜ ବ୍ଲକର ଲକ୍ଷାଧିକ ଜନସାଧାରଣଙ୍କ ପ୍ରତିନିଧିତ୍ୱ କରୁଥିବା ବେଳେ ସେହି ଆକାରରେ କୌଣସି ଫଣ୍ଡ ଆସୁ ନ ଥିବା ଅଭିଯୋଗ କରିଛନ୍ତି। ବ୍ଲକରେ ଏବେ ବି ରାସ୍ତା, ପାନୀୟ ଜଳ ଆଦି ବିଭିନ୍ନ ସମସ୍ୟା ରହିଛି। ନିର୍ବାଚନ ବେଳେ ସମସ୍ତ ସମସ୍ୟା ସମାଧାନ କରିବାକୁ ସେମାନେ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିବା ବେଳେ ବ୍ଲକ ପାଣ୍ଠି (ଫଣ୍ଡ) ବହୁତ କମ୍ ରହୁଛି। କିଛି ବର୍ଷ ତଳେ ବ୍ଲକ ଅଧ୍ୟକ୍ଷମାନଙ୍କ ଯେଉଁ କ୍ଷମତା ଥିଲା, ବର୍ତ୍ତମାନ ତାହାକୁ ସମ୍ପୂର୍ଣ୍ଣ ଭାବେ କ୍ଷୁର୍ଣ୍ଣ କରାଯାଇଛି। ଏ ସବୁ ଦୃଷ୍ଟିରେ ରଖି ଉପସ୍ଥିତ ସମସ୍ତ ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କ ଜିଲାସ୍ତରୀୟ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିରେ ସର୍ବସମ୍ମତି କ୍ରମେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ସଭାପତି ଭାବେ ମନୋନୀତ ହୋଇଥିଲେ। ସାଧାରଣ ସମ୍ପାଦକ ଭାବେ ଭବାନୀପାଟଣା ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ, ସହସମ୍ପାଦକ କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ଉପସଭାପତି ଧର୍ମଗଡ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଷୀ, ଥୁ. ରାମପୁର ବ୍ଲକ ଅଧ୍ୟକ୍ଷ ଦୟାନନ୍ଦ ମାଝି, କୋଷାଧ୍ୟକ୍ଷ ଭାବେ କୋକସରା ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରୱାଲ ପ୍ରମୁଖ ମନୋନୀତ ହୋଇଥିଲେ। ଏହାସହ ବରିଷ୍ଠ ଉପଦେଷ୍ଟା ମଣ୍ଡଳୀରେ ଜୟପାଟଣା ବ୍ଲକ ଅଧ୍ୟକ୍ଷ ଥବିର ବାଗ, ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷା କମଳା ବାଗ, କର୍ଲାମୁଣ୍ଡା ବ୍ଲକ ଅଧ୍ୟକ୍ଷା କୁନି ସାହୁ, ନର୍ଲା ବ୍ଲକ ଅଧ୍ୟକ୍ଷା ମନୋରମା ମହାନ୍ତି ପ୍ରମୁଖ ମନୋନୀତ ହୋଇଥିଲେ। ଏହି କମିଟି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କୁ ସାକ୍ଷାତ କରି ଜିଲାର ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

# ୫ କୋଠରି ବିପଦସଙ୍କୁଳ, ବର୍ଷାରେ ଗଳୁଛି ପାଣି

ଲାଞ୍ଜିଗଡ,୧୮।୮(ଡି.ଏନ.ଏ.)

**ଅବ୍ୟବସ୍ଥାରେ ବେନଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**

■ସ୍ୱାସ୍ଥ୍ୟ, ବିଦ୍ୟୁତ୍ ବିଭାଗର ଅଣଦେଖା
■୫ ଦିନ ହେଲା ବିଦ୍ୟୁତ୍ ସେବା ବାଧାପ୍ରାପ୍ତ



କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଦୁର୍ଗମ ଆଦିବାସୀ ଅଧୁଷିତ ଅଞ୍ଚଳର ବେନଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅବ୍ୟବସ୍ଥାରେ ଗତି କରୁଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ହୋଇ ୧୮ ବର୍ଷ ବିତିଯାଇଥିଲେ ମଧ ଏବେ ଯାଏଁ ପାନୀୟଜଳ, ପାଚେରି ନ ଥିବା ବେଳେ ଷ୍ଟାପ ରହିବା ପାଇଁ ଆବଶ୍ୟକ ସୁବିଧା ନାହିଁ। ଏହି କେନ୍ଦ୍ରରେ ଆବଶ୍ୟକ ଅନୁସାରେ କର୍ମଚାରୀ ଅଛନ୍ତି। କିନ୍ତୁ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମସ୍ୟା ଲାଗି ରହିଥିବା ଯୋଗୁ ରୋଗୀ ସେବାରେ ବାଧା ହେଉଛି। ଏଠାରେ ୭ଟି କୋଠରି ରହିଥିବାବେଳେ ୫ଟି କୋଠରି ସମ୍ପୂର୍ଣ୍ଣ ଅଚଳ ହୋଇ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଅଳ୍ପ ବର୍ଷାରେ ଛାତରୁ ପାଣି ଗଳୁଛି। ଫଳରେ ରୋଗୀଙ୍କୁ ଉନ୍ନତମାନର ସେବା ଯୋଗାଇବାରେ କର୍ମଚାରୀମାନେ ବିଫଳ ହେଉଛନ୍ତି। ଲଘୁଚାପ ବର୍ଷା ଓ ପବନ ଯୋଗୁ ୫ ଦିନ ହେଲା ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଥିବାରୁ ବିଦ୍ୟୁତ୍ ନ ଥିବାରୁ ଅନ୍ଧାରରେ କର୍ମଚାରୀ ରହୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ୱାସ୍ଥ୍ୟ ଓ ବିଦ୍ୟୁତ୍ ବିଭାଗକୁ ବାରମ୍ବାର ଜଣାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ୫ଟି ଦୁର୍ଗମ ପଞ୍ଚାୟତର ୧୦ ହଜାର ଲୋକ ଏହି ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଏହି କେନ୍ଦ୍ର ପ୍ରତି ଅଣଦେଖା ଯୋଗୁ ଦୁର୍ଗମ ଅଞ୍ଚଳର ହଜାର ହଜାର ଲୋକ ସ୍ୱାସ୍ଥ୍ୟସେବା ପାଇବାରୁ ବାଦ ପଡୁଛନ୍ତି। ଏହି ଅଞ୍ଚଳରେ ଅଧିକାଂଶ ଗାଁରେ ଆଜି ପର୍ଯ୍ୟନ୍ତ ରାସ୍ତା ନାହିଁ। ବର୍ଷ ବର୍ଷ ଧରି ମୋବାଇଲ ସେବାରୁ ମଧ ଲୋକେ ବଞ୍ଚିତ ରହିଛନ୍ତି। ଫଳରେ ଦୁର୍ଗମ ଅଞ୍ଚଳର ଦୂରଦୁରାନ୍ତରୁ ଆସୁଥିବା ରୋଗୀ ନାନା ଅସୁବିଧାରେ ପଡ଼ି ଖର୍ଚ୍ଚାନ୍ତ ହେଉଛନ୍ତି। କିନ୍ତୁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ମିଳିପାରୁନି। ଫଳରେ ସ୍ୱାସ୍ଥ୍ୟସେବା ପାଇଁ ଗରିବ ଲୋକ ଗାଡି ଭଡା କରି ୬୦ କି.ମି. ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନା ଯିବାକୁ ପଡୁଛି ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ବେନଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେଇ ଯଥାଶୀଘ୍ର ସମସ୍ୟା ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୯ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### କାଠ ଗଣ୍ଡି ସହ ଦୁଇ ସାଇକେଲ ଜବତ, ଦୁଇ ଗିରଫ



ବଘିଆପଡା, ୧୮।୮(ଡି.ଏନ.ଏ): ବୌଦ୍ଧ ଜିଲା ବଘିଆପଡା ଓ ବୌଦ୍ଧ ସେକସନ ବନବିଭାଗ ପକ୍ଷରୁ ଚୋରା କାଠ ଗଣ୍ଡି ଚାଲାଣ ବେଳେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସୂଚନା ମୁତାବକ ବଘିଆପଡ଼ା ଓ ବୌଦ୍ଧ ସେକ୍ସନ ବନବିଭାଗ ପକ୍ଷରୁ ରାତ୍ରି ପାଟ୍ରୋଲିଂ କରାଯାଉଥିବା ସମୟରେ ବଘିଆପଡ଼ା ସେକ୍ସନର ବାଙ୍କମୁଣ୍ଡି ସଂରକ୍ଷିତ ଜଙ୍ଗଲ ନିକଟସ୍ଥ ବେରେଡାବାରି ଗ୍ରାମଠାରେ କାଠଗଣ୍ଡି ସାଇକେଲରେ ଚାଲାଣ ଖବର ପାଇ ଚଢାଉ କରାଯାଇଥିଲା। ଏହି ସମୟରେ ସାନବୁଟୁପାଲି ଗ୍ରାମର ରଞ୍ଜିତ ଜେନା ଓ ନାରାୟଣପୁର ଗ୍ରାମର ମନୋଜ କୁମାର ପାତ୍ର ସାଇକେଲରେ ଶାଗୁଆନ କାଠ ଗଣ୍ଡି ଧରି ଆସୁଥିଲେ। ବନ କର୍ମଚାରୀମାନେ ସେମାନଙ୍କୁ ଠାରୁ ଦୁଇଟି ଶାଗୁଆନ କାଠ ଗଣ୍ଡି ଓ ଦୁଇଟି ସାଇକେଲ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛନ୍ତି। ଚଢାଉରେ ବନପାଳ ସ୍ୱାଧୀନ ସାମଲ ଓ ଏମ ରାଓ, ବନରକ୍ଷୀ ସୁଶାନ୍ତ କୁମାର ସାହୁ, ପ୍ରକାଶ କୁମାର ପ୍ରଧାନ, ସୁବ୍ରତ କୁମାର ପ୍ରଧାନ, ସନ୍ତୋଷ ବାରିକ ସାମିଲ ଥିଲେ।

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ବରଗଡ଼ ଅଫିସ୍,୧୮।୮: ବରଗଡ଼ ସହର ଉପକଣ୍ଠ ପାଣିଛତର ଓଭରବ୍ରିଜ୍ ଉପରେ ଗୁରୁବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ବାଇକ୍‌କୁ ଟ୍ରକ୍ ଧକ୍କା ଦେବା ଯୋଗୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବରଗଡ଼ ବ୍ଲକ ପୋଡ଼ମୁଣ୍ଡା ଗ୍ରାମର ମୋହିତ ଗୁରୁ(୨୨)। ତାଙ୍କ ସାଙ୍ଗରେ ବସିଥିବା ଅନ୍ୟ ବାଇକ୍ ଆରୋହୀ ପ୍ରଦୀପ ଗୁରୁ(୩୬) ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଭିମସାର୍ ବୁର୍ଲା ଡାକ୍ତରଖାନାକୁ ପଠାଯାଇଛି। ବରଗଡ଼ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇଛି।

### ଗଙ୍ଗାଧର ମେହେର ଜୟନ୍ତୀ ପାଳିତ

ସୋନପୁର,୧୮।୮(ନି.ପ୍ର.): ସୁବର୍ଣ୍ଣପୁର ଜିଲା ବିନିକା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପ୍ରଧାନଶିକ୍ଷକ ନୀଳାଚଳ ମେହେରଙ୍କ ଅଧ୍ୟକ୍ଷତାରେ ଗୁରୁବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସିଦ୍ଧାର୍ଥ ଡ଼ିଗ୍ରୀ କଲେଜ ଅଧ୍ୟକ୍ଷ ଧୀରେନ୍ଦ୍ର ନାୟକ, ସମ୍ମାନିତ ଅତିଥି ଏବିଇଓ ବସନ୍ତ ଭୋଇ, ଅବସରପ୍ରାପ୍ତ କର୍ମଚାରୀ ମାନଗୋବିନ୍ଦ ମେହେର ଯୋଗଦେଇ କବିଙ୍କ ଜୀବନୀ ଓ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ସେହିପରି ବିଦ୍ୟାଳୟର କେତେକ ଛାତ୍ର କବିଙ୍କ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ କଣ୍ଠଶିଳ୍ପୀ ବିଶନାଥ ସେଠୀ ବିଶଦେଖ ମଧୁମେହ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ କୃଷ୍ଣଚନ୍ଦ୍ର ମହାକୁର ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଅଶୋକ ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ।

### ସୁବର୍ଣ୍ଣପୁର ସହରରେ ଜନ୍ମାଷ୍ଟମୀ ପାଳିତ

ସୋନପୁର,୧୮।୮(ନି.ପ୍ର.): ଅଷ୍ଟବିଷ୍ଣୁଙ୍କ ସହର ସୁବର୍ଣ୍ଣପୁରରେ ଜନ୍ମାଷ୍ଟମୀ ଆନନ୍ଦ ଉଲ୍ଲାସର ସହିତ ଗୁରୁବାର ପାଳିତ ହୋଇଯାଇଛି। ଶ୍ରୀକୃଷ୍ଣଙ୍କର ଜନ୍ମତିଥିରେ ମନ୍ଦିର ଗୁଡିକରେ ରୀତିନୀତି ଅନୁଯାୟୀ ପୂଜା କରା ଯାଇଥିଲା। ସହରର ଅଷ୍ଟବିଷ୍ଣୁଙ୍କ ମନ୍ଦିର ଗୋପାଳଜୀଉ, ଦେବାର୍ଚ୍ଚନ ଗୋପାଳଜୀଉ, ଜଗନ୍ନାଥ, ନୃସିଂହନାଥ, ଦଧିବାମନ, ରାମଜୀ, ଗୋପିନାଥ, ବୃନ୍ଦାବନ ବିହାରୀ ଓ ରାଧାକୃଷ୍ଣ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ସକାଳେ ମହାପ୍ରଭୁଙ୍କ ସ୍ନାନ ପରେ ବାଳଭୋଗ ଲାଗି ହୋଇଥିଲା। ମଧାହ୍ନରେ ବଳରାମ ଜନ୍ମ ପରେ ଫୁଲ, ଧୂପ ଓ ଦୀପ ଦ୍ୱାରା ପୁଷ୍ପାଞ୍ଜଳି ଅନୁଷ୍ଠିତ ହୋଇଥିଲା। ରାତି ସାଢେ ୭ଟାରେ କୃଷ୍ଣ ଜନ୍ମ ହୋଇଥିଲେ। ଆଡମ୍ବର ଭାବେ ପୂଜାର୍ଚ୍ଚନା ହୋଇଥିଲା। ମହିଳା ଓ ବ୍ରତଧାରୀମାନେ ଉପବାସ ରହି ବ୍ରତ ପାଳନ କରିଥିଲେ। ମନ୍ଦିର ପ୍ରାଙ୍ଗଣ ଓ ଅନ୍ୟ ସ୍ଥାନ ଗୁଡିକରେ ବ୍ରତଧାରୀମାନେ ଠାକୁରଙ୍କ ପୂଜା କରିଥିଲେ। ମନ୍ଦିରଗୁଡିକରେ ହରିବଂଶ ପାରାୟଣ ଓ ଲବଣୀଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ନନ୍ଦୋତ୍ସବ ଆୟୋଜିତ ହେବ। ଜିଲାର ସରସ୍ୱତୀ ଶିଶୁ ମନ୍ଦିର ଗୁଡିକରେ କୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଲଗାଣ ବର୍ଷାରେ ବ୍ୟାପକ କ୍ଷୟକ୍ଷତି

ଅମରପାଲି,୧୮।୮(ଡି.ଏନ.ଏ)

**ବୀରମହାରାଜପୁର ତହସିଲ**
- ଭାଙ୍ଗିଛି ଶତାଧିକ କଚ୍ଚାଘର
- ଶତାଧିକ ହେକ୍ଟର ଚାଷଜମିର ଫସଲ ନଷ୍ଟ
- ତୁରନ୍ତ କ୍ଷୟକ୍ଷତି ପ୍ରଦାନ ଦାବି

ଲଘୁଚାପ ଜନିତ ଲଗାଣ ବର୍ଷା ସାଙ୍ଗକୁ ବନ୍ୟା ପ୍ରଭାବରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ତହସିଲର ବିଭିନ୍ନ ଗ୍ରାମରେ ଶତାଧିକ କଚ୍ଚାଘର ଭାଙ୍ଗି ଯାଇଛି। ଅନେକ ସ୍ଥାନରେ ରାସ୍ତାଘାଟ ଧୋଇ ହୋଇଯାଇଛି। ବୀରମହାରଜପୁର ଉପକଣ୍ଠ ବାଗବର ପଞ୍ଚାୟତର ଭାଲିଆପଦର ଗ୍ରାମର ଟିକେଇ ହାତୀ ଓ ବିଜୟ ପ୍ରଧାନଙ୍କ କଚ୍ଚାଘର ଲଗାଣ ବର୍ଷାରେ ଭାଙ୍ଗି ପଡିଛି। ବହଲପଦର ପଞ୍ଚାୟତ ଅମରପାଲି ଗ୍ରାମର ସନତ ଦେହୁରୀ, କୁଶ କମିଲ, ପ୍ରଫୁଲ୍ଲ ସାହୁ, ବଡମାଲ ଗ୍ରାମର ଉର ଦନ୍ତା, କୁମର ପଧାନ, ବହଲପଦର ଗ୍ରାମର ବାବାଜି ବେହେରା ଓ ସାବିତ୍ରୀ ବେହେରା, ଖଣ୍ଡହତା ପଞ୍ଚାୟତ ସଦର ଗ୍ରାମର କେଶବ ପଧାନଙ୍କ କଚ୍ଚାଘର ଲଗାଣ ବର୍ଷାରେ ଭାଙ୍ଗି ଯାଇଛି।

ବନ୍ୟାରେ ନଦୀକୂଳିଆ ଗ୍ରାମର ଲୋକଙ୍କ ବେଶୀ କ୍ଷତକ୍ଷତି ହୋଇଛି। ଶତାଧିକ ହେକ୍ଟର ଚାଷଜମିର ଫସଲ ନଷ୍ଟ ହୋଇଛି। ପାଖାପାଖି ୭୭୦ହେକ୍ଟର ଚାଷଜମି ବନ୍ୟାଜଳରେ ବୁଡି ରହିଥିଲା।



ଭାଲିଆପଦର ଗ୍ରାମରେ ଭାଙ୍ଗିଥିବା କଚ୍ଚାଘର।

ଏବେବି କେତେକ ଜମି ବନ୍ୟାପାଣି ଘେରରେ ରହିଛି। ପିତାମହୁଲ ପଞ୍ଚାୟତର କୁଞ୍ଜାମହୁଲ, ଦୁରଦୁରା, ଡୁଲେଶ୍ୱର, ଟେଭାପଦର, ପିତାମହୁଲ, ସୁବଳୟା ପଞ୍ଚାୟତର ଗୋବିନ୍ଦପୁର, ନୂଆଁପଡା ସମେତ କେଲଗାଁ, ସୁବଳୟା, ଦେଉଳି, କୁମୁରସିଙ୍ଗା, ନୂଆଁଗଡ, ବରୋଘାଟ, ଖମ୍ବେଶ୍ୱରୀପାଲି, ଗୋଧନେଶ୍ୱର, କେଉଟିପାଲି ଆଦି ଗ୍ରାମବାସୀଙ୍କ ଚାଷଜମି ବନ୍ୟାପାଣିରେ ବୁଡି ରହିଥିଲା।

ଏସବୁ ଅଞ୍ଚଳର ଧାନ ଓ କପାଚାଷ ନଷ୍ଟ ହୋଇଛି। ପ୍ରଶାସନ ତୁରନ୍ତ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହେଉଛି। ବର୍ଷାରେ ଯେଉଁମାନଙ୍କ କଚ୍ଛାଘର ଭାଙ୍ଗିଛି ସେମାନଙ୍କୁ ତୁରନ୍ତ ପଲିଥିନ, କ୍ଷତିପୂରଣ ସହ ଆବାସ ଯୋଜନାରେ ସାମିଲ କରି ପକ୍କାଘର ଦେବାକୁ ଦାବି ହେଉଛି। ପ୍ରଶାସନ ତରଫରୁ ବନ୍ୟା ପ୍ରଭାବିତ ଲୋକଙ୍କ ପାଖକୁ ଯାଇ ଆବଶ୍ୟକ ସୁବିଧା କରୁଥିବା ବେଳେ କେତେକଙ୍କୁ ରନ୍ଧାଖାଦ୍ୟ ଦିଆଯାଉଥିବା ବିଡିଓ ମୋତିଲାଲ ସୁଲିଆ କହିଛନ୍ତି। ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ, ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ ବନ୍ୟା ପ୍ରଭାବିତଙ୍କୁ ଭେଟି ସମସ୍ୟାର ସମାଧାନ କରୁଛନ୍ତି।

## କବିଙ୍କ ସାହିତ୍ୟକୃତିର ପଟାନ୍ତର ନାହିଁ

ଅମରପାଲି,୧୮।୮(ଡି.ଏନ.ଏ.)

**ସୁବଳୟା କଲେଜରେ ଗଙ୍ଗାଧର ମେହେର ଜୟନ୍ତୀ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଯୁକ୍ତ +୨ ମହାବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇ ଯାଇଛି। କଲେଜ ଅଧ୍ୟକ୍ଷ ଭୋଲାନାଥ କର୍ମୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଉଲୁଣ୍ଡା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଦେବାଶିଷ ପାଣିଆ ମୁଖ୍ୟବକ୍ତାଭାବେ ଯୋଗଦେଇ କବିଙ୍କର ସାହିତ୍ୟକୃତି ସମ୍ପର୍କରେ ଆଲୋକପାତ କରିଥିଲେ। ସାଂସ୍କୃତିକ ସଂସଦ ଉପଦେଷ୍ଟା ତଥା ପ୍ରାଧ୍ୟାପକ ରମାକାନ୍ତ ପୁରୋହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। କଲେଜ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଓ ଶେଷରେ ସମାପନ ସଙ୍ଗୀତ ପରିବେଷଣ କରିଥିଲେ। ସୁବଳୟା ସଙ୍ଗୀତ କ୍ଲବ ସଭାପତି ପ୍ରଦୀପ ପୋଢ, ସଭ୍ୟ କିଶୋର ମେହେର ଓ ସତ୍ୟବାନ ମହାକୁର ସଙ୍ଗୀତ ପରିଚାଳନା କରିଥିଲେ। ଏହି ସଭାରେ ଅଧ୍ୟାପକ ଦେବାଶିଷ ପଧାନ, ସୁବ୍ରତ କୁମାର ପଣ୍ଡା, ବିଶ୍ୱମ୍ବର ଗୁରୁ, ଅଧ୍ୟାପିକା ଅନୁସୟା ସିଂ, କର୍ମଚାରୀ ଗୋପାଳ ଭୋଇ, ଦିଲୀପ କୁମାର ମେହେର, ସୁରେନ୍ଦ୍ର କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଧ୍ୟାପକ।

# ଚୁକ୍ତିଭିତ୍ତିକ କର୍ମଚାରୀଙ୍କ କଳାବ୍ୟାଜ୍ ପିନ୍ଧି ବିକ୍ଷୋଭ



କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ସୋନପୁର,୧୮।୮(ନି.ପ୍ର.)

ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଦାବିରେ ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ସପ୍ତାହବ୍ୟାପି କଳାବ୍ୟାଜ୍ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ କରିଛି। ସୁବର୍ଣ୍ଣପୁର ଜିଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ବାଣିଜ୍ୟ, ପରିବହନ, ସାମାଜିକ ସୁରକ୍ଷା, କୃଷି ଓ ପଶୁସମ୍ପଦ, ଜଙ୍ଗଲ ଏବଂ ପରିବେଶ ବିଭାଗ ଓ ଶ୍ରମ ବିଭାଗରେ କାର୍ଯ୍ୟରତ କର୍ମଚାରୀମାନେ ଗୁରୁବାର ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଓ ଚୁକ୍ତିଭିତ୍ତିକ ସମୟକୁ ମୂଳ ଚାକିରିରେ ଯୋଗ କରିବା ସଂଘର ପ୍ରମୁଖ ଦାବି ରହିଛି। ଏଥିସହ ଚୁକ୍ତିଭିତ୍ତିକ ନିଯୁକ୍ତି ସମୟରେ ମହଙ୍ଗା ଭତ୍ତା, ଘରଭଡା ଓ ସମସ୍ତ ସରକାରୀ ଆନୁସଙ୍ଗିକ ସୁବିଧା ପ୍ରଦାନ ନେଇ କର୍ମଚାରୀମାନେ କଳା ବ୍ୟାଜ୍ ପରିଧାନ କରିଛନ୍ତି। ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିକାତ୍ମକ ଆନ୍ଦୋଳନ ଜାରି ରହିବ। ରାଜ୍ୟ ସରକାର ମହାସଂଘକୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଦାବିଗୁଡିକ ପୂରଣ ନକଲେ ମହାସଂଘ ଚଳିତ ମାସ ଶେଷ ସପ୍ତାହରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସୁବର୍ଣ୍ଣପୁର ଜିଲା ସଭାପତି ଚିନ୍ମୟାନନ୍ଦ ପାଢୀ କହିଛନ୍ତି। ଆନ୍ଦୋଳନରେ ସ୍ୱରୂପ ରଞ୍ଜନ ପୂଜାରୀ, ସୁଶିଲ କୁମାର ମହାପାତ୍ର, ଭଞ୍ଜ ରାୟ, ଉମାଶଙ୍କର ହୋତା, ଗୋପାଳ କର ଓ ମଣ୍ଟୁ ମହାରଣା ସାମିଲ ଥିଲେ।

## ଶିଶୁ ବିକାଶ ମନ୍ଦିରରେ ଜନ୍ମାଷ୍ଟମୀ

ସୋନପୁର,୧୮।୮(ନି.ପ୍ର): ପବିତ୍ର ଜନ୍ମାଷ୍ଟମୀ ତଥା ଭଗବାନ ଶ୍ରୀ କୃଷ୍ଣଙ୍କ ଜନ୍ମ ଦିନ ବିନିକା ସହର ସମେତ ବ୍ଲକ ଅଞ୍ଚଳର ପାଳିତ ହୋଇଯାଇଛି। ଏହି ଅବସରରେ ଉପବାସ କରିଥିବା ମହିଳାମାନେ ପୂଜା ସାମଗ୍ରୀ ଧରି ମନ୍ଦିର, କ୍ଲବ, ପାଠାଗାର ଆଦି ସ୍ଥାନରେ ଆୟୋଜିତ ପୂଜା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସେହିପରି ବିନିକା ଶିଶୁ ବିକାଶ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଅଧ୍ୟୟନରତ ଛାତ୍ରମାନେ କୃଷ୍ଣବେଶରେ ଓ ଛାତ୍ରୀମାନେ ରାଧାବେଶରେ ସଜ୍ଜିତ ହୋଇଥିଲେ। ଭଗବାନ ଶ୍ରୀ କୃଷ୍ଣଙ୍କ ବାଲ୍ୟ ଲୀଳା ଛାତ୍ରଛାତ୍ରୀ ମାନଙ୍କ ଦାରା ପ୍ରଦର୍ଶିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ସୁମତି ବାଗ ଓ ଶିଶୁ କଳିକା ପ୍ରମୁଖ ରିକୀ ମେହେରଙ୍କ ପ୍ରତ୍ୟ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ୨୬ୟୁନିଟ ରକ୍ତ ସଂଗ୍ରହ

ଅମରପାଲି,୧୮।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ସହଯୋଗ ସେବା ସଂଗଠନ ଓ ସ୍ଥାନୀୟ ମହାବିଦ୍ୟାଳୟର ରେଡକ୍ରସ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସହଯୋଗ ସଙ୍ଗଠନ ସଭାପତି ଦେବଦତ୍ତ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ପୂର୍ବତନ ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ଼.ପ୍ରଫୁଲ୍ଲ କୁମାର ରଥ ମୁଖ୍ୟଅତିଥିଭାବେ ଯୋଗଦେଇ ଥିଲେ। ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ରକ୍ତଦାତା ପରାମର୍ଶଦାତା ମନୋଜ ପଣ୍ଡା, ଅଧ୍ୟାପକ ପ୍ରକାଶ ସେଠ, ଏନସିସି ଅଧ୍ୟାପକ ସୂର୍ଯ୍ୟନାରାୟଣ ପଣ୍ଡା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ସାମାଜିକ କର୍ମୀ ମୀନକେତନ ମହାକୁର ଯୋଗଦାନ କରିଥିଲେ। ଶିବିରରେ ୨୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ଅନୁଷ୍ଠାନର ସମ୍ପାଦକ ପ୍ରକାଶ ପ୍ରଧାନ, ଟିଟୁ ପଣ୍ଡା, ଅରବିନ୍ଦ ରଣା, ଆୟୁଷ ଅଗ୍ରୱାଲ, ସୁଶାନ୍ତ ପୁରୋହିତମ୍‌ଙ୍କ ସହ ସମସ୍ତ ରକ୍ତଦାତାଗଣ ଉପସ୍ଥିତ ଥିଲେ।



ଜଣେ ରକ୍ତଦାତା ରକ୍ତଦାନ କରୁଛନ୍ତି।

## ବିପୁଳ ପରିମାଣର ଗଞ୍ଜେଇ ଜବତ: ୨ଅଟକ

ବାଉଁଶୁଣୀ, ୧୮।୮(ଡି.ଏନ.ଏ.)

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ପକ୍ଷରୁ ପୃଥକ ପୃଥକ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣରେ ଗଞ୍ଜେଇ ସହ ଏକ ବୋଲେରୋ ଗାଡ଼ି ଜବତ କରାଯାଇଛି। ଦୁଇ ଜଣଙ୍କୁ ଅଟକ ରଖାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ବାଉଁଶୁଣୀ ଥାନା ସବ୍‌ଇନ୍ସପେକ୍ଟର ସସ୍ମିତା ମଗରଙ୍କ ତତ୍ତ୍ୱାବଧାନରେ ଗୁରୁବାର ରାତିରେ ଗୁନ୍ଦୁଳିଆ ଦେଇ ବାଉଁଶୁଣୀ ଅଭିମୁଖେ ଗଞ୍ଜେଇ ଗାଡି ଆସୁଥିବା ଖବର ପାଇଥିଲେ। ଖବର ପାଇ ଏକ ଟିମ୍ ଗଠନ କରି କରଡାପଡା ଛକ ନିକଟରେ ଛପି ବସିଥିଲେ। ହଠାତ ସେହି ସମୟରେ ଗୁନ୍ଦୁଳିଆରୁ ବାଉଁଶୁଣୀ ଅଭିମୁଖେ ଆସୁଥିବା ଏକ ବୋଲେରୋ ଗାଡି ଓଡି ୦୨ ଏଆର୍ ୩୧୨୫ ଦୃତ ଗତିରେ ଆସୁଥିଲା। ଗାଡିକୁ ଅଟକାଇବାରୁ ଗାଡିଟି ଅଟକି ନ ଥିଲା। କରଡାପଡା ଛକ ନିକଟରେ ଗାଡିଟିକୁ ଅଟକାଇଥିଲେ। ହେଲେ ଗାଡିରେ ଥିବା ଗଞ୍ଜେଇ ଚାଲାଣକାରୀମାନେ ପୋଲିସକୁ ଦେଖି ଗାଡି ଛାଡି ପଳାଇଥିଲେ। ହେଲେ ଘଟଣାସ୍ଥଳରୁ ଜଣେ ଯୁବକଙ୍କୁ ଆଣି ପଚରାଉଚରା କରୁଥିବା ଜଣାପଡିଛି। ଗୁରୁବାର ଦିନ ୨ଟା ସମୟରେ ପୁଣି ଏକ ଗାଡି ଝାରମୁଣ୍ଡାରୁ ବୌଦ୍ଧ ଅଭିମୁଖେ ଯାଉଥିଲା। ପୋଲିସ ଅଟକାଇ ତନଖି କଲା ପରେ ଗାଡ଼ିରୁ ବିପୁଳ ପରିମାଣର ଗଞ୍ଜେଇ ବାହାରି ଥିଲା। ଗାଡି ଓ ଜଣେ ଗଞ୍ଜେଇ ମାଫିଆକୁ ଥାନାକୁ ଆଣି ଅଟକ ରଖି ତଦନ୍ତ ଚଳାଇଥିବା ଥାନା ଅଧିକାରୀ କହିଛନ୍ତି।

## ଶିଶୁ ମନ୍ଦିରରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା

ଅମରପାଲି, ୧୮।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ଅବସରରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା କରାଯାଇଛି। ଶିଶୁ ବିଦ୍ୟାମନ୍ଦିରର ୧୫୦ଜଣ ଶିଶୁ ଭଉଣୀଭାଇ ବିଭିନ୍ନ ବେଶରେ ଆସିଥିଲେ। ଶ୍ରୀକୃଷ୍ଣ, ଯଶୋଦା, ବସୁଦେବ, ବଳରାମ, ନନ୍ଦରାଜା, ଗୋପବାଳକ ଆଦି ବିଭିନ୍ନ ବେଶରେ ଶିଶୁ ମାନେ ଗ୍ରାମ ପରିକ୍ରମା କରିଥିଲେ। ରାଧାକୃଷ୍ଣ ବେଶ ପ୍ରତିଯୋଗିତାରେ ସ୍ୱସ୍ତିକ କୁମାର ସାହୁ ପ୍ରଥମ, ନିରୂପମା ଘିବେଲା ଦ୍ୱିତୀୟ ଓ କୃଷ୍ଣଚନ୍ଦ୍ର ନୂଆଁଇ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ।



ଶିଶୁମାନେ ରାଧାକୃଷ୍ଣ ବେଶରେ ଗ୍ରାମ ପରିକ୍ରମା କରୁଛନ୍ତି।

## ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ

ଡୁଙ୍ଗୁରିପାଲି, ୧୮।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଶିଶୁ ବିଦ୍ୟା ମନ୍ଦିରରେ ଗୁରୁବାର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଶିଶୁ ଭଉଣୀଭାଇମାନେ ରାଧାକୃଷ୍ଣ, ଗୋପି ଗୋପାଳ ବେଶରେ ସଜ୍ଜିତ ହୋଇଥିଲେ। ମୁଖ୍ୟ ଅତିଥିଭାବେ ଲକ୍ଷ୍ମୀଧର ନାୟକ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ ସହ ଜନ୍ମାଷ୍ଟମୀର ମହତ୍ତ୍ୱ ବିଷୟରେ ମାର୍ଗ ଦର୍ଶନ କରିଥିଲେ। ଏହା ପରେ ମୁଖ୍ୟ ଅତିଥି ଓ ପ୍ରଧାନ ଆଚାର୍ଯ୍ୟ ବେଶରେ ଥିବା ଭଉଣୀ ଭାଇଙ୍କୁ ଝୁଲଣାରେ ଝୁଲାଇଥିଲେ।

# ଶିଶୁଙ୍କ ଦୃଶ୍ୟାଭିନୟ ଥିଲା ଚିତ୍ତାକର୍ଷକ

ବରଗଡ଼ ଅଫିସ୍/ଅତାବିରା,୧୮।୮

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁବାର ଜନ୍ମାଷ୍ଟମୀ ପାଳିତ ହୋଇଛି। ଏହି ଅବସରରେ ଶିଶୁମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଥିଲେ। ଶିଶୁଙ୍କ ଦୃଶ୍ୟାଭିନୟ ଚିତ୍ତାକର୍ଷକ ଥିଲା। ବରଗଡ଼ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଓଡ଼ିଆ ବିଭାଗ)ରେ ଭଟଲି ବ୍ଲକ ଶିକ୍ଷାଧିକାରୀ ସରୋଜ ଭୁଏ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଶିକ୍ଷା ବିକାଶ ସମିତି ପ୍ରାନ୍ତ ପ୍ରାଥମିକ ବିଭାଗ ଶୈକ୍ଷିକ ସଂଯୋଜକ ଖଗେଶ୍ୱର ଦାଶ, ପଶ୍ଚିମ ସମ୍ଭାଗ ସଂଯୋଜକ ଜ୍ୟୋତିରଞ୍ଜନ ମିଶ୍ର, ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, ସଦସ୍ୟା ବିଷ୍ଣୁପ୍ରିୟା ବେହେରା, ବିଦ୍ୟା ମନ୍ଦିର ବିଭାଗ ଦିବା ଅଧିବେଶନ ପ୍ରମୁଖ ସତ୍ୟାନନ୍ଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବରେ ରାଧାକୃଷ୍ଣ ବେଶଧାରୀ ଶିଶୁଙ୍କ ପୂଜନ, ଦୋଳିଝୁଲା, ଦଧିହାଣ୍ଡି ଭଙ୍ଗା ଆଦି କାର୍ଯ୍ୟକ୍ରମ ହୋଇଥିଲା। କୁଳମଣି ଭୋସାଗର ଏବଂ ତନୁଜା ପାଢ଼ୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଗୁରୁମା ପ୍ରତିତୀ ପଣ୍ଡା ସଂଯୋଜନା କରିଥିଲେ।

ସେହିପରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ହିନ୍ଦୀ ବିଭାଗ)ରେ ସଂକୁଳ ସଂଯୋଜକ ଜ୍ୟୋତିରଞ୍ଜନ ମିଶ୍ର, ପ୍ରାନ୍ତ ଶୈକ୍ଷିକ ପ୍ରମୁଖ ଖଗେଶ୍ୱର ଦାଶ, ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି କମଳ କୁମାର ଯୋଶୀ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଗାଇସିଲେଟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପତଞ୍ଜଳି ଜିଲା ପ୍ରଭାରୀ ନବୀନ କୁମାର ତ୍ରିପାଠୀ, ସ୍ତ୍ରୀ ଶକୁନ୍ତଳା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅଶ୍ୱିନୀ କୁମାର ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ସୁଦର୍ଶନ ବାରିକ, ନବୀନ ଚନ୍ଦ୍ର ସାହୁ, କୁମୁଦ ଚନ୍ଦ୍ର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଦିବ୍ୟକିଶୋର ପଣ୍ଡା, ସମ୍ପାଦକ ସଞ୍ଜୟ କୁମାର ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ଭେଡ଼େନ ବ୍ଲକ ଖୁଣ୍ଟୁଲିପାଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରବଚକ ପ୍ରଫୁଲ୍ଲ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟର କୋଷାଧ୍ୟକ୍ଷ ସନାତନ ମିଶ୍ର, ଉଦୟ କୁମାର ପୁରୋହିତ, ଡୋଲାମଣି ସେଠ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ଶଙ୍କର୍ଷଣ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଠାରେ ମଧ୍ୟ ଶିଶୁମାନେ ରାଧା, କୃଷ୍ଣ, ବଳରାମ, ସୁଦାମା, ଗୋପୀ, ଗୋପାଳ ବେଶରେ ସଜ୍ଜିତ ହୋଇଥିଲେ।




ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଓଡ଼ିଆ ବିଭାଗ)ରେ ରାଧାକୃଷ୍ଣ ବେଶରେ ଶିଶୁମାନେ।

**ଯୋଗଧ୍ୟାନ ସାଧନା ଶିବିର**

**ଲୋଇସିଂହା,(ଡି.ଏନ.ଏ):** ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ଅଗ୍ରସେନ ଭବନଠାରେ ସ୍ଥାନୀୟ ପାତଞ୍ଜଳି ଯୋଗ ସମିତି ଆନୁକୂଲ୍ୟରେ ଅଷ୍ଟଦିବସୀୟ ଯୋଗଧ୍ୟାନ ସାଧନା ଶିବିର ଗୁରୁବାର ଉଦଘାଟିତ ହୋଇଯାଇଛି । ଯୋଗଗୁରୁ ରାମଚନ୍ଦ୍ର ସାହୁ ଓ ଜ୍ୟୋତିପ୍ରକାଶ ସାହୁ ଯୋଗଶିକ୍ଷା ଦେଇଥିଲେ । ଜିଲା ପ୍ରଭାରୀ ଆଶୋକ କୁମାର ଅଗ୍ରୱାଲ ମଞ୍ଚ ପରିଚାଳନା କରିଥିଲେ । ଯୋଗ ଏବଂ ଯଜ୍ଞ ଦ୍ୱାରା କିଭଳି ଲୋକେ ସୁସ୍ଥ ଓ ନିରୋଗ ଜୀବନଯାପନ କରିବେ ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା । ଶିବିରରେ ଲୋଇସିଂହା ଓ ଆଖପାଖ ବିଭିନ୍ନ ଗ୍ରାମରୁ ଲୋକେ ଆସି ଯୋଗସାଧନ ଶିକ୍ଷାଲାଭ କରିଥିଲେ ।

# ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ରାସ୍ତା ମରଣଯନ୍ତା

**ଖଡ଼ିଆଲ,୧୮।୮(ଡି.ଏନ.ଏ.)**



ନୂଆପଡ଼ା ଜିଲା ଖଡ଼ିଆଲ ପୂର୍ତ୍ତ ବିଭାଗ ଅଧୀନ ଖଡ଼ିଆଲ ବ୍ଲକ ଛକଠାରୁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ଦୀର୍ଘ ଦୁଇ ତିନି କି.ମି. ରାସ୍ତା ଦୀର୍ଘ ଦିନ ହେବ ମରଣଯନ୍ତା ପାଲଟିଛି । ଏହି ରାସ୍ତା ଦେଇ ଚନାବେଡା, ଭୋଜପୁର, ଭୁଲିଆ ସିକୁଆ ଆଦି ପଞ୍ଚାୟତର ହଜାର ହାଜର ଲୋକେ ନିର୍ଭର କରୁଥିବା ବେଳେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଏ ନେଇ ଜନସାଧାରଣ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି । ଏହି ରାସ୍ତାରେ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ବେଳେ ଅନେକ ଲୋକଙ୍କ ଜୀବନହାନି ହୋଇଥିବା ଅଭିଯୋଗ ହେଉଛି । ଏହି ରାସ୍ତାରେ ସହରର ଦମକଳ କେନ୍ଦ୍ର, କାରାଗର, ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ତହସିଲ ଅଫିସ, କୋର୍ଟ, ଜଳ ସେଚନ ବିଭାଗ ଆଦି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଥିବାରୁ ଦୈନିକ ଶହଶହ ଲୋକ ଯାଆଆସ କରିଥାନ୍ତି । ଏହି ବିଷୟରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ କିଶୋର କୁମାର ପଣ୍ଡାଙ୍କୁ ପଚାରିବାରୁ ବର୍ଷା କମିବା ପରେ ରାସ୍ତା ମରାମତି କରାଯିବ ବୋଲି କହିଛନ୍ତି । ଏହି ରାସ୍ତାର ଉଭୟ ପାର୍ଶ୍ୱରେ ମହାଜନୀ ଜାଗା ଥିବାରୁ ଲୋକେ ଜାଗା ଛାଡୁନାହାନ୍ତି, ଏଥିପାଇଁ ଏହି ରାସ୍ତା କାମ ସମ୍ପୂର୍ଣ୍ଣ ରୂପେ କରି ହୋଇପାରୁନି ବୋଲି କହିଥିଲେ । ଜିଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହେଉଛି ।

# ରାଧାକୃଷ୍ଣ ବେଶରେ ସଜେଇ ହେଲେ ଛାତ୍ରୀଛାତ୍ର



ଗୁରୁମା, ଗୁରୁଜୀଙ୍କ ଗହଣରେ ରାଧାକୃଷ୍ଣ ବେଶରେ ସଜେଇ ହୋଇଥିବା ପିଲାମାନେ ।

**ମୁରିବାହାଲ,୧୮।୮(ଡି.ଏନ.ଏ )**

ବଲାଙ୍ଗୀର ଜିଲା ମୁରିବାହାଲ ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁବାର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି । ପ୍ରଧାନଗୁରୁଜୀ ସୁମନାନନ୍ଦ ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିଶୁମନ୍ଦିର କୋଷାଧ୍ୟକ୍ଷ ତରୁଣ ପୋଢ଼ ମୁଖ୍ୟ ଅତିଥିଭାବେ ଗୋଗଦେଇ ଉଦ୍‌ଘାଟନ କରିଥିଲେ । ପରେ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ଶ୍ରୀକୃଷ୍ଣ, ରାଧା ଓ ସୁଦାମ ବେଶରେ ସଜିତ ହୋଇ ମୁରିବାହାଲ ନଗର ପରିକ୍ରମା କରିଥିଲେ । ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ସୁସଜିତ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କଟାଯାଇଥିଲା । କାର୍ଯ୍ୟକ୍ରମକୁ ଜ୍ୟୋତିର୍ମୟୀ ଛନ୍ଦ, ନିଳେନ୍ଦ୍ରୀ ନାଗ, ମନ୍ଦାକିନୀ ଅଗସ୍ତି, ସଂଯୁକ୍ତା ମହାକୁର, ଯମୁନା ମହାନନ୍ଦ, ଯଶୋବନ୍ତି ଖରସେଲ, ସୋନିଆ ଭୋଇ, ଭଗବାନ ପଧାନ ସହଯୋଗ କରିଥିଲେ ।

# ଅମୃତ ସରୋବର ଚୟନକୁ ନେଇ ବିବାଦ

**ସଇଁତଲା, ୧୮।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କନ୍ଧକେଲଗାଁ ପଞ୍ଚାୟତରେ ଅମୃତ ସରୋବର ଯୋଜନାରେ ପୋଖରୀ ଚୟନକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଏହାକୁ ନେଇ ଗତ ଅଗଷ୍ଟ ୧୫ରେ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ବିରୋଧରେ ବିକ୍ଷୋଦ୍‌ଗାର କରିବା ସହ ପଞ୍ଚାୟତ କାର୍ଯ୍ୟାଳୟରେ ତାଲ ପକାଇ ଦେଇଥିଲେ । ଏ ସମ୍ପର୍କିତ ଭିଡ଼ିଓ ଏବେ ଭାଇରାଲ ହୋଇଛି । ଘଟଣାରୁ ଜଣାଯାଏ କନ୍ଧକେଲଗାଁ ପଞ୍ଚାୟତ ପାଇଁ ଆସିଥିବା ଅମୃତ ସରୋବର ଯୋଜନାରେ ଗୋଟିଏ ପୋଖରୀକୁ ସାମିଲ କରିବା ପାଇଁ ବ୍ଲକ କାର୍ଯ୍ୟାଳୟ ତରଫରୁ କୁହାଯାଇଥିଲା । କୌଣସି ଗ୍ରାମସଭା ନ କରି ପଞ୍ଚାୟତ କର୍ତ୍ତୃପକ୍ଷ କନ୍ଧକେଲଗାଁ ଶିବମନ୍ଦିର ପୋଖରୀକୁ ଯୋଜନାରେ ସାମିଲ ନ କରି ପଞ୍ଚାୟତ ଅଧୀନ ବିରାଟକାନୀ ଗ୍ରାମ ପୋଖରୀକୁ ସାମିଲ କରିଥିବା ଲୋକେ ଅଭିଯୋଗ କରିଛନ୍ତି । ସେହିଭଳି ଚଳିତ ବର୍ଷ ପୋଖରୀ ଉନ୍ନତୀକରଣ ପାଇଁ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଉକ୍ତ ପଞ୍ଚାୟତରେ ଅର୍ଥ ତୋଷାରପାତ କରାଯାଇଥିବା ଅଭିଯୋଗ ହୋଇଛି । ବିଡ଼ିଓ ଚନ୍ଦ୍ରମଣୀ ନାଗଙ୍କୁ ଅଭିଯୋଗ ସମ୍ପର୍କରେ ପଚାରିବାରୁ ଗ୍ରାମରେ ଥିବା ପୋଖରୀକୁ ଆଦର୍ଶ ଯୋଜନାରେ ସାମିଲ କରି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି ।

# ପାଇପ୍ ପାଣିରେ ବ୍ଲିଚିଂ ପାଉଡର ପ୍ରୟୋଗ ଦାବି

**ଖଡ଼ିଆଲଖଡ଼ିଆଲ,୧୮।୮(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଚିନ୍ଦାଗୁଡା ପଞ୍ଚାୟତ ଅନ୍ତର୍ଗତ ଦମାପଳା, ଚିନ୍ଦାଗୁଡା ଓ ଖଇରପଦର ଗ୍ରାମକୁ ଖଡ଼ିଆଲ ଜଳ ଓ ପରିମଳ ବିଭାଗ ପକ୍ଷରୁ ସୁନ୍ଦର ନଦୀରୁ ପାଇପ ଯୋଗେ ସ୍ୱଚ୍ଛ ପିଇବା ପାଣି ଯୋଗାଇ ଦିଆଯାଉଛି । ହେଲେ ଏହି ପାଣିରେ ବିଭିନ୍ନ ଜୀବାଣୁଗୁଡ଼ିକ ଦେଖିବାକୁ ମିଳୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବିଭାଗୀୟ ଅଧିକାରୀ ପାଇପ ଯୋଗେ ଯୋଗାଇ ଦିଆଯାଉଥିବା ପାଣିରେ ବ୍ଲିଚିଂ ପାଉଡର କିମ୍ବା କୌଣସି ଜୀବାଣୁ ନାଶକ ଔଷଧ ପ୍ରୟୋଗ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଆଖପାଖ ଗାଁ ଗଣ୍ଡାରେ ଏହି ବର୍ଷା ସମୟରେ ଝାଡ଼ାବାନ୍ତି ବ୍ୟାପୁଥିବାରୁ ଲୋକେ ଆତଙ୍କିତ ହେଉଛନ୍ତି । ସୁନ୍ଦର ନଦୀରୁ ପାଇପ ଯୋଗେ ପାଣି ଆସି ପଞ୍ଚାୟତ ସମ୍ମୁଖରେ ଥିବା ଓଭରହେଡ୍ ଟାଙ୍କିରେ ଗଚ୍ଛିତ ହେବା ପାରେ ଗ୍ରାମଗୁଡିକୁ ପାନୀୟ ଜଳ ଆବଣ୍ଟନ କରାଯାଇ ଥାଏ । ଗଚ୍ଛିତ ପାଣି ବଣ୍ଟନ ହେଉଥିବାରୁ ଲୋକଙ୍କ ମନରେ ଭୟ ହେଉଛି । ଏହା ସହିତ ଗ୍ରାମଗୁଡିକୁ କମ ସମୟ ପାଇଁ ପାଣି ଯୋଗାଣ ହେଉଥିବାରୁ ଅଧିକାଂଶ ଲୋକେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି । ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବବାକୁ ସାଧାରଣରେ ଦାବି ହେଉଛି ।

# ଜନ୍ମାଷ୍ଟମୀରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ଦେଓଗାଁ,୧୮।୮(ଡି.ଏନ.ଏ)**



ବିଭିନ୍ନ ବେଶରେ ସଜ୍ଜିତ ଶିଶୁ ଭଉଣୀଭାଇମାନେ ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ହାତିସରା ଜଗନ୍ନାଥ ମନ୍ଦିର ପରିସରରେ ଜନ୍ମାଷ୍ଟମୀ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦେଓଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଭଉଣୀ ଭାଇମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇଥିଲେ । ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ସାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସମିତି ସଭ୍ୟ ବିଶ୍ୱଜିତ ପାତ୍ର, ସରପଞ୍ଚ କେଲୋ ଡାଙ୍ଗ ମଞ୍ଚାସୀନ ଥିଲେ । ଭବାନୀ ଶଙ୍କର ପୁରୋହିତ ଭାଗବତ ପଠନ କରିଥିଲେ । ଏହି ଅବସରରେ ଶିଶୁ ଭଉଣୀ ଭାଇମାନେ ଶ୍ରୀକୃଷ୍ଣ, ବଳରାମ, ସୁଦାମା, ସଖା, ସୁବଳ, ନନ୍ଦ, ଯଶୋଦା, ଶ୍ରୀରାଧା, ଗୋପୀଙ୍କ ବେଶରେ ସଜ୍ଜିତ ହୋଇଥିଲେ । ପୂଜାର୍ଚ୍ଚନା ପରେ ଝୁଲଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପରେ କୁନୁ ସାହୁଙ୍କ ପରିଚାଳନାରେ ଆଧ୍ୟାତ୍ମିକତାଭିତ୍ତିକ ଦଳଗତ, ଏକକ ନୃତ୍ୟଗୀତ ପରିବେଷଣ ମନମୁଗ୍ଧକର ହୋଇଥିଲା ।

# ଚିକିତ୍ସାଳୟ ସମସ୍ୟା ନେଇ ଆଲୋଚନା କଲେ ମନ୍ତ୍ରୀ

**ଗୁଡ଼ଭେଲା,୧୮।୮(ଡି.ଏନ.ଏ.)**



ତୁଷୁରା ଡାକ୍ତରଖାନାରେ ଡାକ୍ତରଙ୍କ ସହ ମନ୍ତ୍ରୀ ଟୁକୁନୀ ସାହୁ ଆଲୋଚନା କରୁଛନ୍ତି ।

ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ ଗୁରୁବାର ତୁଷୁରା ଏନଏସିର ବିଭିନ୍ନ ଅଞ୍ଚଳ ଗସ୍ତ କରିଛନ୍ତି । ତୁଷୁରା ପ୍ରାଥମିକ ଚିକିତ୍ସାଳୟ ଡାକ୍ତର ଲଲାଟେନ୍ଦୁ ନାୟକଙ୍କ ସହ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ନେଇ ସେ ଆଲୋଚନା କରିଥିଲେ । ପରେ ଧାନଘରାସ୍ଥିତ କୃଷ୍ଣଗୁରୁ ଆଶ୍ରମକୁ ଯାଇ ଜନ୍ମାଷ୍ଟମୀ ଉତ୍ସବରେ ଯୋଗ ଦେଇଥିଲେ । ତୁଷୁରା ଅବସରପ୍ରାପ୍ତ କର୍ମଚାରୀଙ୍କ ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ସ୍ୱାଗତ ଜ୍ଞାପନ କରାଯିବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମରେ ତୁଷୁରା ଏନଏସି ଅଧ୍ୟକ୍ଷ ଅଜୟ କୁମାର ଜୟସ୍ୱାଲ, ବରିଷ୍ଠ ବିଜେଡି ନେତା ଅରୁଣ ପ୍ରଧାନ, ନନ୍ଦଲାଲ ଜୟସ୍ୱାଲ, ସୁରେଶ ଅଗ୍ରୱାଲ ଓ ରାଜା ବଗର୍ତ୍ତୀଙ୍କ ସହ ବିଜେଡିର ବହୁ କାଉନସିଲର, କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ସୁପାରି କିଲର ସହ ୩ ଅଟକ

**ବଲାଙ୍ଗୀର ଅଫିସ,୧୮।୮**

**ମା' ସମ୍ମୁଖରେ ପୁଅକୁ ହାଣି ହତ୍ୟା ଘଟଣା**

- **ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ସ୍ୱତନ୍ତ୍ର ଟିମ୍‌ର ତନାଘନା**
- **ସିସିଟିଭି ଯାଞ୍ଚ କରି ତଦନ୍ତ ଆଗକୁ ବଢୁଛି: ଏସ୍‌ଡିପିଓ**

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ମଙ୍ଗଳବାର ସକାଳେ ଅଜୁ ଦୋରା (୨୫)ଙ୍କୁ ହତ୍ୟା କରାଯାଇଥିଲା । ଏହି ଘଟଣାରେ ସମ୍ପୃକ୍ତ ୩ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି । ଅଟକ ତିନି ଜଣଙ୍କ ମଧ୍ୟରେ ଜଣେ ସୁପାରି କିଲର ଥିବା ଜଣାପଡିଛି । ପାରିବାରିକ ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡିଛି । ହତ୍ୟା ରହସ୍ୟ ଉନ୍ମୋଚନ କରିବା ଏବଂ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତନାଘନା ଚଲାଇଛି । ପୋଲିସ ବିଭିନ୍ନ ଦିଗକୁ ଅନୁସନ୍ଧାନ କରୁଥିବା ଏସଡିପିଓ ତୋଫାନ ବାଗ କହିଛନ୍ତି । ହତ୍ୟା କରିବା ପୂର୍ବ ଏବଂ ପର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି । ଏହାକୁ ପୋଲିସ ଯାଞ୍ଚ କରୁଛି । କେଉଁମାନେ ହତ୍ୟା କରିଛନ୍ତି ଏବଂ ଏଥିରେ କଣ କାରଣ ରହିଥିଲା ତାକୁ ପୋଲିସ ଜାଣିଥିବା ଜଣାପଡିଛି । ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ କାମ କରୁଛି । ମଙ୍ଗଳବାର ହସ୍ପିଟାଲ ପରିସରରେ ଇଡଲି ଠେଲା ଖୋଲିବାକୁ ଏକ ସ୍କୁଟିରେ ଅଜୁ ତାଙ୍କ ମାଆ ଜୟନ୍ତୀ ଦୋରାଙ୍କୁ ବସାଇ ଆସୁଥିବାବେଳେ ହସ୍ପିଟାଲ ପରିସରସ୍ଥ ସିକ୍ୟୁରିଟି ଅଫିସ ସମ୍ମୁଖରେ ଦୁଇଜଣ ମୁଖାପିନ୍ଧା ଯୁବକ ଏକ ଖଣ୍ଡାରେ ଅଜୁଙ୍କୁ ହାଣି ଦେଇଥିଲେ । ଏଥିରେ ଅଜୁଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ମା' ଗୁରୁତର ଆହତ ହୋଇଥିଲେ ।


**GOVERNMENT OF ODISHA**
**HEALTH & FAMILY WELFARE DEPARTMENT**
**NOTICE**

**FileNo.PT1-HFW-MSIII-MSNG3M-0015-2019 18143/H, Dated 16.08.2022**

**No.E-395:**The Orientation Programme for newly recruited Laboratory Technicians under Health & Family Welfare Department as per the recommendation of OSSSC will be held at State Convention Centre, Loka Seva Bhawan, Bhubaneswar and at District Head Quarters on 19.08.2022 at 5.30 P.M.

They will report before the concerned CDM & PHOs / Superintendent, MC & Hs on date. 19.08.2022 at 9.30 AM for receipt of appointment orders.

The details of the concerned newly recruited Laboratory Technicians are available with the concerned CDM & PHOs/ Superintendent, MC & Hs and also available in Health & FW Department website http//www.odisha.gov.in/ health portal/ index.html and the website of Director of Health Services, Odisha - dhsodisha.nic.in.

They are also requested to attend the event as per the above programme.

**For any clarification, Please contact**
**Shri Saroja Kumar Behera**
**Deputy Secretary to Government**
**Mob. No.-9437337167**

**Sd./- Additional Secretary to Government**
**OIPR-10001/11/0031/2223**


# ଆଶ୍ରମ ସ୍କୁଲ ପରିଦର୍ଶନ କଲେ ରାଜ୍ୟ ସଭା ସାଂସଦ

**ଟିଟିଲାଗଡ଼, ୧୮।୮(ଡି.ଏନ.ଏ):** ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି ଗୁରୁବାର ଟିଟିଲାଗଡ ବ୍ଲକରେ ଏସ୍‌ସି, ଏସ୍‌ଟି ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ଚାହାଁରଭଟା ଏସସିଏସଟି ଉଚ୍ଚ ବିଦ୍ୟାଳୟ ଗସ୍ତ ସମୟରେ ଛାତ୍ରୀନିବାସ ପାଇଖାନାରେ କବାଟ ନଥିବା ଛାତ୍ରୀମାନେ ଅଭିଯୋଗ କରିଥିଲେ । ବିଦ୍ୟାଳୟରେ ୩୬୭ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଶ୍ରେଣୀଗୃହର ଅଭାବ ଦେଖାଦେଇଛି । ଛାତ୍ରୀନିବାସ, ରୋଷେଇ ଗୃହ କିମ୍ବା ଭୋଜନ କକ୍ଷ ନାହିଁ । ବିଦ୍ୟାଳୟକୁ ୫-ଟିରେ ସାମିଲ କରାଯାଇଥିବା ବେଳେ ଚାରୋଟି ପୁରୁଣା କୋଠରିକୁ ରଙ୍ଗବେରଙ୍ଗ କରି କିଛି ଚୌକିଟେବୁଲ ପକାଯାଇଛି । ୫-ଟି ବିଜ୍ଞାନାଗାର ନାମିତ ହୋଇଛି ହେଲେ କୌଣସି ବିଜ୍ଞାନ ଉପକରଣ ଦିଆଯାଇନାହିଁ । ବିଦ୍ୟୁତ ସଂଯୋଗ ହୋଇନାହିଁ । ସେହିପରି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଦିଆଯାଇଥିବା ଜଳ ସଂଯୋଗ ବିଚ୍ଛିନ୍ନ ହୋଇ ଯାଇଥିବାରୁ ଅନ୍ତେବାସୀ ପାନୀୟ ଜଳ ତଥା ସ୍ନାନଶୌଚ ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଦ୍ୟାଳୟରେ ୧୨ ଶିକ୍ଷକ ପଦ ମଧ୍ୟରୁ ବିଜ୍ଞାନ, ଗଣିତ, ସଂସ୍କୃତ ଶିକ୍ଷକ ଆଦି ୫ ଶିକ୍ଷକ ପଦ ଖାଲି ରହିଛି । ପରେ ସାଂସଦ ବିଶି କତରକେଲସ୍ଥିତ ଏସସି, ଏସଟି ଆଶ୍ରମ ବିଦ୍ୟାଳୟ ଗସ୍ତ କରିଥିବା ବେଳେ ସେଠାରେ ଛାତ୍ରୀମାନେ ଖୋଲାରେ ସ୍ନାନ କରୁଥିବା ଦେଖିବାକୁ ପାଇଥିଲେ । ଗସ୍ତ ସମୟରେ ଜିଲା ଆଦିବାସୀ ସଂଗଠକ ଥବିର ପୂଝାରି, ଟିଟିଲାଗଡ ନଗର ସଭାପତି ନିତ୍ୟା ମାଝି, ଜଗନ୍ନାଥ ମାଝି, ଗୋଲକସିଂ ଭୋଇ, ଦିଲୀପ ମାଝି ପ୍ରମୁଖ ଉପସ୍ଥିତ ଥିଲେ ।


**DIRECTORATE OF MEDICAL EDUCATION & TRAINING,ODISHA**
**NO 9892// BBSR, Date-17.08.2022**
**NOTICE**
**ADMISSION NOTICE FOR ANM, GNM, BASIC B.SC, P.B.B.SC., M.SC&P.B.DIPLOMA NURSING COURSES-2022-23**

**No.KK-118:**Online Application are invited from the eligible candidates for admission to ANM, GNM, BASIC B.Sc, P.B.B.Sc, M.Sc & P.B.Diploma Nursing courses in all the ONMRC[Odisha Nurses & Midwives Registration Council] recognised Government and Private Nursing Institutions of the state for the academic session 2022-23. Intending candidates must submit their online application from dt.20.08.2022 to dt. 09.09.2022 by 11:59P.M. by paying Application fee amounting Rs. 300/- (Rupees Three Hundred only) for ANM course, Rs. 500/- (Rupees Five Hundred only) for GNM, BASIC B.Sc Nursing course & Rs.1000/- (Rupees One Thousand only) for P.B.B.Sc, M.Sc & P.B.Diploma Nursing course excluding bank charges (to be borne by the applicants themselves) as applicable through Net Banking/ Card payments/ Other payment modes (UPI). For details go through the prospectus. The prospectus will be available in the website http://dmetodisha.gov.in and http://dohodisha.nic.in from dt. 20.08.2022.

**ADMISSION CALENDAR FOR ANM, GNM, BASIC B.SC, P.B.B.SC, M.SC & P.B.DIPLOMA NURSING COURSES FOR THE ACADEMIC SESSION 2022-23**

| Counseling & Admission Process | P.B. Diploma/M.Sc./ Post Basic B.Sc. Nursing | Basic B.Sc. Nursing/GNM/ANM |
| --- | --- | --- |
| Availability of Prospectus in official website: **www.dmetodisha.gov.in dohodisha.nic.in** | 20.08.2022 | 20.08.2022 |
| Availability of Online Application form & payment of Application fee in official website: **dohodisha.nic.in** | 20.08.2022, 5.00 P.M. | 20.08.2022, 5.00 P.M. |
| Last date of online registration form | 05.09.2022, 11.59 P.M. | 05.09.2022, 11.59 P.M. |
| Last date for submission of online application form & Application fee | 09.09.2022, 11.59 P.M. | 09.09.2022, 11.59 P.M. |

**Sd./- Convener**
**State Nursing Selection Committee**
**OIPR-10016/11/0018/2223**



**ZILLA SWASTHYA SAMITI, MAYURBHANJ**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION**
**Advt.No.05/NHM** **Walk-In-Interview** **Date:17.08.2022**

**No.E-397:**Walk-in-Interview will be conducted on dt 25.08.2022 at 11 AM in the office of the undersigned for engagement in the following post under NUHM, Mayurbhanj with monthly remuneration as noted below as per the norms & conditions under ZSS, Mayurbhanj.

| Sl. No. | Name and Type of the Post | No. of Post | Place of Posting | Age as on dtd. 01.08.2022 | Remuneration (in Rs.) | Eligibility Criteria & Preference |
| --- | --- | --- | --- | --- | --- | --- |
| 1 | Medical Officer (Contractual) | 04 | UPHC, Rairangpur & HWC Rairangpur, Karanjia, Baripada | Upto 70 years | Base remuneration Rs.58,344/- PI maximum 25% of the base remuneration | MBBS Degree recognised by Medical Council of India & with valid registration from the OCMR. Preference will be given to the candidate having post qualification experience. |
| 2 | Specialist O & G (Part Time) | 01 | UPHC Tulasichoura | Upto 70 years | Rs.1500/- per session (Maximum two session per day) | MBBS and PG in O & G and valid registration from OCMR. Preference will be given to the candidates having post qualification experience. |
| 3 | Specialist in Paediatrics (Part Time) | 01 | UPHC Tulasichoura | Upto 70 years | Rs.1500/- per session (Maximum two session per day) | MBBS and PG in Paediatrics and valid registration from OCMR. Preference will be given to the Candidates having post qualification experience. |
| 4 | Specialist in Medicine (Part Time) | 01 | UPHC Tulasichoura | Upto 70 years | Rs.1500/- per session (Maximum two session per day) | MBBS and PG in Medicine and valid registration from OCMR. Preference will be given to the Candidates having post qualification experience. |
| 5 | Dentist (Part Time) | 02 | UPHC Tulasichoura, Murgabadi | Upto 70 years | Rs.1250/- per session (Maximum two session per day) | Bachelor of Dental Surgery with valid registration from OSDC. Preference will be given to the Candidates having post qualification experience. |
| 6 | Physiotherapist (Part Time) | 06 | UPHC Tulasichoura/ Murgabadi/ Rairangpur & HWCs Rairangpur/ Karanjia/Baripada | Upto 50 years | Rs.600/- per session (Maximum two session per day) | Bachelor's Degree in Physiotherapy (BPT) from recognised Institution. Preference will be given to the Candidates having post qualification experience. |

The eligible candidates should come prepared on dt.25.08.2022 at 11 AM for Walk-in-Interview with the filled in Application form. 2 Passport size photographs, Original certificates for verification & self attested photocopies of all the certificates & proof of age. The details of the TOR, application form can be downloaded from the website www.mayurbhanj.nic.in. The undersigned reserves the right to cancel the advertisement without assigning any reason thereof.

**OIPR-10020/11/0011/2223** **Sd./- (Dr. Rupabhanu Mishra), Chief District Medical & PHO, Mayurbhanj**



**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER, KORAPUT FOREST DIVISION**
**E-mail Id- dfo.koraput@odisha.gov.in.**
**Bid Identification No. DFO,KPT- 1F/2021-22**
**No.100, Date:16.08.2022**

**No.MM-121:**1.The Bid documents, specifications, the schedule of quantities and the set of terms & Condittons of contract and other necessary Documents can be seen in the website www.tenderodisha.gov.in and www.nic.in from 22.08.2022 to 05.09.2022.

| SL. No. | Name of the Work | Area of the Work | Concerned T.I.A. | Approximate value of Amount (in Rs.) | Cost of Bid papers (in Rs.) | Cost of Bid document (in Rs.) | Class of Bidders | Period of Completion |
| --- | --- | --- | --- | --- | --- | --- | --- | --- |
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Construction of Forest Guard Quarter at Janiguda in Koraput Range of Koraput Division during the year 2022 23. | Plinth area- 626 sq.ft. Rs.12.04 Lakhs.Compound wall 80 RMT is Rs.4.0 Lakhs and cost of A1 Gate is Rs.0.25 Lakhs. | Koraput Forest Division | 14,41,086/- | 6,000/- | 0 | C Class | 31.12.2022 |
| 2 | Construction of Forest Guard Quarter at Deoghati in Koraput Range of Koraput Division during the year 2022 23. | Plinth area- 626 sq.ft. Rs.12.04 Lakhs.Compound wall 80 RMT is Rs.4.0 Lakhs and cost of A1 Gate is Rs.0.25 Lakhs.ft. | Koraput Forest Division | 14,37,268/- | 6,000/- | 0 | C Class | 31.12.2022 |
| 3 | Construction of Forest Guard Quarter at Kaliajholla in Laxmipur Range of Koraput Division during the year 2022 23. | Plinth area- 626 sq.ft. Rs.12.04 Lakhs.Compound wall 80 RMT is Rs.4.0 Lakhs and cost of A1 Gate is Rs.0.25 Lakhs.ft. | Koraput Forest Division | 14.37.268/- | 6,000/- | 0 | C Class | 31.12.2022 |
| 4 | Construction of Forest Guard Quarter at Range office campus in Narayanpatna Range of Koraput Division during the year 2022-23. | Plinth area- 626 sq.ft. Rs.12.04 Lakhs.Compound wall 80 RMT is Rs.4.0 Lakhs and cost of A1 Gate is Rs.0.25 Lakhs.ft. | Koraput Forest Division | 14,41,437/- | 6,000/- | 0 | C Class | 31.12.2022 |
| 5 | Construction of Forest Guard Quarter at Almonda beat in Narayanpatna Range of Koraput Division during the year 2022-23. | Plinth area- 626 sq.ft. Rs.12.04 Lakhs.Compound wall 80 RMT is Rs.4.0 Lakhs and cost of A1 Gate is Rs.0.25 Lakhs.ft. | Koraput Forest Division | 14,35,535/- | 6.000/- | 0 | C Class | 31.12.2022 |
| 6 | Construction of Forest Guard Quarter at Garligabeda beat in Semiliguda Range of Koraput Division during the year 2022-23 | Plinth area- 626 sq.ft. Rs.12.04 Lakhs.Compound wall 80 RMT is Rs.4.0 Lakhs and cost of A1 Gate is Rs.0.25 Lakhs.ft. | Koraput Forest Division | 14,40,166/- | 6,000/- | 0 | C Class | 31.12.2022 |
| 7 | Construction of Forest Guard Quarter at Kosandi beat in Semiliguda Range of Koraput Division during the year 2022-23. | Plinth area- 626 sq.ft. Rs.12.04 Lakhs.Compound wall 80 RMT is Rs.4.0 Lakhs and cost of A1 Gate is Rs.0.25 Lakhs.ft. | Koraput Forest Division | 14,41,293/- | 6,000/- | 0 | C Class | 31.12.2022 |
| 8 | Construction of Forest Guard Quarter at Balda beat in Balda Range of Koraput Division during the year 2022-23 | Plinth area- 626 sq.ft. Rs.12.04 Lakhs.Compound wall 80 RMT is Rs.4.0 Lakhs and cost of A1 Gate is Rs.0.25 Lakhs.ft. | Koraput Forest Division | 14,41,147/- | 6,000/- | 0 | C Class | 31.12.2022 |
| 9 | Construction of Forest Guard Quarter at Machkund beat in Lamtaput Range of Koraput Division during the year 2022-23 | Plinth area- 626 sq.ft. Rs.12.04 Lakhs.Compound wall 80 RMT is Rs.4.0 Lakhs and cost of A1 Gate is Rs.0.25 Lakhs.ft. | Koraput Forest Division | 14,41,129/- | 6,000/- | 0 | C Class | 31.12.2022 |

**OIPR-08067/11/0007/2223** **Sd./- Divisional Forest Officer, Koraput Forest Division**